DHARITRI
ଭୁବନେଶ୍ୱର, ଶୁକ୍ରବାର, ମେ ୭/୨୦୨୧ (୧୨ ପୃଷ୍ଠା) | Bhubaneswar, Friday, May 7/2021 | ★★★★★★
୪୭ଶ ଭାଗ ୧୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**ଓଡ଼ିଶା ଏଫ୍‌ସି ଫୁଟ୍‌ବଲ କମିଟିରେ ଭିଲ୍ଲା**
ଇଣ୍ଡିଆନ ସୁପରଲିଗ୍ ଦଳ ଓଡ଼ିଶା ଏଫ୍‌ସିର ଫୁଟ୍‌ବଲ କମିଟିରେ କିମ୍ବଦନ୍ତୀ ଫୁଟ୍‌ବଲର ଡେଭିଡ୍ ଭିଲ୍ଲାଙ୍କୁ ସାମିଲ କରାଯାଇଛି। ୧୨

୧୦ **ମୁଦି ବଦଳରେ ରବର ପିନ୍ଧାଇଲେ**
ଟେଲିଭିଜନ ଷ୍ଟାର ବିରାଫ ପଟେଲ ପ୍ରେମିକା ସାଲୋନି ଖାନ୍ନାଙ୍କୁ ବିବାହବେଳେ ମୁଦି ବଦଳରେ ରବର ପିନ୍ଧାଇ ଚର୍ଚ୍ଚାକୁ ଆସିଛନ୍ତି।






# ତୃତୀୟ ଲହର ପାଇଁ ପ୍ରସ୍ତୁତ ହୁଅ

## କଳାବଜାର ରୋକିବା ଲାଗି ଅକ୍ସିଜେନ ଭଣ୍ଡାର ପ୍ରତିଷ୍ଠା କର: କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୬।୫

କରୋନା ଭାଇରସ୍‌ର ଦ୍ୱିତୀୟ ଲହର ଦେଶରେ ମୃତ୍ୟୁର ତାଣ୍ଡବ ରଚିଚାଲିଛି। ଦ୍ୱିତୀୟ ଲହର ଶୁକ୍ରବାର ପରେ ଶୀର୍ଷକୁ ଛୁଇଁବ ବୋଲି ବିଶେଷଜ୍ଞମାନେ ଆକଳନ କରିଥିବାବେଳେ ତୃତୀୟ ଲହର ଆସନ୍ତା ସେପ୍ଟେମ୍ବରରେ ଆସିପାରେ ବୋଲି ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ତୃତୀୟ ଲହର ପାଇଁ ପ୍ରସ୍ତୁତ ରହିବାକୁ ଗୁରୁବାର କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଏହାସହ ମେଡିକାଲ ଅକ୍ସିଜେନର ସମ୍ଭାବ୍ୟ କଳାବଜାର ରୋକିବା ପାଇଁ ଅମ୍ଳଜାନ ଭଣ୍ଡାର ବା ବଫର ପ୍ରତିଷ୍ଠା କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍-୧୯ର ତୃତୀୟ ଲହର ଅବଶ୍ୟମ୍ଭାବୀ। ତେବେ ଏହା କେବେ ଆସିବ ସେନେଇ ବର୍ତ୍ତମାନ ନିର୍ଦ୍ଦିଷ୍ଟ ଭାବେ କହିହେବ ନାହିଁ ବୋଲି ବୁଧବାର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ବୈଜ୍ଞାନିକ ଉପଦେଷ୍ଟା ଡକ୍ଟର କେ.ଭି. ରାଘବନ ଚେତାଇ ଦେଇଥିବାବେଳେ ଏହାର ଦିନକ ପରେ କେନ୍ଦ୍ରକୁ ସୁପ୍ରିମକୋର୍ଟ ଦେଇଥିବା ଏହି ପରାମର୍ଶ ବିଶେଷ ଗୁରୁତ୍ୱ ବହନ କରେ।

କୋଭିଡ୍-୧୯ ଭୂତାଣୁର ଦ୍ୱିତୀୟ ଲହରରେ ଦେଶବ୍ୟାପୀ ଅକ୍ସିଜେନ ସଙ୍କଟ ଦେଖାଦେଇଛି। ଅକ୍ସିଜେନ ଅଭାବରୁ ହସ୍ପିଟାଲଗୁଡ଼ିକରେ ଚିକିତ୍ସାଧୀନ ରୋଗୀ ପ୍ରାଣ ହରାଉଛନ୍ତି। ଏପରି କି ଅନେକ ହସ୍ପିଟାଲ ଅମ୍ଳଜାନ ନ ପାଇ ସଂକ୍ରମିତଙ୍କୁ ଭର୍ତ୍ତି କରିବାକୁ ମନା କରିଦେଉଛନ୍ତି। କିଛି ଦିନ ତଳେ ସୁପ୍ରିମକୋର୍ଟ ଏହି ଅବସ୍ଥାକୁ ଜାତୀୟ ଜରୁରୀ ପରିସ୍ଥିତି ବୋଲି ଅଭିହିତ କରିଥିଲେ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏନେଇ ଗୁରୁବାର କେନ୍ଦ୍ର ସରକାରଙ୍କୁ ସତର୍କ କରାଇଦେଇଛନ୍ତି। କହିଛନ୍ତି, ଆମେ ଯଦି ଆଜି ପ୍ରସ୍ତୁତ ହେବା ତେବେ ଭାଇରସ୍‌ର ତୃତୀୟ ଲହରକୁ ସାମ୍ନା କରିପାରିବା। ଯାହାକିଛି ଜରୁରୀ ସାମଗ୍ରୀ ରହିଛି ସେଗୁଡ଼ିକୁ ତୁରନ୍ତ ହସ୍ପିଟାଲଗୁଡ଼ିକୁ ପଠାଯିବା ଆବଶ୍ୟକ। କେବଳ ରାଜ୍ୟଗୁଡ଼ିକୁ ଆବଣ୍ଟନ କରିଦେଲେ ହେବନାହିଁ, ବରଂ ସେଗୁଡ଼ିକୁ ହସ୍ପିଟାଲଗୁଡ଼ିକୁ କିପରି ପଠାଯାଇପାରିବ ତା' ଉପରେ ମଧ୍ୟ କେନ୍ଦ୍ର ପଦକ୍ଷେପ ନେଉ। ଦିଲ୍ଲୀକୁ ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଣରେ ବିଫଳ ହେବା ନେଇ କେନ୍ଦ୍ର ପକ୍ଷରୁ ଜବାବ ଦାଖଲ ବେଳେ ଖଣ୍ଡପୀଠ ଶୁଣାଣି କରି ଏହି କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ଅକ୍ସିଜେନ ଯୋଗାଣକୁ ତ୍ୱରାନ୍ୱିତ କରିବାରେ ଅସୁବିଧା କେଉଁଠି ରହିଛି? ଯେଉଁଠି ଅମ୍ଳଜାନ ଆବଶ୍ୟକ ହେଉନାହିଁ ଅନ୍ତତଃ ସିଲିଣ୍ଡରଗୁଡ଼ିକୁ ସଂରକ୍ଷିତ କରି ରଖିହେବ। କିନ୍ତୁ ତାହା ଏପରି ସମୟରେ ଗଚ୍ଛିତ ରଖାଯାଇପାରିବ, ଯେତେବେଳେ କି ଅକ୍ସିଜେନ ଅଭାବରୁ କେହି ରୋଗୀ ମରୁ ନ ଥିବେ। କେନ୍ଦ୍ର ପକ୍ଷରୁ ☞ପୃଷ୍ଠା-୪

# ଟିକା କ୍ରୟ ଉପରୁ ଜିଏସ୍‌ଟି ଛାଡ଼ କର



## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୬।୫(ବ୍ୟୁରୋ)

କୋଭିଡ୍-୧୯ ଦ୍ୱିତୀୟ ଲହର ସମଗ୍ର ଦେଶ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଏହି ମହାମାରୀ ପାଇଁ କ୍ରୟ କରାଯାଉଥିବା ଟିକା ଉପରୁ ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ଛାଡ଼ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଏ ନେଇ ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ନବୀନ ଚିଠି ଲେଖିଛନ୍ତି। ଏଥିସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଦାୟ କରାଯାଉଥିବା ସେସ୍ ଓ ସରଚାର୍ଜରୁ ରାଜ୍ୟକୁ ଆର୍ଥିକ ସହାୟତା କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, କୋଭିଡ୍-୧୯ ମହାମାରୀ ଲଢ଼େଇ କ୍ଷେତ୍ରରେ ଦେଶ କଠିନ ପରିସ୍ଥିତି ଦେଇ ଗତି କରୁଛି। ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ମହାମାରୀ ବିରୁଦ୍ଧ ଲଢ଼େଇରେ ବିଜୟ ପାଇଁ ସମସ୍ତ ସମ୍ବଳ ବିନିଯୋଗ ହେଉଛି। ଉନ୍ନତ ଚିକିତ୍ସା ଓ ଟିକାକରଣ ପର୍ଯ୍ୟନ୍ତ ମହାମାରୀ ବିରୋଧରେ ହେଉଥିବା ଏହି ଲଢ଼େଇ ଏକ ଚ୍ୟାଲେଞ୍ଜ ହୋଇ ରହିବ। ଏଭଳି ପରିସ୍ଥିତିରେ ୧୮ରୁ ୪୪ବର୍ଷ ବର୍ଗର ଲୋକଙ୍କୁ ଟିକାକରଣ ପାଇଁ ଟିକା କ୍ରୟ କରିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଟିକା କ୍ରୟରେ ଜିଏସ୍‌ଟି ଲାଗୁ ଏହାର ମୂଲ୍ୟକୁ ବୃଦ୍ଧି କରିଛି। ତେଣୁ ଟିକା କ୍ରୟ ଉପରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ କରିବାର ଆବଶ୍ୟକ ରହିଛି। ଏହାଦ୍ୱାରା ଟିକା କ୍ରୟର ମୂଲ୍ୟ ହ୍ରାସ ହେବା ସହ ସାର୍ବଜନୀନ ଟିକାକରଣରେ ମଧ୍ୟ ☞ପୃଷ୍ଠା-୪

# ପେଟ୍ରୋଲ ୨୪, ଡିଜେଲ ୩୧ ପଇସା ବୃଦ୍ଧି



ନୂଆଦିଲ୍ଲୀ/ ଭୁବନେଶ୍ୱର,୬।୫

ଚଳିତ ବର୍ଷ ଏପ୍ରିଲ ୧୫ ରେ ଶେଷ ଥର ପାଇଁ ତେଲ ଦର ପରିବର୍ତ୍ତନ ହୋଇଥିଲା। ଗତ ୧୮ ଦିନ ପରେ ଲଗାତର ତୃତୀୟ ଦିନ ଲାଗି ଗୁରୁବାର ତେଲ ଦର ବଢ଼ିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୪ ପଇସା ଏବଂ ଡିଜେଲ ୩୧ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୧.୬୮ ଟଙ୍କା ହୋଇଥିବା ବେଳେ ଡିଜେଲ ଦର ୮୮.୬୯ ଟଙ୍କାରେ ପହଞ୍ଚିଛି। ସେହିପରି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୫ ପଇସା ଏବଂ ଡିଜେଲରେ ୩୦ ପଇସା ବଢ଼ିଥିବା ଜଣାପଡ଼ିଛି। ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୯୦.୯୯ ଟଙ୍କା ଓ ଡିଜେଲ ଦର ଲିଟର ପିଛା ୮୧.୪୨ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ☞ପୃଷ୍ଠା-୪

# ୨୦୨୨ ଜୁନ ସୁଦ୍ଧା ଅନ୍ଧାରୁଆରେ ଟିକା ଉତ୍ପାଦନ

ଭୁବନେଶ୍ୱର,୬।୫(ବ୍ୟୁରୋ)

ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ଭାରତ ବାୟୋଟେକ ଦ୍ୱାରା ଟିକା ଉତ୍ପାଦନ ୟୁନିଟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୨୦୨୨ ଜୁନ ସୁଦ୍ଧା ଏଠାରେ ଟିକା ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ୟୁନିଟ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ବୈଧାନିକ ଓ ଆଇନଗତ ଅନୁମତି ଦିଆଯାଇଛି। ଗୁରୁବାର ଲୋକସେବା ଭବନରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାୟୋଟେକ୍ କାର୍ଯ୍ୟାନ୍ୱୟନ କମିଟି ବୈଠକରୁ ଏହି ସୂଚନା ମିଳିଛି।

ଟିକା ଉତ୍ପାଦନ ୟୁନିଟ୍‌ର ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ଭିତ୍ତିଭୂମି ନିର୍ମାଣ ତ୍ୱରାନ୍ୱିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଭାରତ ବାୟୋଟେକ ଇଣ୍ଟରନ୍ୟାଶନାଲ କମ୍ପାନୀ ଏବଂ ଅନ୍ଧାରୁଆ ବାୟୋଟେକ୍ ପାର୍କ ପାଇଁ ଗଠିତ ସ୍ୱତନ୍ତ୍ର ଏସ୍‌ପିଭିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାୟୋଟେକ୍‌ରେ ☞ପୃଷ୍ଠା-୪

# ଘରୋଇ ହସ୍ପିଟାଲକୁ ମାଗଣାରେ ଟିକା

ଭୁବନେଶ୍ୱର,୬।୫(ବ୍ୟୁରୋ)

- ପ୍ରଶାସନିକ ଖର୍ଚ୍ଚ ୧୦୦ ଟଙ୍କା ଦେଇ ଟିକା ନେବେ ଲୋକେ
- ଦ୍ୱିତୀୟ ଡୋଜ୍ ଅପେକ୍ଷାରେ ୧୭ଲକ୍ଷ ଲୋକ
- ୨ୟ ଡୋଜ୍ ଟିକାକରଣ ପରେ ପ୍ରଥମ ଡୋଜ୍ ଆରମ୍ଭ ହେବ




ସମଗ୍ର ଦେଶ ଏବେ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତିକରୁଛି। କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଟିକା ନେବା ପାଇଁ ଲୋକମାନେ ବ୍ୟାକୁଳ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଘରୋଇ ହସ୍ପିଟାଲଗୁଡ଼ିକରେ ମଧ୍ୟ ଟିକାକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ଘରୋଇ ହସ୍ପିଟାଲଗୁଡ଼ିକୁ ଏବେ ମାଗଣାରେ ଟିକା ଯୋଗାଇ ଦେବେ। ଯେଉଁମାନେ ଘରୋଇ ହସ୍ପିଟାଲ୍‌ରେ ଟିକା ନେବାକୁ ଚାହିଁବେ, ସେମାନେ ପ୍ରଶାସନିକ ଖର୍ଚ୍ଚ ବାବଦକୁ କେବଳ ୧୦୦ଟଙ୍କା ଦେବେ। ଟିକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଗୁରୁବାର ଏହି ସୂଚନା ଦେଇଛନ୍ତି।

ପ୍ରଦୀପ୍ତ କହିଛନ୍ତି ଯେ ରାଜ୍ୟରେ ଟିକାକରଣ କାର୍ଯ୍ୟକ୍ରମ ୨୦୨୧ ଜାନୁୟାରୀ ୧୬ ରୁ ଆରମ୍ଭ ହୋଇଛି। ପ୍ରଥମେ ସ୍ୱାସ୍ଥ୍ୟକର୍ମୀ, ଏହାପରେ ଆଗଧାଡିରେ ଥିବା କୋଭିଡ୍ ଯୋଦ୍ଧାଙ୍କୁ ଟିକାକରଣ କରାଯାଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଚତୁର୍ଥ ଶିଳ୍ପ ବିପ୍ଳବ ଓ ପ୍ରଯୁକ୍ତି**

# ଜୁନ୍ ୧ରେ କେରଳ ଛୁଇଁବ ମୌସୁମୀ

## ଓଡ଼ିଶାରେ ସ୍ୱାଭାବିକ ବର୍ଷା



ନୂଆଦିଲ୍ଲୀ, ୬।୫

ଚଳିତ ବର୍ଷ ଠିକ୍ ସମୟରେ ଆସିବ ଦକ୍ଷିଣ-ପଶ୍ଚିମ ମୌସୁମୀ। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ପୂର୍ବାନୁମାନ ଅନୁଯାୟୀ ଜୁନ୍ ୧ ତାରିଖରେ ଏହା କେରଳ ଛୁଇଁବ। ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରାଜୀବନ୍ ଏ ସମ୍ପର୍କରେ ଟୁଇଟ କରିଛନ୍ତି। ଆଇଏମ୍‌ଡି ଅନୁଯାୟୀ, ମୌସୁମୀ ଠିକ୍ ସମୟରେ ଆସିବା ସହ ସ୍ୱାଭାବିକ ଭାବେ ବିଦାୟ ନେବ। ଏଥର ଦକ୍ଷିଣ-ପଶ୍ଚିମ ମୌସୁମୀ ଦେଶର ପ୍ରାୟ ସବୁ ସ୍ଥାନରେ ସ୍ୱାଭାବିକ ବର୍ଷା କରାଇବ, ଯାହା ଚାଷୀଙ୍କ ପାଇଁ ଏକ ଖୁସି ଖବର। ଦେଶର ବାର୍ଷିକ ବୃଷ୍ଟିପାତର ପ୍ରାୟ ୭୦ ପ୍ରତିଶତ ଜୁନ୍‌ରୁ ସେପ୍ଟେମ୍ବର ମାସରେ ରେକର୍ଡ ହୋଇଥାଏ।

ଗତ ବର୍ଷ ତୁଳନାରେ ଉତ୍ତର-ପୂର୍ବ ଅଞ୍ଚଳରେ ଏଥର ବର୍ଷାର ପରିମାଣ ସାମାନ୍ୟ କମ୍ ରହିଲେ ମଧ୍ୟ ସ୍ୱାଭାବିକ ରହିବ। ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଆସାମ, ମେଘାଳୟରେ ସ୍ୱାଭାବିକ ବର୍ଷାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଏହାର ଦ୍ୱିତୀୟ ପର୍ଯ୍ୟାୟ ବିବୃତି ମେ' ୧୫ରେ ରିଲିଜ କରିବ। ସେତେବେଳକୁ ଆଣ୍ଡାମାନ ସାଗରରେ ମୌସୁମୀ ପହଞ୍ଚିବାର ଠିକ୍ ତାରିଖ ଏବଂ ଏହା ଭାରତର ମଧ୍ୟ ଭାଗରେ ପହଞ୍ଚିବାର ସମୟ ଉପରେ ବିଭାଗ ପୂର୍ବାନୁମାନ କରିବ। ପୂର୍ବରୁ ମଧ୍ୟ ଆଇଏମ୍‌ଡି ଏ ବର୍ଷ ଭଲ ବର୍ଷା ହେବ ବୋଲି କହିଥିଲା। ଏହାସହ ଏଲ୍‌ନିନୋର ନ୍ୟୁଟ୍ରାଲ ଫେଜ୍ ମଧ୍ୟ ବର୍ଷା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଏବେ ଦେଶର ବିଭିନ୍ନ ସ୍ଥାନରେ ପ୍ରାକ୍-ମୌସୁମୀ ବର୍ଷା ଆରମ୍ଭ ହୋଇପାରେ।

ଏହା ପୂର୍ବରୁ ପାଣିପାଗ ବିଷୟରେ ସୂଚନା ପ୍ରଦାନ କରୁଥିବା ଘରୋଇ ସଂସ୍ଥା ସ୍କାଏମେଟ ମଧ୍ୟ ଲଗାତର ତୃତୀୟ ଥର ପାଇଁ ଚଳିତ ବର୍ଷ ମୌସୁମୀ ଠିକ୍ ସମୟରେ ଆସିବ ବୋଲି କହିଥିଲା। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ୧୦୩ ପ୍ରତିଶତ ବର୍ଷା ହେବ ବୋଲି ଏହି ସଂସ୍ଥା ପୂର୍ବାନୁମାନ କରିଥିଲା।

ହାଇଡ୍ରୋଲୋଜିରେ ମୌସୁମୀ ଅର୍ଥ ଏକ ପ୍ରକାର ପବନ, ଯାହା ଏକ ନିର୍ଦ୍ଦିଷ୍ଟ ଋତୁରେ ବର୍ଷା କରାଇଥାଏ। ଭାରତ-ଆରବସାଗରରୁ ଭାରତର ଦକ୍ଷିଣ-ପଶ୍ଚିମ ତଟ ଆଡକୁ ବହୁଥିବା ପବନକୁ ଦକ୍ଷିଣ-ପଶ୍ଚିମ ମୌସୁମୀ କୁହାଯାଏ। ଏହା ଭାରତ, ପାକିସ୍ତାନ ଏବଂ ବାଂଲାଦେଶରେ ବର୍ଷା କରାଇଥାଏ। ଏହି ମୌସୁମୀ ଦେଶରେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସକ୍ରିୟ ରହିଥାଏ।



**ଭାରତରୁ ଯାତ୍ରା ଉପରେ ଶ୍ରୀଲଙ୍କାର କଟକଣା**

ଦେଶରେ କରୋନାର ଦ୍ରୁତ ସଂକ୍ରମଣ ଯୋଗୁ ଭାରତରୁ ଯାତ୍ରା ଉପରେ କଟକଣା ଲଗାଇଛି ଶ୍ରୀଲଙ୍କା। ଏ ନେଇ ଶ୍ରୀଲଙ୍କାର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଗୁରୁବାର ଘୋଷଣା କରିଛନ୍ତି। ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଛି। ଭାରତରୁ ଆସୁଥିବା କୌଣସି ଯାତ୍ରୀଙ୍କୁ ଶ୍ରୀଲଙ୍କାରେ ଓହ୍ଲାଇ ଦିଆଯିବ ନାହିଁ। ପୂର୍ବରୁ ବ୍ରିଟେନ, ୟୁଏଇ, ଅଷ୍ଟ୍ରେଲିଆ, ସିଙ୍ଗାପୁର ମଧ୍ୟ ଭାରତରୁ ଯାତ୍ରା ଉପରେ କଟକଣା ଲଗାଇଛନ୍ତି।



## ସଂକ୍ଷେପରେ

### ଆଜି ଶପଥ ନେବେ ଷ୍ଟାଲିନ୍



**ଚେନ୍ନାଇ, ୬।୫:** ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶୁକ୍ରବାର ଶପଥ ନେବାକୁ ଯାଉଛନ୍ତି। ତାଙ୍କ କ୍ୟାବିନେଟରେ ସ୍ଥାନ ପାଇବାକୁ ଥିବା ୩୪ ଜଣ ମନ୍ତ୍ରୀଙ୍କ ନାଁ ଏବଂ ସେମାନଙ୍କ ବିଭାଗ ପ୍ରକାଶ ପାଇଛି। ଷ୍ଟାଲିନ୍ ସାଧାରଣ ପ୍ରଶାସନ, ଗୃହ ବିଭାଗ ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ନିଜ ପାଖରେ ରଖିଛନ୍ତି। ଅଧିକାଂଶ ପୁରୁଣା ମନ୍ତ୍ରୀଙ୍କ ସମେତ କେତେଜଣ ନୂଆ ମୁହଁ ମଧ୍ୟ କ୍ୟାବିନେଟରେ ସ୍ଥାନ ପାଇଛନ୍ତି। ଚେନ୍ନାଇର ପୂର୍ବତନ ମେୟର ମା ସୁବ୍ରମଣ୍ୟନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମିଳିଥିବାବେଳେ ପାଲାନିଭେଲ ଥିଆଗରାଜନଙ୍କୁ ଅର୍ଥ ବିଭାଗ ଦିଆଯାଇଛି। ଦୁଇ ବିଧାୟିକା ଗୀଥା ଜୀବନ ଏବଂ ଏନ୍. କାୟାଲଭିଝି ସେଲଭାରାଜ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି।

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୬।୫(ପି.ଟି.):** ଜମ୍ମୁ-କଶ୍ମୀରର ସୋପିଆନ ଜିଲାରେ ଗୁରୁବାର ଏନ୍‌କାଉଣ୍ଟରରେ ୩ ଜଣ ଅଲ୍-ବଦର ଆତଙ୍କବାଦୀ ନିହତ ହୋଇଥିବାବେଳେ ଅନ୍ୟ ଜଣେ ସୁରକ୍ଷା ବଳ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସୋପିଆନର କନିଗାମରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ସୁରକ୍ଷା ବଳ ବୁଧବାର ରାତିରେ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀଙ୍କୁ ଆତ୍ମସମର୍ପଣ ପାଇଁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ସେମାନେ ତାହା ଶୁଣି ନ ଥିଲେ। ଶେଷରେ ତୌସିଫ୍ ଅହମଦ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଥିବା ପୋଲିସ କହିଛି। ଅହମଦ ମଧ୍ୟ ତାଙ୍କ ସହଯୋଗୀମାନଙ୍କୁ ଆତ୍ମସମର୍ପଣ ପାଇଁ ଅନୁରୋଧ କରି ବିଫଳ ହୋଇଥିଲେ। ଅନ୍ୟମାନେ ଆଖିବୁଜା ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା।

### ସିଙ୍ଗଲ୍ ଡୋଜ୍ ସ୍ପୁଟନିକ୍ ଲାଇଟ୍‌କୁ ମଞ୍ଜୁରୀ

**ମସ୍କୋ, ୬।୫:** କୋଭିଡ୍ ଟିକା ସ୍ପୁଟ୍‌ନିକ୍ ଲାଇଟ୍ ଭର୍ସନକୁ ଜରୁରୀ ବ୍ୟବହାର ନିମନ୍ତେ ରୁଷିଆ କର୍ତ୍ତୃପକ୍ଷ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫଳରେ ଟିକା ଅପେକ୍ଷାରେ ଥିବା ଅଧିକ ସଂକ୍ରମିତ ଦେଶଗୁଡ଼ିକୁ ଯୋଗାଣ ତ୍ୱରାନ୍ୱିତ ହୋଇପାରିବ ବୋଲି ରୁଷିଆନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ (ଆରଡିଆଇଏଫ୍) ପକ୍ଷରୁ କୁହାଯାଇଛି। ମସ୍କୋର ଗାମାଲେୟା ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ବିକଶିତ ସ୍ପୁଟ୍‌ନିକ୍ ଲାଇଟ୍ ମାତ୍ର ଗୋଟିଏ ଡୋଜ୍ ନେବାକୁ ହେବ। ଏହା ୭୯.୪ ପ୍ରତିଶତ ଫଳପ୍ରଦ ଏବଂ ଗୋଟିଏ ଡୋଜ୍‌ର ଦାମ୍ ୧୦ ଡଲାରରୁ କମ୍ ରହିବ ବୋଲି ଆରଡିଆଇଏଫ୍ କହିଛି।

### ରୁଷିଆ ପଠାଇଲା ୧.୫ ଲକ୍ଷ ଟିକା

**ମସ୍କୋ, ୬।୫:** ଭାରତରେ ଟିକା ଚାହିଦା ପୂରଣ ପାଇଁ ରୁଷିଆ ପ୍ରଥମ ବ୍ୟାଚ୍‌ରେ ପଠାଇଥିବା ୧,୫୦,୦୦୦ ସ୍ପୁଟ୍‌ନିକ ଭି ଡୋଜ୍ ମେ' ୧ରେ ପହଞ୍ଚିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ଦେଢ଼ ଲକ୍ଷ ଡୋଜ୍ ପଠାଯାଇଥିବା ଜଣାପଡ଼ିଛି। ମେ' ମଧ୍ୟଭାଗ ସୁଦ୍ଧା ଆଉ ୩ ନିୟୁତ ଡୋଜ୍ ଏବଂ ଆସନ୍ତା ମାସରେ ଅଧିକ ୫ ନିୟୁତ ଡୋଜ୍ ସ୍ପୁଟ୍‌ନିକ ଭି ଆସିବ ବୋଲି ଜଣାପଡ଼ିଛି।

### ଖସୁଛି ଚାଇନା ରକେଟ ଭଗ୍ନାବଶେଷ

**ନୂଆଦିଲ୍ଲୀ, ୬।୫:** ଚାଇନାର ଏକ ବୃହତ୍ ରକେଟର ଭଗ୍ନାବଶେଷ ଖୁବ୍‌ଶୀଘ୍ର ପୃଥିବୀ ପୃଷ୍ଠରେ ମାଡ଼ ହେବାକୁ ଯାଉଛି। ନିୟନ୍ତ୍ରଣ ହରାଇଥିବା ଏହି ଭଗ୍ନାବଶେଷ ଚଳିତ ସପ୍ତାହ ଶେଷ ଭାଗରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବ। ତେବେ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଅଧିକାଂଶ ଭଗ୍ନାବଶେଷ ପୃଥିବୀ ପୃଷ୍ଠରେ ମାଡ଼ ହେବା ପୂର୍ବରୁ ବାୟୁମଣ୍ଡଳରେ ଜଳିଯାଇଥାନ୍ତି। କ୍ୱଚିତ୍ ବଡ଼ ଖଣ୍ଡ ପୃଥିବୀ ପୃଷ୍ଠରେ ପଡ଼ିଥାଏ। ଗତବର୍ଷ ଏକ ଭଗ୍ନାବଶେଷ ଲସ୍ ଏଞ୍ଜେଲସ୍ ଏବଂ ନ୍ୟୁୟର୍କ ସିଟିର ସେଣ୍ଟ୍ରାଲ ପାର୍କ ଉପରେ ଅତିକ୍ରମ କରି ଆଟଲାଣ୍ଟିକ୍ ମହାସାଗରରେ ପଡ଼ିଥିଲା।

## କରୋନା ମୁକାବିଲା

# କଠୋର ହେଲେ କୋର୍ଟ

କୋଭିଡ୍-୧୯ ଭୂତାଣୁ ସଂକ୍ରମଣର ଦ୍ୱିତୀୟ ଲହରକୁ ରୋକିବାରେ ସରକାରୀ ବ୍ୟବସ୍ଥା ବିଫଳ ହୋଇଛି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିପାଇଁ ବିଭିନ୍ନ ରାଜ୍ୟର ହାଇକୋର୍ଟଙ୍କଠାରୁ ନେଇ ସୁପ୍ରିମକୋର୍ଟଙ୍କ ପର୍ଯ୍ୟନ୍ତ ଉଚ୍ଚ ନ୍ୟାୟାଳୟ ଚିନ୍ତା ବ୍ୟକ୍ତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଭର୍ତ୍ସନା କରିଛନ୍ତି। ସରକାର ଏକପ୍ରକାର ସ୍ଥାଣୁ ଅବସ୍ଥାକୁ ଚାଲିଆସିଥିବାବେଳେ ଲୋକଙ୍କ ପାଇଁ କିଛିମାତ୍ରାରେ ଆଶ୍ୱସ୍ତି ଆଣିଦେଇଛି ନ୍ୟାୟପାଳିକାର ହସ୍ତକ୍ଷେପ।

## ସ୍ୱାସ୍ଥ୍ୟ ଭିତ୍ତିଭୂମିର ମୁଖା ଖୋଲିଛି

**ନୂଆଦିଲ୍ଲୀ,୬।୫**

**ଲୋକଙ୍କୁ ଡାକ୍ତରୀ ସୁବିଧା ଯୋଗାଇବାକୁ ରାଷ୍ଟ୍ର ବାଧ୍ୟ: ଦିଲ୍ଲୀ ହାଇକୋର୍ଟ**

ଦେଶରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି କେତେ ଦୁର୍ବଳ ତାହା ଉପରୁ ସମ୍ପୂର୍ଣ୍ଣ ରୂପେ ପରଦା ହଟିଯାଇଛି। ଜନସାଧାରଣଙ୍କ ଜୀବନ ରକ୍ଷା ପାଇଁ ସମସ୍ତଙ୍କୁ ମେଡିକାଲ ସୁବିଧା ଯୋଗାଇବା ଲାଗି ରାଷ୍ଟ୍ର ବାଧ୍ୟ ବୋଲି ଗୁରୁବାର ଦିଲ୍ଲୀ ହାଇକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି। ଏହାସହ ଜାତୀୟ ରାଜଧାନୀ ଦିଲ୍ଲୀରେ କୋଭିଡ୍-୧୯ ଭୂତାଣୁ ଦ୍ୱାରା ଆକ୍ରାନ୍ତ ସମସ୍ତ ବାସିନ୍ଦାଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ପ୍ରଦାନ ନିମନ୍ତେ ଉଭୟ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଇସିୟୁ ବେଡ୍ ସହ ଭେଣ୍ଟିଲେଟର ସୁବିଧା ପାଇବା ପାଇଁ ନୟାନ୍ତ ହୋଇପଡ଼ିଥିବା ଜଣେ ୫୨ ବର୍ଷୀୟ କରୋନା ରୋଗୀଙ୍କ ପିଟିଶନର ଶୁଣାଣି କରି ଜଷ୍ଟିସ୍ ବିପିନ ସାଙ୍ଘି ଓ ରେଖା ପାଲ୍ଲୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ସମସ୍ତ ନାଗରିକଙ୍କ ଜୀବନ ଧାରଣ ଅଧିକାର ରହିଛି। ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଆମେ ଶପଥ ନେଇଛେ। ତେଣୁ ଭିତ୍ତିଭୂମିର ଅଭାବ ଥିବା ଦର୍ଶାଇ ଆବେଦନକାରୀଙ୍କ ଦାବିକୁ ଅଣଦେଖା କରାଯାଇ ପାରିବ ନାହିଁ। ତାଙ୍କୁ ଯାହା କିଛି ଆବଶ୍ୟକ ସେସବୁ ସୁବିଧା ଯୋଗାଇବା ପାଇଁ ରାଷ୍ଟ୍ର ବାଧ୍ୟ ବୋଲି ହାଇକୋର୍ଟ କହିଛନ୍ତି।



> ଆମେ ଲୋକଙ୍କ ଅସୁବିଧାକୁ ନେଇ ଚିନ୍ତିତ ଓ ସେଗୁଡ଼ିକର ସମାଧାନ ଦିଗରେ କାର୍ଯ୍ୟରତ। ଏଥିପାଇଁ ଦେଶବାସୀ ଦ୍ୱିତୀୟ ଥର ପାଇଁ ଆମ ସପକ୍ଷରେ ଜନାଦେଶ ଦେଇଛନ୍ତି। କୋଭିଡ୍-୧୯କୁ ନେଇ ଲୋକେ ଭୋଗୁଥିବା ଯନ୍ତ୍ରଣାକୁ ଆମେ ଅନୁଭବ କରିପାରୁଛୁ। ଅକ୍ସିଜେନ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ରାଜନୈତିକ ସ୍ତରରେ ସବୁ ପ୍ରକାର ଉଦ୍ୟମ ଚଳାଇଛୁ।
> -ସୁପ୍ରିମକୋର୍ଟରେ ମୋଦି ସରକାରଙ୍କ ଯୁକ୍ତି

> କେନ୍ଦ୍ର ସରକାର ବୁଧବାର ଦିଲ୍ଲୀକୁ ୭୩୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇଛନ୍ତି। ଏଥିପାଇଁ ଧନ୍ୟବାଦ। କରୋନାର ଦ୍ୱିତୀୟ ଲହର ଜାରି ରହିଥିବା ପର୍ଯ୍ୟନ୍ତ ଜାତୀୟ ରାଜଧାନୀକୁ ଦୈନିକ ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଆବଶ୍ୟକ। କେନ୍ଦ୍ର ଏହି ଯୋଗାଣ ସୁନିଶ୍ଚିତ କଲେ ଦିଲ୍ଲୀ ସରକାର ୯,୦୦୦ରୁ ୯,୫୦୦ ଅକ୍ସିଜେନ ବେଡ୍‌ର ବ୍ୟବସ୍ଥା କରିପାରିବେ।
> -ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ତାମିଲନାଡୁକୁ ତୁରନ୍ତ ପର୍ଯ୍ୟାପ୍ତ ଅକ୍ସିଜେନ ଯୋଗାଅ

**କେନ୍ଦ୍ରକୁ ନିର୍ଦ୍ଦେଶ**

**ମାଡ୍ରାସ୍,୬।୫:** ଅନ୍ୟ ରାଜ୍ୟଗୁଡ଼ିକ ଭଳି ତାମିଲନାଡୁରେ ମଧ୍ୟ ଅମ୍ଳଜାନ ଅଭାବରୁ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟୁଛି। ତେଣୁ ରାଜ୍ୟକୁ ଶୁକ୍ରବାର ସୁଦ୍ଧା ପର୍ଯ୍ୟାପ୍ତ ତରଳ ମେଡିକାଲ ଅକ୍ସିଜେନ ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଗୁରୁବାର ମାଡ୍ରାସ୍ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତାମିଲନାଡୁ ଓ ପଣ୍ଡିଚେରୀରେ କୋଭିଡ୍-୧୯ ମୁକାବିଲା ନେଇ ହାଇକୋର୍ଟ ସ୍ୱତଃ ସଂଜ୍ଞାନକୁ ନେଇ ମାମଲା ରୁଜୁ କରିଥିଲେ। ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ଓ ଜଷ୍ଟିସ୍ ସେନ୍ଥିଲ କୁମାର ରାମମୂର୍ତ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ଏହାର ଶୁଣାଣି କରିଛନ୍ତି। ଶୁଣାଣି ବେଳେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଡକ୍ଟର ଜେ. ରାଧାକ୍ରିଷ୍ଣନ୍ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ ଯେ, ତାମିଲନାଡୁକୁ ଦୈନିକ ୪୫୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଦରକାର। କିନ୍ତୁ ଗତ ସପ୍ତାହରେ କେନ୍ଦ୍ର ସରକାର ଦୈନିକ ମାତ୍ର ୨୫୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇଦେଇଥିଲେ। ଦିନକୁ ୫୧୦ ମେଟ୍ରିକ୍ ଟନ୍ ଯୋଗାଇବା ଲାଗି ଦକ୍ଷିଣ ଭାରତର ୫ ରାଜ୍ୟ ସହମତ ହୋଇଥିଲେ ହେଁ କେନ୍ଦ୍ର ସରକାର ତାକୁ କାର୍ଯ୍ୟକାରୀ କରୁନାହାନ୍ତି। ଆମ ପାଖରେ ଥିବା ସିଲିଣ୍ଡର ଶୁକ୍ରବାର ଶେଷ ହୋଇଯିବ ବୋଲି ରାଜ୍ୟ ସରକାରଙ୍କ ଓକିଲ ପି. ୱିଲସନ କହିଥିଲେ। ତେଣୁ ଶୁକ୍ରବାର ସୁଦ୍ଧା ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଯୋଗାଇବାକୁ କେନ୍ଦ୍ରକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## କୋର୍ଟ ଆଲୋଚନାକୁ ସୋସିଆଲ ମିଡିଆକୁ ନିଅ ନାହିଁ

**ଆଇନଜୀବୀଙ୍କୁ କର୍ଣାଟକ ହାଇକୋର୍ଟଙ୍କ ପରାମର୍ଶ**

ଉଚ୍ଚ ଅଦାଲତରେ ଶୁଣାଣି ବେଳେ ହେଉଥିବା ଆଲୋଚନା ସମ୍ପର୍କରେ ସୋସିଆଲ ମିଡିଆରେ ପୋଷ୍ଟ ନ କରିବାକୁ ଗୁରୁବାର ଆଇନଜୀବୀମାନଙ୍କୁ ପରାମର୍ଶ ଦେଇଛନ୍ତି କର୍ଣାଟକ ହାଇକୋର୍ଟ। ଜଷ୍ଟିସ୍ ଅଭୟ ଶ୍ରୀନିବାସ ଓକା ଏବଂ ଜଷ୍ଟିସ୍ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବୃହତ୍ ବେଙ୍ଗାଲୁରୁ ମହାନଗର ପାଳିକା(ବିବିଏମ୍‌ପି) ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶ୍ରୀନିଧି ଏହି ପ୍ରସଙ୍ଗ ଉଠାଇଥିଲେ। କୋର୍ଟ ପ୍ରସଙ୍ଗକୁ କେତେଜଣ ଆଇନଜୀବୀ ଟୁଇଟରରେ ପୋଷ୍ଟ କରୁଥିବା ସେ କହିଥିଲେ। ଓକିଲମାନଙ୍କୁ ଖଣ୍ଡପୀଠ ମୌଖିକ ଭାବେ କହିଥିଲେ, ଆମେ ସମସ୍ତେ କୋଭିଡ୍ ବିରୋଧୀ ଲଢ଼େଇ ପାଇଁ କାର୍ଯ୍ୟ କରୁଛେ। ତେଣୁ ମନ୍ଦ ଉଦ୍ଦେଶ୍ୟ ରଖି ସୋସିଆଲ ମିଡିଆରେ ଆମ ଆଲୋଚନାକୁ ପୋଷ୍ଟ କରିବା ଅନୁଚିତ। ଅନ୍ୟପକ୍ଷରେ ସମ୍ମୁଖ ଯୋଦ୍ଧାଙ୍କ ବ୍ୟତୀତ ଅନ୍ୟ ନାଗରିକମାନଙ୍କୁ ବର୍ତ୍ତମାନ ସ୍ଥିତିରେ ପ୍ରଥମ ଡୋଜ୍ ଭାକ୍ସିନ ଦେବା ସମ୍ଭବପର ନୁହେଁ ବୋଲି ହାଇକୋର୍ଟ କାହିଛନ୍ତି।



## ହତ୍ୟାକାରୀ ଉପମା ଅନୁପଯୁକ୍ତ

- ମୌଖିକ ଟିପ୍ପଣୀ ବେଳେ ସଂଯତ ରୁହନ୍ତୁ ବିଚାରପତି: ସୁପ୍ରିମକୋର୍ଟ
- ଇସିଙ୍କୁ ହତ୍ୟାକାରୀ ଆଖ୍ୟା ଦେଇଥିଲେ ମାଡ୍ରାସ୍ ହାଇକୋର୍ଟ

**ନୂଆଦିଲ୍ଲୀ,୬।୫:** ଖଣ୍ଡପୀଠରେ ମୌଖିକ ଟିପ୍ପଣୀ ଦେବା ହେଉ କି ରାୟ ଶୁଣାଇବା ଉଭୟ କ୍ଷେତ୍ରରେ ବିଚାରପତିମାନେ ନ୍ୟାୟପାଳିକାର ଔଚିତ୍ୟକୁ ଦୃଷ୍ଟିରେ ରଖି ଖାପ ଖୁଆଇବା ଜରୁରୀ। ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କୁ ମାଡ୍ରାସ୍ ହାଇକୋର୍ଟ ହତ୍ୟାକାରୀ ଭାବେ ଅଭିହିତ କରିବା ଉପଯୁକ୍ତ ନୁହେଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏଆଇଏଡିଏମ୍‌କେ ନେତା ଆର୍. ବିଜୟଭାସ୍କର ତାମିଲନାଡୁର କରୁର ନିର୍ବାଚନମଣ୍ଡଳୀରେ ଭୋଟ ଗଣତି ବେଳେ କୋଭିଡ୍ ପ୍ରୋଟୋକଲର ଅନୁପାଳନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ବୋଲି ଦାବି କରି ମାଡ୍ରାସ୍ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ଏପ୍ରିଲ ୨୬ରେ ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ଇସିଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବା ଉଚିତ ବୋଲି କହିଥିଲେ। ଇସି ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏଭଳି ମୌଖିକ ଶୁଣାଣିର ରିପୋର୍ଟିଂରୁ ମିଡିଆକୁ ବାରଣ କରିବା ପାଇଁ ଆପତ୍ତି ଜଣାଇଥିଲେ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୩ ତାରିଖରେ ଇସିଙ୍କ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ସୁପ୍ରିମକୋର୍ଟ ବୁଧବାର ଇସିଙ୍କ ସପକ୍ଷରେ ରାୟ ଦେବାକୁ ମନା କରିଦେଇଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ) ଅନୁସାରେ କୋର୍ଟର ବିଚାର ପ୍ରକ୍ରିୟା ଉପରେ ରିପୋର୍ଟିଂ କରିବା ଗଣମାଧ୍ୟମର ସ୍ୱାଧୀନତା ବୋଲି ଶୀର୍ଷ ଅଦାଲତ କହିଥିଲେ। ଗୁରୁବାର ଖଣ୍ଡପୀଠ କହିଛନ୍ତି, ଇସିଆଇଙ୍କୁ ନେଇ ହାଇକୋର୍ଟ ଦେଇଥିବା ମନ୍ତବ୍ୟ ଉପଯୁକ୍ତ ନୁହେଁ। କାରଣ ସେମାନଙ୍କ ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନ କରାଯିବା ଅଶଙ୍କା ରହିଛି।

# ୪.୧୨ ଲକ୍ଷ ସଂକ୍ରମିତ, ୩,୯୮୦ ମୃତ

**୭ ପରେ କମିପାରେ ସଂକ୍ରମଣ: ବିଶେଷଜ୍ଞ**

**ନୂଆଦିଲ୍ଲୀ, ୬।୫(ପି.ଟି.)**

କରୋନା ସଂକ୍ରମଣ ପ୍ରତିଦିନ ନୂଆ ରେକର୍ଡ କରିଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୪,୧୨,୨୬୨ ଜଣ ସଂକ୍ରମିତ ହୋଇଥିବାବେଳେ ୩,୯୮୦ ଜଣ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୧୦,୭୭,୪୧୦ରେ ପହଞ୍ଚିଥିବାବେଳେ କରୋନା ଜନିତ ମୋଟ ମୃତ୍ୟୁସଂଖ୍ୟା ୨,୩୦,୧୬୮ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଏହା ପୂର୍ବରୁ ଗତ ଏପ୍ରିଲ ୩୦ରେ ଦୈନିକ ସଂକ୍ରମଣ ୪ ଲକ୍ଷ ଟପିଥିଲା। ଦେଶରେ ସକ୍ରିୟ ମାମଲା ସଂଖ୍ୟା ୩୫,୬୬,୩୯୮ରେ ପହଞ୍ଚିଲାଣି ଯାହା ମୋଟ ସଂକ୍ରମଣର ୧୬.୯୨ ପ୍ରତିଶତ। ଆରୋଗ୍ୟ ହାର ହ୍ରାସ ପାଇ ୮୧.୯୯ରେ ପହଞ୍ଚିଥିବା ସରକାରୀ ତଥ୍ୟରୁ ଜଣାଯାଇଛି। ମେ' ୭ ସୁଦ୍ଧା ଦ୍ୱିତୀୟ ଲହର ସର୍ବୋଚ୍ଚ ସ୍ତରରେ ପହଞ୍ଚିପାରେ ବୋଲି ସରକାରଙ୍କ ଗାଣିତିକ ମଡେଲିଂ ବିଶେଷଜ୍ଞ ପ୍ରଫେସର ଏମ୍. ବିଦ୍ୟାସାଗର ସତର୍କ କରାଇଛନ୍ତି। ଅର୍ଥାତ୍ ୭ ତାରିଖ ପରେ ଦୈନିକ ସଂକ୍ରମଣରେ ହ୍ରାସ ଘଟିବା ନେଇ ସେ ପୂର୍ବାନୁମାନ କରିଛନ୍ତି।

ଦିନକରେ ୩,୯୮୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୯୨୦ ଜଣ ରହିଛନ୍ତି। ଉତ୍ତରପ୍ରଦେଶରେ ୩୫୩ ଜଣଙ୍କ ଜୀବନ ଯାଇଥିବାବେଳେ କର୍ଣାଟକରେ ୩୪୬, ଦିଲ୍ଲୀରେ ୩୧୧, ଛତିଶଗଡ଼ରେ ୨୫୩, ହରିୟାଣାରେ ୧୮୧, ପଞ୍ଜାବରେ ୧୮୦, ତାମିଲନାଡୁରେ ୧୬୭, ରାଜସ୍ଥାନରେ ୧୫୫, ଝାଡ଼ଖଣ୍ଡରେ ୧୪୧, ଗୁଜରାଟରେ ୧୩୩, ଉତ୍ତରାଖଣ୍ଡରେ ୧୨୭ ଏବଂ ପଶ୍ଚିମବଙ୍ଗରେ ୧୦୩ ଜଣଙ୍କର ମୃତ୍ୟୁ ଘଟିଛି। ମୋଟ ମୃତ୍ୟୁସଂଖ୍ୟାରେ ମଧ୍ୟ ମହାରାଷ୍ଟ୍ର ଆଗରେ ରହିଛି। ସେଠାରେ କରୋନାରେ ୭୨,୬୬୨ ଜଣ ପ୍ରାଣ ହରାଇଲେଣି। ଦିଲ୍ଲୀରେ ୧୮,୦୬୩, କର୍ଣାଟକରେ ୧୬,୮୮୪ ତାମିଲନାଡୁରେ ୧୪,୭୭୯ ଜଣଙ୍କ ମୃତ୍ୟୁ ହୋଇଛି।



ଗାଜିପୁର ଶ୍ମଶାନରେ ସ୍ୱାସ୍ଥ୍ୟକର୍ମୀ ଓ ପରିବାର ସଦସ୍ୟ ପିପିଇ କିଟ୍ ପିନ୍ଧି କରୋନା ମୃତକଙ୍କ ଶେଷକୃତ୍ୟ ପାଇଁ କାଠ ନେଉଛନ୍ତି।

## ଅଜିତ ସିଂଙ୍କ ପରଲୋକ



**ନୂଆଦିଲ୍ଲୀ, ୬।୫:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଷ୍ଟ୍ରୀୟ ଲୋକ ଦଳର ମୁଖ୍ୟ ଚୌଧୁରୀ ଅଜିତ ସିଂଙ୍କ ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ପୁଅ ଅଜିତ ସିଂ ଏପ୍ରିଲ ୨୦ରେ କରୋନାରେ ଆକ୍ରାନ୍ତ ହୋଇ ଗୁରୁଗାଓଁର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ୧୯୬୦ ଦଶକରେ ଆମେରିକାସ୍ଥିତ କମ୍ପ୍ୟୁଟର କମ୍ପାନୀ ଆଇବିଏମ୍ ମୁଖ୍ୟାଳୟରେ ସେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ଥିଲେ। ୧୯୮୦ ଦଶକରେ ସେ ରାଜନୀତିକୁ ଆସିଥିଲେ। ୨୦୧୧ରେ ଉପା ସରକାର ଅମଳରେ ସେ ବିମାନ ଚଳାଚଳ ମନ୍ତ୍ରୀ ରହିଥିଲେ। ତାଙ୍କ ମୃତ୍ୟୁରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବଙ୍କ ସମେତ ପ୍ରମୁଖ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି।

## ଖବରଦାତାଙ୍କୁ କୋଭିଡ୍ ଯୋଦ୍ଧା ବର୍ଗରେ ରଖାଯାଉ

**ପିସିଆଇର ସୁପାରିସ**

**ନୂଆଦିଲ୍ଲୀ, ୬।୫:** ସମସ୍ତ ଖବରଦାତାଙ୍କୁ କୋଭିଡ୍ ଯୋଦ୍ଧା ବର୍ଗରେ ରଖାଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ବୀମା କରାଯିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ (ପିସିଆଇ) ଗୁରୁବାର ସୁପାରିସ କରିଛି। ଓଡ଼ିଶା, ବିହାର ଓ ମଧ୍ୟପ୍ରଦେଶ ଜର୍ନାଲିଷ୍ଟଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା କରିବା ସହ କରୋନାରେ ମୃତ୍ୟୁବରଣ କଲେ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ନିଷ୍ପତ୍ତିକୁ ଏହି ପ୍ରିଣ୍ଟ ମିଡିଆ ୱାଚ୍‌ଡଗ୍ ୩ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛି।

# ଥମୁନି ପଶ୍ଚିମବଙ୍ଗ ହିଂସା

## କେନ୍ଦ୍ରମନ୍ତ୍ରୀଙ୍କ କାର୍‌କୁ ଆକ୍ରମଣ

**କୋଲକାତା, ୬।୫(ପି.ଟି.)**



ପଶ୍ଚିମବଙ୍ଗ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ହିଂସାକାଣ୍ଡ ଜାରି ରହିଛି। ଗୁରୁବାର ସେଠାରେ ଦୁଇଟି ଘଟଣାରେ ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଜଣେ ପୂର୍ବତନ ବିଧାୟକ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ଭାଜପା ନେତା ତଥା ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ପଶ୍ଚିମବଙ୍ଗ ଗସ୍ତରେ ଯାଇଥିବାବେଳେ ତାଙ୍କ କାର୍ ଉପରେ ଆକ୍ରମଣ ହୋଇଛି। ପଶ୍ଚିମ ମେଦିନିପୁର ଜିଲାର ପଞ୍ଚକୁରୀଠାରେ କେନ୍ଦ୍ରମନ୍ତ୍ରୀଙ୍କ କାର୍‌କୁ କେତେଜଣ ଦୁର୍ବୃତ୍ତ ଭଙ୍ଗାରୁଜା କରିଛନ୍ତି। ଆକ୍ରମଣ ପଛରେ ଟିଏମ୍‌ସି ଗୁଣ୍ଡାମାନେ ସମ୍ପୃକ୍ତ ଥିବା ମୁରଲୀଧରନ୍ ଟୁଇଟ୍ ଯୋଗେ ଅଭିଯୋଗ କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ଦିନ୍‌ହାଟର ପୂର୍ବତନ ବିଧାୟକ ତଥା ଟିଏମ୍‌ସି ନେତା ଉଦୟନ ଗୁହାଙ୍କ ଉପରେ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଚିକିତ୍ସା ପାଇଁ ତାଙ୍କୁ ଦିନ୍‌ହାଟର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**ମୃତକଙ୍କ ପରିବାରକୁ ୨ ଲକ୍ଷ ସହାୟତା**

ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସାରେ୧୬ ଜଣଙ୍କ ଜୀବନ ଗଲାଣି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଘୋଷଣା କରିଛନ୍ତି। କୁଚ୍‌ବିହାରର ଶୀତଲକୁଚି ଅଞ୍ଚଳରେ ଗତମାସରେ ସିଏପିଏଫ୍ ଯବାନଙ୍କ ଗୁଳିରେ ୫ ଜଣ ପ୍ରାଣ ହରାଇଥିଲେ। ରାଜ୍ୟ ସରକାର ସେମାନଙ୍କ ପରିବାରରୁ ଜଣେ ଲେଖାଏଁଙ୍କୁ ହୋମ୍‌ଗାର୍ଡ଼ ଚାକିରି ଯୋଗାଇଦେବେ ବୋଲି ମମତା କହିଛନ୍ତି। ଗତମାସ ୧୦ ତାରିଖରେ କୁଚ୍‌ବିହାରରେ ଚତୁର୍ଥ ପର୍ଯ୍ୟାୟ ମତଦାନ ଚାଲିଥିବାବେଳେ ଗୁଳିକାଣ୍ଡ ଘଟିଥିଲା। ଏହାର ତଦନ୍ତ ପାଇଁ ସିଆଇଡିର ଏକ ଟିମ୍ ଗଠନ କରାଯାଇଛି। କେନ୍ଦ୍ରୀୟ ନେତୃବୃନ୍ଦ ରାଜ୍ୟରେ ହିଂସାକାଣ୍ଡ ପାଇଁ ଉସୁକାଉଥିବା ତୃଣମୂଳ କଂଗ୍ରେସ ନେତ୍ରୀ ଅଭିଯୋଗ କରିଛନ୍ତି।

## ବାହାର ଲୋକଙ୍କ ପାଇଁ ନେଗେଟିଭ୍ ରିପୋର୍ଟ ଜରୁରୀ



**କେନ୍ଦ୍ରୀୟ ଭାଜପା ନେତାଙ୍କ ବାଟ ବନ୍ଦ କଲେ ମମତା**

ପଶ୍ଚିମବଙ୍ଗକୁ ବିମାନ, ଟ୍ରେନ୍ କିମ୍ବା ଆନ୍ତଃରାଜ୍ୟ ବସ୍‌ରେ ଆସିବାକୁ ଥିଲେ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ସାଙ୍ଗରେ ଆଣିବା ବାଧ୍ୟତାମୂଳକ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। କରୋନା ସଂକ୍ରମିତ ଯାତ୍ରୀଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ପଠାଇ ଦିଆଯିବ। ଶୁକ୍ରବାରଠାରୁ ଏହି ନିୟମ ଲାଗୁ ହେବ। ପଶ୍ଚିମବଙ୍ଗକୁ ଆସୁଥିବା ବ୍ୟକ୍ତି ୭୨ ଘଣ୍ଟା ମଧ୍ୟରେ ଆର୍‌ଟି-ପିସିଆର୍ ପରୀକ୍ଷା ନେଗେଟିଭ୍ ରିପୋର୍ଟ ସଂଗ୍ରହ କରିଥିବା ଆବଶ୍ୟକ। ପଶ୍ଚିମବଙ୍ଗ ଆସୁଥିବା ଭାଜପା କେନ୍ଦ୍ରୀୟ ନେତାମାନଙ୍କୁ ରୋକିବା ଲକ୍ଷ୍ୟରେ ଏଭଳି କଟକଣା ଜାରି କରାଯାଇଥିବା ନେଇ ଆଲୋଚନା ହେଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୬୩,୫୫,୮୨୬ | ୩୨,୬୨,୬୬୧ | ୧୩,୩୭,୩୧,୮୨୫ |
| ଭାରତ | ୨,୧୪,୧୭,୬୪୩ | ୨,୩୩,୧୮୧ | ୧,୭୫,୪୪,୦୬୦ |
| ଓଡ଼ିଶା | ୫,୦୦,୧୬୨ | ୨୧୨୧(+୫୩) | ୪,୨୩,୨୫୭ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ସଂକ୍ଷେପରେ

■ କୋଭିଡ୍-୧୯ ପରିଚାଳନା

### ୩ ଜିଲ୍ଲା ପାଇଁ ୭.୬୨ କୋଟି ପ୍ରଦାନ

ଭୁବନେଶ୍ୱର,୬।୫(ବ୍ୟୁରୋ): କୋଭିଡ୍-୧୯ ପରିଚାଳନା ପାଇଁ ପୁରୀ, ସୁବର୍ଣ୍ଣପୁର ଏବଂ ସମ୍ବଲପୁର ଜିଲ୍ଲାକୁ ରାଜ୍ୟ ସରକାର ଅତିରିକ୍ତ ୭.୬୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ରାଶିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ପୁରୀ ଜିଲ୍ଲା ପାଇଁ ୨କୋଟି ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ପୁରୀ ଜିଲ୍ଲାକୁ ୧୪,୫୯,୭୪,୪୦୮ ଟଙ୍କା ପ୍ରଦାନ କରାଯାଇଥିଲା। ପୁରୀକୁ ସମୁଦାୟ ୧୬,୫୯,୭୪,୪୦୮ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲା ପାଇଁ ୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହା ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲାକୁ ଅଢ଼େଇ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହାକୁ ମିଶାଇ ସମୁଦାୟ ଏପର୍ଯ୍ୟନ୍ତ ୩.୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସମ୍ବଲପୁର ଜିଲ୍ଲାର କୋଭିଡ୍ ପରିଚାଳନା ପାଇଁ ୪,୬୨,୮୦,୬୯୨ ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ଏହି ଜିଲ୍ଲାପାଇଁ ୧୧.୫୦କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏ ପର୍ଯ୍ୟନ୍ତ ସମ୍ବଲପୁର ପାଇଁ ମୋଟ ୧୬,୧୨,୮୦,୬୯୨ ଟଙ୍କା ପ୍ରଦାନ କରାଯାଇଛି।

### ଖଦି ବୋର୍ଡ ଉପସଚିବ ତ୍ରିଯୋଗୀଙ୍କ ପରଲୋକ



ତ୍ରିଯୋଗୀ ନାରାୟଣ ଦାଶ

**ଭୁବନେଶ୍ୱର, ୬।୫(ବ୍ୟୁରୋ):** ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ଉପସଚିବ ତ୍ରିଯୋଗୀ ନାରାୟଣ ଦାଶଙ୍କ ଗୁରୁବାର କରୋନାରେ ପରଲୋକ ହୋଇଯାଇଛି। ସେ କରୋନା ଆକ୍ରାନ୍ତ ହୋଇ ଗତ ୨ ସପ୍ତାହ ଧରି କିମ୍ସ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଦାଶ ଦୀର୍ଘ ୩୦ ବର୍ଷ ଧରି ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡରେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁରେ ଖଦି ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଓ ସମସ୍ତ ସଦସ୍ୟ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ୧୩ ଦିନରେ ଲକ୍ଷେ ସଂକ୍ରମଣ

## ରାଜ୍ୟରେ ଭୟଙ୍କର ହେଉଛି ଦ୍ୱିତୀୟ ଲହର

■ ଦିନକରେ ୧୦,୫୨୧ ଚିହ୍ନଟ, ୧୭ ମୃତ
■ ୫ଲକ୍ଷ ପାର କଲା ଆକ୍ରାନ୍ତ ସଂଖ୍ୟା
■ ରେଡ୍ ଜୋନ୍‌ରେ ୨୪ ଜିଲ୍ଲା, ୟେଲୋରେ ୫
■ ସଂକ୍ରମଣ ଓ ମୃତ୍ୟୁ ଖୋର୍ଦ୍ଧାରେ ସର୍ବାଧିକ

ଭୁବନେଶ୍ୱର,୬।୫(ବ୍ୟୁରୋ)

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଦିନକୁ ଦିନ ଭୟଙ୍କର ହେଉଛି। ସଂକ୍ରମଣ ସହିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ପ୍ରତିଦିନ ରେକର୍ଡ ଭାଙ୍ଗୁଥିବାବେଳେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଧିକାରୀଙ୍କ ମୁଣ୍ଡ ନେଇଛି ଏହି ମହାମାରୀ। ଗତ ୨୪ ଘଣ୍ଟାରେ ୧୦,୫୨୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୭ଜଣଙ୍କ ଜୀବନ ଯାଇଛି। ଦୈନିକ ସଂକ୍ରମଣରେ ଏହା ସର୍ବକାଳୀନ ରେକର୍ଡ ହୋଇଥିବାବେଳେ ଏହାକୁ ମିଶାଇ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୫ଲକ୍ଷ ପାର କରିଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି ଦ୍ୱିତୀୟ ଲହର ଏତେ ଦ୍ରୁତ ଗତିରେ ସଂକ୍ରମଣ କରୁଛି ଯେ ମାତ୍ର ୧୩ ଦିନରେ ଲକ୍ଷେ ଲୋକଙ୍କୁ ଆକ୍ରାନ୍ତ କରିଛି। ଗତବର୍ଷ ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ୫ ମାସ ପରେ ଅଗଷ୍ଟ ୨୯ରେ ସଂକ୍ରମଣ ଏକ ଲକ୍ଷେ ପାର କରିଥିଲା। ସେହିପରି ସେପ୍ଟେମ୍ବର ୨୪ରେ ୨ଲକ୍ଷ ଓ ନଭେମ୍ବର ୬ରେ ୩ଲକ୍ଷ ଟପିଥିଲା। କିଛିଦିନ ଧରି ସଂକ୍ରମଣ କମିବା ପରେ ପୁଣି ଉର୍ଦ୍ଧ୍ୱଗାମୀ ହୋଇଥିଲା। ଫଳରେ ଏପ୍ରିଲ ୨୪ରେ ଆକ୍ରାନ୍ତଙ୍କ ସଂଖ୍ୟା ୪,୦୩,୮୩୩ରେ ପହଞ୍ଚିଥିଲା। ମାତ୍ର କେଇଟା ଦିନରେ ଲକ୍ଷେ ଆକ୍ରାନ୍ତ ହୋଇଥିବାରୁ ଏବେ ସଂକ୍ରମଣ ୫,୦୦,୧୬୨ରେ ପହଞ୍ଚିଛି।

ସେପଟେ ଦୈନିକ ସଂକ୍ରମଣ ହାର ମଧ୍ୟ ବୃଦ୍ଧି ପାଉଛି। ୫ ତାରିଖରେ ୪୮,୧୦୧ ନମୁନା ପରୀକ୍ଷା ହୋଇଥିବାବେଳେ ୯,୮୮୯ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସଂକ୍ରମଣ ହାର ଥିଲା ୨୦ ପ୍ରତିଶତ। ଗତ ୨୪ଘଣ୍ଟାରେ ୪୮,୩୧୪ ନମୁନା ପରୀକ୍ଷା ହୋଇଥିବାବେଳେ ୨୧ ପ୍ରତିଶତ ଅର୍ଥାତ୍ ୧୦,୫୨୧ ଚିହ୍ନଟ ହୋଇଛନ୍ତି। ଅପରପକ୍ଷରେ ରାଜ୍ୟରେ ସକ୍ରିୟ ରୋଗୀ ସଂଖ୍ୟା ବଢୁଥିବାରୁ ୨୪ ଜିଲ୍ଲା ରେଡ୍ ଜୋନ୍‌କୁ ଚାଲି ଆସିଛି। ସେହିଭଳି ୫ ଜିଲ୍ଲା ୟେଲୋ ଓ ଗୋଟିଏ ଜିଲ୍ଲା ଗ୍ରୀନ ଜୋନ୍‌ରେ ରହିଛି।



ଏପଟେ ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲାରେ ପୂର୍ବପରି ଦୈନିକ ସଂକ୍ରମଣ ସ୍ଥିତି ଉଦ୍‌ବେଗଜନକ ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୧,୪୬୭ ଜଣ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରେ ଦ୍ୱିତୀୟ ସର୍ବାଧିକ ୧,୧୮୬ ରହିଥିବାବେଳେ ଏହାପଛକୁ କଟକ ରହିଛି। ଏହି ଜିଲାରେ ଆଉ ୯୬୩ ପଜିଟିଭ୍ ବାହାରିଥିବାବେଳେ ପୁରୀ ୩୧୯, ବଲାଙ୍ଗୀର ଓ ଝାରସୁଗୁଡ଼ାରେ ୩୧୪ ଲେଖାଏ, ନୂଆପଡ଼ା ୩୦୪, ମୟୂରଭଞ୍ଜ ୨୮୮, ବୌଦ୍ଧ ୨୫୦, ନବରଙ୍ଗପୁର ୨୨୪, ଜଗତ୍‌ସିଂହପୁର ୨୧୭ ଓ ଅନ୍ୟସବୁ ଜିଲାରେ ଦୈନିକ ଆକ୍ରାନ୍ତ ସଂଖ୍ୟା ୨ଶହ ତଳକୁ ରହିଛି। ସେହିଭଳି ୧୭ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୪ଜଣ ଥିବାବେଳେ ମାଲକାନଗିରି ଓ ବାଲେଶ୍ୱରରେ ୨ଜଣ ଲେଖାଏ, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, କଳାହାଣ୍ଡି, ନୟାଗଡ଼, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ରେ ଜଣେ ଲେଖାଏ କରୋନରେ ଆଖିବୁଜିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୧୨୧ ଛୁଇଁଛି।

### ପିକ୍ ସମୟ ବିଳମ୍ବ ହୋଇପାରେ

ସାରା ଦେଶରେ ମେ' ୧୫ ବେଳକୁ କରୋନା ସଂକ୍ରମଣ ପିକ୍‌ରେ ପହଞ୍ଚିବ ବୋଲି ଆଶା କରାଯାଉଥିଲା। କିନ୍ତୁ ମହାରାଷ୍ଟ୍ର ଓ ଦିଲ୍ଲୀରେ କମିବା ପରେ ପୁଣି ସଂକ୍ରମଣ ବଢ଼ିଯାଇଛି। ତେଣୁ ଓଡ଼ିଶାରେ ମଧ୍ୟ ପିକ୍ ବିଳମ୍ବ ହୋଇପାରେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର। ସେ କହିଛନ୍ତି ଯେ ଏକାଧିକ ରାଜ୍ୟରେ ସଂକ୍ରମଣ ପିକ୍ ସ୍ତର ଛୁଇଁଲେ ଓଡ଼ିଶାରେ କରୋନାରେ ପିକ୍‌ରେ ପହଞ୍ଚିବ। ଅପରପକ୍ଷରେ ତୃତୀୟ ଲହରକୁ ନେଇ ଚିନ୍ତା ବଢ଼ିଲାଣି। ଏହି ଲହରରେ କରୋନା କେବେ ଓ କେଉଁଭଳି ସଂକ୍ରମଣ କରିବ ତାକୁ ନେଇ କିଛି ସ୍ପଷ୍ଟ ସୂଚନା ମିଳି ନ ଥିବାବେଳେ ଡା. ମିଶ୍ର କହିଛନ୍ତି, ତୃତୀୟ ଲହର ଏବେ ସମ୍ଭାବନା ନାହିଁ। ଯଦି ତୃତୀୟ ଲହର ଆସିବ ତେବେ ଅତିବେଶିରେ ୪ ମାସ ପରେ ହୋଇଯିବ। ତେଣୁ ଟିକାକରଣକୁ ତ୍ୱରାନ୍ୱିତ କରାଯିବା ଉଚିତ ବୋଲି ସେ କହିଛନ୍ତି।

# ୧୫ କୋଟି ଜରିମାନା, ୫୫୩ ଗିରଫ

## କୋଭିଡ୍ ନିୟମ ଉଲ୍ଲଂଘନ

■ ଜନସାଧାରଣଙ୍କୁ ପରାମର୍ଶ ଦେଲେ ଡିଜିପି

ଭୁବନେଶ୍ୱର,୬।୫(ବ୍ୟୁରୋ)

ରାଜ୍ୟରେ ବୁଧବାରଠାରୁ ୧୪ ଦିନିଆ ଲକ୍‌ଡାଉନ ଜାରି ରହିଛି। ପୋଲିସ ପକ୍ଷରୁ ଯାଞ୍ଚ କରାଯିବା ସହ କୋଭିଡ୍ ବା ଲକ୍‌ଡାଉନ ନିୟମ ପାଳନ କରୁ ନ ଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଥିବା ବେଳେ ଆବଶ୍ୟକସ୍ଥଳେ ଗିରଫ ମଧ୍ୟ କରାଯାଉଛି ବୋଲି ଡିଜିପି ଅଭୟ ସୂଚନା ଦେଇଛନ୍ତି। ଗୁରୁବାର ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସ୍‌ରେ ଡିଜିପି କହିଛନ୍ତି, ଏପ୍ରିଲ ଆରମ୍ଭରୁ ଏଯାଏ ରାଜ୍ୟରେ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୫ କୋଟିରୁ ଅଧିକ ଟଙ୍କା ଜରିମାନା ଆଦାୟ କରାଯାଇଛି। ମାସ୍କ ନ ପିନ୍ଧିବା ଅଭିଯୋଗରେ ୬ କୋଟି ୩୪ ଲକ୍ଷ ଟଙ୍କା ଏବଂ ଟ୍ରାଫିକ୍ ନିୟମ ଅବହେଳା ବା ଲକ୍‌ଡାଉନ ଓ ଶଟ୍‌ଡାଉନ ନିୟମ ଉଲ୍ଲଂଘନ ପାଇଁ ୮କୋଟି ୨୯ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। ମୋଟ ୨୧, ୪୦୬ ବାଇକ୍ ଜବତ କରାଯାଇଥିବାବେଳେ ୫୫୩ ଜଣଙ୍କୁ ଗିରଫ କରାଯାଇଛି।



ଡିଜିପି ଅଭୟ

ତେବେ ଲକ୍‌ଡାଉନ ଓ ଶଟ୍‌ଡାଉନ୍ ସମୟରେ ଅଭିଯୋଗ କରିବାକୁ ଚାହୁଁଥିବା ଲୋକଙ୍କୁ ଥାନା ନ ଆସିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। କୌଣସି ଅଭିଯୋଗ ଥିଲେ ଥାନା ନମ୍ବର ବା ଏସ୍‌ପିଙ୍କ କାର୍ଯ୍ୟାଳୟ ତରଫରୁ ଜାରି ନମ୍ବରରେ ଯୋଗାଯୋଗ କରିବାକୁ ସେ କହିଛନ୍ତି। ଘରେ ରୁହନ୍ତୁ, ଅତି ଜରୁରୀ ହେଲେ ବାହାରନ୍ତୁ। ଘରୁ ବାହାରିଲେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ପାଳନ କରିବାକୁ ଡିଜିପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଅଧିକାଂଶ ଲୋକ ନିୟମ ପାଳନ କରୁଥିବାବେଳେ କେତେଜଣ ନିୟମ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ଯେଉଁମାନେ ନିୟମ ପାଳନ କରୁନାହାନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିଜିପି କହିଛନ୍ତି।

# କରୋନାରେ ଆଖି ବୁଜିଲେ ସିଆର୍‌ପିଏଫ୍ ଡିଆଇଜି

ଭୁବନେଶ୍ୱର, ୬।୫(ବ୍ୟୁରୋ)

ବିରଷ୍ଠ ଆଇପିଏସ୍ ଅଫିସର ତଥା ଭୁବନେଶ୍ୱର ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରର ଡିଆଇଜି ସୁନୀଲ କୁମାର ପାର୍ଥଙ୍କ ଗୁରୁବାର ପରଲୋକ ଘଟିଛି। ସେ ଗତ ମାର୍ଚ୍ଚ ୨୬ରେ କରୋନାରେ ସଂକ୍ରମିତ ହେବାପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମାସାଧିକକାଳ ଚିକିତ୍ସା ପରେ ଶେଷରେ ସେ ଆଖି ବୁଜିଛନ୍ତି। ତାଙ୍କୁ ୫୪ ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ଅପରାହ୍ନରେ ସତ୍ୟନଗର ଶ୍ମଶାନକୁ ନିଆଯାଇଥିଲା। ସେଠାରେ ପରିବାର ଲୋକଙ୍କ ଉପସ୍ଥିତିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯାଇ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ସମୟରେ ସିଆର୍‌ପିଏଫ୍ ଡିଆଇଜି ଏମ୍. ଆର୍. ହୁସେନ୍, ଦିନେଶ କାର୍ତ୍ତିକ, ଡେପୁଟି କମାଣ୍ଡାଣ୍ଟ ପ୍ରଭାକର ନାୟକ, ଡେପୁଟି କମାଣ୍ଡାଣ୍ଟ ସୁବ୍ରତ ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କ୍ଷୀରୋଦ ବେହେରା, ରାଜୀବ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଡିଆଇଜି ସୁନୀଲ ଦେଢ଼ବର୍ଷ ଧରି ଭୁବନେଶ୍ୱର ସେକ୍ଟରରେ କାର୍ଯ୍ୟ କରିଆସୁଥିଲେ। ଏହାପୂର୍ବରୁ ଝାଡ଼ଖଣ୍ଡ ସେକ୍ଟର କୋବ୍ରା ବାଟାଲିଅନର କମାଣ୍ଡାଣ୍ଟ ଥିଲେ। ଓଡିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ମାଓବାଦୀ ମୁକାବିଲା ପାଇଁ ଚାଲିଥିବା 'ଅପରେଶନ ଆନାକୋଣ୍ଡା'ରେ ତାଙ୍କର ପ୍ରମୁଖ ଭୂମିକା ଥିଲା।



ସୁନୀଲ କୁମାର ପାର୍ଥ

# ପ୍ରଦୀପ୍ତ, ରଘୁନାଥଙ୍କ ପରିବାର ସହ କଥା ହେଲେ ମୋଦି

■ ଆଶୁ ଆରୋଗ୍ୟ କାମନା କଲେ ନବୀନ
■ ଡାକ୍ତରୀ ଟିମ୍ ସହ ଧର୍ମେନ୍ଦ୍ର କଲେ ବୈଠକ

ଭୁବନେଶ୍ୱର, ୬।୫(ବ୍ୟୁରୋ)

ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କରୋନାରେ ଆକ୍ରାନ୍ତ ହୋଇ ଗୁରୁତର ଅଛନ୍ତି। ସ୍ଥାନୀୟ ଏମ୍ସରେ ଏବେ ଭେଣ୍ଟିଲେଟର ସପୋର୍ଟରେ ତାଙ୍କର ଚିକିତ୍ସା ଚାଲିଛି। ଏଭଳି ସ୍ଥିତିରେ ପ୍ରଦୀପ୍ତଙ୍କ ସ୍ତ୍ରୀଙ୍କ ସହ ଟେଲିଫୋନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଥା ହେବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ପଚାରି ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପଟେ ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର ମଧ୍ୟ କୋଭିଡ୍‌ରେ ସଂକ୍ରମିତ ହୋଇ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ପ୍ରଧାନମନ୍ତ୍ରୀ ରଘୁନାଥଙ୍କ ପୁଅଙ୍କ ସହ ଟେଲିଫୋନରେ କଥା ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ତାଙ୍କ ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍ସ ନିର୍ଦ୍ଦେଶିକା, ଡାକ୍ତର ଏବଂ ରାଜ୍ୟ ସରକାରଙ୍କ ବିଶେଷଜ୍ଞ ଡାକ୍ତରୀ ଟିମ୍ ସହ ଭର୍ଚୁଆଲରେ କଥା ହୋଇ ବିରୋଧୀ ଦଳ ନେତା ଏବଂ ରଘୁନାଥ ମହାପାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ନେଇ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୧୯ ତାରିଖରେ ପ୍ରଦୀପ୍ତ କରୋନାରେ ସଂକ୍ରମିତ ହୋଇଥିବା ନେଇ ପଜିଟିଭ ରିପୋର୍ଟ ଆସିଥିଲା। ଏହାପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଚିକିତ୍ସା ଲାଗି ରାଜ୍ୟ ସରକାରଙ୍କ ଏକ ଡାକ୍ତରୀ ଟିମ୍ ଏମ୍ସ ମଧ୍ୟ ପଠାଯାଇଛି।

# ଏକାଦଶାହ ଭୋଜିରେ ଚଢ଼ାଉ ବେଳେ ତହସିଲଦାରଙ୍କୁ ଆକ୍ରମଣ

## କର୍ମଚାରୀଙ୍କୁ ଗୋଡ଼ାଇ ପିଟିଲେ

ବାଲେଶ୍ୱର ଅଫିସ, ୬।୫

ଏକାଦଶାହରେ କୋଭିଡ୍ ନିୟମ ଉଲ୍ଲଂଘନ କରି ୩ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଭୋଜି ଆୟୋଜନ ଚାଲିଥିବା ବେଳେ ବାଲେଶ୍ୱର ସଦର ତହସିଲଦାର ଅନାମିକା ସିଂ ଚଢ଼ାଉ କରି ଆକ୍ରମଣର ଶିକାର ହୋଇଛନ୍ତି। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆକ୍ରମଣକାରୀଙ୍କୁ ଗିରଫ କରିବା ସହ ଆୟୋଜିତ ଭୋଜିକୁ ବନ୍ଦ କରିଥିଲେ। ଏନେଇ ତହସିଲଦାର ସଦର ଥାନାରେ ୬ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ରାତିରେ ପରିବାରର ୩ଜଣଙ୍କୁ ଥାନାକୁ ଆଣିଥିଲା। ପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିବା ତହସିଲଦାର ଏବଂ କର୍ମଚାରୀମାନେ ଜାଣିବା ପରେ ଗୁରୁବାର ପୂର୍ବାହ୍ନରେ କାର୍ଯ୍ୟ ବନ୍ଦ କରି ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସେଠାରେ ଡିଏସ୍‌ପି ଦିଲ୍‌କସ୍ ନେସା ବିବି ପହଞ୍ଚି ସମସ୍ତ ଅପରାଧୀଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଏନେଇ ଏକ ମାମଲା(ନଂ.୧୬୯/୨୧) ରୁଜୁ କରି ଜଣେ ନାବାଳକଙ୍କୁ ଅଟକ ରଖିବା ସହ ତପନ କୁମାର ରାଉତ (୪୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଓଡ଼ଙ୍ଗୀ ପଞ୍ଚାୟତ ହିଞ୍ଜିଳି ଗ୍ରାମର ରମେଶ ରାଉତଙ୍କ ସ୍ତ୍ରୀ ହାରାମଣିଙ୍କ କରୋନାରେ ମୃତ୍ୟୁ ହୋଇଥିଲା। ବୁଧବାର ଏକାଦଶାହ ପାଳନ କରାଯାଉଥିଲା। ଏଥିପାଇଁ ଆଖପାଖ ଗାଁର ୩ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯାଇଥିଲା। ତାଙ୍କ ପରିବାରର ଆଉ ଜଣେ ସଦସ୍ୟ କରୋନା ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ସର୍ବାଧିକ ୨୦ଜଣ ଲୋକଙ୍କୁ ଅନୁମତି ରହିଛି। ଏହାସତ୍ତ୍ୱେ ରମେଶ ନିୟମ ଉଲ୍ଲଂଘନ କରି ଏକ ବଡ଼ଭୋଜି ଆୟୋଜନ କରିଥିଲେ। ବୁଧବାର ସନ୍ଧ୍ୟା ୭ଟା ବେଳେ ଖବରପାଇ ସଦର ତହସିଲଦାର ୩ଜଣ କର୍ମଚାରୀଙ୍କ ସହ ପହଞ୍ଚି ଚଢ଼ାଉ କରିଥିଲେ। ଶହ ଶହ ଲୋକଙ୍କ ପାଇଁ ଭୋଜି ଆୟୋଜନ ଦେଖି ତୁରନ୍ତ କର୍ମଚାରୀଙ୍କୁ ଖାଦ୍ୟ ଜବତ ପାଇଁ କହିଥିଲେ। ତହସିଲଦାରଙ୍କ ଚଢ଼ାଉ ଦେଖି ରମେଶଙ୍କ ପରିବାର ଲୋକେ ଘେରିଯାଇ ଗାଳିଗୁଲଜ କରିବା ସହ କର୍ମଚାରୀଙ୍କୁ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ। ପାଖାପାଖି ୨ଘଣ୍ଟା କାଳ ଧରି ଖଣ୍ଡଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ତହସିଲଦାର ଉକ୍ତ ଘଟଣା ସମ୍ପର୍କରେ ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଜଣାଇଥିଲେ। ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ୟକ୍ତ ଲୋକେ ଛତ୍ରଭଙ୍ଗ ଦେଇଥିଲେ।

# ପଶ୍ଚିମବଙ୍ଗ ଯାଉଥିଲେ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ

ଭୁବନେଶ୍ୱର, ୬।୫ (ବ୍ୟୁରୋ)

ପଶ୍ଚିମବଙ୍ଗରେ ଏବେ କରୋନା ପାଇଁ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟରେ ସଂକ୍ରମଣ ରୋକିବାକୁ ସେଠାକାର ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଆରମ୍ଭ ହୋଇଛି। ଅନ୍ୟ ରାଜ୍ୟରୁ ପଶ୍ଚିମବଙ୍ଗ ଯାଉଥିଲେ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀମାନଙ୍କୁ ଅବଗତ କରାଯାଇଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ପଶ୍ଚିମବଙ୍ଗର ଯେ କୌଣସି ସ୍ଥାନକୁ ଯାଉଥିବା ଟ୍ରେନ୍ ଯାତ୍ରୀଙ୍କୁ ଟ୍ରେନ୍ ଚଢିବାର ୭୨ଘଣ୍ଟା ମଧ୍ୟରେ ପରୀକ୍ଷା ହୋଇଥିବା ଆର୍‌ଟି-ପିସିଆର୍ ନେଗେଟିଭ ରିପୋର୍ଟ ନେବାକୁ ଅନୁରୋଧ କରାଯାଇଛି। ଏହି ରିପୋର୍ଟକୁ ଯାତ୍ରା ପୂର୍ବରୁ ଦେଖାଇବାକୁ ରେଳପଥ ପକ୍ଷରୁ ଅନୁରୋଧ କରାଯାଇଛି। ପୁରୀ, ଭୁବନେଶ୍ୱର ଓ ସମ୍ବଲପୁରରୁ ପଶ୍ଚିମବଙ୍ଗ ପାଇଁ ଛାଡୁଥିବା ଟ୍ରେନ୍ ୦୨୦୮୮ ପୁରୀ-ହାଓଡା ସ୍ୱେଶାଲ, ୦୨୨୦୨ ପୁରୀ-ହାଓଡା ଦୂରୋନ୍ତ ସ୍ୱେଶାଲ, ୦୨୮୩୮ପୁରୀ-ହାଓଡା ସ୍ୱେଶାଲ, ୦୨୦୭୪ ଭୁବନେଶ୍ୱର-ହାଓଡ଼ା ସ୍ୱେଶାଲ ଓ ୦୮୩୦୬ ସମ୍ବଲପୁର-ହାଓଡା ସ୍ୱେଶାଲର ଯାତ୍ରୀମାନେ ବର୍ତ୍ତମାନର ମହାମାରୀ ପରିସ୍ଥିତିରେ ଅସୁବିଧାମୁକ୍ତ ଯାତ୍ରା ପାଇଁ ସେମାନଙ୍କ ସହିତ ଆର୍‌ଟି-ପିସିଆର ନେଗେଟିଭ୍ ରିପୋର୍ଟ ଆଣିବାକୁ ସୂଚନା ଦିଆଯାଇଛି। ଏହାବ୍ୟତୀତ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଓ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଯାତ୍ରା କରୁଥିବା ଟ୍ରେନ, ଯାହାକି ପଶ୍ଚିମବଙ୍ଗ ମଧ୍ୟରେ ଯେକୌଣସି ଷ୍ଟେଶନଠାରେ ରହଣି କରୁଛି, ସେଠିଠାରେ ଓହ୍ଲାଇବାକୁ ଥିବା ଯାତ୍ରୀଙ୍କୁ ମଧ୍ୟ ଆର୍‌ଟି-ପିସିଆର ନେଗେଟିଭ୍ ରିପୋର୍ଟ ଦେଖାଇବାକୁ ପଡିବ ବୋଲି ସୂଚନା ଦିଆଯାଇଛି।



୧୪ ଦିନିଆ ଲକ୍‌ଡାଉନର ଦ୍ୱିତୀୟ ଦିନରେ ଗୁରୁବାର ଭୁବନେଶ୍ୱର ଜୟଦେବ ବିହାର ଛକର ଦୃଶ୍ୟ ।

**ଆଜିର ମନ୍ତବ୍ୟ**

"ଯଦି କେନ୍ଦ୍ର ସରକାର ଆବଶ୍ୟକ ଅକ୍ସିଜେନ ଯୋଗାଣ କ୍ରମାଗତ ଭାବେ ବଜାୟ ରଖିବେ ତେବେ ଦିଲ୍ଲୀରେ କାହାରିକୁ ଅକ୍ସିଜେନ ଅଭାବରୁ ମରିବାକୁ ଦିଆଯିବନାହିଁ।
–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ ରଙ୍କୁଣୀ ନ ଖାଏ ଭାତ ଖାଇ ଲୋଡ଼େ ସରୁ ଚୁଡ଼ା ନବାତ।**

ଯିଏ ଖାଇବାକୁ ପାଏ ନାହିଁ ସେ ଖାଇବା ରଙ୍କୁଣୀ। ଭଲ ଜିନିଷ ପାଇଲେ ସେ ଖାଇବାକୁ ବିକଳ ହୁଏ, ତାକୁ ଭାତ ବି ଭଲ ଲାଗେନି। ଏହାଠୁଁ ଯାହା ଭଲ ଖାଦ୍ୟ ପଦାର୍ଥ ପାଏ ବିକଳରେ କେବେ ନ ଖାଇଲା ଭଳି ଖାଇଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅବୁଝାମଣା ରଜାକୁ ପାଲବିଣ୍ଡା ମନ୍ତ୍ରୀ।**

ରାଜା ଯେପରି ବିଚାର ଶୂନ୍ୟ, ନୀତିନିୟମ ଶୂନ୍ୟ ; କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ ତଦ୍ରୂପ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡ଼ିବେ ; ସେଥିପାଇଁ ମନ୍ତ୍ରୀ ପାଟିରେ ପାଲବିଣ୍ଡା ମାରିଥାନ୍ତି। ଫଳସ୍ୱରୂପ ଏଥିରୁ କିଛି ସୁବିଚାର ମିଳିବାର ଆଶା ରଖିବା ବୃଥା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୬।୫(ବ୍ୟୁରୋ)

ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଛି। ଦୈନିକ ସଂକ୍ରମଣ ୪ ଲକ୍ଷ ଅତିକ୍ରମ କଲାଣି। ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଦିଲ୍ଲୀ, କର୍ନାଟକ, କେରଳ, ପଶ୍ଚିମବଙ୍ଗ ଭଳି ରାଜ୍ୟରେ ସ୍ଥିତି ଜଟିଳ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କରୋନା ସ୍ଥିତି ନେଇ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଦେଶରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଲାଗୁ ହେବାର ଆବଶ୍ୟକତା ରହିଛି କି ନାହିଁ ସେ ନେଇ ପ୍ରଧାନମନ୍ତ୍ରୀ ଓଡ଼ିଶା, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଏବଂ ପଣ୍ଡିଚେରୀ ଓ ଜମ୍ମୁ-କଶ୍ମୀର ଉପରାଜ୍ୟପାଳଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି।

ଦେଶରେ କରୋନାର ଦ୍ୱିତୀୟ ପ୍ରବାହ ଆତଙ୍କ ସୃଷ୍ଟି କରିଛି। ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍, ବେଡ୍ ସମସ୍ୟା ସ୍ୱାସ୍ଥ୍ୟସେବାର

### ବଢ଼ୁଛି କରୋନା ସଂକ୍ରମଣ

ପ୍ରକୃତ ଚିତ୍ରକୁ ପଦାରେ ପକାଇଛି। ଅନେକ ରାଜ୍ୟ କରୋନା ସଂକ୍ରମଣ ଚେନ୍‌କୁ ଭାଙ୍ଗିବା ପାଇଁ ନାଇଟ୍ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ ଓ ଲକ୍‌ଡାଉନ ଲାଗୁ କରିଛନ୍ତି। ତଥାପି ସଂକ୍ରମଣ ସ୍ଥିତିରେ ସୁଧାର ଆସୁନାହିଁ। ଏମିତିରେ ଦେଶବ୍ୟାପୀ ଲକ୍‌ଡାଉନ ନେଇ ଆଲୋଚନା ଚାଲିଛି। ଗୁରୁବାର ଦେଶରେ ରେକର୍ଡ ସଂଖ୍ୟକ କରୋନା ମାମଲା ଚିହ୍ନଟ ହୋଇଛି। ୨୪ ଘଣ୍ଟାରେ ଦେଶରେ ୪.୧୨ ଲକ୍ଷ ସଂକ୍ରମଣ ମାମଲା ଆସିଥିବା ବେଳେ ୪ ହଜାର ମୃତ୍ୟୁ ଘଟିଛି। ଏଥିସହ ଦେଶରେ ସକ୍ରିୟ ସଂକ୍ରମଣ ମାମଲା ୩ ଲକ୍ଷ ଟପିଯାଇଛି। ମହାରାଷ୍ଟ୍ର, କର୍ନାଟକ, କେରଳ, ଦିଲ୍ଲୀ, ଉତ୍ତରପ୍ରଦେଶ, ତାମିଲନାଡୁ ଆଦି ରାଜ୍ୟରେ ସବୁଠୁ ଅଧିକ ମାମଲା ଆସୁଛି। ବିଶ୍ୱର ସର୍ବାଧିକ କରୋନା ସଂକ୍ରମିତ ମାମଲା ଭାରତରେ ଚିହ୍ନଟ ହେଉଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ତୃତୀୟ ଲହର...

ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ ଯେ, କୋଭିଡ୍‌ରୋଗୀଙ୍କ ଚିକିତ୍ସା ପାଇଁ ୭୩୦ ମେଟ୍ରିକ୍‌ଟନ୍ ଅକ୍ସିଜେନ ଯୋଗାଣକୁ ସୁନିଶ୍ଚିତ କରାଯାଇଛି। ଏହାସହ ସେ ଅମ୍ଳଜାନ ଅଧିଗ୍ରହଣ ଓ ବିଭିନ୍ନ ରାଜ୍ୟକୁ ଆବଣ୍ଟନ ନେଇ ଏକ ବିସ୍ତୃତ ଯୋଜନା ଉପସ୍ଥାପନ କରିଥିଲେ। ଏସ୍‌ଜି ଯୁକ୍ତି ବାଢ଼ିଥିଲେ, ଦିଲ୍ଲୀକୁ ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇବୁ ହେଲେ କେନ୍ଦ୍ର ସରକାରଙ୍କୁ ଅନ୍ୟ ରାଜ୍ୟର ଅଂଶରୁ ନେବାକୁ ପଡ଼ିବ। ଏପରି କରିବା ଫଳରେ କିଛି ନକାରାତ୍ମକ ପରିଣାମ ଆସିଲେ ଅନ୍ୟ କାହାର ଅସାମର୍ଥ୍ୟ ପାଇଁ କେନ୍ଦ୍ରକୁ ଦାୟୀ କରାଯାଇ ପାରିବ ନାହିଁ। ଏନେଇ ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ, ରାଜ୍ୟଗୁଡ଼ିକୁ ଅମ୍ଳଜାନ ଆବଣ୍ଟନ ନେଇ କେନ୍ଦ୍ର ଫର୍ମୁଲାର ସମୀକ୍ଷା (ଅକ୍ସିଜେନ ଅଡିଟ୍) କରାଯିବା ଆବଶ୍ୟକ।

ପ୍ରକାଶ ଯେ, ଦିଲ୍ଲୀକୁ ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଣରେ ବିଫଳତାକୁ ନେଇ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କ ବିରୋଧରେ ଅବମାନନା ନୋଟିସ୍ ଜାରି କରିଥିଲେ। କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଶୀର୍ଷ ଅଦାଲତ ବୁଧବାର ହାଇକୋର୍ଟଙ୍କ ନୋଟିସ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ତେବେ କୋଭିଡ୍-୧୯ ମୁକାବିଲା ସମ୍ପର୍କିତ ବିଚାର ପାଇଁ ହାଇକୋର୍ଟଙ୍କୁ ମନା କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ।

## ଟିକା କ୍ରୟ...

ସହାୟକ ହୋଇପାରିବ ବୋଲି ନବୀନ କହିଛନ୍ତି। କୋଭିଡ୍ ବିରୋଧରେ ଲମ୍ବା ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଏ କ୍ଷେତ୍ରରେ ରାଜ୍ୟଗୁଡ଼ିକୁ ସହଯୋଗ କଲେ ସମଗ୍ର ଦେଶ ଏକ ହୋଇ ଏହି ମହାମାରୀ ବିରୋଧରେ ଲଢ଼େଇ କରିପାରିବ। ସମ୍ବଳର ଅଭାବ ଯେପରି ଏହି ଲଢ଼େଇ କ୍ଷେତ୍ରରେ ବାଧା ନ ହେଉ, ଯାହାକି ସମଗ୍ର ଦେଶକୁ ପ୍ରଭାବିତ କରିବ। ବିଭିନ୍ନ ପ୍ରକାର ସେସ୍ ଏବଂ ପେଟ୍ରୋଲ, ଡିଜେଲ, ମଦ ଇତ୍ୟାଦିରୁ କେନ୍ଦ୍ର ସରକାର ଆଦାୟ କରୁଥିବା ସରଚାର୍ଜକୁ ଏହି କଠିନ ସମୟରେ ରାଜ୍ୟଗୁଡ଼ିକ ମଧ୍ୟରେ ବଣ୍ଟନ କରିବାକୁ ନବୀନ ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ସହାୟତା ମହାମାରୀ ବିରୋଧରେ ହେଉଥିବା ଟିକାକରଣ, ମାଗଣା ଚିକିତ୍ସା ଏବଂ ଅନ୍ୟାନ୍ୟ ପ୍ରତିଷେଧକ କାର୍ଯ୍ୟକ୍ରମଗୁଡ଼ିକୁ ସଶକ୍ତ କରିପାରିବ। ଏହାକୁ ଅତି ଜରୁରୀ ମନେକରି ଆବଶ୍ୟକ ପଦକ୍ଷେପ ନେବାକୁ ନବୀନ ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଘରୋଇ ହସ୍ପିଟାଲକୁ...

ଏହା ପରେ ୬୦ବର୍ଷରୁ ଊର୍ଦ୍ଧ୍ୱ, ୪୫ରୁ ୬୦ବର୍ଷର ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତି, ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏବଂ ଏବେ ୧୮ରୁ ୪୪ ବର୍ଷ ବର୍ଗର ଲୋକମାନଙ୍କୁ ଟିକା ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ୯୭ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଥମ ଡୋଜ୍ ଏବଂ ୮୭ ପ୍ରତିଶତ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିବା ବେଳେ ୯୭ ପ୍ରତିଶତ ଆଗଧାଡ଼ିର କୋଭିଡ୍ ଯୋଦ୍ଧାଙ୍କୁ ପ୍ରଥମ ଡୋଜ୍ ଏବଂ ୮୫ ପ୍ରତିଶତ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି। ରାଜ୍ୟରେ ୧କୋଟି ୧୬ ଲକ୍ଷ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୩ ଲକ୍ଷ ୫୫ ହଜାର ଅର୍ଥାତ୍ ୩୫ପ୍ରତିଶତଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଛି। ସେହିପରି ପ୍ରାୟ ୬ ଲକ୍ଷ ଲୋକଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଆହୁରି ପ୍ରାୟ ୧୭ ଲକ୍ଷ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଦ୍ୱିତୀୟ ଡୋଜ୍ ନେବା ଅପେକ୍ଷାରେ ରହିଛନ୍ତି। ରାଜ୍ୟରେ ଦୁଇପ୍ରକାର ଟିକାକରଣ ଚାଲିଛି। ଭୁବନେଶ୍ୱରରେ କୋଭାକ୍ସିନ ଓ ରାଜ୍ୟର ଅନ୍ୟାନ୍ୟ ଭାଗରେ କୋଭିଶିଲ୍ଡ ଟିକା ଦିଆଯାଉଛି। ଯେତେ ଲୋକ ଏପ୍ରିଲ ୩୦ ସୁଦ୍ଧା ଘରୋଇ ହସ୍ପିଟାଲରେ ଟିକା ନେଇଛନ୍ତି ସେମାନେ ଦ୍ୱିତୀୟ ଡୋଜ୍ ସରକାରୀ ହସ୍ପିଟାଲରେ ମାଗଣାରେ ନେଇପାରିବେ। ଭୁବନେଶ୍ୱରରେ ଦ୍ୱିତୀୟ ଡୋଜ୍ କୋଭାକ୍ସିନ ନେବାରେ କୌଣସି ଅସୁବିଧା ନାହିଁ। ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ତେବେ ୩୦ ଜିଲାରେ କୋଭିଶିଲ୍ଡର ଅଭାବ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଅନେକ ଥର କେନ୍ଦ୍ରକୁ ଚିଠି ଲେଖିସାରିଲେଣି। ୧୫ ଲକ୍ଷ ଟିକା ପାଇଁ ଆମେ ଦାବି କରିଛୁ। ଆସନ୍ତା ୧୫ ତାରିଖ ସୁଦ୍ଧା ଆଉ ୬ ଲକ୍ଷ ଟିକା ଆସିବ। ସେହି ଟିକାକୁ ଦ୍ୱିତୀୟ ଡୋଜ୍ ଆକାରରେ ଦିଆଯିବ ବୋଲି ପ୍ରଦୀପ୍ତ କହିଛନ୍ତି।

୧୮ରୁ ୪୪ ବର୍ଗର ବ୍ୟକ୍ତିଙ୍କ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିଛି। କୋଭିଡ୍ ସଂକ୍ରମଣ ବଢ଼ୁଥିବାରୁ ସହରାଞ୍ଚଳଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଟିକା ଦିଆଯିବ। ଗ୍ରାମାଞ୍ଚଳରେ ମଧ ସମସ୍ତଙ୍କୁ ଟିକା ଦିଆଯିବ। ଖୁବ୍‌ଶୀଘ୍ର ୪.୭୮ ଲକ୍ଷ ଟିକା ମିଳିବ। ଏଥିପାଇଁ ରାଜ୍ୟ ସରକାର ୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଦ୍ୱିତୀୟ ଡୋଜ୍ ଟିକା ଶେଷ ନ ହେବା ଯାଏ ପ୍ରଥମ ଡୋଜ୍ ଟିକାକରଣ ହେବ ନାହିଁ।

ସରକାର କେବେ ଲକ୍‌ଡାଉନ ଚାହୁଁ ନ ଥିଲେ। ସମସ୍ତେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍ ଗାଇଡ୍‌ଲାଇନକୁ ମାନନ୍ତୁ। ନଚେତ ପରିସ୍ଥିତି କୁଆଡ଼େ ଯିବ କେହି କହିପାରିବେ ନାହିଁ। ଅତ୍ୟାବଶ୍ୟକ ଜିନିଷ କିଣିବାକୁ ଲୋକମାନଙ୍କୁ ୫ ଘଣ୍ଟା ସମୟ ଦିଆଯାଇଛି, ସେହି ସମୟର ଅପବ୍ୟବହାର କରନ୍ତୁ ନାହିଁ। ଟିକା ପାଇଁ ଯେଉଁ ସମୟ ଦିଆଯାଇଛି ସେହି ସମୟରେ ଆସିବା ଉଚିତ। ବହୁ ଆଗରୁ ଆସି ଧାଡ଼ିବାନ୍ଧି ଛିଡ଼ା ହେବାର ଆବଶ୍ୟକତା ନାହିଁ। ପ୍ରତି ଟିକାକରଣ କେନ୍ଦ୍ରରେ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ପ୍ରଦୀପ୍ତ ଅନୁରୋଧ କରିଛନ୍ତି।

## ୨୦୨୨ ଜୁନ ସୁଦ୍ଧା...

ନୂତନ ପରୀକ୍ଷାନିରୀକ୍ଷା ଏବଂ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ବୃତ୍ତିଗତ ନିର୍ଦ୍ଦେଶାଳୟ ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ୱତନ୍ତ୍ର ବୃତ୍ତିଗତ ନିର୍ଦ୍ଦେଶାଳୟ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ଇପିକଲ୍ ଏବଂ ଶିଳ୍ପ ବିଭାଗ ମାଧ୍ୟମରେ ବାୟୋଟେକ୍ ୟୁନିଟ୍‌ଗୁଡ଼ିକର ପ୍ରୋତ୍ସାହନ ଜାରି ରଖିବାକୁ ସେ କହିଛନ୍ତି। ଏହି ବୈଠକରେ ଯୋଗ ଦେଇ ବିଜ୍ଞାନ ଓ ବୈଷୟିକ ବିଭାଗ ସଚିବ ମନୋଜ ମିଶ୍ର କହିଛନ୍ତି, ଓଡ଼ିଶା ବାୟୋଟେକ୍ ରୁଲ୍ସ-୨୦୧୮ ଅନୁସାରେ ବାୟୋଟେକ୍‌ରେ କାମ କରୁଥିବା ନୂତନ ଅନୁସନ୍ଧାନକାରୀ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ଜମି, ଜମିର କିସମ ପରିବର୍ତ୍ତନ, ଷ୍ଟାମ୍ପ୍ ଡ୍ୟୁଟି, ତାଲିମ, ପୁଞ୍ଜିନିବେଶ, ବ୍ୟାଙ୍କ ଋଣ ଉପରେ ସୁଧ ଆଦି ବିଷୟରେ ବିଭିନ୍ନ ପ୍ରକାର ରିହାତି ଦିଆଯାଉଛି। ବାୟୋଟେକ୍ ଇନ୍‌କୁବେଟରମାନଙ୍କୁ ଅନେକ ସହାୟତା ଦିଆଯିବା ନିମନ୍ତେ ଏମ୍‌ଏସ୍‌ଏମ୍‌ଇ ବିଭାଗର ଫଣ୍ଡ୍ ଅଫ ଫଣ୍ଡସ୍‌ରେ ୧୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଇଡ୍‌କୋ ଅଧ୍ୟକ୍ଷ ସଞ୍ଜୟ ସିଂ କହିଛନ୍ତି, ଭୁବନେଶ୍ୱର ଇନ୍‌ଫୋସିଟି ନିକଟରେ ଇଡ୍‌କୋ ଦ୍ୱାରା ଏକ ଆଧୁନିକ ଜିରୋ ହବ୍ ଇନ୍‌କୁବେସନ୍ ଭବନ ନିର୍ମାଣ କରାଯାଇଛି। ବର୍ତ୍ତମାନ ଇନ୍‌କୁବେସନ ୟୁନିଟ୍ ନିମନ୍ତେ ଏହି ଜିରୋ ହବ୍ ଭବନରୁ ୨୮ ହଜାର ବର୍ଗଫୁଟ ଜାଗା ଦିଆଯାଇପାରିବ। ଉକ୍ତ ୟୁନିଟ୍‌ରେ କୋଭିଡ ଟିକା, ମ୍ୟାଲେରିଆ ସହ ୧୦ ପ୍ରକାର ଟିକା ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ପେଟ୍ରୋଲ ୨୪...

ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୨.୯୦ ଟଙ୍କା, ୯୧.୧୪ ଟଙ୍କା ଏବଂ ୯୭.୩୪ ଟଙ୍କା ରହିଛି। ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୬.୩୫ ଟଙ୍କା, ୮୪.୨୬ ଟଙ୍କା ଏବଂ ୮୮.୪୯ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି। ଗତ ୭ମାସ ମଧ୍ୟରେ ତେଲ ଦର ଅହେତୁକ ଭାବେ ବୃଦ୍ଧି ପାଇ ଦେଶରେ ସର୍ବୋଚ୍ଚ ରେକର୍ଡ କରିଛି। ସେହିଭଳି ବର୍ତ୍ତମାନ ଭାରତର କେତେକ ସହରରେ ପେଟ୍ରୋଲ ଦର ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଉ କିଛି ସହର ୧୦୦ ନିକଟବର୍ତ୍ତୀ ରହିଥିବା ସୂଚନା ମିଳିଛି। ମହାମାରୀ ସମୟରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ତେଲ ଉପରେ ଲାଗୁ କରୁଥିବା ସରକାରୀ ଶୁଳ୍କର ପରିମାଣକୁ ହ୍ରାସ କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ସାଧାରଣ ଜନତା ଓ ଖାଉଟି କିଛି ପରିମାଣରେ ଉପକୃତ ହୋଇପାରନ୍ତେ ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

# ଜୀବଜନ୍ତୁଙ୍କୁ ସଂକ୍ରମଣ ଆଶଙ୍କା

### ସତର୍କ କଲା ଜଙ୍ଗଲ ମନ୍ତ୍ରଣାଳୟ

ଭୁବନେଶ୍ୱର, ୬।୫(ବ୍ୟୁରୋ)

କେବଳ ମଣିଷ ନୁହେଁ, ଜୀବଜନ୍ତୁ ମଧ କରୋନାରେ ସଂକ୍ରମିତ ହେଲେଣି। ନିକଟରେ ହାଇଦ୍ରାବାଦର ଏକ ଚିଡ଼ିଆଖାନାରେ ୮ ସିଂହ ଆକ୍ରାନ୍ତ ହେବା ପରେ ବନ ବିଭାଗ ତତ୍ପରତା ଦେଖାଇଛି। ମଣିଷ ଓ ପଶୁଙ୍କ ମଧ୍ୟରେ ସଂକ୍ରମଣ ଚେନ୍ ରୋକିବା ପାଇଁ ସବୁ ରାଜ୍ୟ ପିସିସିଏଫ୍‌ଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଆଡ୍‌ଭାଇଜରି ମାଧ୍ୟମରେ ସତର୍କ କରାଯାଇଛି। ତୁରନ୍ତ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ବନ୍ଦ କରାଯାଉ। ଡ୍ୟୁଟି ପୂର୍ବରୁ କର୍ମଚାରୀଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ୍ ସୁନିଶ୍ଚିତ କରାଯାଉ। ଏସବୁ ଅଞ୍ଚଳରେ ଲୋକଙ୍କ ଆତଯାତ ଉପରେ କଟକଣା ଲଗାଇବା ସହ ସ୍ଥିତିର ପରିଚାଳନା ପାଇଁ ଟାସ୍କ ଫୋର୍ସ ଗଠନ କରିବା ପାଇଁ ଆଡ୍‌ଭାଇଜରିରେ କୁହାଯାଇଛି। ଏହି ଆଧାରରେ ଓଡ଼ିଶା ସରକାର ମଧ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ଆସିଥିବା ଚିଠି ଆଧାରରେ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଓ ରାଜ୍ୟରେ ସମସ୍ତ ସତର୍କତା ଅବଲମ୍ବନ କରାଯାଉଥିବା ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ କହିଛନ୍ତି। ରାଜ୍ୟର ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନରେ ଥିବା ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ମେ' ୧୫ ଯାଏ ବନ୍ଦ ଥିବା ନନ୍ଦନକାନନ ଆଗକୁ ମଧ ବନ୍ଦ ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି।

ସେହିପରି କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ(ସିଜେଡ୍‌ଏ) ମଧ ନିର୍ଦ୍ଦେଶନାମା ଜାରି କରିଛି। ଜୀବଜନ୍ତୁଙ୍କ ଏନ୍‌କ୍ଲୋଜରରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ଆର୍‌ଟି-ପିସିଆର ଟେଷ୍ଟ ଉପରେ ଗୁରୁତ୍ୱ ଦିଆଯାଇଛି। ଜୀବଜନ୍ତୁଙ୍କ ଦେଖାରଖା କରୁଥିବା କର୍ମଚାରୀଙ୍କ ପାଇଁ ଉନ୍ନତମାନର ପିପିଇ କିଟ୍ ଓ ଜୀବଜନ୍ତୁଙ୍କ ସହ ସଂସ୍ପର୍ଶକୁ ଏଡ଼ାଇବା ପାଇଁ ୨ ମିଟର ସାମାଜିକ ଦୂରତା ବଜାୟ ରଖିବା ପାଇଁ କୁହାଯାଇଛି। ସେହିଭଳି ବନ ମାଂସାଶୀ ପ୍ରାଣୀଙ୍କ ପାଇଁ କୋଭିଡ୍ ଟେଷ୍ଟ ମଧ ପ୍ରସ୍ତାବ ଦିଆଯାଇଛି। ସେପଟେ ପରିବେଶ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ, ଚିଡ଼ିଆଖାନାର ସମସ୍ତ ଜନ୍ତୁଙ୍କ ଉପରେ ନଜର ରଖିବା ସହିତ କେୟାର ଟେକରଙ୍କ ବ୍ୟତୀତ ଅନ୍ୟ କାହାକୁ ଜନ୍ତୁଙ୍କ ନିକଟକୁ ଛଡ଼ା ଯାଉ ନ ଥିବା ଏବଂ ଚିଡ଼ିଆଖାନା ଓ ଇକୋ ଟୁରିଜମ ସ୍ଥଳକୁ ପର୍ଯ୍ୟଟକଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ତେବେ ଏ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ସ୍ଥାନରେ ଜୀବଜନ୍ତୁଙ୍କ ଶରୀରରେ କରୋନାର ଲକ୍ଷଣ ଦେଖାଯାଇ ନ ଥିବା ଆଶ୍ୱସ୍ତିକର ବିଷୟ ବୋଲି ପିସିସିଏଫ୍ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର କର୍ମକ୍ଷେତ୍ରରେ ବ୍ୟସ୍ତ ବିବ୍ରତ ମଧ୍ୟରେ ସମୟକୁ ଗଡ଼ାଇନେବେ। ଯାତ୍ରା, ବ୍ୟବସାୟ, ବାଣିଜ୍ୟ, ପରିବହନ, ସଂଗଠନ ରାଜନୀତି ପାଇଁ ଦିନଟି ବହୁତ ଭଲ। କେତେକ ବ୍ୟତିକ୍ରମ ଲାଗି ରହିବା କାରଣରୁ ଟେନ୍ସନ ପିଛା ଛାଡିବ ନାହିଁ। ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ, କିନ୍ତୁ ପାରିବେ ନାହିଁ।

**ବୃଷ** – ସାମୂହିକ କାମରେ ବନ୍ଧୁମାନଙ୍କ ପ୍ରଶଂସାସୂଚକ ବାକ୍ୟ ଆପଣଙ୍କୁ ଭାବ ବିଭୋର କରାଇବ। ପରିବାରରେ ପିଲାମାନଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ। ଅବୁଝା ବ୍ୟକ୍ତିଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପ୍ରଶଂସିତ ହେବେ।

**ମିଥୁନ** – ଅନ୍ୟକୁ ଆପଣାର କରିବାକୁ ଯାଇ ଖର୍ଚ୍ଚକୁ ନ ଡରି କାମ କରିବେ। ଟିକିଏ ହସ ମିଶ୍ରିତ ମଧୁର କଥା ସକାଶେ ଲକ୍ଷ୍ୟହୀନ ଭ୍ରମଣ ମଧ କରିପାରନ୍ତି। ପରିବାରରେ ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ମିଳିବାର ଆଶା କରାଯାଇପାରେ। ଅକସ୍ମାତ୍ ମଧ୍ୟାହ୍ନରେ ବନ୍ଧୁମାନଙ୍କଠାରୁ ଖୁସୀ ଖବର ମିଳିବ।

**କର୍କଟ** – ଆଜି କର୍ମକ୍ଷେତ୍ରରେ ସ୍ୱଇଚ୍ଛାରେ ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନେଇ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯିବାର ସୂଚନା ରହିଛି। ଆର୍ଥିକ ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ।

**ସିଂହ** – ସ୍ୱାସ୍ଥ୍ୟହାନିଜନିତ ସାମୟିକ ମନ ମାନ୍ଦା ରହିଲେ ମଧ ବନ୍ଧୁଙ୍କ ଆଶ୍ୱାସନାରୁ ମନ ବଦଳିଯିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ସମ୍ପର୍କୀୟଙ୍କଠାରୁ ଆବଶ୍ୟକତାଠାରୁ ଅଧିକ ଟଙ୍କା ପାଇ ଖୁସି ହେବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା** – ବନ୍ଧୁମାନଙ୍କ ଗହଣରେ ଖୁସୀରେ ସମୟ କଟାଇବେ ଓ ଖାଇବାକୁ ମଧ ଭଲ ମିଳିବ। କର୍ମକ୍ଷେତ୍ରରେ ଚାଲାକ୍ କାମ କରି ଆକସ୍ମିକ ଭାବେ ନୂତନ ସମସ୍ୟାକୁ ମଧ ସୁଧାରି ନେବେ। ପୁରାତନ ଗାଡ଼ିଟି ବିକ୍ରି ହୋଇଯିବା ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇ ପାରନ୍ତି। ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ତୁଳା** – ଅସୁବିଧାକୁ ମନ ଭିତରେ ବାନ୍ଧି ରଖିଲେ କେବଳ ମାନସିକ କଷ୍ଟ ପାଇବା ବ୍ୟତୀତ କିଛି ଲାଭ ହେବନି। ଏଣେ ଘର କାମରେ ମନ ଲାଗିବ ନାହିଁ ତେଣେ ଖେଳି, ବୁଲି ସମୟ ନଷ୍ଟ କରିବେ। ପାରିବାରିକ ଜୀବନ, ରାଜନୈତିକ ସ୍ଥିତି ଓ ଆନୁଷ୍ଠାନିକ କାମରେ ପ୍ରଗତି ହେତୁ ସାମୟିକ ଖୁସି ରହିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢି ବଢି ଯାଇପାରେ।

**ବିଛା** – ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ କ୍ଷତିରେ ପଡିବେ। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ସାଲିସ୍ କରି ଚଳିବା ଠିକ୍ ହେବ। ବ୍ୟବସାୟ ଓ ବାଣିଜ୍ୟରେ ଆୟ ବହୁମୁଖୀ ହେବ କିନ୍ତୁ ଖର୍ଚ୍ଚ ମଧ କିଛି କମିବାର ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜୀବୀମାନଙ୍କ ପ୍ରଶଂସାଭାଜନ ହେବେ ।

**ଧନୁ** – ଅସଂଯମ ଜୀବନଚର୍ଯ୍ୟାରୁ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ବ୍ୟସ୍ତ ନ ହୋଇ ଆକସ୍ମିକ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସତର୍କରେ କାମ କରିବା ଭଲ। ହଜି ଯାଇଥିବା ବନ୍ଧୁଙ୍କ ଖୋଜ ଖବର ପାଇପାରନ୍ତି।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ସାମନା କରି ଆଶା ପୂରଣ କରିପାରିବେ। ସତ୍‌ସଙ୍ଗ, ସଭାସମିତିରେ ବକ୍ତୃତା, ପ୍ରବଚନ, ଆନୁଷ୍ଠାନିକ କାମରେ ତଥା ପ୍ରତିଯୋଗିତାରେ ସଫଳ ହେବେ। ପ୍ରତିକୂଳ ପରିସ୍ଥିତିରେ ମଧ ନିର୍ବିଘ୍ନରେ କାମ କରି ଚାଲନ୍ତୁ କିଛି ଅସୁବିଧା ହେବ ନାହିଁ। ଆଜିର ଯାତ୍ରାରେ ସମ୍ପର୍କୀୟ କିମ୍ବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**କୁମ୍ଭ** – ଆଜି ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ମିଳିବ। କିନ୍ତୁ ସତର୍କରେ ନ ଚଳିଲେ ବିଭିନ୍ନ ପ୍ରକାର ସମସ୍ୟାର ସାମନା କରିବାକୁ ପଡିପାରେ। ସାୟାହ୍ନେ ହଠାତ୍ ଜନଗହଳିପୂର୍ଣ୍ଣ ପରିବେଶରେ ସାଧାରଣ କଥାରେ କଳହର ଆଶଙ୍କା ରହିଛି। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** – ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ଆଲୋଚନା ସମାଲୋଚନା, ବିତର୍କ, ପ୍ରଶାସନ, ରାଜନୀତି, ସଂଗଠନ କ୍ଷେତ୍ରରୁ ସୁଫଳ ମିଳିବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖା ଦେଇପାରେ। ଘରର ବରାଦ ଅନୁସାରେ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ବୈଶାଖ କୃଷ୍ଣପକ୍ଷର ସର୍ବସମ୍ମତ ବରୁଥିନୀ ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର, ମଇ ୭ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୨.୨୬ମି. ଗତେ ଉତ୍ତରଭାଦ୍ରବ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୮ମି. ଗତେ ଘ.୦୬.୦୯ମି. ମଧ୍ୟେ, ଘ.୦୭.୦୦ମି. ଗତେ ଘ.୦୯.୩୪ମି. ମଧ୍ୟେ, ଘ.୧୨.୦୯ମି. ଗତେ ଘ.୦୯.୪୪ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୬ମି. ଗତେ ଘ.୦୯.୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୦୭ମି. ଗତେ ଘ.୧୧.୪୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836

**Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363.** D-70449

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952.** D-70831




100 sqft. ground floor space available for ATM or Office in Badashankha Square Puri town . Contact. 7978097047. D-20641




Newly open Spa Offer @599/-, positively health benefits, Jaydevbihar. 7846814019. D-59990

New Opening Saikrupa Panchakarma and Spa Joint Pain, Fullbody Massage. 8984068077. D-65917

Ayurvedic full body massage by experienced (M/F) therapist. 8018656899, 7008773793. D-59989

**LOST**

ପଟ୍ଟା ହଜିଛି- ଆମ୍ଭେ ଶ୍ରୀ ସୁବ୍ରତ କୁମାର ବଳବନ୍ତରାୟ (୪୪ବର୍ଷ), ପିତା- କୈଳାସ ବଳବନ୍ତରାୟ, ସା- ଗୋପ, ପୋଷ୍ଟ/ ଥାନା/ ଜିଲ୍ଲା- କେନ୍ଦ୍ରାପଡ଼ା ୦୫।୦୫।୨୦୨୧ରେ କେନ୍ଦ୍ରାପଡ଼ା ନୋଟାରି ପବ୍ଲିକ୍‌ରେ ସତ୍ୟପାଠ ଦ୍ୱାରା ଜଣାଉଅଛୁ କି ବିଷ୍ଣୁଚରଣ ସାହୁ, ପି- ମାଗୁଣି ଚରଣ ସାହୁଙ୍କ ନାମରେ ଥିବା ଗୋପସ୍ଥିତ ଖାତା ନଂ.-୨୫୦/୨୮୨, ରକବା- ଏ୦.୧୨ ଡି. ୫ କଡିର ଜମିପଟ୍ଟା ଗତ ୪ ତାରିଖରେ ହଜିଯାଇଛି। ଏସମ୍ପର୍କରେ ଥାନାରେ ୫ତାରିଖରେ ଏକ ଅଭିଯୋଗପତ୍ର ଦିଆଯାଇଛି। ସହୃଦୟ ବ୍ୟକ୍ତି ଏହି ପଟ୍ଟା ପାଇଥିଲେ, ସୁବ୍ରତଙ୍କ ମୋବାଇଲ ନଂ.- ୭୯୭୮୦୪୧୭୮୧କୁ ଜଣାଇବାକୁ ଅନୁରୋଧ। ଧ-୨୦୬୬୮

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Original General Power of Attorney No.- 992 Dt. 01.08.2006 of Sub Registrar, Bhubaneswar, sale deed No.- 4712 Dt 01.11.2006 of Sub Registrar Puri and sale deed No.- 294 Dt. 22.01.2007 of Sub Registrar, Puri which are the link documents of Jyoti Infrastructure Pvt. Ltd, Sipasurubali, Puri has been lost. If anybody found the above documents kindly return to Plot No.- N-2/25, Nayapalli, IRC Village, Bhubaneswar- 751015. Ph- 9999032790 D- 20672

**AFFIDAVIT**

An affidavit before Court of the Executive Magistrate. BBSR I, Sanjukta Jena age 39 changed my name after marriage of Sri Satya Narayan Pattnaik. Henceforth I shall be known as Sanjukta Pattanaik for all purpose. D-70922

By virtue of an affidavit sworn before the Executive Magistrate, Khaira on dt. 27.04.21 I, Sri Rakesh Kumar Majhi, S/o- Bhagabat Prasad Majhi, At/Po- Makhanpur, PS.- Khaira, Dist.- Balasore have changed my surname from "Majhi" to "Das". Henceforth I shall be known as Rakesh Kumar Das instead of Rakesh Kumar Majhi in future for all purposes. D-20761

**ଗୃହ ବିଜ୍ଞାନରେ ପିଏଚ୍‌ଡି**



ଗବେଷିକା ପାର୍ବତୀ ଟୁଡୁ, ଅତିଥି ଅଧ୍ୟାପକ, ଏସ୍.ଏମ୍. ସରକାରୀ ମହିଳା ମହାବିଦ୍ୟାଳୟ, ଫୁଲବାଣୀ, କନ୍ଧମାଳ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଗୃହ ବିଜ୍ଞାନରେ ପିଏଚ୍.ଡି ଡିଗ୍ରୀ ହାସଲ କରିଛନ୍ତି। ସେ Dr. Ratna Sahu, Ex Faculty, P.G.Dept. of Home Science, Berhampur Universityଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "The Role of National Rural Employment Guarantee Scheme in Alleviation of Poverty and income Generation for Families in Ganjam District of Odisha" ଶୀର୍ଷକ ନିବନ୍ଧ ଉପରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣା ନିବନ୍ଧ Dr. Aruna Palta, Principal, Dr. Radhabai Government Naveen Kanya Mahavidyalay, Mathpara, Raipur, Chhattisgarh and Dr. Sangita Deodiya, Associate Professor & Head, Dept. of Home Science, Vasant Kanya Mahavidyalay, Kamacha, Varanasi, UPଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଗବେଷିକା ପାର୍ବତୀ ଟୁଡୁ ବୁରୁପାଲାସ, ପୋଷ୍ଟ- ବଡ଼ପାଲସା, ଥାନା- ତିରିଙ୍ଗ, ଜିଲ୍ଲା- ମୟୂରଭଞ୍ଜ ନିବାସୀ ପିତା- ସ୍ୱର୍ଗତ ଭୀମ ଚରଣ ଟୁଡୁ ( S.E. Railway, Khadagpur) ମାତା ସାଲଗେ ଟୁଡୁଙ୍କ କନ୍ୟା ଅଟନ୍ତି। ଗବେଷିକା ପାର୍ବତୀ ତାଙ୍କର ଏହି ଶୈକ୍ଷିକ ସଫଳତାର ଶ୍ରେୟ ପିତା ସ୍ୱର୍ଗତ ଭୀମ ଚରଣ, ମାତା ସାଲଗେ, ଭିଣୋଇ କୋଟଗଡ଼ ବିଡିଓ କୈଳାସ ଚନ୍ଦ୍ର ମୁର୍ମୁ (ଓ.ଏ.ଏସ୍), ଭଉଣୀ ସନ୍ଧ୍ୟାରାଣୀ ଟୁଡୁମୁର୍ମୁ ଏବଂ ଭାଇ ଠାକୁରଦାସ ଟୁଡୁ ତଥା ସାଙ୍ଗସାଥିଙ୍କୁ ଦେଇଛନ୍ତି। ଧ-୨୦୬୬୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଉତ୍କଳୀୟ ଐତିହ୍ୟର ଏକ ବିସ୍ମୃତ ବିଭୂତି

**ମନୋଜ ଦାସ**

ବର୍ଷ ପରେ ବର୍ଷ ଓଡ଼ିଶାର ଜନସାଧାରଣ ତଥା ପ୍ରବାସୀ ଓଡ଼ିଆମାନେ ଭାରତବର୍ଷର ବିଭିନ୍ନ ସହର, ନଗରରେ ତଥା ଦେଶ ବାହାରେ ମଧ୍ୟ ଉତ୍କଳ ଦିବସ ପାଳନ କରିଆସୁଛନ୍ତି। ଏଭଳି ସମାବେଶରେ ସାଂସ୍କୃତିକ, ସାମାଜିକ ଏବଂ ମନସ୍ତାତ୍ତ୍ୱିକ ଗୁରୁତ୍ୱ ପ୍ରଭୂତ, କହିବାବାହୁଲ୍ୟ। ବର୍ଷ ପରେ ବର୍ଷ ଆମେ ପ୍ରାଚୀନ ଉତ୍କଳର ଐତିହ୍ୟ, ଉତ୍କଳୀୟତାର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ଅନନ୍ୟତା ଉପରେ ଆଲୋଚନା କରୁ। ଅବଶ୍ୟ ଭାରତୀୟ ଭୂଖଣ୍ଡର ପ୍ରତ୍ୟେକ ମୁଲକର ନିଜସ୍ୱ ଐତିହ୍ୟ ରହିଛି ଏବଂ ସେସବୁର ସ୍ମୃତି ଅତୀବ ମୂଲ୍ୟବାନ୍, ଆମ ଜ୍ଞାନ-ଗନ୍ତାଘର ପାଇଁ ସେସବୁ ଅମ୍ଳାନ ଐଶ୍ୱର୍ଯ୍ୟ। କିନ୍ତୁ ଆଜିର କ୍ରମାଗତ ପରିବର୍ତ୍ତନରତ ସାମୂହିକ ଜୀବନଶୈଳୀ ଉପରେ ସେସବୁର ପ୍ରଭାବିତ କରିବାକୁ ସକ୍ଷମ, ତାହା ଏକ ବିଶେଷ ପ୍ରାସଙ୍ଗିକ ପ୍ରଶ୍ନ ବୋଲି ଆଶା କରେ। ଆପଣମାନେ ସହମତ ହେବେ।

କ୍ରମାଗତ ପରିବର୍ତ୍ତନରତ ଅଭିବ୍ୟକ୍ତିଟି ମୁଁ ଯଥେଷ୍ଟ ସଚେତନ ଭାବେ ବ୍ୟବହାର କରିଛି। ତେବେ ସମୟର ସ୍ୱଳ୍ପତା ଦୃଷ୍ଟିରୁ ସେ କ୍ରମାଗତ ପରିବର୍ତ୍ତନରତ ଜୀବନଶୈଳୀ ପ୍ରସଙ୍ଗ ଆପାତତଃ ମୁଲତବୀ ରହୁ; ଧ୍ୟାନ ଦିଆଯାଉ ଆମ ସମସାମୟିକ ଚିନ୍ତା ଓ ଚେତନା ଉପରେ। ଆମ ଚିନ୍ତାର ବହୁ ସ୍ତର ରହିଛି। ସାଧାରଣ ଭାବରେ ଦେଖିଲେ ଅନ୍ତତଃ ଦୁଇଟି ସ୍ତର ନିୟତ ସକ୍ରିୟ। ପ୍ରଥମଟି ସଚେତନ ସ୍ତର- ଯାହା ଆମର ଆଶୁ ପରିସ୍ଥିତି, ଆଶୁ ସମସ୍ୟା, ତୁରନ୍ତ କରଣୀୟ କର୍ମ ଉପରେ ପର୍ଯ୍ୟବସିତ। ଦ୍ୱିତୀୟଟି ଅବଚେତନ ସ୍ତର- ଯାହା ଆଉ ବା ଆଜିର କୌଣସି ଘଟଣା ଉପରେ ପର୍ଯ୍ୟବସିତ ନ ହେଲେ ମଧ୍ୟ ସମସାମୟିକ ପରିସ୍ଥିତି-ସମ୍ଭୂତ। ଦୃଷ୍ଟାନ୍ତ: ପର୍ଯ୍ୟାବରଣଗତ ସଂକଟ, ପ୍ରଦୂଷଣ, ଆତଙ୍କବାଦ, ଦୁର୍ନୀତି, ସାଂପ୍ରଦାୟିକ ବିସମ୍ବାଦ, ପୁତ୍ରକନ୍ୟାଙ୍କ ନିରାପତ୍ତା ଏବଂ ଏମନ୍ତ ବହୁତ ବହୁତ ବ୍ୟାପାରରେ ଭାବନା ତରଙ୍ଗ। ଏହି ମୁହୂର୍ତ୍ତରେ ଆପଣଙ୍କ ପାଇଁ କୌଣସି ଆପଦର କାରଣ ନହେଲେ ମଧ୍ୟ ଆପଣଙ୍କ ଅବଚେତନରେ ଏସବୁ ଏକ ବିମର୍ଶକର ପରିସ୍ଥିତି।

ସାଂପ୍ରତିକ ନିର୍ଭରଯୋଗ୍ୟ ଗବେଷଣା ସାବ୍ୟସ୍ତ କରୁଛି ଭାରତବର୍ଷରେ ବିଷାଦଗ୍ରସ୍ତ ନରନାରୀଙ୍କ ସଂଖ୍ୟା ଅତ୍ୟଧିକ। ଏହା ଅପ୍ରତ୍ୟାଶିତ ତଥା ବାସ୍ତବିକ ଦୁର୍ଭାଗ୍ୟଜନକ। ଏହି ଭାରତରେ ଦିନେ ବିଷାଦ ଏବଂ ତା'ର ନିରାକରଣ ଉପରେ ସର୍ବପ୍ରଥମ ଆଲୋକପାତ ସମ୍ଭବପର ହୋଇଥିଲା। ପୃଥିବୀର ଇତିହାସରେ ସେଭଳି ଦ୍ୱିତୀୟ ଦୃଷ୍ଟାନ୍ତ ନାହିଁ। କେଉଁ ଘଟଣାଟି ମୁଁ ଆପଣମାନଙ୍କୁ ସ୍ମରଣ କରାଇଦେବାକୁ ଚାହୁଁଛି, ଆପଣମାନେ ଅବଶ୍ୟ ଅନୁମାନ କରିପାରୁଥିବେ। ଘୋର ବିଷାଦରେ ଅର୍ଜୁନଙ୍କ ନିମଜ୍ଜନ ଏବଂ ଶ୍ରୀକୃଷ୍ଣଙ୍କ ଉପଦେଶ ଓ ଆଶୀର୍ବାଦ ଯୋଗେ ତହିଁରୁ ତାଙ୍କର ଉତ୍ତରଣ। ସେ କାଳଜୟୀ ସଂଳାପରୁ ଉଦ୍‌ଗତ ହୋଇଥିଲା ଯୁଗ ଯୁଗ ଧରି ଅଭୀପ୍ସୁ ମାନବାତ୍ମାକୁ ଦିଗ୍‌ଦର୍ଶନ ଦେଇ ଆସୁଥିବା ସତ୍ୟର ଏକ ସ୍ତବକ। ସେ ସ୍ତବକରୁ ଅନ୍ୟତମ ଏବଂ ପ୍ରାୟ ଦୁଃଶାସନ-ଶକୁନି ଶିବିରର ବିକଟ ଉତ୍ସାହର ଉତ୍ସ ଯେପରି ଅହଂ, ସେମାନଙ୍କୁ ଦମନ କରିବା ଦିଗରେ ଅର୍ଜୁନଙ୍କ ହତୋତ୍ସାହର ଉତ୍ସ ମଧ୍ୟ ସେହିପରି ଅହଂ।

ଆମ ଅନ୍ଧ ଅଜ୍ଞାନତାର ସକ୍ରିୟ ପରିପ୍ରକାଶ ହେଲା ଅହଂ। ବହୁବିଧ ଛଦ୍ମରୂପରେ ତାହା ଆମକୁ କବଳିତ କରିଥାଏ। ଯେଉଁ ଅଚିନ୍ତ୍ୟ, ଅନନ୍ୟ ମହାଶକ୍ତି ଏ ସମଗ୍ର ସୃଷ୍ଟିର ପ୍ରଯୋଜକ, ଯାହାର ସଂକଳ୍ପ ହିଁ ଏକଦା ନିଶ୍ଚେତନ ଏ ଧରିତ୍ରୀ ପୃଷ୍ଠରେ ଚେତନା ରୋପଣ କରି ତା'ର କ୍ରମବିକାଶ କରିଚାଲିଛି , ତାହା ସହ ସଂପର୍କଚ୍ୟୁତି ହିଁ ତା'ର ବିକଳ୍ପ ରୂପେ ଆମ ଭିତରେ



ପଣ୍ଡିଚେରୀରେ ଆଶ୍ରମର ଅନ୍ତେବାସୀମାନଙ୍କୁ ଶ୍ରୀଅରବିନ୍ଦଙ୍କ ଦର୍ଶନ ସମ୍ପର୍କରେ ଉଦ୍‌ବୋଧନ ଦେଉଛନ୍ତି।

ଅହଂର ଆତ୍ମ ପ୍ରତିଷ୍ଠାର ରହସ୍ୟ। ଆମ ଅବଚେତନକୁ ଭାରାକ୍ରାନ୍ତ କରି ରଖିଥିବା ଯେତେଗୁଡ଼ିଏ ଦୁର୍ଯୋଗର ଉଲ୍ଲେଖ କରୁଥିଲି, ସେସବୁର ପଶ୍ଚାତ୍‌ରେ ହେତୁ ରୂପେ ବିଦ୍ୟମାନ ବ୍ୟକ୍ତିଗତ ତଥା ସାମୂହିକ ଅହଂର ନାନାଦି ଉପଦ୍ରବ: ସ୍ୱାର୍ଥପରତା, ନିର୍ଦ୍ଦୟତା, ଧର୍ମାନ୍ଧତା, ଅଳୀକ କ୍ଷମତାଲିପ୍ସା ଇତ୍ୟାଦି। ବ୍ୟାପକ ଇତିହାସ କଥା ଦୂରେଇ ରଖନ୍ତୁ, ଆମରି ଜୀବଦ୍ଦଶାରେ ଏଭଳି ମୂଢ଼ତାର କେତେ ଇମାରତ୍ ଧସି ପଡ଼ିବାର ସାକ୍ଷୀ ଆମେ। ସାମ୍ରାଜ୍ୟବାଦଠୁ ରାଜତନ୍ତ୍ର ଓ ସାମନ୍ତବାଦ, ଅନ୍ତତଃ ଅର୍ଦ୍ଧେକ ଧରାକୁ ସରା ମଣି ତାକୁ ନିଜ ସାମ୍ରାଜ୍ୟ ବନାଇବାର ସ୍ୱପ୍ନମତ୍ତ ହିଟଲରଠୁ ଷ୍ଟାଲିନ ବା ମାଓ, ପୁଣି ଅପେକ୍ଷାକୃତ କ୍ଷୁଦ୍ର କ୍ଷେତ୍ରରେ ଅମାପ ବିତ୍ତପତି ବା ରାଜନୈତିକ କ୍ଷମତାଶାଳୀର 'ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର' ବନିବାର ଅସଂଖ୍ୟ ଦୃଷ୍ଟାନ୍ତ ଆମ ସ୍ମୃତିରେ ଜୀବନ୍ତ। ତଥାପି ଆମେ ଆମ ଜୀବନରେ – ବ୍ୟକ୍ତିଗତ ମଣିଷ ରୂପେ ବା ଗୋଷ୍ଠୀଗତ ଭାବେ– ଅହଂର ଭୂମିକା ସମ୍ପର୍କରେ ସଚେତନ ନୋହୁଁ। ଅନ୍ତତଃ ଆମ ଆଚରଣରେ ପରିବର୍ତ୍ତନର ଲକ୍ଷଣ ଅତୀବ ମନ୍ଥର।

ମହାକାଳର ଧୈର୍ଯ୍ୟ ଅବଶ୍ୟ ଅସୀମ। ଆମ ମୋହମୁକ୍ତି ଦିଗରେ ତା'ର ଚେଷ୍ଟା ଅବ୍ୟାହତ ରହିଛି। ଦିନେ ନା ଦିନେ – କେତେ ପୁରୁଷ ପରେ କହିବା ସମ୍ଭବପର ନୁହେଁ– ଆମେ ଅହଂର କାରାଗାରରୁ ଅବଶ୍ୟ ମୁକ୍ତ ହେବା।

କିନ୍ତୁ ବିସ୍ମୟକର କଥା, ଅହଂମୁକ୍ତି ଦିଗରେ ବ୍ୟାକୁଳତା ଓଡ଼ିଶାର ଐତିହ୍ୟର ଏକ ଅନନ୍ୟ ତତ୍ତ୍ୱ। ଦୀର୍ଘ ପ୍ରୟାସ, ସନ୍ଧାନ ଓ ସାଧନା ଅନ୍ତେ ଦିଅଁ ପ୍ରତିଷ୍ଠା କରିବାକୁ ସକ୍ଷମ ହେଲେ ରହସ୍ୟମୟ ନରପତି ଇନ୍ଦ୍ରଦ୍ୟୁମ୍ନ। ତା'ପରେ ଦିଅଁଙ୍କ ପାଖରେ ତାଙ୍କର ପ୍ରଥମ ଓ ଶେଷ ପ୍ରାର୍ଥନା: ସେ ସ୍ୱୟଂ ବିସ୍ମୃତ ହେବା ସଙ୍ଗେ ସଙ୍ଗେ ତାଙ୍କ କୃତୀ ସକାଶେ ଗର୍ବ କରିବା ନିମନ୍ତେ, ଅର୍ଥାତ୍ ସେଥିରୁ ଉପକୃତ ହେବା ନିମନ୍ତେ ତାଙ୍କର କେହି ଉତ୍ତରାଧିକାରୀ ଯେପରି ବର୍ତ୍ତି ନ ରହୁ।

ପୃଥିବୀ କିମ୍ବଦନ୍ତୀର ଇତିହାସରେ ଏହାର ତୁଳନୀୟ କିମ୍ବଦନ୍ତୀଟିଏ ନାହିଁ। କିମ୍ବଦନ୍ତୀଟିଏ ତଥ୍ୟ କି ନୁହେଁ ତାହା ଏକ ଭିନ୍ନ ସ୍ତରର ବିଚାର। କିମ୍ବଦନ୍ତୀ ମୂଲ୍ୟବାନ୍ ଯେହେତୁ ସେଥିରେ ପ୍ରାୟତଃ ସନ୍ନିବିଷ୍ଟ ଥାଏ ଏକ ବିଶେଷ ଯୁଗ ଓ ସମୟର ପରିପ୍ରେକ୍ଷୀରେ ଗୋଟିଏ ଜାତିର ମାନସିକତାର ତଥା ତା'ର ଜୀବନ ଦର୍ଶନର ଏକ ଝଲକ। ମନେହୁଏ ଏକଦା କଳିଙ୍ଗ, ପୁଣି ଓଡ୍ର ଉତ୍କଳ ଭାବେ ବିଦିତ ମୁଲକର ସାମୂହିକ ମାନସିକତାରେ ନିଜକୁ ପ୍ରଚ୍ଛନ୍ନ ରଖିବାର ଏହି ମାନସିକତା ବହୁ କାଳ ଧରି ଅବ୍ୟାହତ ଥିଲା। ଆସନ୍ତୁ, ଆମ କଳ୍ପନାର ଆଲୋକରେ ଦେଖିବା ପ୍ରାୟ ଦୁଇ ହଜାର ବର୍ଷ ତଳର କେତୋଟି ଲୋମହର୍ଷକ ଓ ମର୍ମନ୍ତୁଦ ଦୃଶ୍ୟ: ମଗଧର ଉଚ୍ଚାଭିଳାଷୀ ଯୁବକ ନରପତି ଅଶୋକ କଳିଙ୍ଗ ଆକ୍ରମଣ କଲେ, ହେଲା ଭୟାବହ ଯୁଦ୍ଧ। କଳିଙ୍ଗବାସୀ ପ୍ରସ୍ତୁତ ନଥିଲେ, କାରଣ ଇତିହାସ ବା ଲୋକକଥାରେ ପ୍ରାଚୀନ କଳିଙ୍ଗ ଅନ୍ୟ ଯେ କୌଣସି ରାଜ୍ୟ ଆକ୍ରମଣ କରିବାର ଅଭ୍ୟାସ ମିଳେନାହିଁ। ସେ ବାଣିଜ୍ୟ ଅବସରରେ କେବଳ ନିଜର ସାଂସ୍କୃତିକ ପ୍ରଭାବ ବିସ୍ତାର କରୁଥିଲା ଦେଶ ଦେଶାନ୍ତର, ଦ୍ୱୀପ ଦ୍ୱୀପାନ୍ତରରେ। ଅତଏବ ମଗଧର ତାଲିମପ୍ରାପ୍ତ ସେନା ଓ ନିର୍ମମ ସେନାପତିମାନଙ୍କ ସହ ସେମାନେ ଆତ୍ମରକ୍ଷା ସକାଳେ ହିଁ ଲଢିଥିଲେ। ତଥାପି ଆକ୍ରମଣକାରୀ ଅଶୋକ ସେଭଳି ପ୍ରଚଣ୍ଡ ପ୍ରତିରୋଧ ସାମ୍ନା କରିବେ ବୋଲି କଦାପି କଳ୍ପନା କରି ନ ଥିଲେ। ସେଇଥି ସକାଶେ ହିଁ ତାଙ୍କ ବିସ୍ମୟ, ସେଇଥି ସକାଶେ ହିଁ ତାଙ୍କ ଆତ୍ମ-ସମୀକ୍ଷା ଓ ଅନୁତାପ। କିନ୍ତୁ ଆକ୍ରାନ୍ତ ରାଜ୍ୟ କଳିଙ୍ଗ ବିଧିବଦ୍ଧ ସଙ୍ଗଠିତ ନ ଥିଲେ ଶତ୍ରୁ ଅକ୍ଳେଶରେ ସେ ରାଜ୍ୟକୁ ଆପଣା ସାମ୍ରାଜ୍ୟର ଅଂଶ ବନାଇ, ଶାସନ ନିମନ୍ତେ ନିଜ ପ୍ରତିନିଧିଟିଏ ବସାଇଦେଇ ଲୁଣ୍ଠିତ ଧନରତ୍ନ ଧରି ନିଜ ପ୍ରତିନିଧିଟିଏ ବସାଇଦେଇ ଲୁଣ୍ଠିତ ଧନରତ୍ନ ଧରି ନିଜ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତା। ଭୀଷଣ ସମରର ଆବଶ୍ୟକତା ପଡି ନ ଥାଆନ୍ତା।

ଅତଏବ, ତତ୍କାଳୀନ କଳିଙ୍ଗ ଶତ୍ରୁକୁ ସାମ୍ନା କରିବା ଦିଗରେ ବେଶ ସଙ୍ଗଠିତ ଥିଲା। ଅଥଚ ସେ ସମୟର ଇତିହାସ ଉପରେ ଦୃଷ୍ଟିପାତ କରି ଆମେ ଯଦି ବିଚାର କରିବା, ତେବେ ବିନା ରାଜ୍ୟରେ ଏକ ରାଜ୍ୟ ସଂଗଠିତ ରଖିଥିଲା କିଏ? ଯେଉଁ ଏକ ଲକ୍ଷ ଯୋଦ୍ଧା ରଣଭୂମିରେ ପ୍ରାଣପାତ କଲେ, ଯେଉଁ ଦେଢ଼ଲକ୍ଷ ଯୋଦ୍ଧା ବନ୍ଦି ହେଲେ, ସେମାନଙ୍କ ପ୍ରତିରୋଧ ପ୍ରଚେଷ୍ଟାରେ ନେତୃତ୍ୱ ଦେଇଥିଲେ କିଏ? ସେ ରାଜା ହୁଅନ୍ତୁ ବା କେତେକଙ୍କ ଅନୁମାନ ଅନୁସାରେ କେତେଗୁଡିଏ 'ଗଣ'ରେ ବିଭକ୍ତ କଳିଙ୍ଗ ଭୂଖଣ୍ଡର ସମ୍ମିଳିତ ସେନାବାହିନୀରେ ସେନାପତି ହୁଅନ୍ତୁ, ସେ ମହାନ୍ ବୀର ଅଜ୍ଞାତ ରହିଗଲେ। ହୁଏତ ଏହା ଆତ୍ମ ପ୍ରଚ୍ଛନ୍ନତାର ସାମୂହିକ ମାନସିକତାର ଏକ ଲକ୍ଷଣ।

ଧର୍ମପଦ ଏକ ଐତିହାସିକ ଚରିତ୍ର କି ନୁହେଁ, ତାହା ଆଲୋଚନାର ବିଷୟ। କିନ୍ତୁ ଯାହା କହୁଥିଲି, କିମ୍ବଦନ୍ତୀର ତାତ୍ପର୍ଯ୍ୟ ସ୍ଥୂଳ ବାସ୍ତବତାରେ ନଥାଏ, ଥାଏ ଏକ ସୂକ୍ଷ୍ମ ସ୍ତରର ଜୀବନ ଦର୍ଶନରେ, ଏକ ଅଘୋଷିତ ଆଦର୍ଶରେ। ବାଳକ ଧର୍ମପଦ ଏକ କ୍ଷଣଜନ୍ମା ବିସ୍ମୟକର ପ୍ରତିଭା। ସେ ଆପଣା ଭୂମିକା ତୁଲାଇବା ଅନ୍ତେ ନିରୁଦ୍ଦିଷ୍ଟ। ସେ ଇନ୍ଦ୍ରଦ୍ୟୁମ୍ନ-ଧର୍ମୀ। କୃତି ରହୁ, କିନ୍ତୁ କୃତକର୍ମା ରୂପେ କୃତିତ୍ୱ-ଜନିତ ସାଧୁବାଦ, ସମ୍ଭାଷଣ ସମ୍ମାନ ଗ୍ରହଣ ସେଭଳି ଚରିତ୍ରର ଚେତନା ସକାଶେ ମୋଟେ ସ୍ୱସ୍ତିକର ନୁହେଁ। ସେ ଅପସରି ଯାଇଛି ଜନସମାଜ ଆଲିଙ୍ଗନରୁ। ପରବର୍ତ୍ତୀ କାଳରେ ଏକ ବା ଏକାଧିକ ମାମୁଲି କଳ୍ପନାରୁ ମାମୁଲି ମଣିଷର ଗତାନୁଗତିକ ଈର୍ଷାପରାୟଣତା-ଭିତ୍ତିକ କାହାଣୀଟିଏ ଚାଲୁ ହୋଇଯାଇଛି।

ବିବର୍ତ୍ତନ ଧାରାରେ ଅହଂ ଏକଦା ତା'ର ଭୂମିକା ତୁଲାଇଥିଲା। ସେ ପର୍ଯ୍ୟାୟ ସମାପ୍ତ। ("Ego was the heler, ego is the bar"– Sri Aurob-indo) ଭବିଷ୍ୟତର ମଣିଷ ବ୍ୟକ୍ତିଗତ ତଥା ସାମୂହିକ ଅହଂରୁ ଉତ୍ତୀର୍ଣ୍ଣ ହେବା ଅନିବାର୍ଯ୍ୟ। ତେବେ ସେ ଭବିଷ୍ୟତର ଦୂରତା କେତେ, ଅହଂ-ପ୍ରଣୋଦିତ ଆହୁରି କେତେ ସଂଘର୍ଷ, କେତେ ବିଭୀଷିକା, କେତେ ପ୍ରହସନ ପରେ ମାନବ-ମାନସର ମୋହମୁକ୍ତି ଚୂଡ଼ାନ୍ତ ହେବ ଏବଂ ସେ ଭବିଷ୍ୟତ ହେବ ବର୍ତ୍ତମାନରେ ପରିଣତ, ତାହାର ଆକଳନ ସମ୍ଭବପର ନୁହେଁ। କିନ୍ତୁ ଉତ୍କଳୀୟ ସାମାଜିକ ଚେତନା ବେଶ୍ କିଛି ଶତାବ୍ଦୀ ପର୍ଯ୍ୟନ୍ତ ଅହଂ-ରହିତ ରହିପାରିବାରେ ଆଂଶିକ ସାଫଲ୍ୟ ଲାଭ କରିଥିଲା ବୋଲି ବିଶ୍ୱାସ ହୁଏ।

ପ୍ରଥମରେ ଯାହା କହୁଥିଲି, ଆଜି ଏକବିଂଶ ଶତାବ୍ଦୀରେ ପ୍ରତ୍ୟେକ ଦେଶର ବାତାବରଣ, ଧ୍ୟାନ ଧାରଣା, ଆବିଷ୍କାର, ଉଦ୍‌ଭାବନ, ସାହିତ୍ୟ-ସଂସ୍କୃତିର ପ୍ରଗତି ବା ଦୁର୍ଗତି, ଏପରିକି ସ୍ଥୂଳ ଆଚାର ବ୍ୟବହାର ଓ ବେଶଭୂଷାର ସୁବିକାଶ ଓ କୁବିକାଶ ଅନ୍ୟ ସବୁ ଦେଶର ଜୀବନ ଶୈଳୀକୁ ପ୍ରଭାବିତ କରିବା ଅନିବାର୍ଯ୍ୟ। ଆଧୁନିକ କ୍ଷିପ୍ରଗତି ଗମନାଗମନ ଓ ବୈଦ୍ୟୁତିକ ଆଦାନପ୍ରଦାନ ବ୍ୟବସ୍ଥାରୁ କେହି ପଛକୁ ଫେରିଯାଇପାରିବେ ନାହିଁ। କ୍ରମେ ପ୍ରତ୍ୟେକ ପ୍ରାଚୀନ ସଭ୍ୟତା-ସମୃଦ୍ଧ ଜାତିର ନିଜସ୍ୱ ବୈଶିଷ୍ଟ୍ୟ ବିସ୍ମୃତ ହୋଇ ଆସୁଛି ଅଥବା କେବଳ ମାତ୍ର ପାଠ୍ୟପୁସ୍ତକ ଓ ଗବେଷଣା ଅଥବା ସରକାର ଆୟୋଜିତ ପ୍ରଦର୍ଶନୀରେ ସୀମିତ ରହୁଛି। ତେବେ ଗୋଟାଏ ଜାତିର ପ୍ରଗାଢ଼ ଚେତନାଗତ ବୈଶିଷ୍ଟ୍ୟ ବିଲୁପ୍ତ ହୁଏ ନାହିଁ; ତାହା ଅବଚେତନକୁ ଚାଲିଯାଏ ଅଥବା ମୂର୍ଚ୍ଛିତ ଅବସ୍ଥାରେ ରହେ। ଆମେ ସେ ସମ୍ପର୍କରେ ସଚେତନ ରହିବା ଶୁଭଙ୍କର। ଅହଂ-ବିଲୋପନ ଦିଗରେ ଉଦ୍ଦିଷ୍ଟ ଏକ ଅଭିଜାତ ନମ୍ରତାବୋଧ ଥିଲା ଉତ୍କଳୀୟ ଐତିହ୍ୟର ଅନ୍ତରଙ୍ଗ ବୈଶିଷ୍ଟ୍ୟ। ଉତ୍କଳ ଦିବସ ପାଳନ ଅବସରରେ ଆମ ଅତୀତର ଏହିଭଳି କେତେକ ବୈଶିଷ୍ଟ୍ୟ ଉପରେ ଯତ୍‌କିଞ୍ଚିତ ଗୁରୁତ୍ୱ ଦେଲେ ଉତ୍ସବ ଏକ ସୁନ୍ଦର ଆଭିମୁଖ୍ୟ ଉପସ୍ଥାପନ କରିପାରିବ।

[୧୮ ଜୁନ୍, ୨୦୧୭ରେ ଚେନ୍ନାଇସ୍ଥିତ ଓଡ଼ିଆ ସମାଜ "The Utkal Association of Madras" ଦ୍ୱାରା ଅନୁଷ୍ଠିତ ଉତ୍କଳ ଦିବସ ସମାରୋହରେ ମୁଖ୍ୟ ଅତିଥିରୂପେ ଲେଖକ ଦେଇଥିବା ଭାଷଣର ମୁଖ୍ୟାଂଶ। 'ସ୍ମୃତି ବିସ୍ମୃତିର ଲୁଚୁକାଳି ଏବଂ ସପ୍ତଦଶ ସନ୍ଦର୍ଭ' ପୁସ୍ତକରୁ ଉଦ୍ଧୃତ।]

– ଫଟୋ ଓ ତଥ୍ୟ ସହାୟତା

**ସମୀର ରଞ୍ଜନ ଦାସ, ପଣ୍ଡିଚେରୀ**

# ମନୋଜ ଭୂମିରେ ଏକ ବିରଳ ଘଟଣା

**କାଳୀପଦ ପଣ୍ଡା**

ପ୍ରଣମ୍ୟ ମନୋଜ ଦାସଙ୍କ ସୁଦୀର୍ଘ ୮୭ବର୍ଷର ଜୀବନଯାତ୍ରାରେ ଅସଂଖ୍ୟ ଅକଳ୍ପନୀୟ ଚମକପ୍ରଦ ଘଟଣା ଘଟିଥିଲେ ବି ତାଙ୍କ ପୁଣ୍ୟ ଜନ୍ମଭୂମି ଭୋଗରାଇ ମାଟି ଯାହା ମନୋଜଭୂମି ଭାବରେ ଲୋକେ ସମ୍ବୋଧିତ କରନ୍ତି, ସେହିଠାରେ ଏକ ବିରଳ ଘଟଣା ଘଟିଥିଲା। ସେଇ ଘଟଣା ସମ୍ଭବତଃ ଓଡ଼ିଶାର ଏକମାତ୍ର ଜୀବିତ ଲେଖକ ମନୋଜ ଦାସଙ୍କ ଭାଗ୍ୟରେ ହିଁ ଘଟିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ, ଯାହାର ପ୍ରତ୍ୟକ୍ଷ ସାକ୍ଷୀ ଥିଲା ଏ ଲେଖକ।

ସେଦିନର ସେ ଘଟଣା ମୋ ଭଳି ଉପସ୍ଥିତ ଅନେକ ପ୍ରବୀଣ ଓ ତରୁଣ ଲେଖକଙ୍କ ମନରେ ଭରି ଦେଇଥିଲା ଅସରନ୍ତି ଉତ୍ସାହ ଓ ଉଦ୍ଦୀପନା। ୨୦୧୧ ମସିହା। ସେ ବର୍ଷ ମନୋଜ ବାବୁ ସୁଦୀର୍ଘ ବ୍ୟବଧାନ ପରେ କଲିକତାରୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦାନ ପରେ ସିଧା ଜନ୍ମଭୂମି ଭୋଗରାଇର ଶଙ୍ଖାରି ଗ୍ରାମର ପୈତୃକ ବାସଭବନକୁ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଏହି ଖବର ଭୋଗରାଇର ବିଧାୟକ ଅନନ୍ତ ଦାସ ଜାଣିପାରି ଭୋଗରାଇବାସୀଙ୍କ ସହ ବିଚାର ଆଲୋଚନା କରି ଆମ ମାଟିର ପୁଅ, ଆମର ଗୌରବ, ଆମ ମାଟିକୁ ଅନେକଦିନ ପରେ ଆସୁଥିବାରୁ ତାଙ୍କୁ ଭବ୍ୟ ନାଗରିକ ସମ୍ବର୍ଦ୍ଧନା ଜଣାଇବାକୁ ନିଷ୍ପତ୍ତି ଗ୍ରହଣ କଲେ।

ପୂଜ୍ୟ ମନୋଜ ଦାସ ସେଦିନ ଦୀଘା ରେଳଷ୍ଟେଶନ୍‌ରେ ପହଞ୍ଚିବା ପରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ମୋଟରସାଇକେଲ୍ ଯୋଗେ 'ଭୋଗରାଇ ମାଟିର ପୁଅ ମନୋଜ ଦାସ ସ୍ୱାଗତମ୍' ସ୍ଲୋଗାନ୍ ଦେଇ ସହସ୍ରାଧିକ ଲୋକ ପାଛୋଟି ଆଣିଥିଲେ ତାଳସାରି ପାନ୍ଥନିବାସ ପର୍ଯ୍ୟନ୍ତ। ସାଧାରଣରେ ଜଣେ କ୍ଷମତାସୀନ ରାଜନେତାଙ୍କ କ୍ଷେତ୍ରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥାଏ। ମାତ୍ର ତାହାଠୁ ଅଧିକ ଆକର୍ଷଣୀୟ ଥିଲା ସେ ଶୋଭାଯାତ୍ରା। ସେଦିନ ରାତିରେ କଥାକାର ଦାଦ ପାନ୍ଥନିବାସରେ ରାତ୍ରିଯାପନ କରି ତାଳସାରି ବେଳାଭୂମିର ଅନନ୍ୟ




ବାଲେଶ୍ୱରଠାରେ ୨୦୧୭ରେ ମନୋଜ ଦାସଙ୍କୁ ପ୍ରଥମ ବ୍ରଜନାଥ ରଥ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

ଶୋଭାରାଜିକୁ ଦର୍ଶନକରି ବିମୁଗ୍ଧ ହୋଇଥିଲେ। ତହିଁ ପରଦିନ ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣ ମୁକ୍ତମଞ୍ଚରେ ଏକ ବିଶାଳ ସମ୍ବର୍ଦ୍ଧନା ସଭା ବିଧାୟକ ଅନନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ତାଙ୍କୁ ଭୋଗରାଇବାସୀଙ୍କ ପକ୍ଷରୁ ପ୍ରଶସ୍ତିପତ୍ର କବି ବ୍ରଜନାଥ ରଥଙ୍କ କରକମଳରେ ପ୍ରଦାନ କରାଯାଇଥିଲା। ସେହି ସମ୍ବର୍ଦ୍ଧନାର ଉତ୍ତରରେ ଭୋଗରାଇବାସୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଯେ, "ଜଣେ ଲେଖକଙ୍କୁ ତାଙ୍କ ଜନ୍ମଭୂମିରେ ସାଧାରଣ ଜନତାଙ୍କ ପକ୍ଷରୁ ଏଭଳି ସମ୍ବର୍ଦ୍ଧନା ଜ୍ଞାପନ ମୋ ଜୀବନ ଇତିହାସରେ ଏକ ଅବିସ୍ମରଣୀୟ ଘଟଣା ହୋଇ ରହିଗଲା। ଆପଣମାନଙ୍କର ଏଭଳି ଅକୃତ୍ରିମ ଶ୍ରଦ୍ଧାର ଉତ୍ତର ଦେବାକୁ ମୋ ପାଖରେ ଭାଷା ନିଅଣ୍ଟ। ଯେକୌଣସି ଆତ୍ମିକଶ୍ରଦ୍ଧାର ଉତ୍ତରକୁ କେବଳ ନମ୍ରତାର ସହିତ ଗ୍ରହଣ କରିବା ଛଡ଼ା ଅନ୍ୟକିଛି ଉପାୟ ନ ଥାଏ। ମୁଁ ଚିରକାଳ ମୋ ଭୂମିର, ଭୋଗରାଇବାସୀଙ୍କ ପାଖରେ ନତମସ୍ତକ ହୋଇ ଏହାକୁ ସାଦରେ ଗ୍ରହଣ କରି ଜୀବନକୁ ଧନ୍ୟ ମଣୁଛି।" ଏହି ଉତ୍ତର ଶୁଣିବା କ୍ଷଣି ହଜାର ହଜାର ଲୋକେ କରତାଳିରେ ପ୍ରକମ୍ପିତ କରାଇଥିଲେ ସମଗ୍ର ସଭାସ୍ଥଳ। ଆଉ ମୁଁ ସେହି ସଭାମଞ୍ଚର ପୁରୋଭାଗରେ ଉପସ୍ଥିତ ଥାଇ ଆତ୍ମହରା ହୋଇ ନ ଥିଲି, ବରଂ କେତେବେଳେ ମୋ ଅଜାଣତରେ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଯାଇଥିଲା। ଆଉ ମନେମନେ ନିଜକୁ ବି ଧନ୍ୟ ମଣୁଥିଲି ଯେ ମୋ ଜନ୍ମଭୂମି ଭୋଗରାଇମାଟିର ଏଭଳି ରତ୍ନଙ୍କର କିଛି ସ୍ନେହ ସାନ୍ନିଧ୍ୟ ଲାଭ କରିପାରିଛି ବୋଲି।

ବାସ୍ତବରେ ଜଣେ ଲେଖକଙ୍କ ପକ୍ଷରେ ଜନ୍ମଭୂମିରେ ଏମିତି ଏକ ବର୍ଣ୍ଣାଢ଼୍ୟ ସମ୍ବର୍ଦ୍ଧନା ଗ୍ରହଣ କେବଳ ମନୋଜ ବାବୁଙ୍କ ଭଳି ଯଶସ୍ୱୀ ପ୍ରତିଭାଙ୍କ କ୍ଷେତ୍ରରେ ସମ୍ଭବ ହୋଇଥିଲା।

**ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ**
ସୁନାରୂଇ, ବାଲିଆପାଳ, ବାଲେଶ୍ୱର

# 'ଓଟ' ପିଠିରେ ଶୀତଳ ସନ୍ଧ୍ୟା

**ଜିତେନ୍ଦ୍ର କୁମାର ନାୟକ**

ଆଜି ଯଦି ଜଣେ ଛାତ୍ରକୁ ଇଂଲିଶ୍‌ରେ ଅନୁବାଦ କରିବା ନିମନ୍ତେ ଏମନ୍ତ ବାକ୍ୟଟିଏ ଦିଆଯିବ – ଯଥା: "ଦେବକୀଙ୍କ ଅଷ୍ଟମ ସନ୍ତାନ ହେବ କଂସର ନିଧନକାରୀ-ହେଲା ଆକାଶବାଣୀ"– ତେବେ ସେ ହୁଏତ ଲେଖିବ, "ଦି ଏଇଟିଥ୍ ଇସ୍ୟୁ ଅଫ୍ ଦେବକୀ ଉଡ୍ ବି କଂସଜ୍ ଆନିହିଲେଟର-ଆନାଉନ୍‌ସଡ୍ ଦି ଅଲ୍ ଇଣ୍ଡିଆ ରେଡିଓ"। ୨୮ ଜାନୁୟାରୀ ୨୦୦୭ ଆକାଶବାଣୀ କଟକର ହୀରକ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ସମାରୋହରେ ଉଦ୍‌ଘାଟକ ରୂପେ ବିଶିଷ୍ଟ କଥାକାର ମନୋଜ ଦାସଙ୍କ ଅଭିଭାଷଣର ଏହା ଥିଲା କିଛି ଅଂଶ। ମଥୁରାର ପ୍ରବଳ ପ୍ରତାପୀ କଂସ ମହାରାଜଙ୍କ ପ୍ରତି ପୁରାଣବର୍ଣ୍ଣିତ ଆକାଶବାଣୀ ସତ୍ୟ ହୋଇଥିବା ପରି ଆଜିର ପ୍ରତିଯୋଗିତାପୂର୍ଣ୍ଣ ଯୁଗରେ ଏକ ସାଲିସବିହୀନ ଗଣମାଧ୍ୟମ ଭାବେ ଏହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛି। ଆକାଶବାଣୀର ବିଶ୍ୱସନୀୟତାକୁ ବର୍ଣ୍ଣନା କରିବାକୁ ଯାଇ ଏହି ବାଗ୍ମୀ ସେଦିନ ଯେଉଁଭଳି ଭାଷଣ ଦେଇଥିଲେ, ସେଠାରେ ଉପସ୍ଥିତ ଦର୍ଶକ ସ୍ତମ୍ଭୀଭୂତ ହୋଇଯାଇଥିଲେ। ଏହି ଲେଖକର ସେହିଦିନ ଅପରାହ୍ନ ଆଞ୍ଚଳିକ ସମ୍ବାଦରେ ମନୋଜ ଦାସ ଉଦ୍‌ଘାଟକ ଭାବେ ଆକାଶବାଣୀ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାର ଖବର ପଢ଼ିବାର ସୁଯୋଗ ମିଳିଥିଲା। କାର୍ଯ୍ୟକ୍ରମ ପୂର୍ବରୁ କେତେ ଜଣ ବନ୍ଧୁ ଅଳ୍ପ ସମୟ ପାଇଁ ତାଙ୍କୁ ଭେଟିଥିଲୁ। ସନ୍ଧ୍ୟାରେ ଯେତେବେଳେ ତାଙ୍କ ଭାଷଣ ଶୁଣିବାର ଅବକାଶ ମିଳିଲା ଓ ପୁରାଣବର୍ଣ୍ଣିତ ଘଟଣାବଳୀ ସହ ଆକାଶବାଣୀକୁ ଯେଉଁଭଳି ସଂଯୋଜିତ କଲେ, ସେତେବେଳେ ହୃଦ୍‌ବୋଧ ହୋଇଥିଲା ଆଧୁନିକ ଯୁଗର ବିଷ୍ଣୁ ଶର୍ମା ବୋଲି ଯେଉଁ ଆଖ୍ୟା ତାଙ୍କୁ ଦିଆଯାଇଛି, ତାହାର ଯଥାର୍ଥତା ରହିଛି।

ମନୋଜଙ୍କ ସାହିତ୍ୟ ପଞ୍ଚତନ୍ତ୍ର ଓ କଥା ସରିତ ସାଗରର କାହାଣୀ ଭଳି ପାଠକଙ୍କ ଆଗ୍ରହକୁ ବଢ଼ାଇ ଦେଇଥାଏ। ଏମିତି ବି ସେ ରଚନା କରିଛନ୍ତି ଯେ, ଯେଉଁଠାରୁ ପଞ୍ଚତନ୍ତ୍ରର କାହାଣୀ ସରିଛି, ସେହିଠାରୁ ମନୋଜଙ୍କ କାହାଣୀର ଅୟମାରମ୍ଭ ହୋଇଥିବା ମନେହୁଏ। 'ପଞ୍ଚତନ୍ତ୍ର'ର ବାନର-କୁମ୍ଭୀର ଉପାଖ୍ୟାନ ସମସ୍ତେ ଜାଣିଥିବେ। ଏହିଠାରେ ସେ ତାହାକୁ ଏହିଭଳି ବର୍ଣ୍ଣନା କରିଛନ୍ତି: ନଦୀକୂଳବର୍ତ୍ତୀ ଏକ ଗଛରେ ସୁସ୍ୱାଦୁ କୋଳି ଖାଉଥିବା ରକ୍ତମୁଖ ନାମଧେୟ ବାନର ଦିନ ପରେ ଦିନ ନଦୀରେ କରାଳମୁଖ ନାମକ କୁମ୍ଭୀର ଉପରେ ଦୟାପୂର୍ବକ ଅସରାଏ ଲେଖାଏ କୋଳି ବର୍ଷଣ କରୁଥାଏ। ଥରେ କରାଳମୁଖ ଅମୃତପ୍ରାୟ ସେ ସୁସ୍ୱାଦୁ ଫଳରୁ କିୟଦଂଶ ନେଇ ପତ୍ନୀ କରାଳୀକୁ ଦିଏ। ସୁସ୍ୱାଦୁ-କୋଳି-ପୁଷ୍ଟ ବାନରର ହୃତ୍‌ପିଣ୍ଡ ଗୋଟିକ ଖାଇବା ଜିଦ୍‌ରେ ଅଟଳ ରହିଲା କରାଳୀ। କୁମ୍ଭୀର ଯାଇ ବାନରକୁ କୁମ୍ଭୀରାଣୀ ତାକୁ ସଙ୍ଖୋଳିବାକୁ ବ୍ୟଗ୍ର ବୋଲି କହିଥିଲା। ପରେ ବାନରକୁ ପିଠିରେ ବସାଇ ନେଇ ମଝି ନଈରେ କୁମ୍ଭୀର ନିଜର ଅସଲ ଉଦ୍ଦେଶ୍ୟ ପ୍ରକଟ କରନ୍ତେ, ବାନର ନିଜ ହୃଦୟଟି ଗଛ କୋଟରରେ ସାଇତି ରଖିଛି ବୋଲି କହିଥିଲା। କୁମ୍ଭୀର ପୁନରାୟ କୂଳକୁ ଆସିବା ମାତ୍ରେ ଜୀବନର ଦୀର୍ଘତମ ଲମ୍ଫ ସାଧନ ଯୋଗେ ବୃକ୍ଷାରୋହଣ କରି ବାନର ସେହି କୁମ୍ଭୀରକୁ କୃତଘ୍ନ ଆଖ୍ୟା ଦେଇଥିଲା। ବିଷ୍ଣୁ ଶର୍ମାଙ୍କ କୁମ୍ଭୀର ଅବଶ୍ୟ ଆତ୍ମଗ୍ଳାନିପୀଡ଼ିତ ହୋଇ ଅପସରିଗଲା, କିନ୍ତୁ ସେହିଠାରୁ ଯେମିତି ମନୋଜ ଦାସଙ୍କ ଅବୋଲକରା କାହାଣୀ ଆରମ୍ଭ ହୋଇଯାଇଛି। ତାଙ୍କର "ବାନର-କୁମ୍ଭୀର କାହାଣୀ: ଶେଷ କଥା ଯାଏ ଯିଏ ପଢ଼ିଥିବେ, ସେ ହୃଦ୍‌ବୋଧ କରିପାରିବେ ମନୋଜ କେତେ ଗଭୀରକୁ ଯାଇ ପାଠକଙ୍କ ହୃଦୟକୁ ଛୁଇଁଲା ଭଳି ପ୍ରତିଟି କାହାଣୀ ରଚନା କରିଛନ୍ତି। କାହାଣୀକୁ ଗତିଶୀଳ କରିବାକୁ ଯାଇ ଏକ ଭିନ୍ନ ଭାବନାରେ ପାଠକଙ୍କୁ ଧରି ରଖିବାର ଏ ଯେଉଁ କଳା ସେ ପ୍ରୟୋଗ କରିଥାଆନ୍ତି, ତାହା ତାଙ୍କୁ ଅନ୍ୟ କଥାକାରଙ୍କଠାରୁ ସମ୍ପୂର୍ଣ୍ଣ ନିଆରା ବୋଲି ଚିହ୍ନେଇ ଦେଇଥାଏ।

ସାଧାରଣରେ ଦେଖାଯାଇଛି, ସବୁଠାରୁ ଭଲ ଲେଖିପାରୁଥିବା ବ୍ୟକ୍ତି କଥା କିମ୍ବା ଭାଷଣ ଦେବାରେ ସିଦ୍ଧହସ୍ତ ହୋଇପାରି ନ ଥା'ନ୍ତି। ଯେଉଁମାନେ ଦୁଇଟି କଳା ହାସଲ କରିଥାଆନ୍ତି, ସେମାନେ ବିଚକ୍ଷଣ। କିନ୍ତୁ ଆହୁରି ଗୋଟେ



ପଣ୍ଡିଚେରୀ ଭାରତୀ ପାର୍କରେ ମନୋଜ ଦାସ।

ବର୍ଗର ସୃଜନ-ବାଗ୍ମୀ ଥାଆନ୍ତି, ଯେଉଁମାନେ ଲିଖିତ ଭାଷାକୁ କଥାରେ କହିଲା ବେଳେ ଅନୁରୂପ ଶବ୍ଦକୁ ଉପଯୋଗ କରିଥାଆନ୍ତି। ଏଇଠି ଅସଂଖ୍ୟ ପାଠକ ଓ ଶ୍ରୋତା ଏକମତ ହେବେ ଯେ, ମନୋଜ ଦାସ ଭାରତବର୍ଷରେ ସେଭଳି ଜଣେ ଅନନ୍ୟ ପ୍ରତ୍ୟୁତ୍ପନ୍ନସମ୍ପନ୍ନ କଥାକାର-ବକ୍ତା ଭାବେ ଏକ ଛାପ ଛାଡ଼ି ଦେଇଯାଇଛନ୍ତି। ପୁଣି ସୃଜନଶୀଳତାରେ ଆଧ୍ୟାତ୍ମିକତା ଯେଭଳି ସନ୍ନିବେଶିତ କରିଛନ୍ତି, ସେଭଳି ସାହିତ୍ୟଯୋଗୀ ମା' ସରସ୍ୱତୀଙ୍କ ବରପୁତ୍ର ଭାବେ କେତେ ଯୁଗରେ ହୁଏତ ଆସିବେ କହିହେବ ନାହିଁ। ଭବିଷ୍ୟତ ପିଢ଼ି ଯିଏ ତାଙ୍କ କଥା ସାହିତ୍ୟ ପଢ଼ିବା ସହ ରେକର୍ଡିଂ ଥିବା ଭାଷଣ ଶୁଣିପାରିବେ, ସେମାନେ ଏହି ସାହିତ୍ୟ ସାଧକଙ୍କ ଶବ୍ଦ କୋଣାର୍କର ସୌନ୍ଦର୍ଯ୍ୟକୁ ଅନାଇ ରହିବାକୁ ବାଧ୍ୟ ହେବେ।

ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳେ ସେ ପ୍ରଥମେ ଇଂଲିଶ୍ ଶିଖିବା ଆରମ୍ଭ କରିଥିଲେ। ହେଲେ ଇଂଲିଶ୍ ଭାଷାରେ ଭାରତୀୟ ଲେଖକ ମୁଲକରାଜ ଆନନ୍ଦ, ଆର୍. କେ. ନାରାୟଣ, ରସ୍କିନ୍ ବଣ୍ଡଙ୍କ ପରି ଅନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିଲେ। ସେ ଓଡ଼ିଆ ଓ ଇଂଲିଶ୍ ଭାଷାରେ ପ୍ରଚଣ୍ଡ ଦକ୍ଷତାର ଅଧିକାରୀ ଥିଲେ। ଶ୍ରୀଅରବିନ୍ଦଙ୍କ ଦର୍ଶନ ତାଙ୍କ ସୃଜନଭୂମିକୁ ଆହୁରି କର୍ଷଣ କରି ଉର୍ବର କରାଇ ଦେଇଥିଲା। ମଣିଷ ମହତ୍ତର ଲକ୍ଷ୍ୟରେ ଯାଇ ଅତିମାନସ ସ୍ତରରେ ପହଞ୍ଚିବା ଭଳି ମନୋଜ ତାଙ୍କ ସାଧନାର ସିଦ୍ଧିକୁ ପିଲାଠାରୁ ବୟସ୍କଙ୍କ ଯାଏ ବାଣ୍ଟି ଜଣେ ସାରସ୍ୱତ-ସନ୍ନ୍ୟାସୀ ପାଲଟି ଯାଇଛନ୍ତି।

ଓଡ଼ିଶାରେ ସାହିତ୍ୟ ରଚନାକୁ ଅନେକେ ଅନ୍‌ପ୍ରଡକ୍ଟିଭ୍ ବା ଅନୁତ୍ପାଦକ ବିଷୟ ଭଳି ଦେଖିଥାଆନ୍ତି। ହେଲେ ମନୋଜଙ୍କ ରଚନାକୁ ଯିଏ ପଢ଼ିଛନ୍ତି ଓ ତାଙ୍କ ସୃଷ୍ଟିରେ ଥିବା ଦର୍ଶନକୁ ଯିଏ ବୁଝିଛନ୍ତି, ସେ କଦାପି ସାହିତ୍ୟକୁ କେବଳ ଖିଆଲି ସ୍ତରରେ ରଖିବେ ନାହିଁ। ତାଙ୍କ ଲେଖାରେ ଗୋଟେ ଓଜନ ଥାଏ। ଅବଶ୍ୟ ସେହି ଓଜନକୁ ମୁଣ୍ଡେଇବା ଲାଗି ପାଠକଙ୍କ ପାଖରେ ସେଭଳି ଶକ୍ତି ରହିଥିବା ଆବଶ୍ୟକ। ଆନନ୍ଦର କଥା, ଏହି ମହାନ୍ କଥାଶିଳ୍ପୀଙ୍କ ସ୍ମୃତିରେ "ମନୋଜ ଦାସ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର" ପ୍ରଦାନ କରାଯିବ ବୋଲି ଓଡ଼ିଶା ସରକାର ତାଙ୍କ ପରଲୋକର ଠିକ୍ ସାତ ଦିନ ପରେ ଘୋଷଣା କରିଛନ୍ତି। ଇଂଲିଶ୍ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଓଡ଼ିଆ ସାହିତ୍ୟିକଙ୍କୁ ଏହି ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯିବ। ଅନୁରୂପ ଭାବେ ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଓ ଇଂଲିଶ୍ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଉଭୟ ଭାଷାରେ ମୌଳିକ ରଚନା ପାଇଁ ହାଇସ୍କୁଲ ସ୍ତରରେ ପ୍ରତିବର୍ଷ "ମନୋଜ-କିଶୋର ସାହିତ୍ୟ ପ୍ରତିଭା ସମ୍ମାନ" ଦିଆଯିବ। ଅତିଧନୀ ବା ଶିଳ୍ପପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରେଷ୍ଠ ସାହିତ୍ୟ ପୁରସ୍କାରଠାରୁ ଜଣେ ପ୍ରଥିତଯଶା କଥାକାରଙ୍କ ନାମରେ ନାମିତ ପୁରସ୍କାର ନିଶ୍ଚିତ ଭାବେ ଲେଖକଟିଏକୁ ଅଧିକ ପ୍ରେରଣା ଦେବ।

ମନୋଜଙ୍କ ଦେହାନ୍ତ ପରେ ଜଣେ ମନୋଜପ୍ରେମୀଙ୍କ ସହ କଥା ହେଉଥିଲି। ସ୍ମୃତି ରୋମନ୍ଥନ କରିବାକୁ ଯାଇ ସେ କହିଥିଲେ, ଥରେ ଆକାଶବାଣୀରେ 'ଓଟ' ଗଳ୍ପର ନାଟ୍ୟ ରୂପାନ୍ତର ଶୁଣୁଥିଲେ। ଆରମ୍ଭରୁ ଅନ୍ୟମନସ୍କ ହୋଇ ମୂଳ ଲେଖକଙ୍କ ନାମ ଜାଣିପାରି ନ ଥିଲେ। ଚରିତ୍ରଗୁଡ଼ିକ ଯେତେ ଗତିଶୀଳ ହେଉଥାଏ, ଲେଖକଙ୍କ ନାମ ଜାଣିବାକୁ ସେ ବ୍ୟାକୁଳ ହୋଇଥିଲେ। ଆଦର୍ଶ ଓ ବୌଦ୍ଧିକ ଚିନ୍ତାପ୍ରସୂତ ସେଭଳି ଲେଖା ନିଶ୍ଚୟ ମନୋଜ ଦାସଙ୍କ ହୋଇଥିବ ଭାବି ଘୋଷକଙ୍କ କ୍ଲୋଜିଂ ଆନାଉନ୍ସମେଣ୍ଟକୁଅପେକ୍ଷା କରିଥିଲେ। ଶେଷରେ ଘୋଷକ କହିଥିଲେ ମୂଳ ଲେଖା-ମନୋଜ ଦାସ।

'ଓଟ'ର ମୁଖ୍ୟ ନାୟକ ଶିବକୁମାର ସେହି ପ୍ରାଣୀଟିକୁ ଦେଖିବାର ସୁଯୋଗ ଜୀବଦ୍ଦଶା ମଧ୍ୟରେ ପାଇ ନ ଥିଲେ। ଏହି ଅବସୋସ ତାଙ୍କୁ ଦୁଃଖ ଦେଇ ନ ଥିଲା। କିନ୍ତୁ ସେହି ଶୀତଳ ସନ୍ଧ୍ୟାରେ ନାତି ମାଧ୍ୟମରେ ତାଙ୍କୁ ଯେଭଳି ଠକି ଦିଆଯାଇଥିଲା, ତାହା ତାଙ୍କୁ ବ୍ୟଥିତ କରିଥିଲା। ସେଥିପାଇଁ ସେ ନାତିକୁ ଜୋରରେ ପାଟି କରିଥିଲେ, "କ'ଣ ହେଲା, ମୋତେ ବା ସେମାନେ ଫଳକ ଧରେଇ ଠକିଦେଲେ-ମୁଁ ଅତୀତ-କିନ୍ତୁ ତୁ? ସାମାନ୍ୟ ଚକୋଲେଟ୍‌ରେ ଠକିହେଲୁ ତୁ ହତଭାଗା?"

ବାସ୍ତବରେ ସତ୍ୟ, ନ୍ୟାୟ ଓ ସ୍ୱାଧୀନତା ପରି ଆଦର୍ଶର ଓଟ ପଛରେ ପଡ଼ିଥିବା ପୂର୍ବସୂରୀଙ୍କୁ ସମ୍ମାନ ଓ ଉପଢୌକନ ଦେଇ କେମିତି ଥୋକେ ସ୍ୱାର୍ଥପର ବ୍ୟକ୍ତି କ୍ଷମତା ହାତେଇଛନ୍ତି, ତାହା ଦ୍ରଷ୍ଟବ୍ୟ 'ଓଟ' ଗପରେ। କ୍ଷମତାସୀନ ବ୍ୟକ୍ତି କେମିତି ଶିଶୁ ଓ କିଶୋର ପିଢ଼ିକୁ ଚକୋଲେଟ୍‌ର ଲୋଭ ଦେଖାଇ ଆଦର୍ଶବାଦୀଙ୍କୁ ଦୂରେଇ ଦେବାକୁ ଚେଷ୍ଟା କରିଛନ୍ତି, ତାହା ପ୍ରତୀକାତ୍ମକ ଭାବେ ଦେଖାଇଛନ୍ତି କଥାକାର।

ମୋ: ୯୪୩୭୨୨୯୨୫୯

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ। -ଶ୍ରୀମା



# ଚତୁର୍ଥ ଶିଳ୍ପ ବିପ୍ଳବ ଓ ପ୍ରଯୁକ୍ତି



ଭିକ୍ଟର ଗାଲାଜ

ସୂଚନା ପ୍ରଯୁକ୍ତିର ପେଣ୍ଠ ସିଲିକନ ଭ୍ୟାଲି। ଏଠାକାର ନେତୃମଣ୍ଡଳୀ ଆମକୁ କୁହନ୍ତି, ଚତୁର୍ଥ ଶିଳ୍ପ ବିପ୍ଳବ ହିଁ ଆମକୁ ପର୍ଯ୍ୟାପ୍ତ ଲାଭ ଦେବ। ଏହି ଧାରା ଏବେ ଆରମ୍ଭ ହୋଇଯାଇଛି। ଏହା ଆଗକୁ ବଢିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଓ ଅନ୍ୟାନ୍ୟ ଟେକ୍‌ନୋଲୋଜି ବା ପ୍ରଯୁକ୍ତି ଦ୍ୱାରା ବିଶ୍ୱ ଶକ୍ତିଶାଳୀ ହେବାରେ ଲାଗିଛି। ସେମାନେ ମଧ୍ୟ ସତର୍କ କରିଦେଇଛନ୍ତି ଯେ,ଆମେ ଯଦି ଏହା ସହ ତାଳ ଦେଇ ନ ଚାଲିବା ତେବେ ପଛରେ ପଡ଼ିଯିବା। ଏଆଇ ଏବଂ ଟେକ୍‌ନୋଲୋଜି କ୍ଷେତ୍ରରେ ରୋବୋଟିକ୍ସ,ବାୟୋ ଏବଂ ନାନୋ ଟେକ୍‌ନୋଲୋଜି, ୫ଜି ଏବଂ ଇଣ୍ଟରନେଟ ଅଫ ଥିଙ୍ଗସ( ଆଇଓଟି)ଏହାର କ୍ରାନ୍ତିକାରୀ ପ୍ରଭାବକୁ ପ୍ରତିପାଦିତ କରିପାରିଛି। ଏହା ସାଧାରଣ ଉଦ୍ଦେଶ୍ୟରେ ଏକ ପ୍ରକାର ରିଭୋଲ୍ୟୁଶନ ବା ବିପ୍ଳବ। ଏହାର ମାଲିକ ଓ ସେମାନଙ୍କ ସମର୍ଥକମାନେ ଦୃଢ ଯୁକ୍ତି ବାଢନ୍ତି ଯେ, ଏହି ବିପ୍ଳବ ସମାଜକୁ ଜଳବାୟୁ ପରିବର୍ତ୍ତନ, ଦାରିଦ୍ର୍ୟ , ଅସମାନତା ଦୂରୀକରଣ ଓ ଜୈବବିବିଧତାର କ୍ଷତିକୁ ରୋକିବାରେ ସାହାଯ୍ୟ କରିବ। ଏବକାର ଚର୍ଚ୍ଚିତ ଡିଜିଟାଲ ରିଭୋଲ୍ୟୁଶନ କଥା ବିଚାରକୁ ନିଆଯାଉ। ଏହା ମଧ୍ୟରେ ଗୁଗଲ, ଫେସ୍‌ବୁକ, ଏବଂ ଟୁଇଟର ଅନ୍ତର୍ଭୁକ୍ତ। ବିଶ୍ୱରେ ସୂଚନାର ସ୍ରୋତରେ ଏହା ପରିବର୍ତ୍ତନ ଆଣିପାରିଛି। ପ୍ରଥମତଃ ଅନ୍ୟମାନଙ୍କ ସହ ଅନ୍‌ଲାଇନରେ ଯୋଗାଯୋଗ କରିବାର କ୍ଷମତା ବଢିଛି। ଭର୍ଚୁଆଲ ସୋସିଆଲ ନେଟୱର୍କ ମାଧ୍ୟମରେ ଅବିରତ ଡିଜିଟାଲ ବିଷୟ ସୃଷ୍ଟିକରି ତାହାକୁ ଶେୟାର କରିବାରେ ଲାଭ ମିଳିଛି। କିନ୍ତୁ ଏବେ ବିଶ୍ୱସ୍ତରରେ ଏହିସବୁ ପ୍ଲାଟଫର୍ମ ଦ୍ୱାରା ଭୁଲ ତଥ୍ୟର ପ୍ରବାହ କୋଭିଡ୍ -୧୯ ମହାମାରୀ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ କରିବାରେ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ବିଳମ୍ବରେ ହେଲେ ମଧ୍ୟ କିଛି ବ୍ୟକ୍ତି କ'ଣ ସବୁ ଘଟୁଥିଲା ତାହା ଅନୁଭବ କଲେ, ଆଉ ଏବେ ଆମେ ତାହାର ପରିଣାମ ଭୋଗ କରୁଛୁ। ଏଣୁ ଆଗାମୀ ପିଢିର ଟେକ୍‌ନୋଲୋଜି ସମ୍ପର୍କିତ ଅସାବଧାନତା, ଅଜ୍ଞାନତା କିମ୍ବା ବିଦ୍ୱେଷପୂର୍ଣ୍ଣ ବ୍ୟବହାର ଜନିତ ବିପଦକୁ କିପରି ସମାଜ ହ୍ରାସ କରିପାରିବ, ତାହା ହେଉଛି ମୁଖ୍ୟ ପ୍ରଶ୍ନ।

ମୋ କାର୍ଯ୍ୟ ବିଶେଷକରି ଦୁଇଟି ପରସ୍ପର ବିରୋଧୀ ବିଶ୍ୱ ଉପରେ କେନ୍ଦ୍ରିତ। ପ୍ରଥମତଃ, ଟେକ୍‌ନୋସ୍ଫିୟର ବା ପ୍ରଯୁକ୍ତିମଣ୍ଡଳ କହିଲେ ତାହା ମନୁଷ୍ୟକୃତ ବର୍ଜ୍ୟର ସମାହାର। ଏହାର ପରିମାଣ ୩୦ ଟ୍ରିଲିୟନ ଟନ୍ ବୋଲି ଆକଳନ କରାଯାଇଛି ଓ ପୃଥିବୀପୃଷ୍ଠର ପ୍ରତି ୧ ବର୍ଗ ମିଟରରେ ୫୦ କିଲୋଗ୍ରାମ(୧୧୦ପାଉଣ୍ଡ) ବର୍ଜ୍ୟ ଠୁଳ ହେଉଛି। ଏହାବାଦ୍ ବାୟୋସ୍ଫିୟର ବା ଜୈବମଣ୍ଡଳ କଥା ଦେଖାଯାଉ। ଏହି ସୂକ୍ଷ୍ମ ସ୍ତର ପୃଥିବୀପୃଷ୍ଠକୁ ଘେରି ରହିଛି। ଏଠାରେ ଜୀବନ ସମ୍ଭବ ହୋଇ ପାରିଛି। ମଣିଷ ମଧ୍ୟ ଜୈବମଣ୍ଡଳରେ ୧୦,୦୦୦ ବର୍ଷ ଧରି ଅପେକ୍ଷାକୃତ ଏକ ସ୍ଥିର ଜଳବାୟୁର ପରିବେଶକୁ ଉପଭୋଗ କରିଛି। ରୋଗ ନିୟନ୍ତ୍ରଣ ପାଇଁ ଏକ ସେମି ଅଟୋମେଟେଡ ବା ଅର୍ଦ୍ଧ ସ୍ୱଚାଳିତ ବୈଶ୍ୱିକ ପୂର୍ବ ସୂଚନା ବିକାଶର ପଦ୍ଧତି ଅନ୍ୱେଷଣ କରିବାବେଳେ ମୁଁ ପ୍ରଥମେ ଏହି ଦୁଇଟି ବିଶ୍ୱ ମଧ୍ୟରେ ରହିଥିବା ସମ୍ପର୍କ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲି। ଟେକ୍‌ନୋଲୋଜି କିଭଳି ମାନବ, ସଂସ୍ଥାଗତ ଏବଂ ଯନ୍ତ୍ରର କାର୍ଯ୍ୟଧାରାକୁ ଗଭୀର ଭାବେ ପ୍ରଭାବିତ ତଥା ପରିବର୍ତ୍ତନ କରିପାରିଛି, ତାହା ମୁଁ ସେଥିରୁ ବୁଝିପାରିଥିଲି। ବେଳେବେଳେ ସେହି ପ୍ରଭାବ ସରଳ ଓ ପ୍ରତ୍ୟକ୍ଷ ହୋଇଥାଏ। କିନ୍ତୁ ବହୁ ସମୟରେ ଏହା ପରିବର୍ତ୍ତେ ପ୍ରଯୁକ୍ତିଗତ ପରିବର୍ତ୍ତନର ପ୍ରଭାବ ପରୋକ୍ଷ ହୋଇଥାଏ। ଏହା କ୍ଷତିକାରକ ଜଟିଳ ୱେଭ୍ ମାଧ୍ୟମରେ ଗତିକରେ ଏବଂ ଏକ ଦୀର୍ଘ ସମୟ ବ୍ୟବଧାନରେ ଆମ ଦୃଷ୍ଟିକୁ ଆସେ।

ଟେକ୍‌ନୋସ୍ଫିୟର ଆମ ଚାରି ପାଖରେ ଆମକୁ ଘେରି ରହିଛି। ଏହା ଆଗକୁ ଠିକ୍ ଆମ ମସ୍ତିଷ୍କର ଭିତ୍ତିଭୂମି ଆକାର ନେବାକୁ ଯାଉଛି। ମସ୍ତିଷ୍କ ଭଳି ଟେକ୍‌ନୋସ୍ଫିୟର ତଥ୍ୟ,ଘଟଣା, ସ୍ମୃତି, ଶିକ୍ଷା,ସମସ୍ୟା ସମାଧାନ କରିବାର କ୍ଷମତା ଲାଭ କରିପାରିବ। ଏପରି କି ସମୟକ୍ରମେ ଏହା ବହୁ କମ୍ ଲୋକରେ ସ୍ୱଚାଳିତ ଏବଂ ଯାନ୍ତ୍ରିକ ବିଦ୍ୟା ମାଧ୍ୟମରେ ନିଷ୍ପତ୍ତି ନେଇ ବୈପ୍ଳବିକ ଦୃଷ୍ଟିକୋଣରୁ ଏହା ତା'ର ବିଶାଳତା ପ୍ରମାଣିତ କରିପାରେ। କିନ୍ତୁ ଟେକ୍‌ନୋସ୍ଫିୟର ପରିଚାଳନା ଓ ତା'ର ଦିଗ ନିଶ୍ଚିତ ଭାବେ ସାମାଜିକ ଲକ୍ଷ୍ୟ ହାସଲ କରିବା ସହ ପୃଥିବୀର ସ୍ଥିତିକୁ ପରିବର୍ତ୍ତନ କରିପାରିବ। ଏକ ସ୍ଥାୟୀ ପରିବେଶ ଉପଯୋଗୀ ଭବିଷ୍ୟତ ନିର୍ମାଣ କରିବାକୁ ଟେକ୍‌ନୋଲୋଜି ମୁଖ୍ୟତଃ ଏଆଇର ଭୂମିକା ସମ୍ପର୍କରେ ଗଭୀର ଭାବେ ଚିନ୍ତା କରିବା ଦରକାର। ଏସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ପୂର୍ବାନୁମାନ ଉପରେ ପୁନର୍ବିଚାର କରିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ ପ୍ରଭାବଶାଳୀ ଏଆଇ ପଦ୍ଧତିଗୁଡ଼ିକୁ ବିସ୍ତାର କରିବାର ଆବଶ୍ୟକତା ରହିଛି। ସରଳ ଉପାୟରେ ଜଳବାୟୁ ପୂର୍ବାନୁମାନ କିମ୍ବା ଶକ୍ତି ପଦ୍ଧତି ବୃଦ୍ଧି ବା ଟ୍ରାଫିକ ଗତିବିଧି ଉପରେ ଏଆଇର ଗୁରୁତ୍ୱ ଦେଇଥାଏ। କିନ୍ତୁ ଜଳବାୟୁ ପ୍ରକ୍ରିୟାର ମୁଖ୍ୟତଃ ଜୈବମଣ୍ଡଳ ଅର୍ଥାତ ଜୈବବିବିଧତା, ଜଙ୍ଗଲ, ମହାସାଗର ଓ କୃଷିଭିତ୍ତିକ ପରିବେଶ ସହ ସମ୍ପର୍କ ରହିଛି। ଜରୁରିକାଳୀନ ଭିତ୍ତିରେ ପରିବେଶଗତ ତଥା ପାରମ୍ପରିକ ଆହ୍ୱାନଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଏଆଇ ବିକାଶ ଓ ତାହାର ଉପଯୋଗ ଉପରେ ଗୁରୁତ୍ୱ ଦେବାକୁ ହେବ। ଏଥିପାଇଁ ଆମର ଭୂମିକା ରହିବା ଦରକାର। ତେବେ ସଂଶାଧନର ଉତ୍ତମ ଉପଯୋଗ ଏବଂ ଦକ୍ଷତା ଦୃଷ୍ଟିକୋଣରୁ କୃଷି କ୍ଷେତ୍ରରେ ଏଆଇର ଯୋଗଦାନ ଲୋକମାନଙ୍କୁ ତଥା ପୃଥିବୀକୁ କୌଣସି ଶକ୍ତ ଆଘାତରୁ ମୁକୁଳିବାର କ୍ଷମତା ଓ ପରିବର୍ତ୍ତିତ ପରିସ୍ଥିତିକୁ ଗ୍ରହଣ କରିବା ପାଇଁ ଶକ୍ତି ଯୋଗାଇବ ବୋଲି ଭାବିବା ଭୁଲ। ଏଥିପାଇଁ ଆବଶ୍ୟକ ବିବିଧତା। ଏକ ସହରର କେନ୍ଦ୍ର ଦେଇ ଗୋଟିଏ ମାତ୍ର ରାସ୍ତା ରହିଥିଲେ ଯଦି କୌଣସି ଆକସ୍ମିକ ବନ୍ୟା କିମ୍ବା ସନ୍ତ୍ରାସବାଦୀ ଆକ୍ରମଣ ହୁଏ, ତେବେ ତାହାକୁ ବନ୍ଦ କରିବାକୁ ବାଧ୍ୟ। କିନ୍ତୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଲାଗି ଅଧିକ ରାସ୍ତା ଥିବା ସହରଟି ପରିବର୍ତ୍ତୀ ପରିସ୍ଥିତିକୁ ସହଜରେ ମୁକାବିଲା କରି ଅନ୍ୟ ବାଟ ଖୋଲିପାରିବ । ଏଣୁ ପରିବର୍ତ୍ତିତ ପରିସ୍ଥିତିକୁ ଗ୍ରହଣ କରିବା ଲାଗି ଆମ ପାଖରେ ବିବିଧ ଉପାୟ ରହିଥିବା ଆବଶ୍ୟକ। ଅଧିକ ଉତ୍ପାଦନ( ଏକ ନିର୍ଦ୍ଦିଷ୍ଟ ଶସ୍ୟ) ପାଇଁ ପ୍ରତିକୂଳ ପରିସ୍ଥିତିର ଅଧିକ ସାମ୍ନା କରିବ। ବିଶ୍ଳେଷଣାତ୍ମକ ପୂର୍ବାନୁମାନ ଓ ସ୍ୱଚାଳିତ ବ୍ୟବସ୍ଥା ମାଧ୍ୟମରେ ଅଧିକ ଅମଳ ପାଇଁ କୃଷିଜମିକୁ ପ୍ରଭାବୀ କରିବା ଏକ ସାମୟିକ ରଣନୀତି। କିନ୍ତୁ ଏହା ସ୍ଥାନୀୟ ପରିବେଶଗତ ଜ୍ଞାନକୁ ଆହୁରି କମାଇଦେବ,ସାମ୍ପ୍ରତିକ ଅସମାନତା ବଢ଼ାଇବ ଏବଂ ବ୍ୟବସାୟିକ ଚାପ ଦୃଷ୍ଟିକୋଣରୁ ଏହା ଏକକ କୃଷିକୁ ବୃଦ୍ଧି କରିବ ।

ଜଳବାୟୁ ପରିବର୍ତ୍ତନ ମୁକାବିଲା ଏଆଇର ପଦ୍ଧତିର ଉତ୍ତମ ତଥା ପ୍ରଭାବୀ ଉପଯୋଗ ଦ୍ୱାରା କେବଳ ହୋଇପାରିବ ନାହିଁ, ବରଂ ଜୈବମଣ୍ଡଳର ପରିଚାରକ ଭାବେ ଲୋକମାନଙ୍କ ଦକ୍ଷତା ବଢ଼ାଇବା ଦ୍ୱାରା ଏହା ସମ୍ଭବ ହେବ। ଏଭଳି ବିସ୍ତୃତ ଦୃଷ୍ଟିକୋଣ ବର୍ତ୍ତମାନ ସମୟରେ ଆବଶ୍ୟକ। କିନ୍ତୁ ଏଆଇକୁ ଜୈବମଣ୍ଡଳର ସଞ୍ଚାଳକ ଭାବେ ପ୍ରୋତ୍ସାହିତ କରିବାର ପ୍ରୟାସରେ ଦୁଇଟି ବାଧା ରହିଛି। ପ୍ରଥମଟି ହେଉଛି ପ୍ରଚାର। ପୃଥିବୀ ଓ ଜଳବାୟୁ ପ୍ରକ୍ରିୟା ଉପରେ ଚାପ ବଢୁଥିବାରୁ ଏଆଇ ଗମ୍ଭୀର ସାମାଜିକ ସମସ୍ୟା,ଅର୍ଥନୀତି ଏବଂ ପରିବେଶଗତ ଆହ୍ୱାନଗୁଡ଼ିକୁ ସମାଧାନ କରିପାରିବ ବୋଲି ଆଶା। ଏଆଇ ପ୍ରକୃତରେ ପରିବେଶକୁ ଅଧିକ ଲାଭ ପହଞ୍ଚାଇବାରେ ସୀମିତ କି ନାହିଁ ଏବଂ ଏବକାର ଆକଳନ ଅଧିକ ଆଶାବାଦୀ କି ନାହିଁ,ସେ ସମ୍ପର୍କରେ ଆମର ଜ୍ଞାନ ଆମର ପ୍ରଯୁକ୍ତି ବିପ୍ଳବ ସମ୍ପର୍କରେ ଆମେ କ'ଣ ଜାଣିଛୁ ତାହା ପ୍ରତିପାଦିତ କରେ। ବହୁ ସମୟ ଧରି ଏଆଇ ଟେକ୍‌ନୋଲୋଜିଗୁଡ଼ିକର ବିକାଶ ଏବଂ ବିସ୍ତାର ହେଉଥିବା ଯୋଗୁ ଏହା ଉପରେ ଉଠୁଥିବା ଦାବିଗୁଡ଼ିକର କଡ଼ା ତଥା ସ୍ୱାଧୀନ ଭାବେ ପରୀକ୍ଷା ହେବା ଉଚିତ।

ଦ୍ୱିତୀୟ ବିପଦଟି ହେଉଛି ଏହାକୁ ତ୍ୱରାନ୍ୱିତ କରିବା। ଏଆଇ ଏବଂ ଏଲଓଟି, ୫ଜି,ରୋବୋଟିକ୍ସ ଭଳି ଏହା ସହ ଜଡ଼ିତ ଜ୍ଞାନକୌଶଳର ପ୍ରଭାବୀ ଢଙ୍ଗରେ ଉପଯୋଗ ଜୈବମଣ୍ଡଳର ପରିବର୍ତ୍ତିତ ପରିସ୍ଥିତିରେ ଖାପଖୁଆଇବାରେ ହେଉଥିବା କ୍ଷତିକୁ ବଢାଇଦେବ । ଟେକ୍‌ନୋଲିର ନୂଆ ଆଧାର ପାଇଁ ଜୀବାଶ୍ମ ଇନ୍ଧନ ଉତ୍ତୋଳନ ବୃଦ୍ଧିପାଇବା ସହ ଏବଂ କଞ୍ଚାମାଲର ଆବଶ୍ୟକତା ମଧ୍ୟ ବଢିଯିବ । ଅନ୍ୟପକ୍ଷରେ ଅଏଲ ଏବଂ ଗ୍ୟାସ ଫାର୍ମଗୁଡ଼ିକ ଡିଜିଟାଇଜେଶନ ମାଧ୍ୟମରେ ସେମାନଙ୍କ ଖର୍ଚ୍ଚ କମାଇବା ଲାଗି ଚାହୁଁଛନ୍ତି। ଏକ ଆକଳନ ଅନୁଯାୟୀ, ଜୀବାଶ୍ମ ଇନ୍ଧନ ସେକ୍ଟରରେ ଆଗାମୀ ୫ ବର୍ଷରେ ଡିଜିଟାଲ ସର୍ଭିସ ମାର୍କେଟ ୫୦୦% ବୃଦ୍ଧି ହେବ। ଏହାଦ୍ୱାରା ତୈଳ ଉତ୍ପାଦନକାରୀମାନେ ପାଖାପାଖି ୧୫୦ ବିଲିୟନ ଡଲାର ବଞ୍ଚାଇପାରିବେ। ଡିଜିଟାଇଜେଶନ, ଅଟୋମେଶନ ଏବଂ ଏଆଇର ଲକ୍ଷ୍ୟାୟିତ ଶକ୍ତିକୁ ପାରମ୍ପରିକ ସଂଶାଧନର ସ୍ଥାୟିତ୍ୱକୁ ଦୃଢ କରିବା ଲାଗି ସମ୍ପୂର୍ଣ୍ଣ ଉପଯୋଗ କରାଯାଇନାହିଁ। ଚତୁର୍ଥ ଶିଳ୍ପ ବିପ୍ଳବ ଓ ଜୈବମଣ୍ଡଳର ପ୍ରାକୃତିକ ସଂଶାଧନକୁ ନିୟନ୍ତ୍ରଣ କରିବା ପାଇଁ ଆମକୁ ଏହାର ଟେକ୍‌ନୋଲୋଜିଗୁଡ଼ିକୁ ଉତ୍ତମ ଏବଂ ମଜଭୁତ ଉପାୟରେ ସଞ୍ଚାଳନ କରିବା ଉଚିତ।

ଉପ ନିର୍ଦ୍ଦେଶକ, ଷ୍ଟକ୍‌ହୋମ ରିସିଲିଏନ୍ସ ସେଣ୍ଟର,
ଷ୍ଟକ୍‌ହୋମ ୟୁନିଭର୍ସିଟି

## ପ୍ରଚଣ୍ଡ ସାମ୍ୟବାଦୀରୁ ସମ୍ପୂର୍ଣ୍ଣ ଅଧ୍ୟାତ୍ମବାଦୀ

ପ୍ରସାଦ ତ୍ରିପାଠୀ

ଆମ୍ଭେମାନେ ଯେବେ ତରୁଣ ଥିଲୁ, ସେତେବେଳେ ମନୋଜ ଦାସ ଥିଲେ ସାମ୍ୟବାଦୀ ମନ୍ତ୍ରରେ ଅଭିମନ୍ତ୍ରିତ ଏକ ଅଗ୍ନିଶିଖା। ସ୍ୱର୍ଗତ ମନମୋହନ ମିଶ୍ର, ରାମକୃଷ୍ଣ ପତି ପ୍ରମୁଖ ସାମ୍ୟବାଦୀ ନେତାମାନଙ୍କ ସହିତ ଏକା ମଞ୍ଚରେ ତାଙ୍କର ଅଗ୍ନିବର୍ଷୀ ଭାଷଣ ଆମେ ଶୁଣିଛୁ। କହିବା ବାହୁଲ୍ୟ, ସେତେବେଳେ ପ୍ରାୟତଃ ତରୁଣମାନଙ୍କ ଶିରାପ୍ରଶିରାରେ ଏକ ସାମ୍ୟବାଦୀ ଚିନ୍ତାଧାରାର ରକ୍ତ ପ୍ରବାହିତ ହେଉଥିଲା। ସେଥିପାଇଁ ମନୋଜ ଦାସ ହିଁ ମୁଖ୍ୟତଃ ପ୍ରେରଣାଦାୟୀ ଥିଲେ।

ପରବର୍ତ୍ତୀ ଅବସ୍ଥାରେ ସେ ସମ୍ପୂର୍ଣ୍ଣ ଅଧ୍ୟାତ୍ମବାଦୀ ଚିନ୍ତାଧାରା ମାର୍ଗର ଯାତ୍ରୀ ହୋଇଗଲେ। ପଣ୍ଡିଚେରୀ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଶ୍ରମରେ ସ୍ଥାୟୀ ଭାବରେ ରହିବା ଏବଂ ଶ୍ରୀମା'ଙ୍କ ଆଶ୍ରିତ ହେବା ତାଙ୍କ ଜୀବନର ଶ୍ରେଷ୍ଠତମ ସିଦ୍ଧାନ୍ତ ବୋଲି ମଧ୍ୟ ସେ ସ୍ୱୀକାର କଲେ। କୌଣସି ଏକ ସାକ୍ଷାତ୍‌କାରରେ ତାଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିବା ଅବସରରେ, ଯେତେବେଳେ ମୁଁ ପ୍ରଶ୍ନକଲି ଏକ ଅତ୍ୟନ୍ତ ତୁଙ୍ଗ ସାମ୍ୟବାଦୀ ମତବାଦରୁ ସମ୍ପୂର୍ଣ୍ଣ ଅଧ୍ୟାତ୍ମବାଦୀ ମତବାଦକୁ ମାର୍ଗ ପରିବର୍ତ୍ତନର କାରଣ କ'ଣ ? ସେ ସମ୍ପୂର୍ଣ୍ଣ ସ୍ୱାଭାବିକ ଭାବରେ କହିଲେ- ଉଭୟର କାରଣ ସମାନ, ମାତ୍ର ମାର୍ଗ ଭିନ୍ନ। ସାମ୍ୟବାଦୀ ଚିନ୍ତା କେବଳ ସମାଜରେ ଦାରିଦ୍ର୍ୟ ଦେଖିକରି ହିଁ ମୋତେ ଆଲୋଡିତ କରିଥିଲା ଏବଂ ଅଧ୍ୟାତ୍ମବାଦୀ ହେବାର ତାହା ହିଁ ଉଦ୍ଦେଶ୍ୟ। କାରଣ ପ୍ରକୃତରେ ସମାଜରୁ ଦାରିଦ୍ର୍ୟ ଦୂରୀକରଣ କେବେହେଲେ ଆର୍ଥିକ ସମାନତା ମାଧ୍ୟମରେ ସମ୍ଭବ ନୁହେଁ। କେବଳ ଅଧ୍ୟାତ୍ମ ମାର୍ଗରେ ଚେତନାର ପରିବର୍ତ୍ତନ ମାଧ୍ୟମରେ ହିଁ ସମାନତା ସ୍ଥାପନ କରିହେବ ଏବଂ ତାହାହିଁ ହେବ ଦାରିଦ୍ର୍ୟ ବିଲୋପର ଏକମାତ୍ର ସମାଧାନ। ଅନ୍ୟ କୌଣସି ମାଧ୍ୟମରେ ଦାରିଦ୍ର୍ୟ ବିଲୋପ କିମ୍ବା ଏକ ସାମାଜିକ ସମାନତା ସମ୍ଭବ ନୁହେଁ।

ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପରେ ମନୋଜ ଦାସଙ୍କ ସମସ୍ତ ସାହିତ୍ୟକୃତି ସେହି ଆଦର୍ଶକୁ ହିଁ ଭିତ୍ତିକରି ଲିଖିତ। ତାଙ୍କର ଅନେକ ସାହିତ୍ୟକୃତି ପାଇଁ ସେ ଅଜସ୍ର ସମ୍ମାନ ମଧ୍ୟ ଲାଭ କରିଛନ୍ତି। ସେ ସବୁବେଳେ କୁହନ୍ତି, ସମ୍ମାନ ମୋର ନୁହେଁ, ପାଠକମାନଙ୍କର ପ୍ରାପ୍ୟ। ଥରେ ସେ କୌଣସି ସଭାରେ ଏକ ସମ୍ମାନ ଗ୍ରହଣ କଲାବେଳେ ଏକଥା ପ୍ରକାଶ କରିଥିଲେ ଯେ, ମୁଁ ସମ୍ମାନ ପାଇବାରେ କୃତଜ୍ଞ ହୁଏ ମାତ୍ର ପୁଲକିତ ହୁଏ ନାହିଁ। ଥରେ ମୋର ଜଣେ ବନ୍ଧୁ ମୋତେ ଖବର ଦେଲେ ଯେ, ମନୋଜ ଦାସଙ୍କ ନାମକୁ ପଦ୍ମଭୂଷଣ ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ପଠାଇଛନ୍ତି। ତୁମ୍ଭେମାନେ ଦିଲ୍ଲୀରେ କିଛି ଚେଷ୍ଟା କଲେ ଏହା ସଫଳ ହୋଇପାରନ୍ତା। ମୁଁ ଏକ ଅତ୍ୟନ୍ତ ନିରୋଳା ଏବଂ ସହଜ ମୁହୂର୍ତ୍ତରେ ଏହି କଥା ମନୋଜ ଦାସଙ୍କୁ ଜଣାଇବାରୁ ସେ ହସିଲେ ଏବଂ କହିଲେ- ସମ୍ମାନ, ପୁରସ୍କାର ସବୁକୁ କ'ଣ ଚେଷ୍ଟା କରି ଅଣାଯାଏ ? ଏବଂ ପୁଣି କହିଲେ, ସେ ଦାୟିତ୍ୱ ଅନ୍ୟମାନେ ନିଅନ୍ତୁ। ଯଦି ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଭାବରେ ବିଚାର କରାଯାଏ ତେବେ ମନୋଜ ଦାସ ନୋବେଲ ପୁରସ୍କାର ପାଇଁ ଯୋଗ୍ୟ। ଯେତେବେଳେ କୌଣସି ଏକ ସମାବେଶରେ ଆମ୍ଭେମାନେ ଏ ମତ ଦେଲୁ କି ଆପଣ ନୋବେଲ ପାଇବା ପାଇଁ ଆମେ ଅପେକ୍ଷା ରଖିଛୁ, ମନୋଜ ଦାସ ସଙ୍ଗେ ସଙ୍ଗେ କହିଲେ ତୁମର ଏହି ମନ୍ତବ୍ୟ ତ ନୋବେଲଠାରୁ ଅଧିକ ମୂଲ୍ୟବାନ୍।

ବିବର୍ତ୍ତନ ଧାରାରେ ମନୁଷ୍ୟ ଯେ ସୃଷ୍ଟିର ଅନ୍ତିମ ପର୍ଯ୍ୟାୟ ନୁହେଁ ଶ୍ରୀଅରବିନ୍ଦଙ୍କର ଏହି ସିଦ୍ଧାନ୍ତକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଏବଂ ମନୁଷ୍ୟ ପରେ ବିବର୍ତ୍ତନ ଧାରାରେ ହିଁ ମନୁଷ୍ୟ ତା'ର ପରବର୍ତ୍ତୀ ପାବଚ୍ଛ ଅତିମାନବକୁ ଉନ୍ନୀତ ହେବ ଏବଂ ତାହାହିଁ ମନୁଷ୍ୟର ସମସ୍ତ ଦୁଃଖ, ଦୈନ୍ୟ, ଯନ୍ତ୍ରଣା ପ୍ରଭୃତିର ଏକମାତ୍ର ସମାଧାନ ଏ କଥା ସେ ବାରମ୍ବାର ନିଜର ବକ୍ତୃତା ତଥା ରଚନା ମାଧ୍ୟମରେ ପ୍ରକାଶ କରୁଥିଲେ। ମନୋଜ ଦାସ ବାସ୍ତବରେ ସାଧାରଣ ମନୁଷ୍ୟ ସମାଜର ପ୍ରତିନିଧି ଭାବରେ ସେହି ସମାଜର ସମସ୍ତ ସମସ୍ୟାର ସମାଧାନ ଖୋଜି ଶେଷରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଆନନ୍ଦରେ ଗ୍ରହଣ କରିଥିଲେ। ଗୋଟିଏ ସଚ୍ଚା ଅଧ୍ୟାତ୍ମବାଦୀ ହିଁ ସାମ୍ୟବାଦର ବାସ୍ତବ ରୂପାୟନ କରିପାରିବେ- ଏ କଥାକୁ ସେ ଖୁବ୍ ଦୃଢ଼ତାର ସହ ନିଜ ଜୀବନରେ ପ୍ରତିପାଦିତ କରିପାରିଥିଲେ। ସେଇ ପବିତ୍ର ଆତ୍ମାଙ୍କ ନିକଟରେ ମୋର କୃତଜ୍ଞତା।

- ମାତୃଭବନ,କଟକ

## ଏଇ ଭାରତରେ

ବିହାରର ୨୦ ବର୍ଷୀୟା ଇଞ୍ଜିନିୟର ସୃଷ୍ଟି ପାଣ୍ଡେ ସୌରଚାଳିତ କୋଭିଡ୍ ସୁବିଧା ଲୋକମାନଙ୍କୁ ଯୋଗାଇବାରେ ଲାଗିଛନ୍ତି। ସୃଷ୍ଟିଙ୍କ ଘର ଉତ୍ତରପ୍ରଦେଶରେ। ସେ ଦୁଇଟି କୋଭିଡ୍ ସେଣ୍ଟର ପାଟ୍‌ନା ଏବଂ ଜଳନ୍ଧର ସହର ଉପକଣ୍ଠରେ ନିର୍ମାଣ କରିଛନ୍ତି। ସେ ଏହି ସେଣ୍ଟରରେ ସୋଲାର ପ୍ୟାନେଲ ବସାଇବାରେ କୃଷି ବର୍ଜ୍ୟ ଉପଯୋଗ କରିଛନ୍ତି। ଏହି ସେଣ୍ଟର ଦୁଇଟିକୁ ସେ ୮୦ ଦିନରେ ନିର୍ମାଣ କରିଛନ୍ତି। ଜଳନ୍ଧରରେ ସେଲ୍‌କୋ ଫାଉଣ୍ଡେଶନ ଓ ପାଟ୍‌ନାରେ ବାତ୍ରା ହସ୍ପିଟାଲ ସହଯୋଗରେ ଏହି କୋଭିଡ୍ ସେଣ୍ଟର ନିର୍ମାଣ କରାଯାଇଛି। ଜଳନ୍ଧରରେ ୬,୦୦୦ ବର୍ଗଫୁଟରେ ନିର୍ମିତ ସେଣ୍ଟରରେ ୭୦ଟି ଶଯ୍ୟା ରହିଛି। ଦୁଇଟିଯାକ ସେଣ୍ଟର ସୌରଶକ୍ତିରେ ଚାଲୁଛି। ସେ କୃଷକମାନଙ୍କଠାରୁ ନଡ଼ା ସଂଗ୍ରହ କରୁଛନ୍ତି। ଏବାବଦରେ କୃଷକମାନେ ୧ ଏକରରୁ ୨୫୦୦ ଟଙ୍କା ପାଇବା ସହ ପରୋକ୍ଷରେ ପରିବେଶ ପ୍ରଦୂଷଣ କମିପାରୁଛି। ଗୋଟିଏ ୧୦ ଫୁଟ ଲମ୍ବ, ୪ ଫୁଟ ଚଉଡ଼ାର ସୋଲାର ପ୍ୟାନେଲ ସେଟ୍ କରିବା ପାଇଁ ୧୦୦ କେଜି ନଡ଼ା ଆବଶ୍ୟକ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୭ ମେ ୧୯୯୬

- ଶ୍ରୀଲଙ୍କାର ପୂର୍ବଭାଗରେ ଏଲ୍‌ଟିଟିଇ ଗେରିଲାମାନେ ଅତର୍କିତ ଆକ୍ରମଣ କରି ୧୦ ଜଣ ସରକାରୀ ସୈନ୍ୟଙ୍କୁ ହତ୍ୟା କରିଛନ୍ତି।
- ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ଆସାମର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ନଗେନ ନିୟୋଗଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ।
- ହାଓଡ଼ା ଜିଲ୍ଲାର ବାଗାଡାବଲା ନିକଟରେ ଏକ ଘରୋଇ ବସ୍‌ରେ ନିଆଁ ଲାଗିଯିବା ଫଳରେ ୧୨ ମୃତ।

## ଭୟଙ୍କର ସ୍ଥିତିରେ ଆମ ବିଦ୍ୟାଳୟ



ରାଜୀବ କର୍ମି

ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷାର ସ୍ତର ସମ୍ପ୍ରତି ଅତି ଉଦ୍‌ବେଗଜନକ ଅବସ୍ଥାରେ ପହଞ୍ଚିଛି। ଯଦିଓ କରୋନା ଏହାର ଏକ କାରଣ କିନ୍ତୁ ମୁଖ୍ୟ କାରଣ ନୁହେଁ। ବିଗତ ପାଞ୍ଚ ଛଅ ବର୍ଷ ହେଲା ଏ ସ୍ଥିତି ଦେଖାଦେଲାଣି। ଫଳରେ ଅଭିଭାବକମାନେ ସରକାରୀ ବିଦ୍ୟାଳୟ ପ୍ରତି ଆସ୍ଥା ହରାଇ ଏବେ ସମସ୍ତେ ବେସରକାରୀ ବିଦ୍ୟାଳୟମୁହାଁ। ଫଳତଃ ସରକାରୀ ବିଦ୍ୟାଳୟଗୁଡ଼ିକ ଖାଁ ଖାଁ ଲାଗୁଛି। ସରକାର ନିଜ ଶିକ୍ଷାର ଉନ୍ନତି ବିଷୟରେ ବାହାରେ ଯେତିକି ଡିଣ୍ଡିମ ପିଟୁଛନ୍ତି, ବାସ୍ତବିକ ସ୍ଥିତି ସେତିକି ଭୟଙ୍କର। ଅନେଶତ ଶତକଡ଼ା ବିଦ୍ୟାଳୟ ଏବେ ବିପର୍ଯ୍ୟସ୍ତ। ସେ ରାଜଧାନୀର ଛାତି ଉପରେ ଛିଡ଼ା ହୋଇଥିବା ବିଦ୍ୟାଳୟଟିଏ ହେଉ କିମ୍ବା ମାଲକାନଗିରି କି ମୟୂରଭଞ୍ଜ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ସ୍ଥାପିତ ବିଦ୍ୟାଳୟଟିଏ ହେଉ, ପିଲାମାନଙ୍କର ଶିକ୍ଷଣ ସ୍ତର ବୃଦ୍ଧି ନ ହେବା ହେତୁ ଅଭିଭାବକମାନେ ସରକାରୀ ବିଦ୍ୟାଳୟ ପ୍ରତି ମୁହଁ ମୋଡୁଛନ୍ତି। ଅଭିଭାବକମାନେ ଶିକ୍ଷକମାନଙ୍କୁ, ଶିକ୍ଷକମାନେ ସରକାରଙ୍କୁ ଏବଂ ସରକାର ଅଭିଭାବକମାନଙ୍କୁ ଦୋଷ ଦେଇ ନିଜ ଦାୟିତ୍ୱରୁ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଗୋଟିଏ ଭାତକୁ ଚିପି ହାଣ୍ଡି ଯାକ ଭାତ ଆକଳନ କରିବା ନ୍ୟାୟରେ କୌଣସି ଗୋଟିଏ ବିଦ୍ୟାଳୟର ବିକାଶକୁ ନମୁନା ଭାବରେ ସାର୍ବଜନୀନ କରି ସରକାର ବାହାବା ନେଉଛନ୍ତି।

୨୦୦୯ରେ ଶିକ୍ଷା ଅଧିକାର ଆଇନ ଆସିବା ପୂର୍ବରୁ ଆମ ଦେଶରେ ସର୍ବଶିକ୍ଷା ଅଭିଯାନ ଚାଲିଥିଲା। ସେ ସମୟରେ ଶିକ୍ଷାର ସ୍ଥିତି ଅନେକ ସୁଧୁରି ଥିବାର ଆମେ ଦେଖିଛେ। ଶିକ୍ଷାର ମାନକୁ ଆହୁରି ବିକଶିତ କରିବା ପାଇଁ ଆମେ ଶିକ୍ଷାକୁ ଏକ ଅଧିକାର ଭାବରେ୨୦୦୯ରେ ସ୍ୱୀକୃତି ଦେଲେ। ଆଶା ଥିଲା ଏହାଦ୍ୱାରା ଶିକ୍ଷାରେ ଅନେକ ଉନ୍ନତି ଘଟିବ। କିନ୍ତୁ ବିଗତ ୧୨ ବର୍ଷ ଭିତରେ ଶିକ୍ଷାର ଅବସ୍ଥା ସୁଧୁରିବା ପରିବର୍ତ୍ତେ ନିମ୍ନଗାମୀ ହେବାରେ ଲାଗିଛି। ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ନିୟମିତ ବ୍ୟବଧାନରେ ତାଲିମ, ଉପରିସ୍ଥ ଅଫିସରମାନଙ୍କୁ ନେଇ ବାହାର ରାଜ୍ୟର ସଫଳ କାହାଣୀର ପରିଦର୍ଶନ, ଉନ୍ନତଧରଣର ତଦାରଖ ବ୍ୟବସ୍ଥା ସାଙ୍ଗକୁ ଉଚ୍ଚସ୍ତରୀୟ ସମୀକ୍ଷା ଏବଂ ଅନୁସନ୍ଧାନ କୌଣସିରେ କାମରେ ଲାଗିପାରୁ ନାହିଁ। କେତୋଟି ଦିଗ ଯଥା ବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷକ ନିଯୁକ୍ତି ଏବଂ ସମସ୍ତଙ୍କୁ ତାଲିମ ବ୍ୟବସ୍ଥାକୁ ବାଦ୍‌ଦେଲେ ଶିକ୍ଷାର ମାନ ବୃଦ୍ଧି ଏବଂ ପିଲାଙ୍କ ଶିକ୍ଷଣ ସ୍ତରରେ ଅଭିବୃଦ୍ଧି ନିରାଶାଜନକ। ଏଥିରୁ ବୁଝାପଡ଼େ ସରକାର ଶିକ୍ଷାର ଭିତ୍ତିଭୂମି ସଜାଡ଼ିବାରେ ଯେତିକି ବ୍ୟସ୍ତ ପିଲାଙ୍କ ଶିକ୍ଷଣ ସ୍ତରକୁ ବୃଦ୍ଧି କରିବାରେ ସେତିକି ବିଫଳ।

ଶିକ୍ଷକ ହେଉଛି ଶିକ୍ଷାର ମେରୁଦଣ୍ଡ। ଶିକ୍ଷଣ ସ୍ତରରେ ବୃଦ୍ଧି ପାଇଁ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜଣେ ଶିକ୍ଷକ ଚାହିଁଲେ ବିଦ୍ୟାଳୟର ଭିତ୍ତିଭୂମିରେ ଅନେକ ଉନ୍ନତି କରି ପାରିବେ, ଶିକ୍ଷାର ମାନ ବୃଦ୍ଧି କରିପାରିବେ। ଅଭିନବ ପଦ୍ଧତିରେ ଶିକ୍ଷାଦାନ କରି ପାରିବେ ବିନା ଶିକ୍ଷଣ ସାମଗ୍ରୀ ସହିତ। ଶିକ୍ଷକ ଚାହିଁଲେ ଗୋଷ୍ଠୀ ଭାଗୀଦାରିତା ବିଦ୍ୟାଳୟ ପ୍ରତି ବୃଦ୍ଧି ପାଇବ। ଅଭିବାବକ ଏବଂ ଗାଁ ଲୋକମାନେ ବିଦ୍ୟାଳୟ ପ୍ରତି ଯତ୍ନଶୀଳ ହେବେ। ଶିକ୍ଷକ ଚାହିଁଲେ ବିଦ୍ୟାଳୟ ପିଲାଙ୍କୁ ଆକୃଷ୍ଟ କରିବା ସହିତ ପିଲାଙ୍କ ଶିକ୍ଷଣ ସ୍ତର ଅହେତୁକ ବୃଦ୍ଧି ପାଇବ। ଏପରିକି ସ୍ୱଳ୍ପ ସରକାରୀ ଅନୁଦାନରେ ମଧ୍ୟ। ଏହାର ମଧ୍ୟ ଅନେକ ଉଦାହରଣ ଅଛି ହେଲେ ଶିକ୍ଷକମାନଙ୍କ ମନୋବୃତ୍ତି ନ ଥିଲେ ସରକାର ଯେତେ ଚେଷ୍ଟା କଲେ ବି ବିଦ୍ୟାଳୟ ଉଧେଇ ପାରିବ ନାହିଁ। ବିଗତ ୨୦ବର୍ଷଧରି ଶିକ୍ଷକମାନଙ୍କୁ ଶିକ୍ଷାର ମାନ ବୃଦ୍ଧି ପାଇଁ ସବୁ ପ୍ରକାର ତାଲିମ ଦିଆଯାଇଛି। ତା' ହେଲେ ଭୁଲ ରହୁଛି କେଉଁଠି। ପାଠଘର ଶୂନ କାହିଁକି ? ମୋର ଜଣେ ଶିକ୍ଷକ ବନ୍ଧୁ କହିଲେ ଆମେମାନେ କିଛି କରୁଛୁ ବୋଲି ତ କିଛି ପିଲା ବିଦ୍ୟାଳୟରେ ଅଛନ୍ତି। ନଚେତ୍ ସରକାରୀ ବିଦ୍ୟାଳୟ ପୂରାପୂରି ଖାଲି ହୋଇଯାଆନ୍ତା।

ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ସରକାରଙ୍କ ଦାୟିତ୍ୱ। ଦେଖାଯାଉଛି ସରକାର ଏଥିରୁ ଧୀରେଧୀରେ ଓହରି ଯିବାରେ ଲାଗିଛନ୍ତି। ସରକାରଙ୍କର ବୈମାତୃକ ମନୋଭାବ ପାଇଁ ଅଭିଭାବକମାନେ ମଧ୍ୟ ସରକାରୀ ବିଦ୍ୟାଳୟକୁ ନିଜ ପିଲାଙ୍କୁ ଛାଡ଼ିବା ପାଇଁ ମଙ୍ଗୁ ନାହାନ୍ତି। ଯାହାର ଆର୍ଥିକ ସମ୍ବଳ ସ୍ୱଚ୍ଛଳ ସେମାନେ ବେସରକାରୀ ବିଦ୍ୟାଳୟ ମୁହାଁ ହେଉଛନ୍ତି। ଫଳରେ ସରକାରୀ ବିଦ୍ୟାଳୟରେ ପିଲା ସଂଖ୍ୟା ଦ୍ରୁତଗତିରେ କମିବାକୁ ଲାଗିଛି। ଗତ ପାଞ୍ଚ ବର୍ଷ ଭିତରେ ଆମ ରାଜ୍ୟରେ ୧୭୭୨ ବିଦ୍ୟାଳୟରେ ପିଲା ନ ହେବାରୁ ସରକାର ବନ୍ଦ କରିଛନ୍ତି, ଯେଉଁଥିରୁ ୪୮୮ବିଦ୍ୟାଳୟ କେବଳ ୨୦୧୯-୨୦ ବର୍ଷରେ ବନ୍ଦ ହୋଇଛି। ଏହାର ଅର୍ଥ ଏଇଆ ନୁହେଁ ଯେ ସେହି ଗାଁରେ ପିଲା ନାହାନ୍ତି। ଯେଉଁଠି ଭଲ ଶିକ୍ଷା ମିଳିବ ସେଠିକି ତ ପିଲା ଯିବେ ନିଶ୍ଚିତ। ଶିକ୍ଷା ଅଧିକାର ଆଇନର ପ୍ରାବଧାନ ଅନୁସାରେ ଅଧିକ ବିଦ୍ୟାଳୟର ଆବଶ୍ୟକତା ଥିବାବେଳେ ସରକାର ବନ୍ଦ କରୁଛନ୍ତି କେମିତି ? କିନ୍ତୁ ସରକାର କହୁଛନ୍ତି ପିଲା ନ ହେବାରୁ ଆମେ ବାଧହେଇ ବିଦ୍ୟାଳୟ ବନ୍ଦ କରୁଛୁ। ଯଦି ସେହି ଗାଁରେ ପିଲା ନାହାନ୍ତି ତେବେ ଗଲେ କୁଆଡ଼େ ? ଏଠାରେ ପ୍ରଶ୍ନ ଉଠେ ସରକାର ପିଲାମାନଙ୍କୁ ନିଜ ବିଦ୍ୟାଳୟରେ ରଖିବାକୁ କ'ଣ ପଦକ୍ଷେପ ନେଇଛନ୍ତି ?

ଏହାର ଅନ୍ୟ ଦିଗଟି ହେଉଛି ଅଭିଭାବକମାନଙ୍କର ଶିକ୍ଷାପ୍ରତି ଭାଗୀଦାରିତା। ଅନେକ ଶିକ୍ଷକଙ୍କ ଅଭିଯୋଗ ହେଲା ବାପା ମା'ମାନେ ଘରେ ପିଲାଙ୍କୁ ପଢ଼ାଉ ନାହାନ୍ତି। ଆମେ କ'ଣ ପିଲାଙ୍କୁ ପାଠ ବାଟିକରି ପିଆଇ ଦେବୁ। ତେବେ ବେସରକାରୀ ବିଦ୍ୟାଳୟର ଅଭିଭାବକ କ'ଣ ନିଜ ପିଲା ବିଷୟରେ ବେଶି ଚିନ୍ତାଶୀଳ? ଏହା ମଧ୍ୟ ଅନେକାଂଶରେ ସତ୍ୟ। ସରକାରୀ ବିଦ୍ୟାଳୟରେ ଅଭିଭାବକମାନେ ପିଲାଙ୍କ ଶିକ୍ଷାରେ ଉନ୍ନତି-ଅବନତି ବିଷୟରେ ବେଶି ଅଭିଯୋଗ କରନ୍ତି ନାହିଁ। ମାତ୍ର ବେସରକାରୀ ବିଦ୍ୟାଳୟରେ ଏହାର ଠିକ୍ ଓଲଟା। ପିଲାଙ୍କ ପାଇଁ ଅନେକ ଅଭିଭାବକ ଶିକ୍ଷକମାନଙ୍କଠାରୁ ମଧ୍ୟ ବେଶି ପରିଶ୍ରମ କରିଥାନ୍ତି। ବିଦ୍ୟାଳୟ ବ୍ୟତୀତ ଘରେ ପିଲାଙ୍କ ପାଇଁ ଶିଖିବାର ପରିବେଶ ତିଆରି କରିଥାନ୍ତି। ଅନେକ କ୍ଷେତ୍ରରେ ପିଲା ପାଠ ନ ପଢ଼ିଲେ ଅଭିଭାବକମାନଙ୍କୁ ଦୋଷ ଦେବା ଏକ ପରମ୍ପରା ହୋଇଗଲାଣି। ତେଣୁ ଅନେକ ସମୟରେ ଶିକ୍ଷକମାନେ ନିଜ ମୁଣ୍ଡରୁ ଅଠା ଛଡେଇବା ପାଇଁ ବାଟ ପାଇଯାଆନ୍ତି।

ଶିକ୍ଷକ-ଶିକ୍ଷକ ଭିତରେ ବିଭେଦତା ଏହି ସ୍ଥିତିକୁ ଆହୁରି ସୁହାଉଛି। ଶିକ୍ଷକ ଶିକ୍ଷାଦାନରେ ଅବହେଳା କରୁଛନ୍ତି। ଅନେକ ଶିକ୍ଷକ କମ୍ ବେତନ ଯୋଗୁ ଅତିରିକ୍ତ ଆୟପନ୍ଥା ଅବଲମ୍ବନ ନିମିତ୍ତ ବିଦ୍ୟାଳୟ ପ୍ରତି ନ୍ୟାୟ କରି ପାରୁନାହାନ୍ତି। ଏତେସବୁ ତଦାରଖ ବ୍ୟବସ୍ଥା ଥିବା ସତ୍ତ୍ୱେ କେହି ନିଜର ଦାୟିତ୍ୱ ପାଳନ କରୁନାହାନ୍ତି ଏବଂ କାହାର ଉତ୍ତରଦାୟିତ୍ୱ ମଧ୍ୟ ନାହିଁ। ସରକାରଙ୍କ ଏହି ଅପାରଗତା ବେସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁହାଉଛି। ପିଲା ଅଭାବରୁ ବିଦ୍ୟାଳୟ ବନ୍ଦ ହେଲେ ସରକାର ଦୋଷ ମୁଣ୍ଡଉ ନାହାନ୍ତି। ପରୋକ୍ଷରେ ସରକାରଙ୍କ ନୀରବତା ବେସରକାରୀ କ୍ଷେତ୍ରକୁ ଉତ୍ସାହିତ କରୁଛି।

ଶିକ୍ଷାର ମାନ ବୃଦ୍ଧି ପାଇଁ କେତୋଟି ଦିଗକୁ ବିଚାର କରାଯାଇପାରେ। ଯେପରିକି ଶିକ୍ଷା କ୍ଷେତ୍ରରେ କାମ କରୁଥିବା କର୍ମଚାରୀମାନଙ୍କ ଭିତରେ ଥିବା ବିଷମତାକୁ ଦୂର କରି ସମ୍ମାନ ଜନକ ପାରିଶ୍ରମିକ ବ୍ୟବସ୍ଥା ଲାଗୁ କରାଯିବା। ଶିକ୍ଷକ ଏବଂ ଶିକ୍ଷା ବ୍ୟବସ୍ଥାରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିଙ୍କୁ ଦିଆଯାଉଥିବା ଦାୟିତ୍ୱକୁ କଡାକଡି ଭାବରେ ତାଦରଖ ଏବଂ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ। ଶିକ୍ଷଣ ସ୍ତର ବୃଦ୍ଧି ପାଇଁ ନିୟମିତ ଏବଂ ବ୍ୟାପକ ସମୀକ୍ଷା ବ୍ୟବସ୍ଥାକୁ କଡାକଡି ଭାବରେ ପାଳନ। ନୂତନ ଜ୍ଞାନକୌଶଳକୁ ଶିକ୍ଷା କ୍ଷେତ୍ରରେ ବ୍ୟବହାର କରି ଶିକ୍ଷାଦାନ ବ୍ୟବସ୍ଥା। ଶିକ୍ଷାକୁ ସେବା ଭାବରେ ନ ନେଇ ବିନିଯୋଗ କରିବା ଜରୁରୀ। ପିଲାମାନଙ୍କର ଶିକ୍ଷା ବିଦ୍ୟାଳୟ ଭିତରେ ସୀମିତ ନ ହୋଇ ପରିବାର ଏବଂ ଗୋଷ୍ଠୀର ମଧ୍ୟ ଦାୟିତ୍ୱ ହେବା ଉଚିତ। ତା' ହେଲେ ଯାଇ ଶିକ୍ଷଣ ସ୍ତରରେ ଉନ୍ନତି ଆଶା କରାଯାଇ ପାରିବ।

ଶଗଡ଼ା, ବୌଦ୍ଧ, ମୋ-୮୩୨୮୮୪୮୧୪୫

## ସୁଡୋକୁ

su|do|ku Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | 4 |
| | | | | | 8 | | | 7 |
| 9 | 5 | | 3 | | 1 | | | 6 |
| | 6 | | 9 | | | | | 1 |
| | 1 | | | | 6 | | 4 | |
| | | 3 | | 7 | | | | |
| | | | 2 | | | | | |
| | 9 | 6 | | | | | 7 | 5 |
| | 4 | 1 | 5 | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏରି ସମାଧାନ କରିବାକୁ ହେବ, ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 2 | 7 | 1 | 5 | 8 | 6 | 4 |
| 7 | 8 | 1 | 6 | 4 | 3 | 9 | 2 | 5 |
| 4 | 6 | 5 | 8 | 2 | 9 | 7 | 3 | 1 |
| 8 | 4 | 9 | 1 | 5 | 2 | 6 | 7 | 3 |
| 1 | 7 | 3 | 4 | 9 | 6 | 5 | 8 | 2 |
| 5 | 2 | 6 | 3 | 8 | 7 | 1 | 4 | 9 |
| 3 | 9 | 8 | 2 | 7 | 1 | 4 | 5 | 6 |
| 6 | 1 | 4 | 5 | 3 | 8 | 2 | 9 | 7 |
| 2 | 5 | 7 | 9 | 6 | 4 | 3 | 1 | 8 |

ଗତକାଲିର ଉତ୍ତର

## ଚିରନ୍ତନୀ

ବିଦାୟ ଘେନଇ ଶିଶୁ ଜନନୀର କ୍ରୋଡ଼ୁଁ ହୋଇ ଛନ୍ନ
ଯାଏ ରଖି ଧରାପରେ ସୁକୋମଳ ତା'ର ପଦଚିହ୍ନ
ଅଗଣିତ ପଦଚିହ୍ନ ବକ୍ଷେ ଧରି ଯେ କରେ ବିହାର
ଜଡ଼ରୂପୀ ହେ ଧରିତ୍ରୀ ! ଘେନ ଏ ଜୀବର ନମସ୍କାର।

-(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟିକାକରଣ ପ୍ରକ୍ରିୟା ଦ୍ରୁତତର କରାଯାଉ

ମହାଶୟ,

କରୋନା ସଂକ୍ରମଣରୁ ମୁକ୍ତି ପାଇବା ପାଇଁ କୋଭିଡ୍ ଟିକା ହେଉଛି ସୁରକ୍ଷା କବଚ। ଟିକାକରଣ ଆରମ୍ଭ ହେବାର ୧୦୦ ଦିନ ମଧ୍ୟରେ ଅର୍ଥାତ୍ ଏପ୍ରିଲ ୨୬ ତାରିଖ ସୁଦ୍ଧା ଭାରତରେ ସାଢ଼େ ୧୪ କୋଟିରୁ ଅଧିକ ଲୋକ ଓ ଓଡ଼ିଶାର ୫୬ଲକ୍ଷରୁ ଅଧିକ ଲୋକ ଟିକା ନେଇ ସାରଥିଲେ। ଏବେ ଦେଶରେ ଏହି ସଂଖ୍ୟା ୧୫ କୋଟିରୁ ଊର୍ଦ୍ଧ୍ୱ ହୋଇଛି। ତେବେ କେତେ ଲୋକ ଟିକା ନେଲେ ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, କେତେ ପ୍ରତିଶତ ଲୋକ ଟିକା ନେଲେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞ ଓ ବୈଜ୍ଞାନିକମାନଙ୍କ ମତ ଅନୁସାରେ ଜନସଂଖ୍ୟାର ୮୦ରୁ ୮୫ ପ୍ରତିଶତ ଲୋକଙ୍କୁ ଟିକାକରଣ କରାଯାଇ ପାରିଲେ କରୋନା ସଂକ୍ରମଣକୁ ପ୍ରତିହତ କରାଯାଇପାରିବ। ଏଣୁ ଟିକା ଯୋଗାଣ ଓ ଟିକାକରଣ ପ୍ରକ୍ରିୟାକୁ ଯେତେ ତ୍ୱରାନ୍ୱିତ କରାଯାଇପାରିବ ଏହି ଲକ୍ଷ୍ୟରେ ପହଞ୍ଚିବା ସେତେ ସହଜ ହେବ। ଏ କ୍ଷେତ୍ରରେ ସମସ୍ତ ପ୍ରକାର ଉଦ୍ୟମ ଜାରି କରି ଟିକାକରଣ ପ୍ରକ୍ରିୟାକୁ ଦ୍ରୁତତର କରାଯିବା ଉଚିତ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପଡ଼ିଆରେ ଚିକିତ୍ସିତ ହେଉଛନ୍ତି କରୋନା ରୋଗୀ**

ଅଗର ମାଲ୍ୱା- ମଧ୍ୟପ୍ରଦେଶର ଅଗର ମାଲ୍ୱା ଜିଲାର ଡାକ୍ତରଖାନାରେ ଶଯ୍ୟା ଅଭାବରୁ ସେଠାରେ କରୋନା ରୋଗୀମାନଙ୍କୁ ପଡ଼ିଆରେ ଚିକିତ୍ସା କରାଯାଉଛି ଓ ଆଇଭି ଫ୍ଲୁଇଡ୍ ବଟଲ୍ ଗଛ ଡାଳରେ ଝୁଲୁଥିବା ଦେଖାଯାଇଛି। ଉକ୍ତ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଏତେ ବଢ଼ିଯାଇଛି, ଯେ ହସ୍ପିଟାଲଗୁଡ଼ିକରେ ଚିକିତ୍ସା ପାଇଁ ଆଉ ବେଡ୍ ନାହିଁ। ଏଭଳି ସ୍ଥିତିରେ ଯେକୌଣସି ସ୍ଥାନରେ ରୋଗୀଙ୍କୁ ଚିକିତ୍ସା କରିବା ଲାଗି ଡାକ୍ତର ବାଧ ହେଉଛନ୍ତି। ଅଗର ମାଲ୍ୱା ଜିଲାର ଗ୍ରାମାଞ୍ଚଳରେ ଚାଷଜମି ହସ୍ପିଟାଲ ବେଡ୍ ହୋଇଥିବାବେଳେ ଗଛଡାଳ ଗ୍ଲୁକୋଜ ବଟଲ୍ ଷ୍ଟାଣ୍ଡରେ ପରିଣତ ହୋଇଛି। ଏଭଳି ଚିକିତ୍ସା କରୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ମନୀଷ କୁରିଲ କହିଛନ୍ତି।

## ସଂକ୍ଷେପରେ

### ବିଧାୟକ ବିଷ୍ଣୁବ୍ରତ ରାଉତରାୟ୍ କରୋନା ସଂକ୍ରମିତ



ବାସୁଦେବପୁର/ପଦ୍ମପୁର,୬।୫ (ଡି.ଏନ୍.ଏ.)-ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ୍ ତୃତୀୟ ଥର ପାଇଁ କରୋନା ସଂକ୍ରମିତ ହୋଇଛନ୍ତି। ବିଧାୟକଙ୍କ ସମେତ ତାଙ୍କ ପରିବାରର ସମସ୍ତ ସଦସ୍ୟ କରୋନା ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ଅଛନ୍ତି। ବିଧାୟକଙ୍କ ପ୍ରତିନିଧି ଅସିତ୍ କୁମାର ଦାସ ସୋସିଆଲ ମିଡିଆ ମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଗତବର୍ଷ ବିଧାୟକ ରାଉତରାୟ୍ ଦୁଇଥର କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିଲେ। ନିକଟରେ ତାଙ୍କ ବାପା ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ୍ ସଂକ୍ରମିତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

### ୩ ଏସ୍ଆଇଙ୍କ ସମେତ ୧୧ ପୋଲିସ ପଜିଟିଭ

**ବ୍ରହ୍ମପୁର ପୋଲିସ ଜିଲା**

**ବ୍ରହ୍ମପୁର ଅଫିସ,୬।୫:** କରୋନାର ଦ୍ୱିତୀୟ ଲହରରେ ବ୍ରହ୍ମପୁର ପୋଲିସ ଜିଲାର ମୋଟ ୧୧ଜଣ ପୋଲିସ କର୍ମଚାରୀ ସଂକ୍ରମିତ ହୋଇଥିବା ଏଏସ୍‌ପି ପ୍ରଭାତ ରାଉତରାୟ୍ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ଏସ୍ଆଇ, ଜଣେ ଏଏସ୍ଆଇ ଓ ୭ ଜଣ କନଷ୍ଟେବଲ ରହିଥିବା ସୂଚନା ମିଳିଛି। ସେମାନେ ସମସ୍ତେ ସଙ୍ଗରୋଧରେ ରହିଛନ୍ତି। ୩ ଏସଆଇ ମଧ୍ୟରେ ବ୍ରହ୍ମପୁର ପୋଲିସ ଜିଲାର ଏକ ଦମ୍ପତି ଅଛନ୍ତି। ସୂଚନାଯୋଗ୍ୟ, ସମସ୍ତ ଆକ୍ରାନ୍ତ କୋଭିଡ୍ ଟିକାର ଦ୍ୱିତୀୟ ଡୋଜ ନେଇ ସାରିଛନ୍ତି। କରୋନା ସଂକ୍ରମଣ ଭୟ ସତ୍ତ୍ୱେ ପୋଲିସ କର୍ମଚାରୀମାନେ ଲୋକଙ୍କ ସୁରକ୍ଷାରେ ନିୟୋଜିତ ରହିଛନ୍ତି। ଦାୟିତ୍ୱ ନିର୍ବାହ ସମୟରେ ପଜିଟିଭଙ୍କ ସଂସ୍ପର୍ଶରେ ଆସି ପୋଲିସ କର୍ମଚାରୀ କରୋନାରେ ଆକ୍ରାନ୍ତ ହେଉଛନ୍ତି।

### 'ମାର୍ଗଦର୍ଶିକା ଅନୁଯାୟୀ ଚାଲିଛି କୃଷି କାର୍ଯ୍ୟ'

**ଭୁବନେଶ୍ୱର, ୬।୫(ବ୍ୟୁରୋ):** କୃଷି ଉତ୍ପାଦନ ଓ ଜନସାଧାରଣଙ୍କ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟରେ କୃଷି କାର୍ଯ୍ୟ ନିରନ୍ତର ଜାରି ରଖାଯାଇଛି । କୋଭିଡ୍-୧୯ର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ସାରା ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲେ ମଧ ସମସ୍ତ କୃଷି ଓ ଆନୁଷଙ୍ଗିକ କୃଷି କାର୍ଯ୍ୟ ଅବ୍ୟାହତ ରହିଛି। କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ କରାଯାଇ ବିଭାଗର ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଛି। ଚାଷୀଙ୍କୁ ଖରିଫ୍ ଚାଷ ନିମନ୍ତେ କୃଷି ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି ବୋଲି କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି । କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ବରିଷ୍ଠ ଅଧିକାରୀଙ୍କ ଏକ ଭର୍ଚୁଆଲ ବୈଠକରେ ଯୋଗଦେଇ କୃଷିମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ ସହ ମାସ୍କ ପରିଧାନ ପାଇଁ ନିର୍ଦ୍ଦେଶନାମା ଜାରି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ସଚେତନତା ସୃଷ୍ଟି ନିମନ୍ତେ କର୍ମଚାରୀଙ୍କ ମଧ୍ୟରେ ଭର୍ଚୁଆଲ ବୈଠକ କରିବା, ସାମାଜିକ ଦୂରତ୍ୱ ଅନୁପାଳନ, ମାସ୍କ ପରିଧାନ ନେଇ ଦୃଷ୍ଟି ଦେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିନ୍ତି। ଅକ୍ଷୟ ତୃତୀୟାକୁ କେବଳ ପ୍ରତୀକାତ୍ମକ ଭାବେ ପାଳନ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ଖରିଫ୍ ଚାଷ ନିମନ୍ତେ ଚାଷୀଙ୍କୁ ଠିକ୍ ସମୟରେ ପର୍ଯ୍ୟାପ୍ତ ବିହନ ଯୋଗାଣ, ଅଣଧାନ ଫସଲ ଚାଷ ନିମନ୍ତେ ପ୍ରବର୍ତ୍ତାଇବା ପାଇଁ ପରାମର୍ଶ ଦିଆଯାଇଛି। ବିଭିନ୍ନ ବିଭାଗ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରି କୃଷି କାର୍ଯ୍ୟକୁ ଆଗେଇ ନେବା ପାଇଁ ମନ୍ତ୍ରୀ ସାହୁ କହିଥିବାବେଳେ ସମବାୟ ମନ୍ତ୍ରୀଙ୍କ ସହିତ ଭର୍ଚୁଆଲ ବୈଠକ କରି ଖରିଫ ଋଣ ସମେତ ସାର ଆଦି ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କହିଛନ୍ତି। କୃଷି ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଲାଭ ଚାଷୀମାନେ ଯେପରି ପାଇପାରିବେ ସେଥି ନିମନ୍ତେ କୃଷକଙ୍କ ଏକ ନିର୍ଭୁଲ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ବାହାର ଚନ୍ଦନଯାତ୍ରା ନେଇ ଆଲୋଚନା

**ପୁରୀ ଅଫିସ, ୬।୫**

ସମ୍ପ୍ରତି ପୁରୀ ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। କରୋନାରେ ଅନେକ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଆକ୍ରାନ୍ତ ହେଲେଣି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍ କଟକଣା ମଧ୍ୟରେ ଚଳିତବର୍ଷ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା କରାଯିବ। ସର୍ବନିମ୍ନ ସେବାୟତଙ୍କୁ ନେଇ ବାହାର ଚନ୍ଦନ ଯାତ୍ରା ଆୟୋଜନ ଲାଗି ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭର୍ଚୁଆଲ ସମୀକ୍ଷା ବୈଠକରେ ଆଲୋଚନା ହୋଇଛି। ତେବେ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଛତିଶା ନିଯୋଗ ବୈଠକରେ ବାହାର ଚନ୍ଦନ ଯାତ୍ରା, ଅକ୍ଷୟ ତୃତୀୟା ନୀତି, ରଥ ନିର୍ମାଣ କାର୍ଯ୍ୟ ପ୍ରଭୃତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଉକ୍ତ ବୈଠକରେ ସହମତି ପ୍ରକାଶ ପାଇଛି।

ଆଗକୁ ଚନ୍ଦନ ଯାତ୍ରା, ଅକ୍ଷୟତୃତୀୟା, ରଥଯାତ୍ରା ଆଦି ଆସୁଛି। ଏଥିଲାଗି ପ୍ରଶାସନକୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ। ତେଣୁ ଏନେଇ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ପ୍ରଶାସନିକ ଅଧିକାରୀ ଏବଂ ବରିଷ୍ଠ ସେବାୟତମାନେ ସାମିଲ ଥିଲେ। ଗତବର୍ଷ କୋଭିଡ୍ କଟକଣା ଯୋଗୁ ଭିତର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଏଥର କଟକଣା ମଧ୍ୟରେ ବାହାର ଚନ୍ଦନ ଯାତ୍ରା ଆୟୋଜନ ଲାଗି ଆଲୋଚନା କରାଯାଇଥିଲା। ସେହିପରି ଅକ୍ଷୟତୃତୀୟା ଓ ରଥକାର୍ଯ୍ୟ ଅନୁକୂଳ ସମ୍ପର୍କରେ ମଧ ସମ୍ୟକ ଆଲୋଚନା ହୋଇଥିଲା। ତେବେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଆସନ୍ତା ୧୧ ତାରିଖରେ ଛତିଶା ନିଯୋଗ ବୈଠକ ବସିବ। ସେଥିରେ ସମସ୍ତ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଛି। ନୀତିକାନ୍ତି ସହ ସମ୍ପୃକ୍ତ ସେବାୟତଙ୍କର ଟିକାକରଣ ପାଇଁ ଯୋଜନା ପ୍ରସ୍ତୁତ କରାଯିବା, ଘର ଘର ବୁଲି ସେବାୟତ ଓ ସେମାନଙ୍କ ପରିବାର ସଦସ୍ୟଙ୍କ କୋଭିଡ୍ ଚିହ୍ନଟ ସହ ଚିକିତ୍ସା ବ୍ୟବସ୍ଥା କରାଯିବା, ସଂକ୍ରମିତ ସେବାୟତଙ୍କୁ ଔଷଧ କିଟ୍ ଦେବା, କୋଭିଡ୍ ସଂକ୍ରାନ୍ତ ପ୍ରଶ୍ନଗୁଡ଼ିକର ସମାଧାନ ଲାଗି ଏକ ସ୍ୱତନ୍ତ୍ର ହେଲ୍ପଲାଇନ ବ୍ୟବସ୍ଥା ଏବଂ ଆବଶ୍ୟକ ପଡ଼ିଲେ ସେବାୟତଙ୍କ ନିମନ୍ତେ ଆଉ ଏକ ଟିକାକରଣ କେନ୍ଦ୍ର ଖୋଲାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।




ଭର୍ଚୁଆଲ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଅନ୍ୟମାନେ।

- ୧୧ରେ ଛତିଶା ନିଯୋଗ ବୈଠକ
- ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି

# ଭାରତକୁ ଦିଆ ନ ଯାଉ ଟିକା ଜ୍ଞାନକୌଶଳ: ବିଲ୍ ଗେଟ୍ସ

**ୱାଶିଂଟନ୍, ୬।୫**



ଭାରତରେ କରୋନାର ଘାତକ ଦ୍ୱିତୀୟ ଲହର ଓ ଟିକାର ଅଭାବ ଦେଖାଦେଇଥିବାବେଳେ ଏକାଧିକ ଦେଶ ସମବେଦନା ସହ ସହାୟତାର ହାତ ବଢ଼ାଇଛନ୍ତି। କିନ୍ତୁ ଟେକ୍ନୋଲୋଜି ଦୁନିଆର ଜଣାଶୁଣା ଚେହେରା ତଥା ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଏକ ସାକ୍ଷାତକାରରେ ବିବାଦୀୟ ମନ୍ତବ୍ୟ ରଖିଛନ୍ତି। ଭାରତକୁ କରୋନା ଭାକ୍ସିନର ଜ୍ଞାନକୌଶଳ ବାବଦରେ ତଥ୍ୟ ପ୍ରଦାନ କରାଯିବା ଉଚିତ ନୁହେଁ ବୋଲି ଗେଟ୍ସ କହିବା ପରେ ତାଙ୍କୁ ବିଭିନ୍ନ ଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଲ'ରେ ପରିବର୍ତ୍ତନ କରାଯାଇ ଅନ୍ୟ ଦେଶ ସହ କୋଭିଡ୍ ଭାକ୍ସିନ ପ୍ରସ୍ତୁତି ପ୍ରକ୍ରିୟା ବଣ୍ଟାଗଲେ ମହାମାରୀକୁ ଆୟତ୍ତ କରାଯିବା ସମ୍ପର୍କିତ ଏକ ପ୍ରଶ୍ନରେ ଗେଟ୍ସ କହିଥିଲେ, ବିକାଶଶୀଳ ଦେଶଗୁଡ଼ିକ ସହିତ ଟିକାର ଜ୍ଞାନକୌଶଳ ଆଦାନପ୍ରଦାନ କରାଯିବା ଉଚିତ ନୁହେଁ। ବହୁତ କମ୍ ଦେଶରେ ଭାକ୍ସିନ ଫ୍ୟାକ୍ଟ୍ରି ରହିଛି। ଏହାଛଡ଼ା ଆମେରିକାର ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଏବଂ ଭାରତର ଟିକା କମ୍ପାନୀ ମଧ୍ୟରେ ଫରକ୍ ରହିଛି। ଟେକ୍ନୋଲୋଜିକୁ ବାଦ୍ ଦେଲେ ଟିକା ପ୍ରସ୍ତୁତ ପାଇଁ ଆମେରିକା ଭଳି 'ଏକ୍ସପର୍ଟ' ମଧ ଆବଶ୍ୟକ। ଏହାବିନା ପ୍ରଭାବଶାଳୀ ଭାକ୍ସିନ ପ୍ରସ୍ତୁତ କରିହେବ ନାହିଁ। ଟିକା ପ୍ରସ୍ତୁତିରେ ଅନେକ ପ୍ରକାରର ସତର୍କତା ସହ ଟ୍ରାଏଲ ମଧ ଆବଶ୍ୟକ। ସର୍ବାଧିକ ଟିକା ଉତ୍ପାଦନ କ୍ଷମତା ରଖିଥିବା ଏବଂ ବିଶ୍ୱକୁ ରପ୍ତାନିରେ ଆଗୁଆ ଥିବା ଭାରତକୁ ଭାକ୍ସିନ ଫର୍ମୁଲା ନ ଦେବା ସମ୍ପର୍କରେ ବିଲ୍ ଗେଟ୍ସଙ୍କ ଏଭଳି ମନ୍ତବ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

## ରିଓ ଡି ଜେନେଇରୋରେ ଗୁଳିକାଣ୍ଡ: ୨୫ ନିହତ

**ରିଓ ଡି ଜେନେଇରୋ, ୬।୫**

ବ୍ରାଜିଲର ରିଓ ଡି ଜେନେଇରୋ ସହରରେ ଗୁଳିକାଣ୍ଡ ଘଟି ଜଣେ ପୋଲିସ ଅଫିସରଙ୍କ ସମେତ ୨୫ ଜଣଙ୍କ ମୃତ୍ୟୁ ହୋଇଛି। ନିଶା ଚୋରାବେପାରି ଶିଶୁମାନଙ୍କୁ ଏହି କାମ ପାଇଁ ନିଯୁକ୍ତି ଦେଉଥିବା ଖବର ପାଇ ସହରର ଜାକାରେଜିନୋ ଅଞ୍ଚଳରେ ପୋଲିସ ଚଢ଼ାଉ କରିଥିଲା। ଉକ୍ତ ଗ୍ୟାଙ୍ଗ ହତ୍ୟା, ଅପହରଣ ଆଦି ବିଭିନ୍ନ ଅପରାଧ ସହ ସମ୍ପୃକ୍ତ। ଚଢ଼ାଉ ବେଳେ ପୋଲିସ ଓ ନିଶା ମାଫିଆଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଗୁଳିମାଡ଼ରେ ଅଧିକାଂଶ ଡ୍ରଗ୍ସ ମାଫିଆ ନିହତ ହୋଇଥିବାବେଳେ ମେଟ୍ରୋ ଟ୍ରେନ୍‌ର ଦୁଇଜଣ ଯାତ୍ରୀ ଓ ୩ ଜଣ ପୋଲିସ ଆହତ ହୋଇଛନ୍ତି। ୧୦ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି।

# ଓଡ଼ିଶା ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ସହଯୋଗ ଆବଶ୍ୟକ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୬।୫(ବ୍ୟୁରୋ)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଓଡ଼ିଶାରେ ପରିଚାଳିତ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ(ପିଏସ୍‌ୟୁ)ଗୁଡ଼ିକର ମୁଖ୍ୟ, ରାଜ୍ୟ ସରକାରଙ୍କ ଅଧିକାରୀ, ସ୍ୱାସ୍ଥ୍ୟ ସଙ୍ଗଠନ, ବ୍ୟାଙ୍କିଙ୍ଗ୍ ଏବଂ ରେଳ କ୍ଷେତ୍ରର ପ୍ରମୁଖ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଓଡ଼ିଶାରେ କୋଭିଡ୍ ପରିଚାଳନା ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ସମୀକ୍ଷା କରିବା ସହ ବିଭିନ୍ନ ବିଷୟରେ ସେ ଆଲୋଚନା କରିଥିଲେ।

ଏହି ଆଲୋଚନା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟରେ ଟେଷ୍ଟିଂ, ଭେଣ୍ଟିଲେଟର, ଟିକାକରଣ ଓ ଅକ୍ସିଜେନ ବ୍ୟବସ୍ଥା ବଢ଼ାଇବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ବିକଶିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଓଡ଼ିଶାରେ ପରିଚାଳିତ ପିଏସ୍‌ୟୁ, କେନ୍ଦ୍ର ସ୍ୱାସ୍ଥ୍ୟ ଅନୁଷ୍ଠାନ, ବ୍ୟାଙ୍କିଙ୍ଗ୍ କ୍ଷେତ୍ର ତଥା କର୍ପୋରେଟ୍ ସେକ୍ଟର ଏହି ମହାମାରୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟ ଭିତ୍ତିଭୂମି ତିଆରି କରିବା ଦରକାର। ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଆଇସୋଲେଶନ ବେଡ୍‌ର କ୍ଷମତା ବୃଦ୍ଧି କରିବା ସହ ଆଇସିୟୁ ଏବଂ ଅକ୍ସିଜେନ ସଂଯୁକ୍ତ ବେଡ୍‌କୁ ବୃଦ୍ଧି କରିବା ଦିଗରେ ସମସ୍ତେ ମିଳିତ ପଦକ୍ଷେପ ସହ ସରକାରଙ୍କ ସହିତ ସମନ୍ୱୟ ରକ୍ଷା କରିବା ଦରକାର। ରାଜ୍ୟର ଦୁଇଟି ଅଗ୍ରଣୀ ଇନ୍‌ଷ୍ଟିଚ୍ୟୁଟ୍ ଆର୍‌ଏମ୍ଆର୍‌ସି ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍ସକୁ ଅଧିକରୁ ଅଧିକ ଟେଷ୍ଟିଂ ବୃଦ୍ଧି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ପିଏସ୍‌ୟୁଗୁଡ଼ିକୁ ମଧ ନିଜ ବ୍ୟବସ୍ଥାରେ ଟେଷ୍ଟିଂ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ତିଆରି କରିବା ପାଇଁ ଆହ୍ୱାନ କରିଛନ୍ତି। ସେହିପରି ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଟିକାକରଣର ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ପିଏସ୍‌ୟୁଗୁଡ଼ିକୁ ଟିକା କିଣି ନିଜର କର୍ମଚାରୀଙ୍କୁ ଦେବା ସହ ସମାଜରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବର୍ଗଙ୍କୁ ଟିକାକରଣ କରାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱର ଏମ୍ସ୍ ନିର୍ଦ୍ଦେଶିକା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା, ଆଇଏଲ୍ଏସ୍‌ର ନିର୍ଦ୍ଦେଶକ, ଆର୍‌ଏମ୍ଆର୍‌ସିର ନିର୍ଦ୍ଦେଶିକା, ଏନ୍‌ସିସିର ଓଡ଼ିଶା ଜୋନ୍‌ର ଇନ୍‌ଚାର୍ଜ, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଭୁବନେଶ୍ୱରର ନିର୍ଦ୍ଦେଶକ, ଇଷ୍ଟକୋଷ୍ଟ ରେଲୱେର ଜେନେରାଲ ମ୍ୟାନେଜର, ଏସ୍‌ବିଆଇ ଓଡ଼ିଶା ଶାଖାର ସିଜିଏମ୍, ଏମ୍‌ସିଏଲ୍‌ର ସିଏମ୍‌ଡି ପି.କେ. ସିହ୍ନା, ଏନ୍‌ଟିପିସିର ଆର୍‌ଇଡି ଇନ୍‌ଚାର୍ଜ, ପାରାଦୀପ ପୋର୍ଟର ଇନ୍‌ଚାର୍ଜ ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ।

## ରିପୋର୍ଟ ପଜିଟିଭ ଶୁଣି ୨ ମହିଳାଙ୍କ ମୃତ୍ୟୁ

**କାଲିମେଲା,୬।୫(ଡି.ଏନ୍.ଏ.)**

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ମାଲକାନଗିରି ଜିଲା କାଲିମେଲା ଅଞ୍ଚଳରେ କରୋନା ପ୍ରକୋପ କମୁନାହିଁ। ତେବେ କରୋନା ପରୀକ୍ଷା କରିବାକୁ ଯାଇ ଏଥିରେ ଆକ୍ରାନ୍ତ ହୋଇଥିବା ଶୁଣି ଗୁରୁବାର ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ଏମ୍‌ଭି-୭୨ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଦେହ ଖରାପ ହେବାରୁ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ନିୟମ ଅନୁସାରେ ପ୍ରଥମେ ତାଙ୍କ କରୋନା ପରୀକ୍ଷା କରାଯାଇଥିଲା। ସମ୍ପୃକ୍ତା ମହିଳାଙ୍କ ରିପୋର୍ଟ ପଜିଟିଭ ଆସିବାରୁ ଏହା ଜାଣି ସେ ଅଧିକ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ଏମ୍‌ପିଭି-୭୭ ଗ୍ରାମର ଅନ୍ୟ ଜଣେ ମହିଳା ମଧ ଦେହ ଖରାପ ହେବାରୁ ପରିବାର ଲୋକେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର କରୋନା ପରୀକ୍ଷା କରାଯିବାରୁ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସମ୍ପୃକ୍ତ ମହିଳା ମଧ ଏହା ଶୁଣି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଅକ୍ସିଜେନ ଲଗାଇ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଛି।

## ଉଡ଼ାଣ ବେଳେ ବାହାରିଗଲା ଏୟାର ଆମ୍ବୁଲାନ୍ସ ଚକ

**ମୁମ୍ବାଇ, ୬।୫**

ନାଗପୁରରୁ ଜଣେ ରୋଗୀଙ୍କୁ ନେଇ ଗୁରୁବାର ମୁମ୍ବାଇ ଅଭିମୁଖେ ଯିବାକୁ ଥିବା ଏକ ଏୟାର ଆମ୍ବୁଲାନ୍ସ ଉଡ଼ାଣ ଭରିବା ସମୟରେ ଏହାର ଟାୟାର ବାହାରିଯାଇଥିଲା। ରାତି ୯ଟା ୧୦ ମିନିଟ ସମୟରେ ଏହାକୁ ନିରାପଦର ସହିତ ମୁମ୍ବାଇ ବିମାନବନ୍ଦରରେ ଅବତରଣ କରାଯାଇଛି। ଏହି ବେଲି ଲ୍ୟାଣ୍ଡିଂ ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ରନ୍‌ୱେରେ ଫୋମ୍ ସ୍ପ୍ରେ କରିବା ସହ ଉଦ୍ଧାରକାରୀ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖିଥିଲେ। ବେଲି ଲ୍ୟାଣ୍ଡିଂ ବେଳେ ବିପଦ କମାଇବା ଲାଗି ଇନ୍ଧନ ଶେଷ କରିବାକୁ ବିମାନଟି କିଛି ସମୟ ମୁମ୍ବାଇ ଆକାଶରେ ଚକ୍କର ମାରିଥିଲା।

**ପୂର୍ବ ତଟ ରେଳପଥ**

**ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2021-22/38, ତା.04.05.2021ରିଖ

ନିମ୍ନଲିଖିତଟେଣ୍ଡରଗୁଡ଼ିକ ୱେବ୍‌ସାଇଟ: www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

**କ୍ରମସଂ.01:** ଟେଣ୍ଡର ନଂ.02201151A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ରିଭର୍ସର(Reverser)ର ଫିଙ୍ଗର କଣ୍ଟାକ୍ଟ ଏବଂ ଫ୍ଲେକ୍ସିବୁଲ ସଣ୍ଟ ଆସେମ୍ବ୍ଲି(Shunt assly.), ପରିମାଣ : T.S. ଅନୁସାରେ।

**କ୍ରମ ସଂ.02:** ଟେଣ୍ଡର ନଂ.02211106, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡ୍ରାଇଭର୍ସ ଡିସ୍‌ପ୍ଲେ ୟୁନିଟ୍ (Display unit), ପରିମାଣ : 05 ସେଟ୍।

**କ୍ରମ ସଂ.03:** ଟେଣ୍ଡର ନଂ.04215014A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଇନ୍‌ଲେଟ୍ ସେଣ୍ଟ୍ରିଫୁଗାଲ ବ୍ଲୋର (Centrifugal Blower), ପରିମାଣ : 270 ଗୋଟି।

**କ୍ରମ ସଂ.04:** ଟେଣ୍ଡର ନଂ.02211144, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ମେଟାଲ କାର୍ବନ ସହିତ ଲଗାଯାଇଥିବା ବୋ ଆସେମ୍ବ୍ଲି(Bow Assly.), ପରିମାଣ : T.S. ଅନୁସାରେ।

**କ୍ରମ ସଂ.05:** ଟେଣ୍ଡର ନଂ.08211084, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପ୍ରାକୃତିକ, କୃତ୍ରିମ ଫାଇବର ଥର୍ମୋଷ୍ଟାଟ୍ (Thermostat), ପରିମାଣ : 1179 ଗୋଟି।

**କ୍ରମ ସଂ.06:** ଟେଣ୍ଡର ନଂ.02211142, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପାଣ୍ଟୋଗ୍ରାଫ୍ (Pantograph)କମ୍ପ୍ଲିଟ୍ ଆସେମ୍ବ୍ଲି, ପରିମାଣ : T.S. ଅନୁସାରେ।

ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ.01 ରୁ 03 ପର୍ଯ୍ୟନ୍ତ ତା.24.05.2021ରିଖ, କ୍ରମ ସଂ. 04 ପାଇଁ ତା.26.05.2021ରିଖ, କ୍ରମ ସଂ. 05 ପାଇଁ ତା.27.05.2021ରିଖ ଏବଂ କ୍ରମ ସଂ. 06 ପାଇଁ ତା.07.06.2021ରିଖ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR-78/M/21-22

# ହାତୀ ନେଲା ୨ ଜୀବନ

- ବଳଦ ଖୋଜିବାକୁ ଯାଇଥିବାବେଳେ ଯୁବକଙ୍କୁ ଦଳିଦେଲା
- ଆମ୍ବତୋଟାରେ ମହିଳାଙ୍କୁ କଚାଡ଼ି ମାରିଲା



ମୃତା ମମତା ସେଠୀଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି ବ୍ଲକ ଉପାଧ୍ୟକ୍ଷା।

**ବଣ୍ଡା/ବନ୍ତଲା, ୬।୫(ଡି.ଏନ୍.ଏ.)**

ଅନୁଗୋଳ ଜିଲାରେ ପୁଣିଥରେ ହାତୀ ଉପଦ୍ରବ ଆରମ୍ଭ ହୋଇଛି। ଗୁରୁବାର ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ୨ଜଣଙ୍କ ଜୀବନ ଯାଇଛି। ମୃତକ ହେଲେ କିଶୋରନଗର ଥାନା ଝିଙ୍କିବାହାଳର ଧନୁ ଦେହୁରୀ (୪୭) ଏବଂ ବନ୍ତଲା ରେଞ୍ଜ୍ ଅଧୀନ ତଳଗଡ଼ ଗ୍ରାମର ପୂର୍ବତନ ସରପଞ୍ଚ ମନମୋହନ ସେଠୀଙ୍କ ସ୍ତ୍ରୀ ମମତା (୪୫)।

ସୂଚନାଯୋଗ୍ୟ, ଧନୁ ଗ୍ରାମ ସୀମାନ୍ତ ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡ଼ବାହାଳ ରେଞ୍ଜ ଅନ୍ତର୍ଗତ ଗ୍ରାମ୍ୟ ଜଙ୍ଗଲକୁ ହଜିଯାଇଥିବା ବଳଦ ଖୋଜିବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବଡବାହାଳ ରେଞ୍ଜର, ରେଢାଖୋଲ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ରେଢ଼ାଖୋଲ ବନଖଣ୍ଡରୁ ହାତୀପଲ ବଡବାହାଳ ରେଞ୍ଜ୍‌କୁ ଆସି ତାଣ୍ଡବ କରୁଛନ୍ତି। ଏଥିପ୍ରତି ବନ ବିଭାଗ ଗୁରୁତ୍ୱ ଦେଉନାହିଁ। ତେଣୁ ଧନୁଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସେହିପରି ମମତା ବଗିଚାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ ବନ୍ତଲା ରେଞ୍ଜ ଅଧିକାରୀ, ବନ୍ତଲା ଥାନାଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ସମାଧାନର ପନ୍ଥା ବାହାରି ନ ଥିଲା। ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ସହ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଗ୍ରାମ ଚାରିପଟେ ସୋଲାର ବାଡ଼ ନିର୍ମାଣ କରିବାକୁ କହିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ଲାଗି ଛାଡ଼ିଥିଲେ।

## କେନ୍ଦୁପତ୍ର ତୋଳାଳିଙ୍କୁ ଦଳିଦେଲା ହାତୀ

**ପୂର୍ବରୁ ବଲାଙ୍ଗୀର ଜିଲାର ୪ ଜଣଙ୍କୁ ମାରିଥିଲା**

**ସୋନପୁର,୬।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ତଥା ସୋନପୁର ବନାଞ୍ଚଳ ଅନ୍ତର୍ଗତ ବସଲାଟ୍ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ହାତୀ ଆକ୍ରମଣରେ ଜଣେ କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋନପୁର ବ୍ଲକ ଛକୋରମାଲ ପଞ୍ଚାୟତ ମାଟିଆପାଲି ଗାଁର ବଳଦେବ ବରର୍ତ୍ତି(୫୫)। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲଛିପୁର ଫାଣ୍ଡି ପୋଲିସ ଓ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଆକ୍ରମଣ କରିଥିବା ମାଇ ହାତୀଟି ଏବେ ବସଲାଟ୍ ସଂରକ୍ଷିତ ଜଙ୍ଗଲରେ ଅଛି। ବଳଦେବଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ସନ୍ଧ୍ୟାରେ ହସ୍ତାନ୍ତର କରାଯାଇଛି।

ପ୍ରକାଶ ଯେ, ବସଲାଟ୍ ସଂରକ୍ଷିତ ଜଙ୍ଗଲର ମାଟିଆପାଲି ଗାଁ ପାର୍ଶ୍ୱରେ ବଳଦେବ କେନ୍ଦୁପତ୍ର ତୋଳୁଥିବା ବେଳେ ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟା ସମୟରେ ହାତୀ ହାବୁଡ଼ରେ ପଡି ଯାଇଥିଲେ । ହାତୀ ତାଙ୍କୁ ଆକ୍ରମଣ କରିବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଲଛିପୁର ଫରେଷ୍ଟ ସେକ୍ସନର କର୍ମଚାରୀମାନେ ବଳଦେବଙ୍କ ମୃତଦେହ ଠାବ କରିଥିଲେ। ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ବନ ବିଭାଗ ପକ୍ଷରୁ ସୋନପୁର ରେଞ୍ଜର ମନୋରଞ୍ଜନ ବାଘ ଓ ଲଛିପୁର ବନପାଳ ବାବାଜୀ ଚରଣ ନାଏକ ମୃତକଙ୍କ ପରିବାରବର୍ଗଙ୍କୁ ଅଗ୍ରିମ ୪୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ମୃତ୍ୟୁ ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ମିଳିବା ପରେ ମୃତକଙ୍କ ପରିବାରକୁ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କାର କ୍ଷତିପୂରଣ ରାଶି ମିଳିବ ବୋଲି ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି । ଗତ ଏପ୍ରିଲ ୨୧ ତାରିଖରେ ବଲାଙ୍ଗୀର ଜିଲା ଦଳିପାଲିଠାରେ ଏହି ହାତୀ ପାଦରେ ଦଳି ୪ ଜଣଙ୍କୁ ମାରି ଦେଇଥିଲା। ବୁଧବାର ରାତିରେ ହାତୀଟି ବଲାଙ୍ଗୀର ଜିଲା ଲୋଇସିଂହା ପଟୁ ଚାଲି ଆସି ବସଲାଟ୍ ଜଙ୍ଗଲରେ ରହିଛି । ଫଳରେ ବନ କର୍ମଚାରୀଙ୍କ ଚିନ୍ତା ବଢ଼ିଯାଇଛି ।

**GOVT. OF INDIA**
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
FORM No. ITCP-1

**NOTICE OF DEMAND TO THE CERTIFICATE DEBTORS**

(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)

R. P. No. 195/2020/CTC (Arising out of OA No.172of 2013)
State Bank of India, Bhadrak Branch — Certificate Holder Bank

Vs.

Gitarani Ray — Certificate Debtors

To
1. SMT GITARANI ROY, W/O SRI RABINARAYAN RAY, AT. MISHRAPUR, PO- PATNAMISHRAPUR, VIA/PS- TIHIDI, BHADRAK-756130
2. SRI RABINARAYAN RAY, S/O SRI BAIDHAR RAY, AT. MISHRAPUR, PO- PATNAMISHRAPUR, VIA/PS- TIHIDI, BHADRAK-756130
3. SRI KALIPADA RAY, S/O SRI RABINARAYAN RAY, AT. MISHRAPUR, PO- PATNAMISHRAPUR, VIA/PS- TIHIDI, BHADRAK-756130

Take notice that Certificate arising out of OA No. 172 of 2013 issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.13,43,082.00 (Rupees Thirteen Lac Forty Three Thousand Eighty Two Only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | : | Rs. 13,43,082.00 |
| 2. Cost allowed (+) | : | Rs. 16,000.00 |
| 3. Interest @ 10% p.a with yearly rests from 15.01.2013 to 24.06.2020 | : | Rs. 10,00,136.76 |
| Total | : | **Rs. 23,59,218.76** |

(Rupees Twenty Three Lac Fifty Nine Thousand Two Hundred Eighteen and Paise Seveventy Six Only) with of interest @ 10% p.a. with yearly rests on the amount due from 25.06.2020 till realization of the entire Dues.

2. You are hereby directed to pay the above stated sum Within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.

3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.

4. You are hereby directed to appear in person or through legal representative before the undersigned on **07.06.2021** and report the details of payment made by you.

Given under my hand and seal at Cuttack on this 13th day of April 2021.

Sd/- (R.P. Patnaik)
**Recovery Officer**

# ସଂକ୍ଷେପରେ

## କମିଶନରେଟ ପୋଲିସରେ ଅଦଳବଦଳ

ଭୁବନେଶ୍ୱର,୬ା୫(ବ୍ୟୁରୋ): କମିଶନରେଟ ପୋଲିସର ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ଅଧିକାରୀସ୍ତରରେ ଗୁରୁବାର ଏକ ଛୋଟଧରଣର ଅଦଳବଦଳ ହୋଇଛି। ଜୋନ୍-୩ ଏସିପିଭାବେ ଦାୟିତ୍ୱରେ ଥିବା ପ୍ରାଣକୃଷ୍ଣ ରାଉତଙ୍କୁ ଭୁବନେଶ୍ୱର ଅତିରିକ୍ତ ଡିସିପିଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଲକ୍ଷ୍ମୀସାଗର ଥାନା ଅଧିକାରୀଭାବେ କାର୍ଯ୍ୟରତ ତଥା କିଛିଦିନତଳେ ଡିଏସପି ପାହ୍ୟାକୁ ପଦୋନ୍ନତି ପାଇଥିବା ଭରତ ଚରଣ ସାହୁଙ୍କୁ ଜୋନ-୩ ଏସିପିଭାବେ ନିଯୁକ୍ତି ମିଳିଛି। ଭରତଙ୍କ ସ୍ଥାନରେ ପାହାଳ ଫାଣ୍ଡି ଅଧିକାରୀ ଦାୟିତ୍ୱରେ ଥିବା ଓମ୍‌ପ୍ରକାଶ ମହାନ୍ତିଙ୍କୁ ଲକ୍ଷ୍ମୀସାଗର ଥାନା ଦାୟିତ୍ୱ ଦିଆଯାଇଛି। ଓମ୍ ଗତ ୨ବର୍ଷ ହେଲା ପାହାଳ ଫାଣ୍ଡି ଦାୟିତ୍ୱରେ ଥିବାବେଳେ କିଛିଦିନତଳେ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇଥିଲେ। ବଦଳି ପାଇଥିବା ଅଧିକାରୀଙ୍କୁ ତୁରନ୍ତ ନୂତନ ସ୍ଥାନରେ ଯୋଗ ଦେବାକୁ କମିଶନରେଟ ପୋଲିସ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ସାହିତ୍ୟିକ ପ୍ରଫୁଲ୍ଲ ନାୟକଙ୍କ ପରଲୋକ

ଭୁବନେଶ୍ୱର, ୬ା୫(ବ୍ୟୁରୋ) : ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ ନାୟକଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ଗତ କିଛିଦିନ ତଳେ ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା। ସେ ୧୯୩୪ ଜାନୁୟାରୀ ୨୦ରେ ପୁରୀ ଜିଲା ଡେଲାଙ୍ଗ ଅନ୍ତର୍ଗତ ବେରବୋଇ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ପରେ ଭାରତ ସରକାରଙ୍କ ସ୍ୱଳ୍ପ



ସଞ୍ଚୟ ସଙ୍ଗଠନ ବିଭାଗରେ ଜଣେ ପଦାଧିକାରୀ ଭାବେ ଯୋଗଦେଇ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ। ୧୯୬୧ରୁ ସାହିତ୍ୟିକ ଜୀବନ ଆରମ୍ଭ କରିଥିବା ପ୍ରଫୁଲ୍ଲଙ୍କ ପ୍ରଥମ ଉପନ୍ୟାସ ଥିଲା 'ମଧୁଚନ୍ଦ୍ରିକା'। ପ୍ରଫୁଲ୍ଲ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଉପନ୍ୟାସ ଓ ୨୦୦ରୁ ଊର୍ଦ୍ଧ୍ୱ ଗଳ୍ପ ରଚନା କରିଛନ୍ତି। ତାଙ୍କ ରଚିତ ଉପନ୍ୟାସଗୁଡିକ ମଧ୍ୟରେ 'ଦୁଇ ପକ୍ଷୀ ଦୁଇ ଦିଗ', 'ଦୂର ବଳୟ', 'ତୃଷ୍ଣା', 'ମନ ବନସ୍ତେ ଜଳ', 'କେବଳ କାହାଣୀ ନୁହେଁ', 'ପୂର୍ବାଶା'ଆଦି ରହିଛି। ୨୦୧୭ରେ ତାଙ୍କର ଶେଷ ଉପନ୍ୟାସ 'ପୁଷ୍ପିତ ଉପତ୍ୟକା' ମୁଦ୍ରିତ ହୋଇଥିଲା। ସ୍ୱର୍ଗତ ନାୟକଙ୍କ ବିୟୋଗରେ ସାହିତ୍ୟିକ ମହଲରେ ଗଭୀର ଶୋକ ପ୍ରକାଶ କରାଯାଇଛି। ବେରବୋଇସ୍ଥିତ ଗାନ୍ଧୀ ସ୍ମୃତି ସ୍ମାରକୀ ସମିତି ପକ୍ଷରୁ ସଭାପତି ବି.ଏନ. ମହାନ୍ତି, ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା, କବି ଗିରିଜା ବଳିୟାରସିଂ, ତପନ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# କୋଟି କୋଟି ଲୁଟୁଛନ୍ତି ସାଇବର ଠକ

## ୩ ମାସରେ ନେଲେଣି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

- ସାଇବର ହେଲ୍ପଡେସ୍କ ରିପୋର୍ଟ ପ୍ରକାଶିତ
- ଏପ୍ରିଲରେ ୪୭୬ଜଣ ହରାଇଛନ୍ତି କୋଟିଏ
- ୪୦ମାମଲା ରୁଜୁ, ଗିରଫ ଶୂନ



ଭୁବନେଶ୍ୱର,୬ା୫(ବ୍ୟୁରୋ)

ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଲୋକେ ଚେତୁ ନାହାନ୍ତି। ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସୁଥିବାରୁ ରାଜ୍ୟରେ ସାଇବର ଠକ ମାତୁଛନ୍ତି। ଲୋକଙ୍କୁ ବୋକା ବନେଇ କୋଟି କୋଟି ଲୁଟୁଛନ୍ତି। ବୈଷୟିକ ଜ୍ଞାନ କୌଶଳ ଅଭାବରୁ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହେଉଛି। ସାଇବର ଠକେଇ ତଦନ୍ତରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ପଛୁଆ ରହୁଥିବା କମିଶନରେଟ୍ ପୋଲିସ ସାଇବର ହେଲ୍ପଡେସ୍କ ପକ୍ଷରୁ ଦିଆଯାଇଥିବା ରିପୋର୍ଟରୁ ଜଣାପଡୁଛି। ଏହି ରିପୋର୍ଟ ଅନୁଯାୟୀ ୨୦୨୧ ଫେବୃୟାରୀରୁ ଏପ୍ରିଲ ୩ମାସରେ ସାଇବର ଠକମାନେ ୩ କୋଟି ୨୪ଲକ୍ଷ ୪୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଛନ୍ତି। ଏଥିମଧ୍ୟରୁ କେବଳ ଏପ୍ରିଲରେ ୧କୋଟି ୧୯ ଲକ୍ଷ ୬୩ ହଜାର ଟଙ୍କାର ଠକେଇ ହୋଇଛି। ଏନେଇ ୩ମାସରେ ସାଇବର ହେଲ୍ପଡେସ୍କକୁ ୧୮୭୯ ଅଭିଯୋଗ କଲ୍ ଆସିଛି। ଏପ୍ରିଲରେ ୪୭୬ କଲ୍ ଆସିଥିବାବେଳେ ଭୁବନେଶ୍ୱରରୁ ୨୨୦ ଓ ରାଜ୍ୟର ଅନ୍ୟ ଅଞ୍ଚଳରୁ ୨୫୬ କଲ ରହିଛି। ଅନ୍ୟ ମାସ ତୁଳନାରେ ଏହି ମାସରେ କମ୍ କଲ୍ ଆସିଥିଲେ ମଧ୍ୟ ଠକେଇ ପରିମାଣ ଅଧିକ ରହିଛି। ହେଲ୍ପଡେସ୍କ ପକ୍ଷରୁ ମୋଟ ୪୦ ମାମଲା ରୁଜୁ କରାଯାଇଛି। ୟୁପିଆଇ ଆଇଡି ମାଧ୍ୟମରେ ସର୍ବାଧିକ ଠକେଇ ହୋଇଛି। ପ୍ରାୟ ୪୫୧ଜଣ ୟୁପିଆଇ ଠକେଇର ଶିକାର ହୋଇଛନ୍ତି। ଏଥିସହିତ କ୍ରେଡିଟ୍ କାର୍ଡ କିମ୍ବା ଡେବିଟ୍ କାର୍ଡରେ ୧୯୫ ଓ ଅନ୍ୟ କଲ୍ ତଥା ଲଟେରି, ଟିଭି ଓ ମୋବାଇଲ ରିଚାର୍ଜ, ଆଧାରକାର୍ଡ ଅପଡେଟ୍ ଆଦି ବାହାନାରେ ୭୪୪ ଠକେଇ ହୋଇଛି। ଗତ ଦୁଇମାସରେ ସାଇବର ହେଲ୍ପଡେସ୍କ ପକ୍ଷରୁ ସାଇବର ଠକଙ୍କ ନିକଟରୁ ମାତ୍ର ୧୪ଲକ୍ଷ ୭୫ହଜାର ୬୩୬ଟଙ୍କା ଫେରସ୍ତ ଅଣାଯାଇପାରିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

### ଟଙ୍କା ଫେରସ୍ତ ହାର ନଗଣ୍ୟ

ଠକେଇ ହେବାର ଗୋଲ୍‌ଡ଼େନ ଆୱାର ଅର୍ଥାତ୍ ୧ଘଣ୍ଟା ମଧ୍ୟରେ ହେଲ୍ପ ଡେସ୍କକୁ ଜଣାଇଲେ ଟଙ୍କା ଫେରାଇ ଆଣିବାର ସମ୍ଭାବନା ଅଧିକ ରହିଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ତେବେ ଠକଙ୍କ ନିକଟରୁ ଫେରସ୍ତ ଅଣାଯାଇଥିବା ଟଙ୍କା ଦେଖିଲେ ଏହାର ପରିମାଣ ନଗଣ୍ୟ ଜଣାପଡୁଛି। ଗତ ୩ମାସ ମଧ୍ୟରେ ହେଲ୍ପଡେ଼ସ୍କ ପକ୍ଷରୁ ମାତ୍ର ୧୪ଲକ୍ଷ ୭୫ହଜାର ୬୩୬ଟଙ୍କା ଫେରସ୍ତ ଅଣାଯାଇଛି। ଫେବୃୟାରୀରେ ସର୍ବାଧିକ ୬ ଲକ୍ଷ ୮୫ ହଜାର ୮୪୭ ଟଙ୍କା ଓ ମାର୍ଚ୍ଚରେ ମାତ୍ର ୨ଲକ୍ଷ ୫୩ହଜାର ୬୪୭ଟଙ୍କା ଫେରସ୍ତ ଅଣାଯାଇଛି। ସେହିପରି ଏପ୍ରିଲରେ ୫ଲକ୍ଷ ୩୬ ହଜାର ୧୪୦ ଟଙ୍କା ଫେରସ୍ତ ଅଣାଯାଇଛି। କେତେକ କ୍ଷେତ୍ରରେ ଲୋକେ ଗୋଲ୍‌ଡ଼େନ ଆୱାରରେ ହେଲ୍ପଡେସ୍କକୁ ଜଣାଉଥିଲେ ମଧ୍ୟ ଟଙ୍କା ଫେରସ୍ତ ଆସିପାରୁନାହିଁ। ଠକମାନେ ତୁରନ୍ତ ଟଙ୍କାକୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଉଛନ୍ତି। ବ୍ୟାଙ୍କ କର୍ମଚାରୀ ଓ ପୋଲିସ ମଧ୍ୟରେ ସମନ୍ୱୟ ନ ରହିବା ଏବଂ ଠିକ୍ ଭାବେ ତଦନ୍ତ ହେଉ ନ ଥିବାରୁ ଟଙ୍କା ଫେରସ୍ତ ଅଣାଯାଇପାରୁ ନ ଥିବା କୁହାଯାଉଛି।

# ସଂକ୍ରମଣ ରୋକିବାକୁ ଶନି, ରବିବାର ଟ୍ରେନ୍ ବାତିଲ

ଭୁବନେଶ୍ୱର,୬ା୫(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଆସନ୍ତା ୮ରୁ ୧୬ତାରିଖ ମଧ୍ୟରେ ଶନିବାର ଓ ରବିବାର ଚାଲିବାକୁ ଥିବା ୧୧ଯୋଡି ସ୍ୱତନ୍ତ୍ର ଟ୍ରେନ୍ ସେବା ବାତିଲ କରାଯାଇଛି। ୦୮୪୫୬/୦୮୪୫୫ ଭୁବନେଶ୍ୱର-କେନ୍ଦୁଝର-ଭୁବନେଶ୍ୱର ବିଶେଷ ଟ୍ରେନ୍, ୦୮୪୨୮/୦୮୪୨୭ ପୁରୀ-ଅନୁଗୋଳ-ପୁରୀ, ୦୮୪୧୨/୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର, ୦୮୪୩୨/୦୮୪୩୧ ପୁରୀ-କଟକ-ପୁରୀ,୮୪୩୮/୦୮୪୩୭କଟକ-ଭଦ୍ରକ-କଟକ, ୦୮୪୬୧/୦୮୪୬୨ କଟକ-ପାରାଦୀପ-କଟକ, ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ, ୦୮୫୨୮/୦୮୫୨୭ ବିଶାଖାପାଟଣା-ରାଇପୁର-ବିଶାଖାପାଟଣା, ୦୮୪୩୩/୦୮୪୩୪ ଭୁବନେଶ୍ୱର- ପଲାସା-ଭୁବନେଶ୍ୱର, ୦୮୩୦୧/୦୮୩୦୨ ରାୟଗଡ଼ା-ସମ୍ବଲପୁର-ରାୟଗଡା ବିଶେଷ ଟେନ ଉଭୟ ପାର୍ଶ୍ୱରୁ ଆସନ୍ତା ୮,୯, ୧୫ ଓ ୧୬ ତାରିଖରେ ବାତିଲ ରହିବ। ସେହିପରି ୦୨୧୯୨/୦୨୮୯୧ ଭୁବନେଶ୍ୱର-ବାଙ୍ଗିରିପୋସି-ଭୁବନେଶ୍ୱର ସ୍ପେଶାଲ ଭୁବନେଶ୍ୱର ଠାରୁ ଆସନ୍ତା ୮,୯, ୧୫ ଓ ୧୬ ତାରିଖ ଓ ବାଙ୍ଗିରିପୋସି ଠାରୁ ଆସନ୍ତା ୯,୧୦,୧୧ ଓ ୧୭ ତାରିଖ ଦିନ ବାତିଲ ରହିବ ବୋଲି ସୂଚନା ଦିଆଯାଇଛି।

## ୪ ଯୋଡ଼ା ଟ୍ରେନ ସାମୟିକ ବାତିଲ

ଭୁବନେଶ୍ୱର,୬ା୫

କମ୍ ପୃଷ୍ଠପୋଷକତା ଏବଂ କରୋନା ଭାଇରସ ସଂକ୍ରମଣର ପ୍ରତିବନ୍ଧକ ପାଇଁ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ୪ଟି ସ୍ୱତନ୍ତ୍ର ଟ୍ରେନ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ସ୍ପେଶାଲ ଭୁବନେଶ୍ୱରରୁ ୮ରୁ ୨୨ ମେ ଏବଂ ଦଗଲପୁରରୁ ୯ରୁ ୨୩ ମେ ବାତିଲ ରହିବ।



ବିଶାଖାପାଟନମ-କିରନ୍ଦୁଲ-ବିଶାଖାପାଟଣା ସ୍ପେଶାଲ ବିଶାଖାପାଟନମରୁ ୭ରୁ ୨୧ ମେ ଏବଂ କିରନ୍ଦୁଲରୁ ୮ରୁ ୨୨ ମେ ଯାଏ ବାତିଲ କରାଯିବାକୁ ନିଷ୍ପତ୍ତି ହୋଇଛି। ତିରୁପତି-ବିଶାଖାପାଟଣା-ତିରୁପତି ବିଶେଷ ଟ୍ରେନ ତିରୁପତିରୁ ୭ରୁ ୩୦ ମେ ଏବଂ ବିଶାଖାପାଟଣାରୁ ୮ରୁ ୩୧ ମେ ମଧ୍ୟରେ ବାତିଲ ରହିବ। ସେହିଭଳି ସିକନ୍ଦରାବାଦ-ବିଶାଖାପାଟନମ-ସିକନ୍ଦରାବାଦ ବିଶେଷ ଟ୍ରେନ ସିକନ୍ଦରାବାଦରୁ ୮ରୁ ୨୮ ମେ ପର୍ଯ୍ୟନ୍ତ ଏବଂ ବିଶାଖାପାଟନମରୁ ୯ରୁ ୩୦ ମେ ଯାଏ ବନ୍ଦ ରହିବ। ଭାରତୀୟ ରେଳପଥ ପକ୍ଷରୁ ମୋଟ ୨୮ ସ୍ପେଶାଲ ଟ୍ରେନ ମେ ୯ରୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି।

# ୧୪ ଦିନରେ ଗଲାଣି ୬୩୫୪.୭୪୨ ଟନ୍ ଅକ୍ସିଜେନ୍

କଟକ ଅଫିସ,୬ା୫

କରୋନା ସଂକ୍ରମଣ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଅଭାବ ଦେଖାଦେଇଛି। ଏଭଳି ସ୍ଥିତିରେ ସାରା ଦେଶକୁ ମେଡିକାଲ ଅକ୍ସିଜେନ୍ ଯୋଗାଇଛି ଓଡ଼ିଶା। ୧୪ ଦିନ ମଧ୍ୟରେ ଅନୁଗୋଳ, ରାଉରକେଲା, ଢେଙ୍କାନାଳ ଏବଂ ଯାଜପୁର ଜିଲାରୁ ୩୪୫ଟି ଟ୍ୟାଙ୍କରରେ ୬୩୫୪.୭୪୨ ଟନ୍‌ରୁ ଅଧିକ ଅକ୍ସିଜେନ୍ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଆନ୍ଧ୍ରପ୍ରଦେଶକୁ ୧୦୫ ଟ୍ୟାଙ୍କରରେ ୨୧୪୭ ଟନ୍, ତେଲଙ୍ଗାନାକୁ ୯୭ଟି ଟ୍ୟାଙ୍କରରେ ୧୬୫୭.୧୦୯ ଟନ୍, ତାମିଲନାଡୁକୁ୭ଟି ଟ୍ୟାଙ୍କରରେ ୧୩୬.୪୨ ଟନ୍, ହରିୟାଣାକୁ ୪୧ ଟ୍ୟାଙ୍କରରେ ୭୮୩.୮୨୨ ଟନ୍, ମହାରାଷ୍ଟ୍ରକୁ ୧୪ ଟ୍ୟାଙ୍କରରେ ୨୩୪.୩୬ ଟନ୍, ଛତିଶଗଡ଼କୁ ୧୬ ଟ୍ୟାଙ୍କରରେ ୨୪୩.୪୬୧ ଟନ୍, ଉତ୍ତରପ୍ରଦେଶକୁ ୨୭ ଟ୍ୟାଙ୍କର୍‌ରେ ୪୮୮.୬୮ ଟନ୍, ମଧ୍ୟପ୍ରଦେଶକୁ ୩୫ ଟ୍ୟାଙ୍କର୍‌ରେ ୬୦୧.୫୨ ଟନ୍, ଦିଲ୍ଲୀକୁ ଦୁଇଟି ଟ୍ୟାଙ୍କରରେ ୩୩ ଟନ୍ ଏବଂ ପଞ୍ଜାବକୁ ଗୋଟିଏ ଟ୍ୟାଙ୍କରରେ ୨୯.୩୨ ଟନ୍ ଅକ୍ସିଜେନ୍ ପଠାଯାଇଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଗୁରୁବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଞ୍ଜୟ



@ ଜଗନ୍ନାଥ



@ ଅମୀୟରଞ୍ଜନ



@ ଦୀପକ



@ ଜିତେନ୍ଦ୍ର



@ ଦୀପ୍ତିରଞ୍ଜନ



@ ଗୋବର୍ଦ୍ଧନ



ଲକ୍‌ଡାଉନ ଯୋଗୁଁ ଗୁରୁବାର ଦ୍ୱିତୀୟ ଦିନରେ ପୁରୀ ରେଳଷ୍ଟେଶନ ବାହାରେ ଜନଶୂନ୍ୟ ସ୍ଥିତି।



ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଲକ୍‌ଡାଉନ୍ କୋହଳ ଥିବାରୁ ବାଣୀବିହାର-ରସୁଲଗଡ଼ ଓଭରବ୍ରିଜରେ ଲୋକ ଓ ଯାନବାହନ ଚଳାଚଳ।



ରସୁଲଗଡ଼ ଛକରେ ଜଣେ ଯୁବକଙ୍କ ଠାରୁ ପୋଲିସ ଜରିମାନା ଆଦାୟ କରୁଛି।



କଟକ ବକ୍ସିବଜାର ରାସ୍ତାରେ ଖାଁ ଖାଁ ଦୃଶ୍ୟ।



ଭୁବନେଶ୍ୱର ବାଣୀବିହାର ଛକରେ ଗୁରୁବାର ସନ୍ଧ୍ୟାର ଜନଶୂନ୍ୟତାର ଦୃଶ୍ୟ।

# ହାତୁଡ଼ିରେ ପିଟି ମାଲିକଙ୍କୁ ହତ୍ୟା

ପିପିଲି,୬ା୫(ସ୍ୱ.ପ୍ର.)

ପୁରୀ ଜିଲା ପିପିଲି ଥାନା ସାତଶଙ୍ଖ ବଜାର ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିଶ୍ରମିକ ନ ପାଇବାରୁ ଗୁରୁବାର ଜଣେ କର୍ମଚାରୀ ତାଙ୍କ ମାଲିକଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ଗୌଡ଼ପୁଟ ଅଞ୍ଚଳର ଦୀପକ କୁମାର ପାଢଶାଣୀ (୪୦)। ଖବରପାଇ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ସାତଶଙ୍ଖ ଫାଣ୍ଡି ଅଧିକାରୀ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ହତ୍ୟାରେ ବ୍ୟବହୃତ ହାତୁଡି ଜବତ ହୋଇଛି। ଏହି ଘଟଣାରେ ପୋଲିସ କଟକ ବଡ଼ମ୍ବା ନରସିଂହପୁର ଅଞ୍ଚଳର ଅଭିଯୁକ୍ତ କର୍ମଚାରୀ ହିରଣ୍ୟ ସାହୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୌଡ଼ପୁଟ ଅଞ୍ଚଳର ଦିପକ ଦୀର୍ଘ ୬ମାସ ହେବ ସାତଶଙ୍ଖ ବଜାର ନିକଟ ଡାକଘର ପାର୍ଶ୍ୱ ଭଡ଼ାଘରେ ଠୋଲା, ଥାଳି ଓ ବଳିତା କମ୍ପାନୀ କରିଥିଲେ। କମ୍ପାନୀରେ ୪ରୁ ୫ଜଣ କର୍ମଚାରୀ କାମ କରନ୍ତି। ମାସିକ ଦରମାକୁ ନେଇ ଅନେକ ଥର ମାଲିକଙ୍କ ସହ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବୁଧବାର ମଧ୍ୟ ପାରିଶ୍ରମିକ ଟଙ୍କାକୁ ନେଇ ବିବାଦ ହୋଇଥିଲା। ତେବେ ଗୁରୁବାର ଅପରାହ୍ନରେ ହିରଣ୍ୟ ପ୍ରତିଶୋଧ ପରାୟଣ କିମ୍ବା ମାନସିକ ଭାରସାମ୍ୟ ହରାଇ ଦିପକ ଶୋଇଥିବା ବେଳେ ଏକ ହାତୁଡିରେ ତାଙ୍କ ମୁଣ୍ଡକୁ ପ୍ରହାର କରି ହତ୍ୟା କରିଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।




୦୬.୦୫.୨୦୨୧
୧୬୫୩ ଟଙ୍କା

# ସତ ଲୁଚାଉଛି ସତ୍ୟନଗର ଶ୍ମଶାନ

**ଲିଭୁନି ନିଆଁ**
- ୨ଦିନରେ ୧୨୦ ଶବଦାହ
- ସୂଚନା ଦେବାକୁ ବିଏମ୍‌ସି ନାରାଜ
- ଶ୍ମଶାନ ସମ୍ମୁଖରେ ଗାଡ଼ି ଲାଇନ୍



ଗୁରୁବାର ରାତି ୧୦ଟାରେ ସତ୍ୟନଗର ଶ୍ମଶାନରେ ଶବଦାହ ସମୟର ଦୃଶ୍ୟ।

ଭୁବନେଶ୍ୱର, ୬।୫(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଦିନକୁ ଦିନ ବଢ଼ିଚାଲିଛି। ସଂକ୍ରମଣରେ ରୋକ୍ ଲଗାଇବାକୁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଏପରି କି କରୋନାରେ ସଂକ୍ରମିତ ଲୋକଙ୍କ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ସରକାରୀ ତଥ୍ୟ ଅନୁସାରେ ଗତ ୨ଦିନରେ ରାଜ୍ୟରେ ୩୩ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି। ହେଲେ ବାସ୍ତବ ତଥ୍ୟ ସରକାରୀ ରିପୋର୍ଟଠାରୁ ଢ଼େର ଅଧିକ ରହୁଛି। ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ଗତ ୨ଦିନରେ ୧୨୦ମୃତଦେହ ସତ୍କାର କରାଯାଇଛି। ବୁଧବାର ୭୦ଟି ମୃତଦେହ ସତ୍କାର କରାଯାଇଥିବାବେଳେ ଗୁରୁବାର ୫୦ଜଣଙ୍କ ଶବସତ୍କାର କରାଯାଇଛି। ଏଠାରେ ନିଆଁ ଲିଭୁନି, ଦିନରାତି ଶବଦାହ ଚାଲିଛି। ଗତ ୧୫ଦିନତଳେ ଏହି ଶ୍ମଶାନରେ ଦୈନିକ ୫/୬ଟି ଶବଦାହ କରାଯାଉଥିଲା। ଏବେ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଶବଦାହ କରାଯାଉଛି। ଶ୍ମଶାନ ଭିତରକୁ କାହାରିକୁ ପ୍ରବେଶ କରିବାକୁ ଅନୁମତି ମିଳୁ ନ ଥିବାରୁ ଜନପଥ ରାସ୍ତାରେ ମୃତକ ପରିବାର ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏଠାରେ ବିଏମ୍‌ସି ତରଫରୁ ଏକ ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ଖୋଲାଯାଇଥିଲେ ସୁଦ୍ଧା ଶବଦାହ ସମ୍ପର୍କରେ ମୃତ୍ୟୁର ଅଡିଟ ଆଳଦେଖାଇ ତଥ୍ୟ ଦେବାକୁ ବିଏମ୍‌ସି ନାରାଜ ହେଉଛି।

ସୂଚନା ମୁତାବକ, ସତ୍ୟନଗର ଶ୍ମଶାନ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ଦ୍ୱାରା ପରିଚାଳିତ। ଏଠାରେ ଶବ ପୋଡ଼ିବାକୁ କାଠ ଓ ବିଦ୍ୟୁତ୍ ଚୁଲାର ବ୍ୟବସ୍ଥା ରହିଛି। କାଠରେ ପୋଡ଼ିଲେ ୨୫୦୦ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବିଦ୍ୟୁତ ଚୁଲାପାଇଁ ୩୫୦ଟଙ୍କା ରହିଛି। କିନ୍ତୁ ଏବେ କୋଭିଡ୍ ଆକ୍ରାନ୍ତଙ୍କ ଶବଦାହ ଦେୟମୁକ୍ତ ରହିଛି। ଶବଦାହ କରାଯିବାକୁ ବିଏମ୍‌ସି ତରଫରୁ ଶ୍ମଶାନର ଡାହାଣ ପାର୍ଶ୍ୱରେ ଏକ ସହାୟତା କେନ୍ଦ୍ର ଖୋଲାଯାଇଛି, ଯାହାକି ୨୪ ଘଣ୍ଟା ଖୋଲାରହୁଛି। ବିଭିନ୍ନ କୋଭିଡ୍ ହସ୍ପିଟାଲରୁ ମୃତଦେହକୁ ବିଏମ୍‌ସିର ଶବବୁହା ଗାଡ଼ିରେ ଅଣାଯାଇ ଦାହ କରାଯାଉଛି। ଏପ୍ରିଲ ୧୪ତାରିଖରେ ଏଠାରେ ଥିବା ବିଦ୍ୟୁତ୍ ଚୁଲାଟି ଅଚଳ ହୋଇପଡ଼ିଥିଲା। ତାହାକୁ ସଜାଡ଼ିବାକୁ ପଶ୍ଚିମବଙ୍ଗରୁ ମେକାନିକଙ୍କୁ ଅପେକ୍ଷା କରାଯାଇଥିଲା। କିଛିଦିନ ପର୍ଯ୍ୟନ୍ତ ମେକାନିକ୍ ଆସି ନ ଥିଲେ। ପରେ ମୃତକଙ୍କ ସଂଖ୍ୟା ବଢିବାରୁ ଜରୁରିକାଳୀନ ଭିତ୍ତିରେ ଉଚ୍ଚ ପ୍ରାପ୍ୟର ଲୋଭଦେଖାଇ ସ୍ୱତନ୍ତ୍ର ଭାବେ ବଙ୍ଗାଳୀ ମିସ୍ତ୍ରିଙ୍କୁ ଅଣାଯାଇ ବିଦ୍ୟୁତ ଚୁଲାର ମରାମତି କରାଯାଇଛି।

ଏନେଇ ବିଏମ୍‌ସି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି, ମୃତ କୋଭିଡ ଆକ୍ରାନ୍ତଙ୍କୁ ସତ୍ୟନଗର ଶ୍ମଶାନରେ ଦାହ କରାଯାଉଛି। ଏହା ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଦୈନିକ ଶବଦାହ ସଂଖ୍ୟା କହିହେବ ନାହିଁ। ମୃତକଙ୍କ ମେଡିକାଲ ରିପୋର୍ଟ ଆସିବାପରେ ମୃତ୍ୟୁ ଅଡିଟ ହେବ। ଏନେଇ ଏକ ଟିମ୍ ଗଠନ କରାଯାଇଛି। ପରେ ଶବଦାହ ସମ୍ପର୍କରେ ତଥ୍ୟ ଦିଆଯାଇପାରିବ। ଅପରପକ୍ଷରେ କରୋନା ସଂକ୍ରମଣ ପାଇଁ ସାଧାରଣ ଜନତାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ରାଜଧାନୀର ଛାତି ଉପରେ ଥିବା ସତ୍ୟନଗର ଶ୍ମଶାଣିରେ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଶବଦାହ କରାଯାଉଛି। ସେଥିରୁ ଅଧିକାଂଶ କୋଭିଡ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। କୋଭିଡ୍ ଆକ୍ରାନ୍ତଙ୍କ ଶବଦାହ ଯୋଗୁ ସତ୍ୟନଗରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଭୟଭୀତ ହୋଇଥିବାବେଳେ ସହର ବାହାରକୁ ଏହି ଶ୍ମଶାନକୁ ସ୍ଥାନାନ୍ତର କରାଯିବାକୁ ସାଧାରଣରେ ଦାବି ହୋଇଛି।

## ବାରଙ୍ଗ, ଭୁବନେଶ୍ୱର ବ୍ଲକରେ ୩୧୯ ପଜିଟିଭ

ବାରଙ୍ଗ,୬।୫(ଡି.ଏନ୍.ଏ)

ଖୋର୍ଦ୍ଧା ଜିଲା ବାରଙ୍ଗ ଓ ଭୁବନେଶ୍ୱର ବ୍ଲକ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ଗତ ୨୪ଘଣ୍ଟା ମଧ୍ୟରେ ବାରଙ୍ଗ ବ୍ଲକ ଅଞ୍ଚଳରେ ୧୩ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି। ମହୀଧରପଡା, ଗବବସ୍ତ, ଉତ୍ତାମପୁର, ବଡଝରିଲୋ, ସୁମାଣ୍ଡି, ନରାଜ, ମଧୁବନ, ମୁଣ୍ଡଳି, ରେଲୱେ କଲୋନୀ, ବାରଙ୍ଗ, କୁରାଙ୍ଗ, ନଖରା, ଦେଉଳିରୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଭୁବନେଶ୍ୱର ବ୍ଲକର ବିଭିନ୍ନ ଗ୍ରାମରୁ ୩୦୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ମେଣ୍ଢାଶାଳଠାରେ ବ୍ଲକସ୍ତରୀୟ ପରୀକ୍ଷା କେନ୍ଦ୍ର ପ୍ରତିଷ୍ଠା କରାଯାଇ ପରୀକ୍ଷା ଆରମ୍ଭ ହୋଇଛି। ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ବୁଧବାର ସୁଦ୍ଧା ୩୦୬ଜଣଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ମେଣ୍ଢାଶାଳ ମୁଖ୍ୟ ଚିକିତ୍ସାଳୟ ସହ ଚନ୍ଦକା, ଇଟିପୁର, ପାତ୍ରପଡା ଆଦି ସବ୍-ସେଣ୍ଟରରେ ଟିକାକରଣର ବ୍ୟବସ୍ଥା କରାଯାଇଛି।

## ଜଙ୍ଗଲରୁ ମିଳିଲା ମଣିଷ ଖପୁରି, ହାଡ଼

**ବ୍ରହ୍ମଗିରି,୬।୫(ଡି.ଏନ୍.ଏ):** ବ୍ରହ୍ମଗିରି ଥାନା ଭୀମେଶ୍ୱର ଜଙ୍ଗଲ ନିକଟ ବିଶ୍ୱାଳ ଗୋହିରି ହୁଡାରୁ ଗୁରୁବାର ଏକ ମଣିଷ ଖପୁରି ଓ କେତେଖଣ୍ଡ ହାଡ଼ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଗୁରୁବାର ସକାଳୁ ସ୍ଥାନୀୟ ଲୋକେ କାଜୁ ମଞ୍ଜି ଗୋଟାଇବାକୁ ଯାଇଥିବା ବେଳେ ଏହି ଜଙ୍ଗଲରେ ଏକ ମଣିଷ ଖପୁରି ପଡିଥିବା ଦେଖିବାକୁ ପାଇଥିଲେ। ଖପୁରି ପାଖରେ କେତେଖଣ୍ଡ ହାଡ଼, ଲୁଗା ଏବଂ କଏନ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ କୌଣସି ପୋଲିସ ଅଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନାଧିକାରୀ ମନୋଜ ଶତପଥୀଙ୍କୁ ପଚାରିବାରେ, କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।



**ସଂକ୍ଷେପରେ**

## ଖବରଦାତାଙ୍କ ପରିବାର ସଦସ୍ୟଙ୍କୁ ଟିକା ଦେବାକୁ ଦାବି

**ଭୁବନେଶ୍ୱର, ୬।୫ (ବ୍ୟୁରୋ):** ଖବରଦାତାଙ୍କୁ ଆଗ ଧାଡ଼ିର କରୋନା ଯୋଦ୍ଧା ଘୋଷଣା ପରେ ସେମାନଙ୍କ ଟିକାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସଂକ୍ରମଣ ଏଡ଼ାଇବାକୁ ହେଲେ କେବଳ ଖବରଦାତା ନୁହେଁ, ବରଂ ସେମାନଙ୍କ ପରିବାରଙ୍କୁ ତୁରନ୍ତ ଟିକା ପ୍ରଦାନ କରାଯାଉ। ଏଥିସହ ବୀମା ନ ଥିବା ଖବରଦାତାଙ୍କୁ ମଧ୍ୟ ଟିକା ତୁରନ୍ତ ଦିଆଯାଉ ବୋଲି ସାମ୍ବାଦିକ ମିଳିତ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚ ଆବାହକ ଲିଙ୍ଗରାଜ ସାହୁ ଏନେଇ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଦାବି ଜଣାଇଛନ୍ତି। ଖବରଦାତାମାନେ ବହୁ କ୍ଷେତ୍ରରେ ଅବହେଳାର ଶିକାର ହେଉଛନ୍ତି। ଗ୍ରାମାଞ୍ଚଳରେ ଆର୍ଥିକ ଅନାଟନ ଦେଇ ମଧ ବହୁ ଖବରଦାତା ଗତି କରୁଛନ୍ତି। ଏମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

## ଜଳିଗଲା ଘର, ଶାଶୁ-ବୋହୂ ଗୁରୁତର

**ଝିଙ୍କିରିମାଳରେ ଅଗ୍ନିକାଣ୍ଡ**

**ପିପିଲି, ୬।୫(ସ୍ୱ.ପ୍ର.):** ପିପିଲି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଆରୁହା ଝିଙ୍କିରିମାଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦେବରାଜ ପ୍ରଧାନଙ୍କ ଘର ଜଳିଯାଇଛି। ଏଥିସହ ତାଙ୍କ ବୋହୂ ସ୍ୱପ୍ନାରାଣୀ ପ୍ରଧାନଙ୍କ ଶରୀର ୯୦ ପ୍ରତିଶତ ପୋଡ଼ିଯାଇ ଅବସ୍ଥା ସଙ୍କଟାପନ୍ନ ହୋଇଛି। ସେହିପରି ଶାଶୁ ପାଶୋରୀ ପ୍ରଧାନଙ୍କ ଅବସ୍ଥା ମଧ ଗୁରୁତର ହୋଇପଡ଼ିଛି। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ କୌଣସି କାରଣରୁ ଦେବରାଜଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ସମୟରେ ଘରେ ଥିବା ବୋହୂ ସ୍ୱପ୍ନାରାଣୀଙ୍କ ଦେହରେ ନିଆଁ ଲାଗିଯାଇଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇଥିବା ଶାଶୁ ପାଶୋରିଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ପିପିଲି ଦମକଳ ବାହିନୀ ପହଞ୍ଚିବାବେଳକୁ ଟଙ୍କା, ଆସବାବପତ୍ର, ଚାଉଳ, ଲୁଗାପଟା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସବୁ ଜଳିସାରିଥିଲା। ଗୁରୁତର ଅବସ୍ଥାରେ ସ୍ୱପ୍ନାରାଣୀ ଓ ପାଶୋରୀଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲକୁ ପଠାଯାଇଥିଲା। ପରେ ଭୁବନେଶ୍ୱର ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ବିପନ୍ନ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଫାଇନାନ୍ସ କମ୍ପାନୀର ୨ କର୍ମଚାରୀଙ୍କୁ ଆକ୍ରମଣ

**ନିଆଳି,୬।୫(ଡି.ଏନ.ଏ.):** ନିଆଳି ଥାନା ପହଙ୍ଗା ଛକଠାରେ ଗୁରୁବାର ୨ ଜଣ ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଏ ନେଇ ସେମାନେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ଶଢାଂସ ଗ୍ରାମର ଜଣେ ବ୍ୟକ୍ତି ଫାଇନାନ୍ସରେ ଏକ ଟ୍ରାକ୍ଟର ଆଣିଥିଲେ। ହେଲେ ଟଙ୍କା ନ ଶୁଝିବାରୁ ଉକ୍ତ ଫାଇନାନ୍ସ କମ୍ପାନୀର ୨ ଜଣ କର୍ମଚାରୀ ଭୀମସେନ ରାଉତ ଓ ମହିମା ଓଝା ଗୁରୁବାର ଏହି ଟ୍ରାକ୍ଟରକୁ ଜବତ କରି ଆଣୁଥିଲେ। ପହଙ୍ଗା ଛକଠାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପୁଅ ଓ କେତେଜଣ ଲୋକ କର୍ମଚାରୀ ଦ୍ୱୟଙ୍କୁ ଆକ୍ରମଣ କରି ଉକ୍ତ ଟ୍ରାକ୍ଟର ଛଡାଇ ନେଇଥିଲେ। ଏଥିରେ ଭୀମସେନ ଓ ମହିମା ଆହତ ହୋଇ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ପରେ ସେମାନେ ଥାନାରେ ଅଭିଯୋଗ କରିଥିଲେ।

## କାର୍ଯ୍ୟରତ ଖବରଦାତାଙ୍କ ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମକୁ ୨ଦିନ ବୃଦ୍ଧି ଦାବି

ଭୁବନେଶ୍ୱର, ୪।୫(ବ୍ୟୁରୋ)

କରୋନା ମୁକାବିଲାରେ ଖବରଦାତାମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ କୋଭିଡ୍ ଯୋଦ୍ଧାର ମାନ୍ୟତା ପ୍ରଦାନ ସହ ଟିକାକରଣ ପାଇଁ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଖବରଦାତାଙ୍କ ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ମେ ୪ରୁ ୬ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ସ୍ୱତନ୍ତ୍ର ଟିକାଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସ୍ଥାନୀୟ ୟୁନିଟ୍-୬ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଟିକାକରଣ କରାଯାଇଥିଲା। ଏଠାରେ କେବଳ ସରକାରଙ୍କ ଦ୍ୱାରା ବୀମାଭୁକ୍ତ (ଗୋପବନ୍ଧୁ ୱାର୍କିଂ ଜର୍ନାଲିଷ୍ଟସ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ସ୍କିମ୍) ଖବରଦାତାଙ୍କୁ ଟିକା ପ୍ରଦାନ କରାଯାଇଥିଲା। ୩ଦିନରେ ମୋଟ ୯୭୦ଜଣ ବୀମାଭୁକ୍ତ ଖବରଦାତା ଟିକା ନେଇଥିଲେ। ପ୍ରଥମ ଦିନରେ ୨୩୦, ଦ୍ୱିତୀୟ ଦିନରେ ୪୦୦ ଏବଂ ଶେଷ ଦିନରେ ୩୪୦ ଜଣଙ୍କୁ ଟିକା ଦିଆଯାଇଛି। ସେହିଭଳି ବିଏମସି ପକ୍ଷରୁ ସୋମବାର ଯାତ୍ରୀ ନିବାସରେ ପ୍ରାୟ ୨୪୦ ଜଣଙ୍କୁ ଟିକା ଦିଆଯାଇଥିଲା। ଏହିପରି ମୋଟ ୧୨୧୦ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ବିଏମସି ପକ୍ଷରୁ କୁହାଯାଇଛି। ତେବେ ବହୁ କାର୍ଯ୍ୟରତ ସାମ୍ବାଦିକ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହି ଟିକାକରଣ କାର୍ଯ୍ୟକ୍ରମକୁ ଆଉ ୨ଦିନ ବୃଦ୍ଧି କରାଯିବାକୁ ବିଭିନ୍ନ ସାମ୍ବାଦିକ ସଂଘ ଦାବି କରିଛି। କାର୍ଯ୍ୟକ୍ରମକୁ ବରିଷ୍ଠ ଜିଲା ସୂଚନା ଅଧିକାରୀ ଗୌର ମହାପାତ୍ର, ଲୋକ ସମ୍ପର୍କ ଅଧିକାରୀ (ପିଏମ୍‌ୟୁ ସେଲ୍, ବିଏମ୍‌ସି) ନିହାର ସାହୁ ଓ ବରିଷ୍ଠ ଯୋଗାଯୋଗ ଅଧିକାରୀ ଦେବାଶିଷ ବାରିକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ବିଏମ୍‌ସି ଓ ସୂଚନା ଲୋକ ସମ୍ପର୍କ ବିଭାଗର କର୍ମଚାରୀମାନେ ସୁଚାରୁରୂପେ ପରିଚାଳନା କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ପୁରୀ ଅଫିସ,୬।୫:** ପୁରୀ ସଦର ଥାନା ଅନ୍ତର୍ଗତ ଗିରଳ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମନୋଜ ପ୍ରଧାନ(୩୫)। ବୁଧବାର ରାତିରେ ମନୋଜ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୫୦ ହଜାର ପାର କଲା ସଂକ୍ରମଣ

**ରେକର୍ଡ ଭାଙ୍ଗୁଛି ରାଜଧାନୀ**
**ଆଉ ୧୧୧୮ ପଜିଟିଭ୍ ଚିହ୍ନଟ**

ଭୁବନେଶ୍ୱର, ୬।୫(ବ୍ୟୁରୋ)

ରାଜଧାନୀରେ କରୋନା ସ୍ଥିତି ସଙ୍ଗିନ ହେଉଛି। ଦୈନିକ ସଂକ୍ରମଣ ରେକର୍ଡ ଭାଙ୍ଗୁଛି। ମେ' ଆରମ୍ଭରୁ ଭୟଙ୍କର ହେଉଛି ଭୂତାଣୁ। ଏପ୍ରିଲ ଶେଷସୁଦ୍ଧା ଭୁବନେଶ୍ୱରରେ ସଂକ୍ରମିତଙ୍କ ସଂଖ୍ୟା ୪୫ହଜାର ମଧ୍ୟରେ ରହିଥିଲା। ତେବେ ମେ'ମାସର ମାତ୍ର ୬ ଦିନରେ ୫ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଲେଣି। ଗତ ୨୪ ଘଣ୍ଟାରେ ୧୧୧୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ସହରରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୫୦ହଜାର ୪୪୮ରେ ପହଞ୍ଚିଛି।

ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୮୫ଜଣ କ୍ୱାରାଣ୍ଟାଇନ୍‌ରୁ ରହିଥିବାବେଳେ ୯୩୩ ଲୋକାଲ୍ କେସ୍ ରହିଛି। ପଟିଆ ଅଞ୍ଚଳରୁ ସର୍ବାଧିକ ୬୮ଜଣ ସଂକ୍ରମିତ ହୋଇଥିବାବେଳେ ନୟାପଲ୍ଲୀ ୪୮, ଖଣ୍ଡଗିରି ୩୫, ଚନ୍ଦ୍ରଶେଖରପୁର ୩୭, ବରମୁଣ୍ଡା ୪୦, ବମିଖାଲ ୨୫, ଲକ୍ଷ୍ମୀସାଗର ୨୪, ବଡଗଡ ୨୨, ଢୁମୁଢୁମା ୨୭, ଝାରପଡା ୨୧, ମଞ୍ଚେଶ୍ୱର ୧୫, ବମିଖାଲ ୨୫, କଳିଙ୍ଗ ବିହାର ୧୦, ବାପୁଜୀ ନଗର ୧୩ , ପୁରୁଣା ଭୁବନେଶ୍ୱର ୩୮, ସୁନ୍ଦରପଦା ୨୫ଜଣ, ନୀଳାଦ୍ରିବିହାର ୧୨, ୟୁନିଟ-୮ରୁ ୯, ରସୁଲଗଡ ୧୮ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ୬୭୩ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୪୦ହଜାର ୨୮୮ରେ ପହଞ୍ଚିଛି। ୨୭୮ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ୯ହଜାର ୮୬୧ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ଟିକାକରଣ କେନ୍ଦ୍ରରେ ଉତ୍ତେଜନା

ଭୁବନେଶ୍ୱର, ୬।୫ (ବ୍ୟୁରୋ)



ଉତ୍ତ୍ୟକ୍ତ ହୋଇ ଲୋକମାନେ ଟିକାକରଣ କେନ୍ଦ୍ରରୁ ଫେରିଯାଉଛନ୍ତି।

ରାଜ୍ୟରେ କରୋନାର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଟିକାକରଣକୁ ତ୍ୱରାନ୍ୱିତ କରିଥିଲେ। ପ୍ରଥମେ ୪୫ବର୍ଷରୁ ଊର୍ଦ୍ଧ୍ୱ ଓ ଏବେ ୧୮ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା ଦିଆଯାଉଛି। ଗତ ଏପ୍ରିଲ ମାସରେ ରାଜ୍ୟରେ ଅଢେଇ ଲକ୍ଷ ଲୋକ ଟିକା ନେଉଥିବାବେଳେ ଏବେ ତାହା କମି ଯାଇଛି। ଟିକା ଅଭାବ କାରଣରୁ ରାଜ୍ୟରେ ଦିନକୁ ଦିନ ଟିକାକରଣ କେନ୍ଦ୍ର ବନ୍ଦ ହେବାରେ ଲାଗିଛି। କିନ୍ତୁ ସଙ୍ଗିନ ସ୍ଥିତିରେ ଥିବା ଭୁବନେଶ୍ୱରରେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ତେବେ ବିଭିନ୍ନ ଟିକାକରଣ କେନ୍ଦ୍ରରେ ନାନା ଅବ୍ୟବସ୍ଥା ଓ ଲୋକଙ୍କ ନିକଟରେ ଆବଶ୍ୟକ ସୂଚନା ପହଞ୍ଚିପାରୁ ନ ଥିବାରୁ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେରାପନ୍ଥ ଭବନଠାରେ ଗତ ୫ତାରିଖରୁ ଟିକାକରଣ ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। କିନ୍ତୁ ଗୁରୁବାର ଏଠାରେ ଟିକାକରଣ ଚାଲିଥିବାବେଳେ ହଠାତ୍ ଉତ୍ତେଜନା ଦେଖିବାକୁ ମିଳିଥିଲା। ଏଠାରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ଭାବେ ଟିକାକରଣ ହେଉଥିବା ଅଭିଯୋଗ ଉଠିଥିଲା। ଏମିତିକି କେତେକ ଲୋକ ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଥିଲା। ଖବରପାଇ ବିଏମ୍‌ସି ଅଧିକାରୀ ଓ ପୋଲିସ ତେରାପନ୍ଥ ଭବନକୁ ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ସରକାର ଖବରଦାତାମାନଙ୍କୁ ଆଗ ଧାଡିର କୋଭିଡ୍ ଯୋଦ୍ଧା ଘୋଷଣା କରିବା ପରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଟିକାକରଣ କରାଇଥିଲେ। ତେବେ ତେରାପନ୍ଥ ଭବନରେ ଟିକା ନେଉଥିବା ବ୍ୟକ୍ତିମାନେ କେଉଁ ବର୍ଗର କୋଭିଡ୍ ଯୋଦ୍ଧା ବୋଲି ଲୋକେ ପ୍ରଶ୍ନ ଉଠାଇଥିଲେ। ଏ ନେଇ ବିଏମ୍‌ସି ଅଧିକାରୀଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନ ଥିଲା।

# ଦୃଷ୍ଟିହୀନ ପିଲାଙ୍କ ସାହାରା 'ମାନସ'

**ଶିକ୍ଷା ଓ ଖେଳରେ ଦେଉଛନ୍ତି ତାଲିମ**

ଭୁବନେଶ୍ୱର, ୬।୫(ବ୍ୟୁରୋ)



ଜଣେ ଦୃଷ୍ଟିହୀନ ପିଲାଙ୍କୁ ମାନସ ବେଉରା ଶିକ୍ଷାଦାନ କରୁଛନ୍ତି।

ରାଜଧାନୀର ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳର ତ୍ରିଲୋଚନ ବେଉରା ଏବେ ଦୃଷ୍ଟିହୀନ ପିଲାଙ୍କ ସାହାରା ପାଲଟିଛନ୍ତି। ତ୍ରିଲୋଚନ ସ୍ଥାନୀୟ ଅଞ୍ଚଳରେ ମାନସ ନାମରେ ବେଶ୍ ପରିଚିତ। ସେ ପଟିଆ କାନନବିହାର ଅଞ୍ଚଳରେ ଏକ ଭେରାଇଟି ଷ୍ଟୋର କରି ପରିବାର ଚଳାଉଥିବାବେଳେ ଦୀର୍ଘଦିନ ହେଲା ଦୃଷ୍ଟିହୀନ ପିଲାଙ୍କ ଶିକ୍ଷା ଓ ବିକାଶ ପାଇଁ କାମ କରୁଛନ୍ତି।

ବାପା ନାରାୟଣ ବେଉରା ଓ ମା' ଉଷାରାଣୀ ବେଉରାଙ୍କ ୩ ପୁଅ ମଧ୍ୟରେ ମାନସ ହେଉଛନ୍ତି ବଡ। ପାଠପଢା ସରିବା ପରେ ସେ ଚାକିରି ପାଇଁ ଅନେକ ଚେଷ୍ଟା କରି ମଧ୍ୟ ବିଫଳତାର ସମ୍ମୁଖୀନ ହୋଇଥିଲେ। ଶେଷରେ ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ ବ୍ରେଲି ଓ ଆବାକସ ଟ୍ରେନିଂ ନେଇଥିଲେ। ଚାକିରି ଆଶାରେ ଟ୍ରେନିଂ ନେଇଥିଲେ ସତ, ମାତ୍ର ଏହା ତାଙ୍କର ମନୋଭାବ ଓ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ଅଶିକ୍ଷା ଏବଂ ଅବହେଳିତ ଦୃଷ୍ଟିହୀନ ପିଲାଙ୍କୁ କିପରି ମାଗଣାରେ ଶିକ୍ଷା ମିଳିପାରିବ ସେଥିପାଇଁ ମାନସ ଅଣ୍ଟା ଭିଡ଼ିଥିଲେ। ସାଧାରଣ ପିଲାଙ୍କ ସହ ମିଶିବା ଓ ସେମାନଙ୍କ ପରି ପାଠ ପଢିବାର ଅଧିକାର ଦୃଷ୍ଟିହୀନ ପିଲାଙ୍କର ମଧ ଅଛି। ତେଣୁ ସରକାର ଦିବ୍ୟାଙ୍ଗଙ୍କ ଲାଗି ନିର୍ମାଣ କରିଥିବା ସ୍ୱତନ୍ତ୍ର ବିଦ୍ୟାଳୟରେ ନ ପଢି କିପରି ସାଧାରଣ ବିଦ୍ୟାଳୟରେ ଏମାନେ ପଢିପାରିବେ ସେ ନେଇ ମାନସ ଚେଷ୍ଟିତ। ସେ ପ୍ରଥମେ ବାରଙ୍ଗ ଅଞ୍ଚଳ ବୁଲି ସେଠାରେ ବିଦ୍ୟାଳୟ ଯାଉ ନ ଥିବା ଦୃଷ୍ଟିହୀନ ପିଲାଙ୍କର ଏକ ସର୍ଭେ କରିଥିଲେ। ପରେ ସେମାନଙ୍କ ମା', ବାପାଙ୍କ ସହ କଥା ହୋଇ ସ୍ଥାନୀୟ ବିଦ୍ୟାଳୟରେ ସମ୍ପୃକ୍ତ ପିଲାମାନଙ୍କର ନାମ ଲେଖାଇଥିଲେ। ମାନସ ପିଲାମାନଙ୍କୁ ବ୍ରେଲି ଅକ୍ଷରର ଟ୍ରେନିଂ ଦେଉଛନ୍ତି। ସରକାରଙ୍କ ଦ୍ୱାରା ମାଗଣାରେ ଦିଆଯାଉଥିବା ବ୍ରେଲି ବହି ଧରି ଏମାନେ ସାଧାରଣ ସ୍କୁଲକୁ ଯାଉଛନ୍ତି। ୨୦୧୧ରୁ ଆରମ୍ଭ କରିଥିବା ଏହି ଅଭିଯାନ ଜରିଆରେ ମାନସ ଏଯାବତ୍ ୧୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ବିଦ୍ୟାଳୟ ପଠାଇବାରେ ସକ୍ଷମ ହୋଇପାରିଛନ୍ତି। ଏହି ପିଲାମାନଙ୍କୁ ଭୁବନେଶ୍ୱର ଓ କଟକର ବିଭିନ୍ନ ସରକାରୀ ସ୍କୁଲରେ ପାଠ ପଢାଯାଉଛି। କେବଳ ସେତିକି ନୁହେଁ ଦୃଷ୍ଟିହୀନ ପିଲାଙ୍କୁ କ୍ରିକେଟ, ଫୁଟବଲ୍, ଚେସ୍, କବାଡ଼ି ପ୍ରଭୃତି ଖେଳର ଟ୍ରେନିଂ ମଧ ଦେଉଛନ୍ତି। ଏଥିଲାଗି ସେ ଦିଲ୍ଲୀ ଓ କେରଳରୁ ତାଲିମ ନେଇଛନ୍ତି। ବର୍ତ୍ତମାନ ସେ ନ୍ୟାଶନାଲ ଆସୋସିଏଶନ୍ ଅଫ୍ ବ୍ଲାଇଣ୍ଡ, ଓଡ଼ିଶା ସ୍ପୋର୍ଟ୍ସର କୋଚ୍ ଅଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ସମେତ ନୟାଗଡ, କୋରାପୁଟ, ବାଲେଶ୍ୱର ଆଦି ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ବାଳକ ଓ ୧୦୦ରୁ ଊର୍ଦ୍ଧ୍ୱ ବାଳିକା ବିଭିନ୍ନ ଖେଳର କୋଚିଂ ନେଉଛନ୍ତି। ଏଥିସହିତ ରାଜ୍ୟ ତଥା ଜାତୀୟ ସ୍ତରରେ ମଧ୍ୟ ନାମ ଅର୍ଜନ କରିବାରେ ସଫଳ ହୋଇଛନ୍ତି। ଫୁଟବଲ ଖେଳାଳି ସମରାନନ୍ଦୀ ବାରିକ ଆନ୍ତର୍ଜାତିକ ସ୍ତରରେ ଖେଳିବାର ସୁଯୋଗ ପାଇପାରିଛନ୍ତି।

ଏ ନେଇ ମାନସ କହିଛନ୍ତି, ଦୃଷ୍ଟିହୀନ ତଥା ଅବହେଳିତ ପିଲାମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ପ୍ରଦାନ କରିବା ପାଇଁ ମୁଁ ପ୍ରଚେଷ୍ଟା ଜାରି ରଖିଛି। ସକାଳୁ ଉଠିବା ପରେ ମୁଁ ଦୋକାନ ପାଇଁ ମାର୍କେଟିଂ କରିବାକୁ ଯାଏ। ସେଠାରୁ ଫେରିବା ପରେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପିଲାଙ୍କ ପାଖରେ ସମୟ ବିତାଏ। ଯେଉଁ ପିଲାମାନେ କୌଣସି କାରଣବଶତଃ ସ୍କୁଲକୁ ଯାଇପାରୁନାହାନ୍ତି ସେମାନଙ୍କ ଘରକୁ ଯାଇ ପାଠ ପଢାଇବା, ପିଲାଙ୍କୁ ଖେଳ ତାଲିମ ଦେବା ମୋର ଦୈନନ୍ଦିନ କାମ। ଦିନସାରା ସାନଭାଇ ଦୋକାନ ଦାୟିତ୍ୱ ବୁଝୁଥିବାବେଳେ ସେଠାରୁ ଫେରିବା ପରେ ମୁଁ ଦୋକାନ କଥା ବୁଝେ। ଦୃଷ୍ଟିହୀନ ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଓ ସେମାନଙ୍କୁ ସମାଜର ଆଗ ଧାଡ଼ିରେ ସାମିଲ କରିବା ହିଁ ମୋର ଲକ୍ଷ୍ୟ।

**ରାଜ୍ୟଗୁଡ଼ିକୁ ୯୮୭୧ କୋଟିର ଗ୍ରାଣ୍ଟ**

କେନ୍ଦ୍ର ସରକାର ୧୭ ରାଜ୍ୟକୁ ରାଜସ୍ୱ ନିଅଣ୍ଟ ଗ୍ରାଣ୍ଟ ଭାବେ ୯,୮୭୧ କୋଟି ଟଙ୍କା ପ୍ରଦାନ ନେଇ ଘୋଷଣା କରିଛନ୍ତି। ଏହା ଦ୍ୱିତୀୟ ମାସର କିସ୍ତି ବୋଲି ଜଣାପଡିଛି। ଅଦ୍ୟାବଧି ଏ ସଂକ୍ରାନ୍ତ ଅନୁଦାନ ବାବଦ ରାଜ୍ୟଗୁଡିକ ୧୯,୭୪୨ କୋଟି ଟଙ୍କା ଲାଭ କରିଛନ୍ତି।

# ପେଟ୍ରୋଲିୟମ କ୍ଷେତ୍ରରେ ୨.୧୩ ଲକ୍ଷ କୋଟିର ନିବେଶ

ଭୁବନେଶ୍ୱର,୬।୫



ରାଜ୍ୟର ପେଟ୍ରୋଲିୟମ ଏବଂ ଗ୍ୟାସ୍ ଭିତ୍ତିଭୂମି ବିକାଶ ଲାଗି ୨.୧୩ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେଉଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ସଚିବ ତରୁଣ କାପୁର ସୋମବାର ଭୁବନେଶ୍ୱର ଗସ୍ତରେ ଆସି ରାଷ୍ଟ୍ରାୟତ୍ତ ତୈଳ ଉଦ୍ୟୋଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଏହି ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସେ ଭେଟିବା ସହ ତୈଳ ଏବଂ ବାଷ୍ପ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଭିନ୍ନ ପ୍ରକଳ୍ପ କାମ ଆଗକୁ ବଢ଼ାଇନେବା ଲାଗି ସେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ରାଜ୍ୟ ସରକାର ଏ ଦିଗରେ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମହାପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଇଣ୍ଡିଆନ ଅଏଲର ଅଧକ୍ଷ ଏମ୍.ଏସ୍.ବୈଦ୍ୟ, କମ୍ପାନୀର ହ୍ୟୁମାନ ରିସୋର୍ସ ନିର୍ଦ୍ଦେଶକ ରଞ୍ଜନ କୁମାର ମହାପାତ୍ର, କମ୍ପାନୀର ରାଜ୍ୟ ମୁଖ୍ୟ ଶୁଭଜିତ ଘୋଷ ଏବଂ ତୈଳ ଉଦ୍ୟୋଗର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଏହି ଅବସରରେ କାପୁର କହିଛନ୍ତି, ଗତ ୬ ବର୍ଷରେ ୪୩,୩୨୨ କୋଟି ଟଙ୍କା ମୂଲ୍ୟରେ ୨୫ଟି ପ୍ରକଳ୍ପ ଓଡ଼ିଶାରେ ଶେଷ ହୋଇଛି। ସେହିଭଳି ୭୭,୩୩୧ କୋଟି ଟଙ୍କା ମୂଲ୍ୟର ୩୪ଟି ପ୍ରକଳ୍ପ କାମ ଜାରି ରହିଛି। ୧୦ଟି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୯୨,୫୫୬ କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ନେଇ ଆକଳନ କରାଯାଇଛି। ଓଡ଼ିଶାର ଯାଜପୁର ଜିଲା ଚଣ୍ଡିଖୋଲଠାରେ ହେବାକୁ ଥିବା ଇଣ୍ଡିଆନ ଅଏଲର ଷ୍ଟ୍ରାଟେଜିକ ରିଜର୍ଭ ଦେଶର ସବୁଠାରୁ ବଡ଼ ରିଜର୍ଭ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ସେହିଭଳି ପାରାଦୀପରେ ଏଲ୍‌ପିଜି ଆମଦାନୀ ସୁବିଧା ଶୀଘ୍ର କାର୍ଯ୍ୟକ୍ଷମ ହେବ। ଏହାବାଦ ପାରାଦୀପ-ହଳଦିଆ-ଦୁର୍ଗାପୁର ଏଲ୍‌ପିଜି ପାଇପଲାଇନକୁ ପାଟନା-ମୁଜାଫରପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଶୀଘ୍ର ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ବରଗଡ଼ ବିକାଶ ହସ୍ପିଟାଲରେ ୧୦୦ ଭେଣ୍ଟିଲେଟର, ଆଇସିୟୁ ବେଡ୍ ସୁବିଧା

ଭୁବନେଶ୍ୱର, ୬।୫

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସ ଜରିଆରେ 'ବରଗଡ଼ ଜିଲା ବିକାଶ ମଲ୍‌ଟି ସ୍ପେଶିଆଲିଟି ହସ୍ପିଟାଲ' (ଭିଏମ୍ଏସ୍ଏଚ୍)ରେ ଶୁକ୍ରବାର ନୂଆ ସୁବିଧାର ଶୁଭାରମ୍ଭ କରିବେ। ଏହି ହସ୍ପିଟାଲରେ ୧୦୦ଟି ଭେଣ୍ଟିଲେଟର ସହ ଆଇସିୟୁ ବେଡ୍ ସୁବିଧା କରାଯାଇଛି। କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍) ପକ୍ଷରୁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ(ସିଏସ୍ଆର୍) ପାଣ୍ଠିରୁ ପ୍ରାୟ ୧୧ କୋଟି ୫୦ ଲକ୍ଷର ସହାୟତା ରାଶି ଏଥି ଲାଗି ପ୍ରଦାନ କରାଯାଇଛି। ଏହା ସହିତ ବରଗଡର ଦାସରୀ ବୀର ରାଜୁ ଏବଂ ଗୁନମ ରାମଚନ୍ଦ୍ର ରାଓ ମେମୋରିଆଲ ଟ୍ରଷ୍ଟ ସହାୟତାରେ ଏହି ଭିତ୍ତିଭୂମିର ବିକାଶ କରାଯାଇଛି। ଏଠାରେ ୭୦ଟି ଆଇସିୟୁ ଭେଣ୍ଟିଲେଟର, ୫୦ଟି ମନିଟର, ୨୦୦ ନମ୍ବର ସିରିଜ ପମ୍ପ ଏବଂ ଆନୁଷଙ୍ଗିକ ଉପକରଣର ବ୍ୟବସ୍ଥା ମଧ୍ୟ କରାଯାଇଛି । ପୂର୍ବରୁ ଏହି ହସ୍ପିଟାଲରେ ୩୦ଟି ଭେଣ୍ଟିଲେଟର ସଂଯୁକ୍ତ ଆଇସିୟୁ ବେଡ୍ ରହିଥିବା ବେଳେ ଏହାକୁ ମଧ୍ୟ ଅପ୍‌ଗ୍ରେଡ୍ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବରଗଡ ଲୋକ ସଭା ସଦସ୍ୟ ସୁରେଶ ପୂଜାରୀ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ପଦ୍ମପୁର ବିଧାୟକ ବିଜୟ ସିଂହ ବରିହା, ବରଗଡ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

**୪୫ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



ଶ୍ରୀମତୀ ମାଳତୀ ମଞ୍ଜରୀ ଭଞ୍ଜ
ଶ୍ରୀ ଅମୀୟ ରଞ୍ଜନ ଭଞ୍ଜ
ଶାମପୁର, ଭୁବନେଶ୍ୱର

ଜୀବନର ପ୍ରତିଟି ମୁହୂର୍ତ୍ତ ଦୁହେଁ ଦୁହିଙ୍କର ସାନିଧ୍ୟକୁ ପାଥେୟ କରି କେମିତି ଚାଲିବାକୁ ହୁଏ, ତୁମଠୁ ଶିକ୍ଷାଲାଭ କରିଛୁ। ଜୀବନର ସବୁ ଝଡ଼ଝଞ୍ଜାକୁ ଦୃଢ଼ତାର ସହିତ ସମ୍ମୁଖୀନ ହୋଇ ଆମକୁ ମଣିଷ କରିବାରେ ଦୁହିଙ୍କର ଅତୁଳନୀୟ ଅବଦାନକୁ ଆମେ କେବେବି ଭୁଲିପାରିବୁନି । ଦୁହିଙ୍କ ଜୀବନରେ ସେ ଚିରନ୍ତନ ପ୍ରେମର ସ୍ରୋତ ବଜାୟ ରହୁ, ଆଜି ୪୫ତମ ବିବାହ ବାର୍ଷିକୀ ଅବସରରେ ଏତିକି ପ୍ରାର୍ଥନା। -:ଶୁଭେଚ୍ଛା ସହ:- ପିଙ୍କି, ରିଙ୍କି, ମିଙ୍କି, ଇତି ଏବଂ ପରିବାରବର୍ଗ।

ଧ-୬୯୪୯

# ବ୍ୟବସାୟୀଙ୍କୁ ୬.୨ ଲକ୍ଷ କୋଟିର କ୍ଷତି

ନୂଆଦିଲ୍ଲୀ,୬।୫

କରୋନା ମହାମାରୀ ନିୟନ୍ତ୍ରଣ ଲାଗି ବର୍ତ୍ତମାନ ସାରା ଦେଶର ବିଭିନ୍ନ ପ୍ରାନ୍ତରେ ଲକ୍‌ଡାଉନ କରାଯାଉଛି। କଟକଣା ବୃଦ୍ଧି ସହ ଦୋକାନ ବଜାର ସବୁ ବନ୍ଦ କରିବା ନେଇ ନିଷ୍ପତ୍ତି ହୋଇଛି। କିଛି କିଛି ସ୍ଥାନରେ ନିର୍ଦ୍ଦିଷ୍ଟ ସମୟ ଲାଗି ଅତି ଦରକାରୀ ସାମଗ୍ରୀ ଦୋକାନ ସବୁ ବନ୍ଦ ରହୁଛି। କରୋନାର ଦ୍ୱିତୀୟ ଲହର ଯୋଗୁ ସାରା ଦେଶରେ ବ୍ୟବସାୟୀମାନେ ଏପ୍ରିଲରେ ୬.୨ ଲକ୍ଷ କୋଟି ଟଙ୍କା କ୍ଷତି ସହିବା ନେଇ ଏକ ଆକଳନ କରାଯାଇଛି। କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ରିପୋର୍ଟ ମୁତାବକ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ପ୍ରାୟ ୭୫ ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ନେଇ ଅନୁମାନ କରାଯାଇଛି। ସିଏଆଇଟି ରାଷ୍ଟ୍ରୀୟ ମହାସଚିବ ପ୍ରଭୀନ ଖଣ୍ଡେଲୱାଲ କହିଛନ୍ତି, କରୋନା ନିୟମ ଲୋକମାନେ ଠିକ୍ ଭାବେ ପାଳନ କରୁ ନ ଥିବାରୁ ମହାମାରୀ ନିୟନ୍ତ୍ରଣକୁ ଆସୁନାହିଁ। ଅନେକ ଲୋକଙ୍କ ଜୀବନ ମହାମାରୀ ଯୋଗୁ ଯାଉଥିବା ବେଳେ ଅର୍ଥ ବ୍ୟବସ୍ଥାକୁ କ୍ଷତି ସହିବାକୁ ପଡୁଛି। ମହାମାରୀ ନିୟନ୍ତ୍ରଣ ପାଇଁ ସାରା ଦେଶରେ ଲକ୍‌ଡାଉନ ଲଗାଇବା ଲାଗି ସେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ସି. ଭାରତୀୟା କହିଛନ୍ତି, ଖୁଚୁରା ବ୍ୟବସାୟୀ ୪.୨୫ ଲକ୍ଷ କୋଟି ଏବଂ ପାଇକାରୀ ବ୍ୟବସାୟୀମାନେ ୨ ଲକ୍ଷ କୋଟି ଟଙ୍କାର କ୍ଷତି ସହିବା ନେଇ ଆକଳନ କରାଯାଇଛି।

# ଶତାବ୍ଦୀ, ରାଜଧାନୀ, ଦୁରନ୍ତୋ ଏକ୍ସପ୍ରେସ୍ ବାତିଲ

ନୂଆଦିଲ୍ଲୀ,୬।୫



ଶତାବ୍ଦୀ, ରାଜଧାନୀ ଏବଂ ଦୁରନ୍ତୋ ଏକ୍ସପ୍ରେସ୍ ସମେତ ମୋଟ ୨୮ ଟ୍ରେନ୍‌କୁ ମେ ମାସ ୯ରୁ ବାତିଲ କରାଯାଇଛି। ଗତ କିଛି ସପ୍ତାହ ହେବ କରୋନା ମାମଲା ଲଗାତର ବଢୁଛି। ଟ୍ରେନ୍‌ଗୁଡିକରେ ଯାତ୍ରୀ କମ୍ ପୃଷ୍ଠପୋଷକତା ଏବଂ କୋଭିଡ୍‌କୁ ନଜରରେ ରଖି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। କଲ୍‌କା ଏକ୍ସପ୍ରେସ୍, ଅମ୍ରିତସର ଏକ୍ସପ୍ରେସ୍, ଡୋରାଡୁନ ଏକ୍ସପ୍ରେସ୍, ଚଣ୍ଡୀଗଡ ଏକ୍ସପ୍ରେସ୍, କାଠଗୋଡଏମ ଏକ୍ସପ୍ରେସ ମଧ୍ୟ ଏହି ସମୟରେ ବାତିଲ ରହିବ ବୋଲି ଜଣାପଡିଛି।

## ଯାତ୍ରୀଙ୍କ ପାଇଁ ନୂଆ ଏସ୍‌ଓପି

ସେହିଭଳି ରେଳ ମନ୍ତ୍ରଣାଳୟ ପକ୍ଷରୁ ଯାତ୍ରୀଙ୍କ ରେଳ ଚଳାଚଳ ସମୟରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋଟୋକଲ(ଏସ୍‌ଓପି) ଜାରି ହୋଇଛି। ସ୍ପେଶାଲ ଟ୍ରେନ୍‌ଗୁଡିକ ଲାଗି ଏହି ନିୟମ କାର୍ଯ୍ୟକାରୀ ହେବ। ଷ୍ଟେଶନରେ ପ୍ରବେଶ କିମ୍ବା ରେଳଯାତ୍ରା ଲାଗି ସମ୍ପୂର୍ଣ୍ଣ ୱେଟିଂ ଲିଷ୍ଟ ଟିକେଟ ଯାତ୍ରୀଙ୍କୁ ଅନୁମତି ମିଳିବ ନାହିଁ। ଅଣସଂରକ୍ଷିତ ଟିକେଟ ହାସଲ କରିଥିବା ଯାତ୍ରୀଙ୍କୁ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯାତ୍ରା ସୁଯୋଗ ମିଳିବ। ଯାତ୍ରୀ ଭଡ଼ାରେ କ୍ୟାଟରିଂ ଚାର୍ଜ ସଂଯୋଗ କରାଯିବ ନାହିଁ। ସେହିଭଳି ଟ୍ରେନ୍‌ଗୁଡିକରେ ପ୍ରିପେଡ୍ କ୍ୟାଟରିଂ ସେବାକୁ ବନ୍ଦ ରଖାଯାଇଛି। ପେମେଣ୍ଟ ଭିତ୍ତିରେ ପ୍ୟାକ୍ଡ୍ କାର୍ସ ଏବଂ ଟ୍ରେନ ସାଇଡ ଭେଣ୍ଡିଂରେ ରେଡି ଟୁ ଇଟ୍ ମିଲ୍, ପ୍ୟାକେଜଡ ଆଇଟମ, ପ୍ୟାକେଟଯୁକ୍ତ ପାନୀୟ ଜଳ, ଚା, କଫି, ବେଭରେଜ ମିଳିପାରିବ। ଟିକେଟ ବୁକିଂ ସମୟରେ ଏ ସଂକ୍ରାନ୍ତ ସୂଚନା ଲୋକମାନେ ପାଇପାରିବେ ବୋଲି ସୂଚନା ମିଳିଛି।

ସରକାରଙ୍କ କୋଭିଡ୍ ନିୟମ ପାଳନ ସହ ଆଇଆରସିଟିସି ଇ-କ୍ୟାଟରିଂ ସେବାକୁ ଉପଲବ୍ଧ କରାଇପାରିବ। ଟ୍ରେନ୍‌ଗୁଡିକରେ ନାଇଲନ, କମ୍ବଳ, ପରଦା ରହିବ ନାହିଁ। ଯାତ୍ରା ସମୟରେ ଏହା ନିଜେ ଆଣିବାକୁ ଯାତ୍ରୀଙ୍କୁ ରେଲୱେ ପକ୍ଷରୁ ନିବେଦନ କରାଯାଇଛି। ମଲ୍ଟି ପରପସ୍ ଷ୍ଟଲ୍‌ଗୁଡିକରେ ବେଡ୍ ରୋଲ କିଟ୍ କ୍ରୟ ଲାଗି ଉପଲବ୍ଧ କରାଯାଇଛି। ଟ୍ରେନ୍‌ରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। କୌଣସି ଯାତ୍ରୀ ଏହି ନିୟମ ଯଦି ନ ମାନନ୍ତି ତେବେ ୫୦୦ ଟଙ୍କା ଜରିମାନା ଗଣିବାକୁ ପଡିବ। ଆରୋଗ୍ୟ ସେତୁ ଆପ୍ ଡାଉନ୍‌ଲୋଡ୍ କରିବା ସହ କୋଭିଡ୍ ନିୟମ ପାଳନ କରିବାକୁ ରେଲୱେ ପକ୍ଷରୁ ନିବେଦନ କରାଯାଇଛି।

# 'ଅଭିବୃଦ୍ଧିରେ ସହାୟକ ହେବ ଆର୍‌ବିଆଇ ପଦକ୍ଷେପ'



**ନୂଆଦିଲ୍ଲୀ,୬।୫:** ବର୍ତ୍ତମାନର କୋଭିଡ୍ ମହାମାରୀ ସମୟରେ ଆର୍‌ବିଆଇ ସମସ୍ତ ଅଂଶୀଦାରଙ୍କୁ ନଜରରେ ରଖି ନୂଆ ପଦକ୍ଷେପ ଗ୍ରହଣ କରିଛି। ଏହା ମଧ୍ୟରେ ବ୍ୟକ୍ତି ବିଶେଷ, କ୍ଷୁଦ୍ର ବାଣିଜ୍ୟ ଏବଂ ଏମ୍ଏସ୍ଏମ୍ଇ ରହିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ଏଭଳି ପଦକ୍ଷେପ ତୃଣମୂଳ ସ୍ତରରେ ଅଭିବୃଦ୍ଧିକୁ ସହାୟକ ହେବା ସହ ଚ୍ୟାଲେଞ୍ଜିଂ ସ୍ଥିତିକୁ ସାମ୍ନା କରିବାରେ ଯୋଗଦାନ ରଖିବ ବୋଲି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ସି.ଏଚ୍.ଏସ୍.ଏସ୍.ମଲ୍ଲିକାର୍ଜୁନ ରାଓ କହିଛନ୍ତି। ସେ ପୁଣି କହିଛନ୍ତି, ସେହିଭଳି ଋଣପ୍ରଦାନକାରୀ ସଂସ୍ଥା ଏବଂ ରାଜ୍ୟ ସରକାରଙ୍କ ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ନଗଦ ଏବଂ ଋଣ ଯୋଗାଣ ଦିଗରେ ସହାୟତା କରିବ। କୋଭିଡ୍ ସଂକ୍ରାନ୍ତ ସ୍ୱାସ୍ଥ୍ୟ କ୍ଷେତ୍ର ଭିତ୍ତିଭୂମି ଲାଗି କେନ୍ଦ୍ରୀୟ ବ୍ୟାଙ୍କ ୫୦ ହଜାର କୋଟି ଟଙ୍କାର ନଗଦ ସୁବିଧା ସମ୍ପର୍କରେ ଘୋଷଣା କରିଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ରିଷ୍ଟ୍ରକ୍‌ଚର ସୁବିଧା ସହାୟକ ହେବ ବୋଲି ରାଓ ଆଶାବାଦୀ ରହିଛନ୍ତି।

**ଫୁର୍‌ସତ୍**

# ମହାମାରୀ ବିଗାଡୁଛି ମାନସିକ ସନ୍ତୁଳନ

**ଦୀର୍ଘ ଦେଢ଼ବର୍ଷ ଧରି ବିଶ୍ୱକୁ ଆତଙ୍କିତ କରି ରଖିଥିବା କରୋନା ଭୂତାଣୁ ପାଇଁ ସର୍ବାଧିକ ପ୍ରଭାବିତ ହେଉଛନ୍ତି ବରିଷ୍ଠ ନାଗରିକ। ରୋଗ ଚାପର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଛି। ଅନିଦ୍ରା, ଦୁଶ୍ଚିନ୍ତା, ଚିଡ୍‌ଚିଡ଼ାପଣ ଭଳି ସମସ୍ୟା ବଢ଼ିବାରେ ଲାଗିଛି। ହାରାହାରି ୫ଜଣରୁ ଜଣେ ବୟସ୍କ ଏହାର ଶିକାର ହେଉଥିବା ନିକଟରେ କରାଯାଇଥିବା ଏକ ସର୍ଭେରେ କୁହାଯାଇଛି।**



**ନୂଆଦିଲ୍ଲୀ:** କରୋନାର ଦ୍ୱିତୀୟ ଲହର ଦେଶରେ ସୃଷ୍ଟି କରିଛି ଅଭାବନୀୟ ପରିସ୍ଥିତି। ଅମ୍ଳଜାନ ସଙ୍କଟ, ମେଡିକାଲରେ ଭିତ୍ତିଭୂମି ଅଭାବ, କୋଭିଡ୍ ମେଡିକାଲ ପରିଚାଳନାରେ ଅବ୍ୟବସ୍ଥା ଭାରତର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଏବେ ସଂକ୍ରମଣ ଚେନ୍ ଭାଙ୍ଗିବା ଏବଂ ମୃତ୍ୟୁହାର କମାଇବା ଲାଗି ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଟିକାକରଣ କାର୍ଯ୍ୟ ମଧ୍ୟ ତଦନୁଯାୟୀ ଆଗେଇ ଚାଲିଛି। ଏସବୁ ଭିତରେ ବରିଷ୍ଠ ନାଗରିକଙ୍କୁ ନେଇ ଆସିଥିବା ଏକ ସର୍ଭେ ରିପୋର୍ଟ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ଚିନ୍ତାରେ ପକାଇଛି। କରୋନା ମହାମାରୀ ସମୟରେ ମାନସିକ ଅବସାଦଜନିତ କଷ୍ଟ ଭୋଗୁଛନ୍ତି ବୟସ୍କ। ପ୍ରତି ୫ଜଣରୁ ଜଣେ ଏଭଳି ସମସ୍ୟାର ଶିକାର ହୋଇଥିବା ଏହି ସର୍ଭେରେ କୁହାଯାଇଛି।

ମାର୍ଚ୍ଚ ୨୦୨୦ ପରେ ଦେଶରେ କରୋନା କାୟା ବିସ୍ତାର କରିବା ଆରମ୍ଭ କରିଥିଲା। ଏହାପରେ ମହାମାରୀ ତାଣ୍ଡବ ରଚିଚାଲିଛି। କୋଭିଡ୍-୧୯ ସଂକ୍ରମଣ ଆରମ୍ଭ ହେବା ପରବର୍ତ୍ତୀ ସମୟରେ ବୟସ୍କଙ୍କ ନିକଟରେ ମାନସିକ ଚାପ ବଢ଼ିଯାଇଛି, ଯାହାର ସିଧାସଳଖ ପ୍ରଭାବ ପଡ଼ିଛି ସେମାନଙ୍କ ନିଦ୍ରା ଉପରେ। କରୋନା କାଳରେ ବରିଷ୍ଠ ନାଗରିକ ବେଶି ଚିନ୍ତିତ ଏବଂ ବ୍ୟତିବ୍ୟସ୍ତ ହୋଇଯାଇଛନ୍ତି। ୪ଜଣଙ୍କ ମଧ୍ୟରୁ ଜଣଙ୍କ ନିକଟରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ୟୁନିଭର୍ସିଟି ଅଫ୍ ମିଚିଗାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ କେୟାର ପଲିସି ଆଣ୍ଡ୍ ଇନୋଭେଶନ ଇନ୍ ୟୁଏସ୍ଏ ପକ୍ଷରୁ 'ହେଲ୍‌ଦି ଏଜିଂ' ଉପରେ କରାଯାଇଥିବା ସର୍ଭେରେ ଏହା କୁହାଯାଇଛି।

ଅନୁଷ୍ଠାନ ପକ୍ଷରୁ ସର୍ବଭାରତୀୟସ୍ତରରେ କରାଯାଇଥିବା ଏହି ସର୍ବେକ୍ଷଣରେ ୫୦ରୁ ୮୦ ବର୍ଷ ବୟସ୍କ ୨୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା। ଜାନୁୟାରୀରେ ବରିଷ୍ଠ ନାଗରିକଙ୍କ ଟିକାକରଣ ସମୟରେ ସେମାନଙ୍କ ନିକଟରୁ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା। ଏଥିରୁ କରୋନାକୁ ନେଇ ସେମାନେ ଯୁବପିଢ଼ିଙ୍କ ଅପେକ୍ଷା ଅଧିକ ବ୍ୟସ୍ତବିବ୍ରତ, ଗଭୀର ଚିନ୍ତାଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ସର୍ଭେରେ ସାମିଲ ହୋଇଥିବା ୨୮% ବ୍ୟକ୍ତି ନିରାଶା ଏବଂ ଆଶାହରା ଥିବାବେଳେ ୩୪% ବ୍ୟତିବ୍ୟସ୍ତ ଥିବା ଜଣାପଡ଼ିଥିଲା। ସେହିପରି ୪୪% ମାନସିକ ଚାପରେ ଥିବାବେଳେ ୬୪% ନିଦ୍ରାହୀନତାର ଶିକାର ହୋଇଥିବା ସାମ୍ନାକୁ ଆସିଥିଲା।

## ୫ରୁ ଜଣେ ବୟସ୍କ ପ୍ରଭାବିତ

ସେହିପରି ସର୍ଭେରୁ ଅନ୍ୟ କେତେକ ସକାରାତ୍ମକ ତଥ୍ୟ ମଧ୍ୟ ପଦାକୁ ଆସିଛି। ମହାମାରୀ ଲଢେଇ ପାଇଁ ମାନସିକସ୍ତରରେ ପ୍ରସ୍ତୁତ ହୋଇଥିବା ଅନେକ ବରିଷ୍ଠ ନାଗରିକ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ହୋଇଛନ୍ତି। ସେମାନଙ୍କ ମାନସିକ ଅବସ୍ଥା ପାଖାପାଖି ୨୦ ବର୍ଷ ପଛକୁ ଫେରି ଯାଇଛି। ଅର୍ଥାତ୍ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଆହୁରି ଉନ୍ନତ ହୋଇଛି। ସେହିପରି କରୋନା ମହାମାରୀ ୨୯% ବ୍ୟକ୍ତିଙ୍କ ଜୀବନଯାପନ ଶୈଳୀ, ଖାଦ୍ୟପେୟ ଅଭ୍ୟାସ ବଦଳାଇ ଦେଇଛି। ସେମାନେ ଏବେ ବ୍ୟାୟାମ, ଧ୍ୟାନ, ଯୋଗ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିଥିବା ଜଣାପଡ଼ିଥିବା ଅନୁଷ୍ଠାନର ମାନସିକ ରୋଗ ବିଶେଷଜ୍ଞ ଲରେନ୍ ଗେରଲୈଟ୍ କହିଛନ୍ତି। ମହାମାରୀ ମାଡ଼ ସହିଥିବା ୭୧% ଲୋକଙ୍କ ଭିତରେ ମାନସିକତାରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। ମାନସିକ ରୋଗକୁ ନେଇ ସେମାନେ ଖୋଲାଖୋଲି ଆଲୋଚନା କରିବାକୁ ପସନ୍ଦ କରୁଛନ୍ତି, ଯାହା ଏକ ଭଲ ଅଭ୍ୟାସ। ଆଗାମୀ ଦିନରେ ଆସିବାକୁ ଥିବା କଷ୍ଟକର ପରିସ୍ଥିତିରେ ଏହା ସେମାନଙ୍କୁ ଆତ୍ମବଳ ଯୋଗାଇବ ବୋଲି ଲରେନ୍ କହିଛନ୍ତି।

# ମୁଦି ବଦଳରେ ରବର ପିନ୍ଧାଇଲେ ବିରାଫ୍



ସାଲୋନି-ବିରାଫ୍

**ମୁମ୍ବାଇ:** ଟେଲିଭିଜନ ଷ୍ଟାର ତଥା 'ନାମକରଣ' ଅଭିନେତା ବିରାଫ ପଟେଲ ପ୍ରେମିକା ସାଲୋନି ଖାନ୍ନାଙ୍କ ସହ ଗୁରୁବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏହି ପ୍ରେମୀଯୁଗଳ ମୁମ୍ବାଇର ବାନ୍ଦ୍ରାଠାରେ କୋର୍ଟ ମ୍ୟାରେଜ କରିଛନ୍ତି। ତେବେ ବିବାହବେଳେ ବିରାଫ୍ ମୁଦି ବଦଳରେ ସାଲୋନିଙ୍କୁ ରବର ବ୍ୟାଣ୍ଡ ପିନ୍ଧାଇବା ଦୃଶ୍ୟ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ବିରାଫ୍ କହିଛନ୍ତି, ଦୀର୍ଘ ଦିନରୁ ଉଭୟେ ବାହା ହେବାକୁ ଚାହୁଁଥିଲେ ମଧ୍ୟ ତାହା ହୋଇପାରୁ ନ ଥିଲା। ବର୍ତ୍ତମାନ କରୋନା ସମୟରେ ଆଡମ୍ବରରେ ବାହାଘର ସମ୍ଭବ ନୁହେଁ। ତେଣୁ ଉଭୟେ କୋର୍ଟ ମ୍ୟାରେଜ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନିଶ୍ଚିତତା ମଧ୍ୟରେ ବିବାହ ସ୍ଥିର ହେବା ପରେ ଏ ସବୁ ପାଇଁ ସମୟ ଖୁବ୍ କମ୍ ଥିଲା। ଦୁହେଁ ଧଳା ପୋଷାକରେ ନଜର ଆସିଥିଲେ। ମୁଦି ପିନ୍ଧା ସମୟରେ ବିରାଫ ଏକ ରବର ବ୍ୟାଣ୍ଡ ସାଲୋନିଙ୍କୁ ପିନ୍ଧାଇଥିବା ଦେଖିବାକୁ ମିଳିଥିଲା। ଏହା ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏଥିପାଇଁ ସୌଭାଗ୍ୟବଶତଃ ମତେ ମାଡ଼ ଖାଇବାକୁ ପଡ଼ିନାହିଁ ବୋଲି ବିରାଫ୍ ମଜାରେ କହିଥିଲେ। ଗତ ଫେବୃୟାରୀ ୨୦ରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା।

# 'ଛିଛୋରେ' ଅଭିନେତ୍ରୀଙ୍କ ପରଲୋକ



'ଛିଛୋରେ' ସମେତ ଅନେକ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ ଅଭିଲାଷା ପାଟିଲ କରୋନା ଯୁଦ୍ଧରେ ହାରି ଯାଇଛନ୍ତି। ଶୁଟିଂ ସାରି ବାରାଣସୀରୁ ମୁମ୍ବାଇ ଫେରିବା ପରେ ସେ କରୋନାରେ ସଂକ୍ରମିତ ହୋଇଥିଲେ। ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଅଭିଲାଷା ମରାଠୀ ସିନେମାର ଏକ ଜଣାଶୁଣା ନାମ ଥିଲେ। ହିନ୍ଦୀ ଚଳଚ୍ଚିତ୍ର 'ବଦ୍ରିନାଥ କି ଦୁଲହାନିଆ', 'ଗୁଡ ନ୍ୟୁଜ' ଏବଂ 'ମଲାଲ' ଭଳି ଚଳଚ୍ଚିତ୍ରରେ ମଧ୍ୟ ସେ ଅଭିନୟ କରିଛନ୍ତି।

# ମା'ଙ୍କ ପାଇଁ ସହାୟତା ମାଗିଲେ



**ମୁମ୍ବାଇ:** ବଲିଉଡ୍ ପ୍ଲେବ୍ୟାକ୍ ସିଙ୍ଗର ଅରିଜିତ୍ ସିଂଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପାଇଁ ରକ୍ତଦାତାଙ୍କ ସହାୟତା ଲୋଡ଼ିଛନ୍ତି ଏହି ଗାୟକ। 'ଦିଲ୍ ବେଚେରା'ର ଅଭିନେତ୍ରୀ ସ୍ୱସ୍ତିକା ମୁଖାର୍ଜୀ ଗୁରୁବାର ସୋସିଆଲ ମିଡିଆରେ ଏକ ପୋଷ୍ଟ ଲେଖି ଅରିଜିତ୍‌ଙ୍କ ମା'ଙ୍କ ପାଇଁ 'ଏ' ନେଗେଟିଭ୍ ରକ୍ତଦାତା ଆବଶ୍ୟକ ବୋଲି କହିଛନ୍ତି। ଏହା ବ୍ୟତୀତ ନିର୍ଦ୍ଦେଶକ ଶ୍ରୀଜିତ ମୁଖାର୍ଜୀ ମଧ୍ୟ ଅରିଜିତଙ୍କ ମା'ଙ୍କ ପାଇଁ ସହାୟତା ମାଗିଛନ୍ତି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279 7656825022
Retamunda, Bhatigaon, Baragarh

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମୃତ୍ୟୁଞ୍ଜୟ ସାହୁ
(ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ)
ଗୋଷାଣୀ ନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ତା୦୭।୦୮।୧୯୪୫ରିଖ
ତିରୋଭାବ: ତା୨୭।୦୪।୨୦୨୧ରିଖ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୬୭୪

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ
ସ୍ତ୍ରୀ ୰ଲକ୍ଷ୍ମୀ ତ୍ରିପାଠୀ
ରତ୍ନାକର ବାଗ, ଭୁବନେଶ୍ୱର
ଆବିର୍ଭାବ: ୧୮ ମାର୍ଚ୍ଚ ୧୯୩୪
ତିରୋଧାନ: ୨୮ ଏପ୍ରିଲ ୨୦୨୧
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ୍ୟ। ତୁମର ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୦୭୦୨

In Loving Memory ...
We offer sincere tribute to Our beloved Artist friend



୰Umakanta Mallick
who left us on 26th April 2021
You will be missed dear!!
1991 Batch Classmates
BK College of Art and Crafts, Bhubaneswar
ଧ-୨୦୬୭୩

# କାଞ୍ଚନଜଙ୍ଘାରୁ ଏଭରେଷ୍ଟ ଯାଏ ଲକ୍ଷ୍ୟ

**ନିଜ ସ୍ୱପ୍ନ ଓ ଲକ୍ଷ୍ୟକୁ ଛୁଇଁବା ପାଇଁ ଦୁଃସାହସିକ କ୍ରୀଡ଼ାବିତ ଚିନ୍ମୟ ମହାରଣା ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ସେ ନିଜ ଗୁରୁ ତଥା ଏଭରେଷ୍ଟ ଆରୋହଣକାରୀ ଗଣେଶ ଚନ୍ଦ୍ର ଜେନାଙ୍କ ପଥ ଅନୁସରଣ କରି ଦୁଃସାହସିକ ପର୍ବତାରୋହୀ ହେବାକୁ ଆଶା ବାନ୍ଧିଛନ୍ତି...**

ମନରେ ଅତୁଟ ସାହସ ଓ ଦୃଢ଼ ଇଚ୍ଛାଶକ୍ତି ଥିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିହୁଏ। ଲକ୍ଷ୍ୟକୁ ସୁଦୃଢ଼ ଓ ପୂରଣ କରିବା ପାଇଁ ବେଳେବେଳେ ସଫଳ ବ୍ୟକ୍ତିଙ୍କ ପଥ ଅନୁସରଣ କରିବାକୁ ପଡ଼ିଥାଏ। ଏହାଦ୍ୱାରା ସହଜରେ ସ୍ୱପ୍ନ ସାକାର ହୋଇଥାଏ। ନିଜ ସ୍ୱପ୍ନ ଓ ଲକ୍ଷ୍ୟକୁ ଛୁଇଁବା ପାଇଁ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଦୁଃସାହସିକ କ୍ରୀଡ଼ାବିତ ଚିନ୍ମୟ ମହାରଣା ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ସେ ନିଜ ଗୁରୁ ତଥା ଏଭରେଷ୍ଟ ଆରୋହଣକାରୀ ଗଣେଶ ଚନ୍ଦ୍ର ଜେନାଙ୍କ ପଥ ଅନୁସରଣ କରି ଦୁଃସାହସିକ ପର୍ବତାରୋହୀ ହେବାକୁ ଆଶା ବାନ୍ଧିଛନ୍ତି। ଭବିଷ୍ୟତରେ ଭାରତର ଉଚ୍ଚତମ ଶୃଙ୍ଗ କାଞ୍ଚନଜଙ୍ଘାରୁ ଆରମ୍ଭ କରି ଏଭରେଷ୍ଟ ପର୍ଯ୍ୟନ୍ତ ଆରୋହଣ କରିବାକୁ ଲକ୍ଷ୍ୟ ରଖିଥିବା ଚିନ୍ମୟ କହିଛନ୍ତି।

ଇତିମଧ୍ୟରେ ଗୁରୁ ଗଣେଶଙ୍କ ନେତୃତ୍ୱରେ ଚିନ୍ମୟ ୭ରୁ ଊର୍ଦ୍ଧ୍ୱ ପର୍ବତ ଆରୋହଣ କରିବା ସହ ଏଥିପାଇଁ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇ ଅନୁଦେଷ୍ଟା (ଇନଷ୍ଟ୍ରକ୍ଟର) ଭାବେ ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। ପିଲାବେଳୁ ଖେଳ ପ୍ରତି ଆଗ୍ରହ ଥିବାରୁ ନିଜ ଦକ୍ଷତା ବଳରେ ଆଜି ଜଣେ ସଫଳ ପର୍ବତାରୋହୀ ପ୍ରଶିକ୍ଷାର୍ଥୀ ହୋଇପାରିଛନ୍ତି। ବିଦ୍ୟାଳୟରେ ପଢ଼ିବା ସମୟରେ ଚିନ୍ମୟ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବହୁଥର ପୁରସ୍କୃତ ହୋଇଥିଲେ। ଖେଳ ପ୍ରତି ତାଙ୍କର ଆଗ୍ରହ ଓ ଦକ୍ଷତା ଦେଖି କଲେଜର ଜଣେ ଅଧ୍ୟାପକ ତାଙ୍କୁ ପର୍ବତାରୋହୀ ପ୍ରଶିକ୍ଷଣ ନେବାକୁ ପରାମର୍ଶ ଦେଇଥିଲେ। ସେବେଠାରୁ ସେ ଛୋଟ କ୍ୟାମ୍ପଗୁଡ଼ିକରେ ଯୋଗଦେବା ସହ ସଫଳ ପର୍ବତାରୋହୀ ହେବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୪ରେ ଗୁରୁ ଗଣେଶ ଚନ୍ଦ୍ର ଜେନାଙ୍କ ସଂସ୍ପର୍ଶରେ ଆସିବା ପରେ ଟ୍ରାକିଂ କରିବା, ଶୃଙ୍ଗ ଚଢ଼ିବା ପ୍ରଭୃତି ପ୍ରଶିକ୍ଷଣ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ପର୍ବତାରୋହୀଙ୍କ ସହଯୋଗୀ ଭାବେ ସ୍ଥାନ ପାଇଥିଲେ। ୨୧ ବର୍ଷରୁ ପାହାଡ଼ ଚଢ଼ିବା ଆରମ୍ଭ କରିଥିବା ଚିନ୍ମୟ ବର୍ତ୍ତମାନ ସୁଦ୍ଧା ୮ରୁ ଊର୍ଦ୍ଧ୍ୱ ପର୍ବତାରୋହଣ ଶିବିରରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ରୀଡ଼ା ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇସାରିଛନ୍ତି।


ଚିନ୍ମୟ ମହାରଣା

### ଏପର୍ଯ୍ୟନ୍ତ ପର୍ବତ ଆରୋହଣ ତଥ୍ୟ

୧. ସେଚିଧାର, ମନାଲି (୧୫୨୦୦ ଫୁଟ)- ୨୦୧୫
୨. ଚୌକିଗଡ଼, ମନାଲି (୧୦୯୨୫ ଫୁଟ)- ୨୦୧୬
୩. ଲାମାଦୌଗ, ମନାଲି (୧୧୪୮୨ ଫୁଟ)- ୨୦୧୬
୪. ରଶିକି, ମନାଲି (୧୩୧୨୩ ଫୁଟ)-୨୦୧୬
୫. ଷ୍ଟକକାଙ୍ଗ୍ରୀ, ଲେହ-ଲଦାଖ (୨୦୧୮୭ ଫୁଟ)- ୨୦୧୬
୬. ପୋଲାଙ୍ଗ, ସିକିମ (୧୮୦୦୦ ଫୁଟ)- ୨୦୧୭
୭. ଦର୍ବାଟପ, ଉତ୍ତରାକାଶୀ (୧୩୫୦୦ ଫୁଟ)- ୨୦୧୮
୮. ରୁଦୁଗାଏର, ଉତ୍ତରାକାଶୀ (୧୯୧୦୦ ଫୁଟ)- ୨୦୧୮

**ମାମୁ ଭଣଜା ପାହାଡ଼ ଚଢ଼ିବା ପରେ ମନ ବଳାଇଥିଲେ**

୨୦୧୪ ମସିହାରେ ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳର 'ମାମୁ ଭଣଜା' ପାହାଡ଼ ପାଖରେ 'ଏନ୍‌ଏଫ୍' ପକ୍ଷରୁ ଏକ ଆଡଭେଞ୍ଚର କ୍ୟାମ୍ପ ହୋଇଥିଲା। ଦିଲୀପ କୁମାର ପ୍ରଧାନଙ୍କ ସହଯୋଗରେ ଚିନ୍ମୟ ପ୍ରଥମଥର ସେଥିରେ ଭାଗ ନେଇଥିଲେ। ୪ ଦିନିଆ କ୍ୟାମ୍ପରେ ଟ୍ରାକିଂ, ପାହାଡ଼ ଚଢ଼ା ଭଳି ବିଭିନ୍ନ ଆକ୍ଟିଭିଟି ହୋଇଥିଲା। ଏଥିରେ ସେ ସଫଳତା ପାଇଥିଲେ। ଏପରି କି କ୍ୟାମ୍ପରେ ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇଥିଲେ। ସେଠାରେ ତାଙ୍କ ଦକ୍ଷତା ଓ ଉତ୍ସାହକୁ ଦେଖି ଦିଲୀପ ସାର୍ ପର୍ବତାରୋହଣ ପାଇଁ କହିଥିଲେ। ତାଙ୍କ ପରାମର୍ଶକ୍ରମେ ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନାଙ୍କୁ ଭେଟି ତାଙ୍କଠାରୁ ପର୍ବତାରୋହଣର କାହାଣୀ ଶୁଣି ଏଥିପ୍ରତି ମନ ବଳାଇଥିଲେ।

**ଟିଭିରେ ଦେଖିଥିବା ପାହାଡ଼ ଚଢ଼ି ଆତ୍ମବିଭୋର ହୋଇଥିଲେ**

ଏଭରେଷ୍ଟ ଆରୋହୀ ଗଣେଶଙ୍କ ନେତୃତ୍ୱରେ ଚିନ୍ମୟ ୨୦୧୫ରେ ମନାଲିରେ ଥିବା (ଅଟଳ ବିହାରୀ ବାଜପାୟୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଉଣ୍ଟେନିୟରିଂ ଆଣ୍ଡ ଏଲାଇଡ୍ ସ୍ପୋର୍ଟ୍ସ (ଅଭିମାସ୍)ରେ ବେସିକ୍ ମାଉଣ୍ଟେନିୟରିଂ କୋର୍ସ (ବିଏମ୍‌ସି) କରିଥିଲେ। ସେଠାରେ ସେ ୧୫,୨୦୦ ଫୁଟର 'ସେଚିଧାର' ପିକ୍ ପ୍ରଥମଥର ପାଇଁ ଆରୋହଣ କରିଥିଲେ। ପ୍ରଥମେ ନାନା ଆଶଙ୍କା ମନରେ ଉଙ୍କି ମାରୁଥିଲା। ପାହାଡ଼ କେତେବଡ଼ ଥିବ, କିଭଳି ଚଢ଼ିବେ, ଅଧା ବାଟରେ ଗୋଡ଼ ଖସିଯିବନି ତ.. ଏଭଳି ଅନେକ କଥା। ତଥାପି ମନକୁ ଦୃଢ଼ କରି ଚଢ଼ିଲେ। ଚଢ଼ିବାବେଳେ ଅନୁଭବ ହେଲା ଯେ, ଚାଲିଲେ, ଦୌଡ଼ିଲେ କିମ୍ବା କିଛି ଭାରି କାମ କଲେ ନିଃଶ୍ୱାସ ନେବାରେ କଷ୍ଟ ଲାଗେନି। ହେଲେ ଏହି ପାହାଡର ଯେତେ ଉପରକୁ ଉଠୁଥିଲେ ତାଙ୍କୁ ନିଃଶ୍ୱାସ ନେବାରେ ସେତେ କଷ୍ଟ ହେଉଥିଲା। ଆଉ ଯାଇପାରିବିନି ବୋଲି ଭୟ ସୃଷ୍ଟି ହୋଇଥିଲା, ମାତ୍ର ଅନ୍ୟମାନଙ୍କ ପ୍ରେରଣାରେ ଆଗକୁ ବଢ଼ିଥିଲେ। ପାଦ ଯେତେ ଆଗଉଥାଏ, ପ୍ରକୃତିର ସୌନ୍ଦର୍ଯ୍ୟ ସେତେ ଆକର୍ଷଣୀୟ ଲାଗୁଥାଏ। ପିକ୍ ପଏଣ୍ଟରେ ପହଞ୍ଚି ଯାଇଥିବା ଜାଣିବା ପରେ ଖୁସିର ସୀମା ଟପିଯାଇଥିଲା। ଯେଉଁ ପାହାଡ଼କୁ ସେ ଟିଭିରେ ଦେଖୁଥିଲେ, ସେହି ପାହାଡ଼କୁ ନିଜେ ଚଢିବା ସହ ସାମ୍ନାରେ ଦେଖି ଆତ୍ମବିଭୋର ହୋଇପଡ଼ିଥିଲେ।

**ଓଡ଼ିଶାରେ ସୁଯୋଗ ରହିଛି**

ଓଡ଼ିଶାରେ ଏପରି ପ୍ରତିଭାଙ୍କ ପାଇଁ ସୁଯୋଗ ରହିଛି। ଓଡ଼ିଶା ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ କୋର୍ସ ଫି, ଟ୍ରାଭେଲ ଚାର୍ଜ, ଫୁଡିଂ ଚାର୍ଜ ଆଦି ସୁବିଧା ଯୋଗାଇ ଦିଆଯାଉଛି। ବର୍ଷକୁ ଥରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଯୁବପିଢ଼ିଙ୍କୁ ଉତ୍ସାହିତ କରାଯିବା ସହ ଚୟନ ପାଇଁ ଅଲ୍ ଓଡ଼ିଶା ବିଜୁ ପଟ୍ଟନାୟକ ହିମାଳୟ ଏକ୍ସପେଡିଶନ ଆୟୋଜନ ହେଉଛି ବୋଲି ଚିନ୍ମୟ ପ୍ରକାଶ କରିଛନ୍ତି।

**-ସୁଶାନ୍ତ କୁମାର ସାହୁ**

# ଘଟଣା ବହୁଳ ଆଇପିଏଲ୍

**କୋଭିଡ୍-୧୯ କାରଣରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଘଟଣା ବହୁଳ ୧୪ତମ ସଂସ୍କରଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଏହା କ୍ରିକେଟ ପ୍ରଶଂସକଙ୍କ ସମେତ ଫ୍ରାଞ୍ଚାଇଜ୍ ଓ ଅନ୍ୟମାନଙ୍କୁ ନିରାଶ କରିଛି। ଲିଗ୍ ଅଧାରୁ ବନ୍ଦ ହେବା ଫଳରେ ବିସିସିଆଇ ୨୦୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା କ୍ଷତି ସହିବ ବୋଲି ଆକଳନ କରାଯାଇଛି...**


ନିର୍ମଳ କୁମାର ମିଶ୍ର

କରୋନା ମହାମାରୀର ଭୟାବହତା ଯୋଗୁ ଆଇପିଏଲ୍-୧୪ ସ୍ଥଗିତ ରହିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଗଭର୍ଣ୍ଣିଂ କାଉନ୍‌ସିଲ ଶେଷରେ ଏପରି ନିଷ୍ପତ୍ତି ନେଇଛି। ଦେଶରେ କୋଭିଡ୍-୧୯ ପରିସ୍ଥିତି ଅତି ସାଙ୍ଘାତିକ। ବିନା ଦର୍ଶକରେ ଦେଶରେ ଖେଳାଯାଉଥିଲା ଆଇପିଏଲ୍-୧୪। ଚେନ୍ନାଇ, ଅହମଦାବାଦ, ଦିଲ୍ଲୀ, ମୁମ୍ବାଇରେ ୨୯ଟି ମ୍ୟାଚ ଖେଳାଯିବା ପରେ କୋଲକାତା, ବାଙ୍ଗାଲୋରରେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ମ୍ୟାଚ୍ ଖେଳାଯାଇଥାନ୍ତା। ଆଗକୁ ଆଉ ୩୧ଟି ମ୍ୟାଚ ଖେଳାଯିବାକୁ ଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଶେଷ ମ୍ୟାଚ ଖେଳାଯାଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚରେ ବିଜୟୀ ହୋଇ ୮ଟି ମ୍ୟାଚରୁ ୬ଟି ବିଜୟ ସହ ୧୨ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିଲା। ମାତ୍ର ପରବର୍ତ୍ତୀ ମ୍ୟାଚ କୋଲକାତା ନାଇଟ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ (ଆରସିବି) ମଧ୍ୟରେ ଖେଳାଯିବାକୁ ଥିବା ବେଳେ କୋଲକାତାର ୨ଜଣ ଖେଳାଳି ବରୁନ ଚକ୍ରବର୍ତ୍ତୀ ଏବଂ ସନ୍ଦୀପ ୱାରିୟର ହଠାତ୍ କରୋନା ପଜିଟିଭ୍ ହେବା ପରେ ଆଇପିଏଲ ଉପରେ କଳାବାଦଲ ଘନେଇ ଆସିଥିଲା। ଫଳରେ ଖେଳାଳି, ଅଫିସିଆଲ୍, ଫ୍ରାଞ୍ଚାଇଜମାନଙ୍କ ସୁରକ୍ଷା ଦୃଷ୍ଟିରୁ ମ୍ୟାଚକୁ ସ୍ଥଗିତ ରଖାଯିବା ସହିତ ସମସ୍ୟା ମଧ୍ୟରେ ରହିଥିଲା ବିସିସିଆଇ। ମାତ୍ର ଚେନ୍ନାଇ ସୁପରକିଙ୍ଗ୍ସର ବୋଲିଂ କୋଚ ଲକ୍ଷ୍ମୀପତି ବାଲାଜୀ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦର ଉଇକେଟ୍ କିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହା ମଧ୍ୟ କରୋନା ପଜିଟିଭ୍ ବୋଲି ଜଣାପଡିଥିଲା। ଫଳରେ ଆଇପିଏଲ-୧୪କୁ ବିସିସିଆଇ ଓ ଆଇପିଏଲ ଗଭର୍ଣ୍ଣିଂ କାଉନ୍‌ସିଲ୍‌ର ଚେୟାରମ୍ୟାନ ବ୍ରିଜେଶ ପଟେଲ ଏବଂ ଉପ ସଭାପତି ରାଜୀବ ଶୁକ୍ଲା ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଗଲା ବୋଲି ଘୋଷଣା କରିଥିଲେ।

ଆରମ୍ଭରୁ ବେଶ୍ ଘଟଣାବହୁଳ ରହିଥିଲା ଆଇପିଏଲ୍-୧୪। ଅନେକ ନାମୀଦାମୀ ଖେଳାଳି ଶେଷ ମୁହୂର୍ତ୍ତରେ ଓହରିଯିବା, ଚେନ୍ନାଇ ପିଚକୁ ନେଇ ଅସନ୍ତୋଷ କିଛି ମାତ୍ରାରେ ଅମ୍ପାୟରିଂ ବିବାଦ ଏବଂ ଶ୍ରେଷ୍ଠ ଖେଳାଳିମାନଙ୍କ ଖରାପ ପ୍ରଦର୍ଶନ ଆଇପିଏଲ୍-୧୪ର ରୋମାଞ୍ଚକୁ କିଛି ମାତ୍ରାରେ କମାଇ ଦେଇଥିଲା। ଅଷ୍ଟ୍ରେଲିଆନ୍ ଟ୍ରାଇଓ ଆଡାମ ଜାମ୍ପା, କେନ୍ ରିଚାର୍ଡସନ୍ ଏବଂ ଆଣ୍ଡ୍ରୁ ଟାଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ, ରବିଚନ୍ଦ୍ରନ ଅଶ୍ୱିନୀ ଟିମରୁ ଓହରିଯିବା, ବ୍ରେନ୍ ଷ୍ଟୋକ୍ସ ଆଘାତ ସମସ୍ୟା, ପଞ୍ଜାବ ଅଧିନାୟକ ଲୋକେଶ ରାହୁଲଙ୍କର ସ୍ୱାସ୍ଥ୍ୟାବସ୍ଥା, ସନରାଇଜର୍ସ ହାଇଦ୍ରାବାଦର ଅଧିନାୟକ ଡେଭିଡ୍ ୱାର୍ନରଙ୍କୁ ଅଧିନାୟକ ପଦରୁ ବିତାଡିତ କରିବା ଏବଂ ମ୍ୟାଚ ଅଫିସିଆଲ ନିତିନ୍ ମେନନ୍, ପଲ୍ ରାଇଫଲ୍ ଏବଂ ଦିଲ୍ଲୀ ଅଧିନାୟକ ଶ୍ରେୟସ ଆୟରଙ୍କ ଆଘାତ ସମସ୍ୟା ଆଇପିଏଲ୍-୧୪ର ଗ୍ଲାମର କିଛି ମାତ୍ରାରେ କମାଇ ଥିଲା। ଶେଷରେ ଦାଉ ସାଧିଲା କରୋନା-୧୯। ଭାରତରେ ପ୍ରତିଦିନ ୩ଲକ୍ଷରୁ ଅଧିକ ସଂକ୍ରମଣ ଏବଂ ୩ ହଜାରରୁ ଅଧିକ ମୃତ୍ୟୁ ଖେଳାଳିମାନଙ୍କ ମଧ୍ୟରେ ବେଶ୍ ଭୟର ବାତାବରଣ ସୃଷ୍ଟି କରିଥିଲା। ବିନା ଦର୍ଶକରେ ମ୍ୟାଚ ଅନୁଷ୍ଠିତ ହେଉଥିଲେ ମଧ୍ୟ ଶେଷରେ ବାୟୋ ବବଲ ପରିବେଶ ମଧ୍ୟରେ କରୋନା ପ୍ରବେଶ କଲା। ଏକାଧିକ ଖେଳାଳି ଏବଂ ଟିମ୍ ଷ୍ଟାଫ୍ ସଂକ୍ରମିତ ହେବା ଦ୍ୱାରା ସ୍ଥିତି ବେଶ୍ ଗମ୍ଭୀର ହୋଇପଡିଛି। ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ସରକାର ଭାରତକୁ ସେମାନଙ୍କର ଫ୍ଲାଇଟ୍ ବନ୍ଦ କରିବା ଫଳରେ ଖେଳାଳିମାନଙ୍କୁ ନିଜ ନିଜ ଦେଶକୁ ସୁରକ୍ଷିତ ଅବସ୍ଥାରେ ଫେରାଇବା ବର୍ତ୍ତମାନ ବିସିସିଆଇ ପାଇଁ ମୁଖ୍ୟ ଦାୟିତ୍ୱ ସାବ୍ୟସ୍ତ ହୋଇଛି।

ଆଗକୁ ରହିଛି ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍। ଯାହାକି ଇଂଲଣ୍ଡରେ ଜୁନ୍ ୧୮ତାରିଖରୁ ଆରମ୍ଭ ହେବାକୁ ଅଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡ ଏବଂ ଟିମ୍ ଇଣ୍ଡିଆ ପରସ୍ପରକୁ ଭେଟିବେ। ଆଇପିଏଲ୍‌ର ସମାପ୍ତି ପରେ ଉଭୟ ଦଳ ଇଂଲଣ୍ଡ ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତେ। ସେହିପରି ଆଇସିସି ଟି୨୦ ବିଶ୍ୱକପ୍ ମଧ୍ୟ ଭାରତରେ ଅନୁଷ୍ଠିତ ହେବ; ଯାହାକି କୋଭିଡ୍-୧୯ର ପ୍ରକୋପ ଯୋଗୁଁ ଆଶା ଏବଂ ଆଶଙ୍କା ମଧ୍ୟକୁ ଚାଲିଯାଇଛି। ଏସବୁକୁ ଦୃଷ୍ଟିରେ ରଖି ବିସିସିଆଇ ଆଇପିଏଲ୍-୧୪କୁ ସ୍ଥଗିତ ରଖିଛି।

ଚଳିତ ଆଇପିଏଲ୍-୧୪ ଏକ ରୋମାଞ୍ଚକର ପରିବେଶରେ ଚେନ୍ନାଇଠାରେ ଆରମ୍ଭ ହୋଇଥିଲା। ସର୍ବାଧିକ ଚାମ୍ପିୟନ ହୋଇଥିବା ମୁମ୍ବାଇ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା। ଏପର୍ଯ୍ୟନ୍ତ ଖେଳାଯାଇଥିବା ୨୯ଟି ମ୍ୟାଚ ମଧ୍ୟରୁ ଦିଲ୍ଲୀ ୮ଟି ମ୍ୟାଚ ଖେଳି ୬ଟି ବିଜୟ ଓ ୨ଟି ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ସେହିପରି ଚେନ୍ନାଇ ସୁପରକିଙ୍ଗ୍ସ ୫ଟି ବିଜୟ ସହ ଦ୍ୱିତୀୟ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୫ ବିଜୟ ସହ ତୃତୀୟ ସ୍ଥାନରେ ରହିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ୪ଟି ବିଜୟ ସହ ଚତୁର୍ଥ ସ୍ଥାନରେ ରହିଛି। ବ୍ୟାଟିଂରେ ଦିଲ୍ଲୀର ଶିଖର ଧାୱନ ୮ଟି ମ୍ୟାଚରୁ ୩୮୦ରନ୍ ସହିତ ଆଗରେ ଥିବା ବେଳେ ପଞ୍ଜାବ ଅଧିନାୟକ ଲୋକେଶ ରାହୁଲ ୭ଟି ମ୍ୟାଚରୁ ୩୩୧ରନ୍ ଏବଂ ଚେନ୍ନାଇର ଫାପ୍ ଡୁପ୍ଲେସି ୭ଟି ମ୍ୟାଚରୁ ୩୨୦ରନ୍ କରିଛନ୍ତି।

ବୋଲିଂରେ ବାଙ୍ଗାଲୋର ପେସ୍ ବୋଲର ହର୍ଶଲ ପଟେଲ ୧୭ଟି ଉଇକେଟ ଅକ୍ତିଆର କରିବା ସହ ଆଗରେ ଥିବା ବେଳେ ଦିଲ୍ଲୀର ଆଭେଶ ଖାନ୍ ୧୪ଟି ଏବଂ ରାଜସ୍ଥାନ ରୟାଲ୍ସର ଦାମୀ ଖେଳାଳି କ୍ରିସ୍ ମୋରିସ୍ ୧୪ଟି ଉଇକେଟ ନେଇଛନ୍ତି। ଅଧାରୁ ବନ୍ଦ ହୋଇଥିବା ଆଇପିଏଲ୍-୧୪ର ଏପର୍ଯ୍ୟନ୍ତ ୩ଟି ଶତକ ଦେଖିବାକୁ ମିଳିଛି। ରାଜସ୍ଥାନର ଜୋଶ ବଟଲର ସର୍ବାଧିକ ୧୨୪ରନ୍ ଏବଂ ସଞ୍ଜୁ ସାମସନ ୧୧୯ରନ୍ ଏବଂ ଆରସିବିର ଦେବଦତ୍ତ ପାଡିକଲ୍ ୧୦୧ ରନ୍ ସଂଗ୍ରହ କରିଛନ୍ତି। ଚେନ୍ନାଇ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ସର୍ବାଧିକ ୮ଟି କ୍ୟାଚ ନେବା ସହିତ ଆରସିବି ବିପକ୍ଷ ମ୍ୟାଚରେ ଗୋଟିଏ ଓଭରରେ ସର୍ବାଧିକ ୩୭ରନ୍ ସଂଗ୍ରହ କରିଛନ୍ତି। ଧାୱନ ଏବଂ ଷ୍ଟିଭେନ୍ ସ୍ମିଥ୍ ଯଥାକ୍ରମେ ୮ ଏବଂ ୭ଟି କ୍ୟାଚ ନେଇ ପଛକୁ ରହିଛନ୍ତି। ସେହିପରି ପଞ୍ଜାବ ଅଧିନାୟକ ରାହୁଲ ବ୍ୟକ୍ତିଗତ ଭାବେ ୧୬ଟି ଛକା ମାରି ଆଗରେ ରହିଥିବା ବେଳେ ବେୟାରଷ୍ଟୋ ୧୫ଟି ଛକା ମାରିଛନ୍ତି। ସେହିପରି ଚେନ୍ନାଇ ଏବଂ କୋଲକାତା ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ସର୍ବାଧିକ ୨୬ଟି ଛକା ଦେଖିବାକୁ ମିଳିଛି। ସେହିପରି ଚେନ୍ନାଇ କ୍ରମାଗତ ସର୍ବାଧିକ ୫ଟି ମ୍ୟାଚରେ ବିଜୟୀ ହୋଇଥିଲା। ଏପର୍ଯ୍ୟନ୍ତ ଖେଳାଯାଇଥିବା ୨୯ଟି ମ୍ୟାଚରୁ ୨ଶହରୁ ଅଧିକ ଛକା ମରାଯାଇଥିବା ବେଳେ ପଏଣ୍ଟ ଟେବୁଲର ଶେଷରେ ଥିବା ହାଇଦ୍ରାବାଦର ବ୍ୟାଟ୍ସମ୍ୟାନମାନେ ସର୍ବାଧିକ ଛକା ମାରିଛନ୍ତି।

ଆଗକୁ ଅନେକ ରୋମାଞ୍ଚକର ମ୍ୟାଚ ଖେଳାଯିବାକୁ ଥିବା ବେଳେ ହଠାତ୍ କରୋନା ଯୋଗୁଁ ଆଇପିଏଲ୍-୧୪କୁ ଘୁଞ୍ଚାଇ ଦିଆଯିବା କ୍ରିକେଟ୍‌ପ୍ରେମୀଙ୍କୁ ବେଶ୍ ନିରାଶ କରିଛି। ସମସ୍ତ ସୁରକ୍ଷା ସତ୍ତ୍ୱେ କରୋନା ହଠାତ୍ ଖେଳାଳି, ଫ୍ରାଞ୍ଚାଇଜ୍ ଏବଂ ଟିମ୍ ଷ୍ଟାଫଙ୍କ ମନୋବଳ ଭାଙ୍ଗି ଦେଇଛି। ପୁନର୍ବାର ଆଇପିଏଲ୍ ଆରମ୍ଭ ହେଲେ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଯୋଗୁ ବିଦେଶୀ ଖେଳାଳିମାନଙ୍କୁ ଦଳରେ ସାମିଲ କରିବା ବିସିସିଆଇ ପାଇଁ ବଡ ଚ୍ୟାଲେଞ୍ଜ ହେବ। ଯଦି ଆଇପିଏଲ୍-୧୪ କରୋନା ଯୋଗୁ ବନ୍ଦ ହୋଇଯାଏ ତେବେ ବିସିସିଆଇର ବଡ଼ କ୍ଷତି ସହିବ। ଆଇପିଏଲ୍ ସ୍ଥଗିତ ରହିବା କାରଣରୁ ବିସିସିଆଇ ଏବେ ୨୦୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା କ୍ଷତି ସହିବ ବୋଲି ଆକଳନ କରାଯାଇଛି।




### ଆଇପିଏଲ୍- ୧୪

**ସର୍ବାଧିକ ରନ:** ଶିଖର ଧାୱନ (ଦିଲ୍ଲୀ) ୩୮୦ ରନ
**ସର୍ବାଧିକ ଉଇକେଟ:** ହର୍ଶଲ ପଟେଲ (ବାଙ୍ଗାଲୋର) ୧୭ ଉଇକେଟ
**ସର୍ବାଧିକ ପଏଣ୍ଟ:** ଦିଲ୍ଲୀ କ୍ୟାପିଟାଲ୍ସ ୧୨ ପଏଣ୍ଟ
**ସର୍ବାଧିକ କ୍ୟାଚ୍:** ରବୀନ୍ଦ୍ର ଜାଡେଜା (ଚେନ୍ନାଇ) ୮ କ୍ୟାଚ୍
**ସର୍ବାଧିକ ଛକା:** ଲୋକେଶ ରାହୁଲ (ପଞ୍ଜାବ) ୧୬ ଛକା

# ନ୍ୟୁଜିଲାଣ୍ଡ ଆଇପିଏଲ ଖେଳାଳି ୧୧ରେ ୟୁକେ ଯିବେ

**ଖ୍ରୀଷ୍ଟଚର୍ଚ୍ଚ, ୬।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିଥିବା ନ୍ୟୁଜିଲାଣ୍ଡର ୪ ଖେଳାଳି ମେ' ୧୧ ତାରିଖରେ ଇଂଲଣ୍ଡ ଯିବେ। ଏହି ଖେଳାଳିମାନେ ନ୍ୟୁଜିଲାଣ୍ଡ ଟେଷ୍ଟ ଦଳର ସଦସ୍ୟ ରହିଛନ୍ତି। ତେବେ ଆଇପିଏଲ୍ ଖେଳିଥିବା ବାକି ନ୍ୟୁଜିଲାଣ୍ଡ ଖେଳାଳିମାନେ ଶୁକ୍ରବାର ସ୍ୱଦେଶ ଫେରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ସୂଚନା ଦେଇଛି। କେନ୍ ୱିଲିୟମସନଙ୍କ ସମେତ ଏହି ୪ ଖେଳାଳି ଇଂଲଣ୍ଡରେ ଟେଷ୍ଟ ସିରିଜରେ ଖେଳିବେ।

ଇଂଲଣ୍ଡ ଗସ୍ତରେ ନ୍ୟୁଜିଲାଣ୍ଡ ଏକ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଜୁନ୍ ୨ ତାରିଖରୁ ଏହି ସିରିଜ ଆରମ୍ଭ ହେବ। ଏହି ସିରିଜ ପରେ ନ୍ୟୁଜିଲାଣ୍ଡ ଜୁନ୍ ୧୮ ତାରିଖରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଭାରତକୁ ଭେଟିବ। ଭାରତରୁ ଖେଳାଳିମାନଙ୍କ ପ୍ରସ୍ଥାନ ନେଇ ଆମେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ଗୁଡିକ ସହ ସବିଶେଷ ଆଲୋଚନା କରିଥିଲୁ। ଏହି ଘଡିସନ୍ଧି ମୁହୂର୍ତ୍ତରେ ବିସିସିଆଇ ଓ ଆଇପିଏଲ୍ କର୍ତ୍ତୃପକ୍ଷ ବେଶ୍ ସହଯୋଗ କରିଛନ୍ତି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ ହ୍ୱାଇଟ୍ କହିଛନ୍ତି।

ୟୁକେ ଯିବା ପର୍ଯ୍ୟନ୍ତ ୱିଲିୟମସନ, ଦ୍ରୁତ ବୋଲର କାଏଲ ଜେମିସନ, ସ୍ପିନର ମିଚେଲ ସାଣ୍ଟନର ଓ ଫିଜିଓ ଟୋମି ସିମ୍‌ସେକ ନୂଆଦିଲ୍ଲୀରେ ମିନି ବାୟୋ ବବଲରେ ରହିବେ। ୧୦ଜଣ ଖେଳାଳିଙ୍କ ସହ ୧୭ ଜଣ ନ୍ୟୁଜିଲାଣ୍ଡ ନାଗରିକ ଆଇପିଏଲ୍‌ରେ ସାମିଲ ରହିଥିଲେ। ନ୍ୟୁଜିଲାଣ୍ଡ ଖେଳାଳିଙ୍କୁ ଯଥାଶୀଘ୍ର ଇଂଲଣ୍ଡରେ ପହଞ୍ଚିବାର ବ୍ୟବସ୍ଥା କରାଯାଇଥିବାରୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)କୁ ନ୍ୟୁଜିଲାଣ୍ଡ କ୍ରିକେଟ କୃତଜ୍ଞତା ଜଣାଇଛି। ତେବେ ବୋଲ୍ଟ ନ୍ୟୁଜିଲାଣ୍ଡ ଯାଇ ନିଜ ପରିବାର ସଦସ୍ୟଙ୍କୁ ଭେଟିବେ ଓ ଏହାପରେ ଦ୍ୱିତୀୟ ଟେଷ୍ଟ ଓ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ପାଇଁ ଦଳରେ ଯୋଗ ଦେବେ। ନ୍ୟୁଜିଲାଣ୍ଡରୁ ଟେଷ୍ଟ ଦଳର ସଦସ୍ୟମାନେ ମେ' ୧୬ ଓ ୧୭ ତାରିଖରେ ଇଂଲଣ୍ଡ ଗସ୍ତ କରିବେ।


କାଏଲ ଜେମିସନ


କେନ୍ ୱିଲିୟମସନ୍


ଡେନିସ ଶାପୋଭାଲୋଭ ଓ ରୋହନ ବୋପାନ୍ନା।

# କ୍ୱାର୍ଟରରେ ବୋପାନ୍ନା- ଶାପୋଭାଲୋଭ

**ମାଡ୍ରିଡ୍, ୬।୫ (ପି.ଟି.):** ମାଡ୍ରିଡ୍ ଓପନ୍ ୧୦୦୦ ଟୁର୍ନାମେଣ୍ଟରେ ଭାରତୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ଓ କାନାଡା ପାର୍ଟନର ଡେନିସ ଶାପୋଭାଲୋଭ ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ସମ୍ମାନଜନକ କ୍ଲେ-କୋର୍ଟ ଟୁର୍ନାମେଣ୍ଟର ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଇଣ୍ଡୋ-କାନାଡା ଯୋଡି ବୁଧବାର ଟପ୍‌ସିଡ୍ ଜୁଆନ ସେବାଷ୍ଟିଆନ୍ ଓ ରୋବର୍ଟ ଫାରାଙ୍କୁ ୬-୩, ୬-୪ ସିଧାସଳଖ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ଏବେ କ୍ୱାର୍ଟରରେ ବୋପାନ୍ନା-ଶାପୋଭାଲୋଭ ଜର୍ମାନୀ ଯୋଡି ଆଲେକଜାଣ୍ଡର ଜଭେରେଭ ଓ ଟିମ ପୁଏଜଙ୍କୁ ଭେଟିବେ। ପ୍ରଥମଥର ପାଇଁ ବୋପାନ୍ନା ଓ ଶାପୋଭାଲୋଭ ଏକାଠି ହୋଇ କୌଣସି ଟୁର୍ନାମେଣ୍ଟ ଖେଳୁଛନ୍ତି।

# ଆଇପିଏଲ୍‌ର ଅବଶିଷ୍ଟାଂଶ ଆୟୋଜନ ପାଇଁ ୪ ଇଂଲିଶ୍ କାଉଣ୍ଟି ଆଗ୍ରହୀ

ଲଣ୍ଡନ, ୬।୫(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅବଶିଷ୍ଟ ୩୧ ମ୍ୟାଚ ଆୟୋଜନ ପାଇଁ ୪ ଇଂଲିଶ ପ୍ରିମିୟର କାଉଣ୍ଟି ଆଗ୍ରହ ପ୍ରକାଶ କରିଛନ୍ତି। ସେମାନେ ହେଲେ ମିଡିଲସେକ୍ସ, ସରେ, ୱାରୱିକଶାୟାର ଓ ଲଙ୍କାଶାୟାର। ଜୈବ ସୁରକ୍ଷିତ ପରିବେଶରେ ୪ ଖେଳାଳି ଓ କିଛି ସପୋର୍ଟ ଷ୍ଟାଫ୍ କରୋନା ସଂକ୍ରମିତ ହେବାରୁ ଭାରତରେ ଆୟୋଜିତ ଆଇପିଏଲର ୧୪ତମ ସଂସ୍କରଣକୁ ଅଧାରୁ ବନ୍ଦ ରଖାଯାଇଛି। ଚଳିତ ବର୍ଷ ଶେଷ ଭାଗରେ ଭାରତରେ କରୋନାର ତୃତୀୟ ଲହର ଆସିବା ସମ୍ଭାବନା ଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟିମ୍ ଇଣ୍ଡିଆର ଇଂଲଣ୍ଡ ଟୁର୍ ପରେ ସେପ୍ଟେମ୍ବରରେ ଏକ ୱିଣ୍ଡୋ ବାହାର କରିବାକୁ ଚେଷ୍ଟା କରୁଛି। ଭାରତୀୟ କ୍ରିକେଟ ଦଳର ଇଂଲଣ୍ଡ ଗସ୍ତ ସେପ୍ଟେମ୍ବର ୧୪ରେ ଶେଷ ହେବ। ଇଏସ୍‌ପିଏନ୍ ରିପୋର୍ଟ ଅନୁସାରେ ଲର୍ଡ୍ସ, ଓଭାଲ (ଉଭୟ ଲଣ୍ଡନ), ଏଜ୍‌ବାଷ୍ଟନ (ବର୍ମିଂହାମ) ଏବଂ ଏମିରେଟ୍ସ ଓଲ୍ଡ ଟ୍ରାଫୋର୍ଡ (ମାଞ୍ଚେଷ୍ଟର) ଏହି ଗ୍ରୁପ୍‌ର ଅଂଶବିଶେଷ ଭାବେ ଇସିବି (ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ)କୁ ସେମାନଙ୍କ ଆଗ୍ରହ ଦେଖାଇଛନ୍ତି। ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ୨ ସପ୍ତାହ ମଧ୍ୟରେ ଟୁର୍ନାମେଣ୍ଟ ଶେଷ କରିବା ଯୋଜନା ରହିଛି। ପ୍ରତିଦିନ ୨ଟି ଲେଖାଏ ମ୍ୟାଚ କରି ଲିଗ୍‌କୁ ୨୦ ଦିନ ମଧ୍ୟରେ ଶେଷ କରିବାକୁ ବିସିସିଆଇ ଲକ୍ଷ୍ୟ ରଖିଛି। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ବୈଠକରେ ବିସିସିଆଇ ଏବଂ ଇସିବି ପ୍ରତିନିଧିଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ହେବା ସମ୍ଭାବନା ରହିଛି। ଟୁର୍ନାମେଣ୍ଟ ଆୟୋଜନ ସପକ୍ଷରେ ଯୁକ୍ତି ହେଲା ସବୁ ଖେଳାଳି ଟି୨୦ ବିଶ୍ୱକପ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ଏହି ମେଗା ଇଭେଣ୍ଟ ଭାରତରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ସ୍ଥାନାନ୍ତର ହେବା ସମ୍ଭାବନା ରହିଛି। ଯଦି ଉଭୟ ଆଇପିଏଲ ଏବଂ ଟି୨୦ ବିଶ୍ୱକପ ୟୁଏଇରେ ଖେଳାଯାଏ ତେବେ ବିଶ୍ୱକପର ଦ୍ୱିତୀୟାର୍ଦ୍ଧ ବେଳକୁ ପିଚ୍ ସ୍ଲୋ ହୋଇଯିବା ସମ୍ଭାବନା ରହିଛି। ତେଣୁ ଆଇପିଏଲ ଆୟୋଜନ ପାଇଁ ଇଂଲଣ୍ଡ ପ୍ରକୃଷ୍ଟ ବିକଳ୍ପ ହୋଇପାରେ। ତେବେ କେତେକ ସମସ୍ୟା ମଧ୍ୟ ମୁଣ୍ଡ ଟେକିବା ସମ୍ଭାବନା ରହିଛି। ସେପ୍ଟେମ୍ବର ୧୪ରେ ଭାରତର ଇଂଲଣ୍ଡ ଗସ୍ତ ଶେଷ ବେଳକୁ ସେଠାରେ ୩୦ ଭାରତୀୟ କ୍ରିକେଟର ଉପସ୍ଥିତ ଥିବେ। ମାତ୍ର କ୍ୱାରାଣ୍ଟାଇନ୍ ନିୟମ ଦେଖିବାକୁ ଗଲେ ଅନ୍ୟ ଖେଳାଳିମାନେ ଯିବା କଷ୍ଟକର ହୋଇପଡ଼ିବ। ଲିଗ୍ ଯଦି ଚଳିତ ବର୍ଷ ନ ହୁଏ ତେବେ ବିସିସିଆଇ ୨୦୦୦ରୁ ୨୫୦୦ କୋଟି କ୍ଷତି ସହିବ। ତେଣୁ ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ କୌଣସି ପ୍ରକାରେ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ନିଶ୍ଚିତ ଉଦ୍ୟମ କରିବ।

# କୌଶିକଙ୍କୁ ହକି ଇଣ୍ଡିଆ ଦେଲା ୫ ଲକ୍ଷ

**ନୂଆଦିଲ୍ଲୀ, ୬।୫ (ପି.ଟି.):** କରୋନାରେ ପୀଡ଼ିତ ହୋଇ ସ୍ଥାନୀୟ ଏକ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିବା ପୂର୍ବତନ ଖେଳାଳି ତଥା କୋଚ୍ ଏମ୍.କେ. କୌଶିକଙ୍କୁ ହକି ଇଣ୍ଡିଆ (ଏଚ୍ଆଇ) ଗୁରୁବାର ୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। ୬୬ ବର୍ଷୀୟ କୌଶିକ ୧୯୮୦ ମସ୍କୋ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ହକି ଦଳର ଅନ୍ୟତମ ସଦସ୍ୟ ଥିଲେ। ସେ କରୋନା ସଂକ୍ରମିତ ହୋଇଥିବା ଗତ ମାସରେ ଜଣାପଡ଼ିଥିଲା। ତାଙ୍କ ପାଖରେ ଲକ୍ଷଣ ପ୍ରକାଶ ପାଇଥିଲେ ମଧ୍ୟ ଏପ୍ରିଲ ୧୭ରେ ଆରଟିପିସିଆର ଓ ଆରଏଟି ଟେଷ୍ଟ ଫଳାଫଳ ନେଗେଟିଭ ଆସିଥିଲା। ମାତ୍ର ଏହାର ଏକ ସପ୍ତାହ ପରେ ସେ ନିମୋନିଆରେ ପୀଡ଼ିତ ହେବାରୁ ତାଙ୍କ ଛାତିରେ ସିଟି ସ୍କାନ କରାଯାଇଥିଲା। ସେଥିରେ ତାଙ୍କର କରୋନା ଭୂତାଣୁ ଚିହ୍ନଟ କରାଯାଇଥିଲା। ସେବେଠାରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ରାତିରେ ତାଙ୍କ ଶରୀରରେ ଅକ୍ସିଜେନ ସ୍ତର ତଳକୁ ଖସି ଆସୁଛି। କୌଶିକ ଭାରତର ଉଭୟ ସିନିୟର ପୁରୁଷ ଓ ମହିଳା ଦଳର କୋଚ୍ ଭାବେ କାର୍ଯ୍ୟକରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ପୁରୁଷ ଦଳ ୧୯୯୮ ବ୍ୟାଙ୍କକ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିଲା। ସେହିପରି ମହିଳା ଦଳ ୨୦୦୬ ଦୋହା ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ଲାଭ କରିଥିଲା। କୌଶିକ ୧୯୯୮ରେ ଅର୍ଜୁନ ପୁରସ୍କାର ଏବଂ ୨୦୦୨ରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

# ସୁମିତ ଅଲିମ୍ପିକ ଯୋଗ୍ୟତା ନିକଟବର୍ତ୍ତୀ

**ସୋଫିଆ, ୬।୫ (ପି.ଟି.):** ଏଠାରେ ଚାଲିଥିବା ୱାର୍ଲ୍ଡ ରେସ୍‌ଲିଂ ଅଲିମ୍ପିକ କ୍ୱାଲିଫାୟର୍ସରେ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିବା ଲାଗି ଆଉ ଗୋଟିଏ ବିଜୟ ଆବଶ୍ୟକ କରୁଛନ୍ତି ଭାରତୀୟ ରେସ୍‌ଲର ସୁମିତ ମଲିକ। ୧୨୫କେଜି ଶ୍ରେଣୀ କ୍ୱାର୍ଟରଫାଇନାଲରେ ସେ ତାଜିକସ୍ତାନର ରୁସ୍ତମ ଇସ୍‌କନ୍ଦାରୀଙ୍କୁ ହରାଇ ଦେଇଛନ୍ତି। ସେମିଫାଇନାଲରେ ଭେନିଜୁଏଲାର ଜୋସ୍ ଡାନିଲ ଡିଆଜ୍ ରୋବର୍ଟିଙ୍କୁ ଭେଟିବେ। ଏହି ପ୍ରତିଯୋଗିତାର ଫାଇନାଲିଷ୍ଟ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଭାରତର ଅନ୍ୟ ଦୁଇ ରେସଲର ଅମିତ ଧନକର ଓ ସତ୍ୟାର୍ଥ କାଡିୟାନ ପରାଜୟ ସହ ଚାମ୍ପିୟନଶିପ୍‌ରୁ ବିଦାୟ ନେଇଛନ୍ତି। ଧନକର ତାଙ୍କ ୭୪କେଜି କ୍ୱାଲିଫିକେଶନ ବାଉଟ୍ ମୋଲଡୋଭାର ମିହେଲସେଭାଙ୍କଠାରୁ ୦-୪ରେ ହାରିଯାଇଛନ୍ତି। ଧନକର ପରାଜୟ ଦ୍ୱାରା ଟୋକିଓ ଗେମ୍ସରେ ୭୫କେଜି ଶ୍ରେଣୀରେ ଭାରତରୁ ପ୍ରତିନିଧିତ୍ୱ କରିବେ ନାହିଁ।




## ବିବାହ ବନ୍ଧନରେ କିରଣ ମନୀଷା



ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର ଚେସ୍ ତାରକା କିରଣ ମନୀଷା ମହାନ୍ତି ରାଉରକେଲା ନିବାସୀ ଡାକ୍ତର ସନ୍ଦୀପ ମହାନ୍ତିଙ୍କୁ ବିବାହ କରିଛନ୍ତି।

# ହସି ଓ ବାଲାଜୀ ଚେନ୍ନାଇକୁ ସ୍ଥାନାନ୍ତରିତ

ଚେନ୍ନାଇ, ୬।୫ (ପି.ଟି.)

କୋଭିଡ୍‌ରୁ ଆରୋଗ୍ୟ ଲାଭ କରିବା ପରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବ୍ୟାଟିଂ କୋଚ୍ ମାଇକ୍ ହସି ଓ ବୋଲିଂ କୋଚ୍ ଲକ୍ଷ୍ମୀପତି ବାଲାଜୀଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀରୁ ଚେନ୍ନାଇ ଅଣାଯାଇଛି। ହସି ଓ ବାଲାଜୀଙ୍କ ଭଳି ପ୍ରମୁଖ ଅଣ ଖେଳାଳି ଷ୍ଟାଫ୍ ସମେତ କେତେଜଣ ଖେଳାଳି କରୋନା ପଜିଟିଭ ଚିହ୍ନଟ ହେବାପରେ ମଙ୍ଗଳବାର ଆଇପିଏଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ସିଏସକେର ଜଣେ ଅଫିସିଆଲ କହିଛନ୍ତି ଚେନ୍ନାଇରେ ଏହି ଦୁଇ ଜଣଙ୍କୁ ଆବଶ୍ୟକ ସ୍ଥଳେ ଉନ୍ନତ ଡାକ୍ତରୀ ସେବା ଯୋଗାଇ ଦେଇହେବ। ହସି ଓ ବାଲାଜୀଙ୍କ ନିକଟରେ ବର୍ତ୍ତମାନ କୌଣସି ଲକ୍ଷଣ ପରିଲକ୍ଷିତ ହେଉନାହିଁ। ଉଭୟେ ସୁସ୍ଥ ଅନୁଭବ କରୁଛନ୍ତି। ନେଗେଟିଭ ରିପୋର୍ଟ ପାଇବା ପରେ ହସି ଦେଶ ଛାଡ଼ି ଯାଇପାରିବେ। ମାଳଦ୍ୱୀପରେ ନିଜ ଦେଶକୁ ଫେରିବା ଲାଗି ଅପେକ୍ଷାରତ ତାଙ୍କ ଦେଶର ଅନ୍ୟମାନଙ୍କ ସହ ସେ ଯୋଗ ଦେଇପାରିବେ। ସୂଚନାଯୋଗ୍ୟ, ୪ଜଣ ଖେଳାଳି କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଆଇପିଏଲ୍‌ର ୨୦୨୧ ସଂସ୍କରଣକୁ ସସ୍‌ପେଣ୍ଡ କରାଯାଇଥିଲା। ସେମାନେ ହେଲେ ସନରାଇଜର୍ସ ହାଇଦ୍ରାବାଦ ବ୍ୟାଟ୍ସମ୍ୟାନ ଋଦ୍ଧିମାନ ଶାହା, ଦିଲ୍ଲୀ କ୍ୟାପିଟାଲ୍ସ ସ୍ପିନର ଅମିତ ମିଶ୍ର ଏବଂ କୋଲକାତା ନାଇଟ ରାଇଡର୍ସର ବରୁଣ ଚକ୍ରବର୍ତ୍ତୀ ଓ ସନ୍ଦୀପ ୱାରିୟର।

# କ୍ରିକେଟ ଷ୍ଟାଟିଷ୍ଟିସିଆନ ଗୁପ୍ତେଙ୍କ ପରଲୋକ

**ଭଦୋଦରା, ୬।୫ (ପି.ଟି.):** ଭାରତର ଅନ୍ୟତମ ଜଣାଶୁଣା କ୍ରିକେଟ ଷ୍ଟାଟିଷ୍ଟିସିଆନ ଦିନାର ଗୁପ୍ତେ ଗୁରୁବାର ପରଲୋକ ଗମନ କରିଛନ୍ତି। ସେ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହୋଇଥିଲେ ଓ ୭୬ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି ବୋଲି ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ସୂଚନା ଦେଇଛି। ଗୁପ୍ତେଙ୍କ ନିଧନରେ ଏସ୍‌ସିଏର ସମସ୍ତେ ଦୁଃଖିତ। ଗୁପ୍ତେ ଭଦୋଦରାରୁ ଆସିଥିଲେ। କରୋନା କାରଣରୁ ଗୁରୁବାର ସକାଳେ ସେ ମୃତ୍ୟୁବରଣ କରିଥିଲେ ବୋଲି ଏସ୍‌ସିଏ କହିଛି।



ଦିନାର ଗୁପ୍ତେ

ଗୁପ୍ତେ ଭାରତର ଅନ୍ୟତମ ଶ୍ରେଷ୍ଠ ସ୍କୋରର ଓ ଷ୍ଟାଟିଷ୍ଟିସିଆନ ଭାବେ ବିବେଚିତ ହେଉଥିଲେ। ଷ୍ଟାଟିଷ୍ଟିସିଆନ ଭାବେ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ ୧୫ ବର୍ଷଧରି ସଫଳତାର ସହ କାର୍ଯ୍ୟ କରିଥିଲେ। ଅଫିସିଆଲ ସ୍କୋରର ଭାବେ ସେ ୧୯୭୦ରୁ କାର୍ଯ୍ୟ କରିଆସୁଥିଲେ। ଏସ୍‌ସିଏ ସମେତ ସେ ଅଲ୍ ଇଣ୍ଡିଆ ରେଡିଓ ଓ ଅନ୍ୟ କ୍ରିକେଟ ଆସୋସିଏଶନ ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି। ୧୯୯୯ ବିଶ୍ୱକପ୍‌ରେ ମଧ୍ୟ ସେ ଅଫିସିଆଲ ସ୍କୋରର ଭାବେ ଭାରତୀୟ ଦଳ ସହ ଜଡ଼ିତ ରହିଥିଲେ। ପରିସଂଖ୍ୟାନରେ ସେ ସବୁବେଳେ ଅପ୍‌ଡେଟ ରହୁଥିଲେ। ଭାରତ ତଥା ବିଶ୍ୱ କ୍ରିକେଟକୁ ତାଙ୍କର ଅବଦାନ ଯଥେଷ୍ଟ ରହିଛି ଓ କ୍ରିକେଟଜଗତ ତାଙ୍କୁ ମନେରଖିବ।

सहारा इंडिया परिवार
के सभी सम्मानित निवेशकर्ताओं के लिए संदेश

सहारा इंडिया परिवार के मुख्य अभिभावक, मैनेजिंग वर्कर एवं चेयरमैन सहाराश्री सुब्रत रॉय सहारा, 7 मई, 2021 को प्रातः 10:00 बजे सहारा समय न्यूज़ नेटवर्क के सभी चैनलों पर विश्व के विशालतम् सहारा इंडिया परिवार के अपने सम्मानित निवेशकर्ताओं को संबोधित करेंगे।

इस संबोधन का रिकॉर्ड किया हुआ संस्करण 7 मई एवं 8 मई को रात्रि 8:00 बजे सहारा समय न्यूज़ नेटवर्क के सभी चैनलों पर पुनः प्रसारित किया जायेगा।

सहारा समय : Tata Sky-566 | Airtel-330 | DD Free Dish MPEG-4
Dish TV-4007 | Yupp TV | JioTV | MX Player | Samaylive.com/youtube

# ଓଡ଼ିଶା ଏଫ୍‌ସି ଫୁଟ୍‌ବଲ କମିଟିରେ ଭିଲ୍ଲା

ଭୁବନେଶ୍ୱର, ୬।୫(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଏଫ୍‌ସିର ଫୁଟ୍‌ବଲ କମିଟିରେ କିମ୍ବଦନ୍ତୀ ଫୁଟ୍‌ବଲର ଡେଭିଡ ଭିଲ୍ଲାଙ୍କୁ ସାମିଲ କରାଯାଇଛି। ଭୁବନେଶ୍ୱରଭିତ୍ତିକ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ଫ୍ରାଞ୍ଚାଇଜ୍ ପକ୍ଷରୁ ଗୁରୁବାର ଏହା ପ୍ରକାଶ କରାଯାଇଛି। ସ୍ପେନ ଲିଜେଣ୍ଡ ଭିଲ୍ଲାଙ୍କୁ କ୍ଲବର ଗ୍ଲୋବାଲ ଫୁଟ୍‌ବଲ ଅପରେଶନ ହେଡ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ଏଫ୍‌ସି ସହିତ ସାମିଲ ହେବାପରେ ଭିଲ୍ଲା କହିଛନ୍ତି ଯେ, ''ମୁଁ ନିଜ ଅଭିଜ୍ଞତାକୁ ଉପଯୋଗ କରିବାକୁ ଚେଷ୍ଟା କରିବି। ମୁଁ ଭାରତରେ ଖେଳିନାହିଁ ସତ, ମାତ୍ର ଜଣେ ପେସାଦାର ଖେଳାଳିଭାବେ ଦୀର୍ଘ ୨୦ ବର୍ଷ ଏବଂ ତା' ପୂର୍ବରୁ ଏକାଡେମୀରେ ରହିବାର ଅଭିଜ୍ଞତା ଅଛି। ଆମ ଦଳ ଯେତେପ୍ରକାର ପ୍ରୋଜେକ୍ଟ କରିବ ସେଥିରେ ମୁଁ ନିଜ ଫୁଟ୍‌ବଲ ଅଭିଜ୍ଞତା ଉପଯୋଗ କରିବି''। ଓଡ଼ିଶା ଏଫ୍‌ସି ସିଇଓ ରୋହନ ଶର୍ମା ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି। ''ଓଡ଼ିଶା ଏଫ୍‌ସି ପରିବାରକୁ ଭିଲ୍ଲା ଏବଂ ଡିଭି୭ (ଭିଲ୍ଲାଙ୍କ ଗ୍ରୁପ୍) ଗ୍ରୁପ୍‌କୁ ସ୍ୱାଗତ କରିବା ଆମ ପାଇଁ ଖୁସିର କଥା। ପୂର୍ବରୁ ଆମେ ଭିଲ୍ଲାଙ୍କ ଆକ୍ସନକୁ ଟିଭିରେ ଦେଖୁଥିଲୁ। ମାତ୍ର ଏବେ ଓଡ଼ିଶାରେ ଫୁଟ୍‌ବଲର ବିକାଶ ପାଇଁ ସାଥିହୋଇ କାମ କରିବୁ। ସ୍ପେନରେ ଦୀର୍ଘ ବର୍ଷ ଫୁଟ୍‌ବଲ ବିଜ୍‌ନେସ ଅଭିଜ୍ଞତା ରଖିଥିବା ଭିକ୍ଟର ଓନାଟେ ଏବଂ କୋଚ୍ ଗୋମ୍ବାଉଙ୍କ ସହ ମିଶି କାର୍ଯ୍ୟକରିବା ଆମ ପାଇଁ ଆନନ୍ଦଦାୟକ। ଗୋମ୍ବାଉ ଆମ ପରିବାରର ଅଂଶବିଶେଷ ସଦୃଶ। କ୍ଲବ ପାଇଁ ଶ୍ରେଷ୍ଠ ଖେଳାଳି, କୋଚ୍ ଏବଂ ସପୋର୍ଟ ଷ୍ଟାଫ୍ ଆଣିବା ପାଇଁ ଆମେ ସାଥିହୋଇ କାର୍ଯ୍ୟ କରିବୁ'' ବୋଲି ରୋହନ କହିଛନ୍ତି। କ୍ଲବ ସଭାପତି ରାଜ ଅଟୱାଲ ମଧ୍ୟ ଭିଲ୍ଲାଙ୍କୁ ନେଇ ଖୁସି ଜାହିର କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ଏପରି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ''ଭିଲ୍ଲା ସ୍ପେନ ଦଳର ସଦସ୍ୟଭାବେ ୟୁରୋ ଏବଂ ବିଶ୍ୱକପ ଟାଇଟଲ ଜିତିଛନ୍ତି। ସେହିପରି ବାର୍ସିଲୋନା ସହ ଲା ଲିଗା ଏବଂ ଚାମ୍ପିୟନ୍ସ ଲିଗ୍ ଚାମ୍ପିୟନ ହୋଇଛନ୍ତି। ତାଙ୍କ ଫର୍ମୁଲାରେ ଓଡ଼ିଶା ଏଫ୍‌ସି ଉନ୍ନତ ପ୍ରଦର୍ଶନ ସହ ଆସନ୍ତା ବର୍ଷ ଆଇଏସ୍‌ଏଲ ଟେବୁଲର ଶୀର୍ଷରେ ରହିବା ଆଶା ରହିଛି। ଆମେ ଅତ୍ୟନ୍ତ ଉତ୍ସାହିତ,ଉଲ୍ଲସିତ ଏବଂ ତାଙ୍କ ଉପସ୍ଥିତି ଓଡ଼ିଶା ଏଫ୍‌ସି ପାଇଁ ଭିନ୍ନତା ଆଣିବାନେଇ ଆମେ ଦୃଢ଼ ଆଶାୟୀ'' ବୋଲି ବିଶାଳ କହିଛନ୍ତି। ପୂର୍ବତନ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଜୋସେପ ଗୋମ୍ବାଉ ଓ ଭିକ୍ଟର ଓନାଟେ ଡିଭି୭ର ଅଂଶବିଶେଷ ରହିବେ। ଏହି ଗ୍ରୁପ୍ କୋଚିଂ ଷ୍ଟାଫ୍‌ଙ୍କୁ ବିଭିନ୍ନ ପରାମର୍ଶ ଦେବା ସହ ଭାରତୀୟ ଏବଂ ଯୁବ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଓ ପଡ଼ିଆ ଭିତରେ ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ସପୋର୍ଟ ଯୋଗାଇଦେବ।



ଡେଭିଡ ଭିଲ୍ଲା

# କରୋନାରେ ଜୀବନ ହାରିଲେ ଲେଗ୍‌ସ୍ପିନର ବିବେକ ଯାଦବ

**ଜୟପୁର,୬।୫(ପି.ଟି.):** କୋଭିଡ୍- ୧୯ ଆଗରେ ଆଉ ଜଣେ କ୍ରିକେଟର ହାର ମାନିଛନ୍ତି। ରାଜସ୍ଥାନ ପୂର୍ବତନ ଲେଗ୍ ସ୍ପିନର ତଥା ରଣଜୀ ଟ୍ରଫି ବିଜେତା ଦଳର ସଦସ୍ୟ ବିବେକ ଯାଦବ କରୋନ ଦ୍ୱାରା ସଂକ୍ରମିତ ହୋଇ ପ୍ରାଣ ହରାଇଛନ୍ତି। ମୃତ୍ୟୁ ବେଳକୁ ବିବେକଙ୍କ ପାଖରେ ସ୍ତ୍ରୀ ଓ ତାଙ୍କର ଏକମାତ୍ର ଝିଅ ଥିଲେ। ବୁଧବାର ସିଟି ହସ୍ପିଟାଲରେ ମାତ୍ର ୩୬ ବର୍ଷ ବୟସରେ ସେ ପ୍ରାଣ ହରାଇଥିଲେ। ପୂର୍ବତନ ଭାରତୀୟ ଓପନର ଆକାଶ ଚୋପ୍ରା ଏ ସଂକ୍ରାନ୍ତରେ ଟୁଇଟ୍ କରି ସୂଚନା ଦେଇଛନ୍ତି। ବିବେକ ୧୮ଟି ପ୍ରଥମ ଶ୍ରେଣୀ କ୍ରିକେଟ ମ୍ୟାଚ୍ ଖେଳିଛନ୍ତି ଓ ୫୭ଟି ଉଇକେଟ ହାସଲ କରିଛନ୍ତି। ୨୦୧୦-୧୧ ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍ ସେ ଖେଳିଥିଲେ। ସେ ବରୋଦା ବିପକ୍ଷ ପ୍ରଥମ ଇନିଂସରେ ୯୧ ରନ ଦେଇ ୪ ଉଇକେଟ ହାସଲ କରିଥିଲେ। ଫଳରେ ରାଜସ୍ଥାନ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଥିଲା। ୩୦ ବର୍ଷ ପୂର୍ବରୁ ସେ ତାଙ୍କ ଶେଷ ପ୍ରତିଯୋଗିତାମୂଳକ ମ୍ୟାଚ୍ ଖେଳିଥିଲେ। ସେ କର୍କଟ ରୋଗରେ ପୀଡିତ ଥିଲେ ଓ ଚିକିତ୍ସିତ ହେଉଥିଲେ। ହସ୍ପିଟାଲରେ ସେ କେମୋଥେରାପି ନେଉଥିଲେ। ତେବେ ସେଠାରେ ସେ କରୋନା ପଜିଟିଭ ବୋଲି ଜଣାପଡିଥିଲା ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇଯାଇଥିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ପଶ୍ଚିମବଙ୍ଗ ହିଂସାକୁ ନେଇ ପ୍ରତିବାଦ

କଟକ ସଦର (ଡି.ଏନ.ଏ.): ପଶ୍ଚିମବଙ୍ଗରେ ହିଂସାକୁ ନେଇ ଗୁରୁବାର କଟକ ସଦର ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଦଳର ନେତାମାନେ ପ୍ଲାକାର୍ଡ ଧରି ନିଜ ବାସଭବନରେ ଦିନତମାମ ଉପବାସରେ ବସିଥିଲେ। ହିଂସାବେଳେ ମୃତ୍ୟୁ ଘଟିଥିବା ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଭାଜପା ନେତା ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଭର୍ଚୁଆଲ ସଭାରେ ହୃଷୀକେଶ ଜେନା, ଜିଲା ଉପସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ, ସ୍ୱାଧୀନଚେତା ମହାନ୍ତି, ଆଲୋକ ମହାନ୍ତି, ସୋନିଆ ଶର୍ମା, ପୀୟୂଷ ପରିଡା, ଜିତେନ୍ଦ୍ର ବିଶ୍ୱାଳ, ଅଭୟ ସ୍ୱାଇଁ, ପ୍ରମୋଦ ଓଝା ଓ ରଞ୍ଜନ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

### ସଂକ୍ଷେପରେ

## ଫାଇନାନ୍ସ କମ୍ପାନୀର ୨ କର୍ମଚାରୀଙ୍କୁ ଆକ୍ରମଣ

ନିଆଳି,୬।୫(ଡି.ଏନ.ଏ.): ନିଆଳି ଥାନା ଅଧୀନ ପହଙ୍ଗା ଛକଠାରେ ଗୁରୁବାର ୨ ଜଣ ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଏ ନେଇ ସେମାନେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ଶଢ଼ାଂସ ଗ୍ରାମର ଜଣେ ବ୍ୟକ୍ତି ଫାଇନାନ୍ସରେ ଏକ ଟ୍ରାକ୍ଟର ଆଣିଥିଲେ। ହେଲେ ଟଙ୍କା ନ ଶୁଝିବାରୁ ଉକ୍ତ ଫାଇନାନ୍ସ କମ୍ପାନୀର ୨ ଜଣ କର୍ମଚାରୀ ଭୀମସେନ ରାଉତ ଓ ମହିମା ଓଝା ଗୁରୁବାର ଏହି ଟ୍ରାକ୍ଟରକୁ ଜବତ କରି ଆଣୁଥିଲେ। ପହଙ୍ଗା ଛକଠାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପୁଅ ଓ କେତେଜଣ ଲୋକ କର୍ମଚାରୀ ଦ୍ୱୟଙ୍କୁ ଆକ୍ରମଣ କରି ଉକ୍ତ ଟ୍ରାକ୍ଟର ଛଡାଇ ନେଇଥିଲେ। ଏଥିରେ ଭୀମସେନ ଓ ମହିମା ଆହତ ହୋଇ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ପରେ ଏ ସମ୍ପର୍କରେ ସେମାନେ ଥାନାରେ ଅଭିଯୋଗ କରିଥିଲେ।

## ବନ୍ଦ ହୋଇଥିବା ସ୍କୁଲରେ ନାମଲେଖା ଆରମ୍ଭ କରିବାକୁ ଦାବି

କଟକ ଅଫିସ,୬।୫: ଉପସ୍ଥାନ କମ୍ ଥିବା କାରଣ ଦର୍ଶାଇ ବନ୍ଦ ହୋଇଥିବା ସରକାରୀ ସ୍କୁଲଗୁଡିକରେ ନାମଲେଖା ଆରମ୍ଭ କରିବାକୁ ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଗୁରୁବାର ଏକ ଦାବିପତ୍ର ପଠାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ରାଜ୍ୟ ସରକାର ୨୦୧୮ ମସିହାରେ ରାଜ୍ୟର ୧୪,୩୭୯ଟି ପ୍ରାଥମିକ ବିଦ୍ୟାଳୟକୁ ଉପସ୍ଥାନ କମ୍ ଥିବା କାରଣ ଦର୍ଶାଇ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ବିରୋଧରେ ଛାତ୍ରୀଛାତ୍ର ଓ ଅଭିଭାବକ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଥିଲେ। ଏହାପରେ ହାଇକୋର୍ଟ ୨୦୨୦ ମାର୍ଚ୍ଚ ୧୧ରେ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ସ୍କୁଲ ବନ୍ଦ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି। ତେଣୁ ଏହି ପରିସ୍ଥିତିରେ ରାଜ୍ୟ ସରକାର ବିଳମ୍ବ ନ କରି ହାଇକୋର୍ଟଙ୍କ ରାୟକୁ ତୁରନ୍ତ କାର୍ଯ୍ୟକାରୀ କରି ବନ୍ଦ କରାଯାଇଥିବା ସରକାରୀ ପ୍ରାଥମିକ ସ୍କୁଲଗୁଡିକୁ ତୁରନ୍ତ ଖୋଲି ନାମଲେଖା ଆରମ୍ଭ କରିବାକୁ ଦାବି କରାଯାଇଛି। ଏହା କରା ନ ଗଲେ ଛାତ୍ର ଆନ୍ଦୋଳନକୁ ଜୋରଦାର୍ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସଙ୍ଗଠନର ରାଜ୍ୟ କମିଟି ଉପସଭାପତି ରବି ବଳବନ୍ତରାୟ, କଟକ ଜିଲା ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଇଶା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଜ୍ୟୋସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ଛାତ୍ରନେତା ସରୋଜ ମାନସିଂ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଉକ୍ତ ଦାବିପତ୍ର ପଠାଇଛନ୍ତି।

# ଜିଲାରେ ୯୬୩, ସହରରୁ ୫୨୩ ଚିହ୍ନଟ

କଟକ ଅଫିସ,୬।୫

କଟକ ଜିଲାରେ ପ୍ରତିଦିନ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। କଟକ ମହାନଗର ନିଗମ ଅଞ୍ଚଳ ସମେତ ଜିଲାର ବିଭିନ୍ନ ବ୍ଲକରେ ପ୍ରତିଦିନ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି। ଗୁରୁବାର କଟକ ଜିଲାରେ କରୋନା ସଂକ୍ରମଣ ସବୁ ରେକର୍ଡ ଭାଙ୍ଗିଛି। ଜିଲାରେ ୯୬୩



ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ କଟକ ମହାନଗର ନିଗମ ଅଞ୍ଚଳର ୫୨୩ ଜଣ ରହିଛନ୍ତି। ତେବେ ସରକାରୀ ସଙ୍ଗରୋଧରୁ ୫୭, ଗୃହ ସଙ୍ଗରୋଧରୁ ୨୬୩ ଏବଂ ଲୋକାଲ କଣ୍ଟାକ୍ଟରୁ ୨୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ସୋମବାର ସହରରୁ ୩୧୫, ମଙ୍ଗଳବାର ୨୨୨ ଓ ବୁଧବାର ୩୬୫ ଜଣ ଚିହ୍ନଟ ହୋଇଛନ୍ତି।

- କଟକରେ ଉପର ମୁହାଁ କରୋନା ଗ୍ରାଫ
- କରୋନା ଟିକା ଯୋଗାଣ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି

ଗତ ୪ଦିନ ମଧ୍ୟରେ ସର୍ବାଧିକ ଆକ୍ରାନ୍ତ ଗୁରୁବାର ଚିହ୍ନଟ ହୋଇଛନ୍ତି। କଟକ ସହରର ୧୮ରୁ ୪୪ ବର୍ଷୀୟ ନାଗରିକଙ୍କ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର କରୋନା ଟିକା ଯୋଗାଇ ଦେବାକୁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଦାବି କରିଛନ୍ତି। ଏନେଇ ସେ ଗୁରୁବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, କରୋନାର ଦ୍ୱିତୀୟ ଲହର ପ୍ରକୋପ କଟକରେ ସାଂଘାତିକ ରୂପ ନେଇଛି। ଏପରିସ୍ଥଳେ ସହରରେ ଟିକା ନ ଥିବା କାରଣରୁ ଟିକାକରଣ କେନ୍ଦ୍ରଗୁଡିକ ବନ୍ଦ ରହିଛି। ଫଳରେ ୧୮ରୁ ୪୪ବର୍ଷର ନାଗରିକମାନେ ଟିକା ନେଇପାରୁ ନାହାନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ଯୁବକମାନଙ୍କୁ କରୋନା ଟିକା ଦିଆଯାଉଛି। ତେଣୁ କଟକ ସହରର ୧୮ରୁ ୪୪ ବର୍ଷୀୟ ନାଗରିକମାନଙ୍କ ଲାଗି ଟିକା ଯୋଗାଣ ନିମନ୍ତେ ମନ୍ତ୍ରୀ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ ରହିଛି।

## ଅନିର୍ଦ୍ଦିଷ୍ଟ କାଳ ପାଇଁ ହାଟ ବନ୍ଦ

ନିଶ୍ଚିନ୍ତକୋଇଲି,୬।୫(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ରେ ପହଞ୍ଚିଛି। ଗୁରୁବାର ବ୍ଲକରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସରକାରୀସ୍ତରରେ ବ୍ଲକରୁ ୨ ଜଣଙ୍କ ମୃତ୍ୟୁଘଟିଥିବା କୁହାଯାଉଥିବା ବେଳେ ପ୍ରକୃତରେ ଏହାଠାରୁ ବହୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ସଂଖ୍ୟା ବୃଦ୍ଧିକୁ ଆଖି ଆଗରେ ରଖି ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ୨ଟି ସଂକ୍ରମିତ ଶବଦାହ କେନ୍ଦ୍ର ଖୋଲାଯାଇଛି। ମୃତ ସଂକ୍ରମିତଙ୍କ ପାଇଁ ଏକ ସ୍ୱତନ୍ତ୍ର ଗାଡି ବ୍ଲକ ପ୍ରଶାସନ ପକ୍ଷରୁ ନିୟୋଜିତ କରାଯାଇଛି। କରୋନାରେ ମୃତ୍ୟୁ ଘଟିଥିବା ତଥା ସନ୍ଦିଗ୍ଧ କରୋନା ମୃତକଙ୍କୁ ଏହି ଗାଡିରେ ବୁହା ହୋଇ ଉପରୋକ୍ତ ଶ୍ମଶାନରେ ଦାହ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ନିଶ୍ଚିନ୍ତକୋଇଲି ତହସିଲ ଅଧୀନ କେନ୍ଦୁପାଟଣା ଓ ନଗସପୁର ପଞ୍ଚାୟତର ବରହମପୁର ଗ୍ରାମରେ ଶବଦାହ କେନ୍ଦ୍ର ଖୋଲାଯାଉଛି। ଦ୍ରୁତ ସଂକ୍ରମଣକୁ ଆଖିଆଗରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ନିଶ୍ଚିନ୍ତକୋଇଲି ନେମାଳ, କାଜିହାଟ, ନଗସପୁର ହାଟ, ଅସୁରେଶ୍ୱର ହାଟ ଓ ବର୍ଗିହାଟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଦିଆଯାଇଛି। ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ସାଧାରଣ ଲୋକେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ନିକଟ ବଜାରରୁ କିଣି ପାରିବେ ବୋଲି ବିଡିଓ କର୍ଣ୍ଣଦେବ ସମାଦ୍ଦାର ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ୨୦୦ ଜଣ ବରିଷ୍ଠ ନାଗରିକଙ୍କୁ ୨ୟ ଡୋଜ କୋଭିସିଲ୍‌ଡ ଟିକା ଦିଆଯାଇଛି। ଏହାପରେ ଟିକା ଶେଷ ହୋଇଯାଇଛି। ସେହିପରି ପ୍ରଥମ ଡୋଜ ପାଇଁ ବହୁ ଆଶାୟୀ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅସୁରେଶ୍ୱର ନଗସପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନିରାଶ ହୋଇ ଫେରିଛନ୍ତି। ଉଭୟ ବ୍ଲକ, ତହସିଲ ଓ ଥାନା ପକ୍ଷରୁ କଡାକଡି ଚେକିଂ, ଟ୍ରେସିଂ ଓ ଫାଇନ ଆଦାୟ କରାଯାଉଛି ବୋଲି ତହସିଲଦାର ମାନସ ରଞ୍ଜନ ତରାସିଆ ପ୍ରକାଶ କରିଛନ୍ତି।

## ଟିକା ନେଲେ ୧୪୧ ଖବରଦାତା



ଚାଉଳିଆଗଞ୍ଜସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଖବରଦାତାଙ୍କୁ ଟିକା ଦିଆଯାଉଛି।

କଟକ ଅଫିସ,୬।୫

କରୋନା ମହାମାରୀ ସମୟରେ ଖବରଦାତାମାନେ ନିରବଚ୍ଛିନ୍ନ ଭାବେ ଖବର ପ୍ରସାରଣ କରି ଲୋକଙ୍କୁ ସଚେତନ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖବରଦାତାମାନଙ୍କୁ ଆଗଧାଡିର କରୋନା ଯୋଦ୍ଧା ମାନ୍ୟତା ପ୍ରଦାନ ସହ ଟିକାକରଣ ପାଇଁ ଘୋଷଣା କରିଥିଲେ। ଏହି କ୍ରମରେ ଗୁରୁବାର କଟକ ଜିଲାରେ କାର୍ଯ୍ୟରତ ୧୪୧ ଜଣ ଖବରଦାତାଙ୍କୁ ଟିକା ଦିଆଯାଇଛି। ଚାଉଳିଆଗଞ୍ଜସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧୪, ବାଙ୍କୀରେ ୭, ଆଠଗଡ଼ରେ ୧୦ ଓ ସାଲେପୁରରେ ୧୦ ଜଣ ଖବରଦାତାଙ୍କୁ ଟିକା ଦିଆଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ସୂଚନା ଦେଇଛନ୍ତି।

## କରୋନା ସ୍ଥିତି ସମ୍ପର୍କିତ ସମୀକ୍ଷା ବୈଠକ

କଟକ ସଦର, ୬।୫(ଡି.ଏନ.ଏ.)

କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ୨୩ଟି ପଞ୍ଚାୟତର କରୋନା ସ୍ଥିତି ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ କେବଳ ଝାରକଟାରେ ୨ ଜଣ ସଙ୍ଗରୋଧରେ ରହିଥିବା ଜଣାପଡିଥିଲା। ଯଶପଡା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେହିନାହାନ୍ତି। ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀଙ୍କ ଉପରେ ଆଶା ଓ ଅଙ୍ଗନୱାଡି କର୍ମୀ ନଜର ରଖିବା ପାଇଁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା କହିଥିଲେ। ଏହାଛଡା ଦୈନନ୍ଦିନ ସଂକ୍ରମଣ ସମ୍ପର୍କରେ ବିଧାୟକଙ୍କ କାର୍ଯ୍ୟାଳୟକୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସୂଚନା ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତି ପଞ୍ଚାୟତରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଫୋନ୍ ନମ୍ବର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବା ପାଇଁ ଦାବି କରାଯାଇଥିଲା। ବିଡିଓ ରାଜୀବ ଲୋଚନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ବସନ୍ତ କୁମାର ସାହୁ, ରାକେଶ ଜେନା, ସିଡିପିଓ ରଶ୍ମିତା ମହାନ୍ତି ଓ ପ୍ରମୋଦ ମହାପାତ୍ର ଯୋଗଦେଇଥିଲେ।



ମୂଲ୍ୟବୃଦ୍ଧି ରୋକିବା ପାଇଁ ଗୁରୁବାର କଟକ ଛତ୍ରବଜାରସ୍ଥିତ ଏକ ଆଳୁ ଗୋଦାମରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଷ୍ଟକ୍ ଯାଞ୍ଚ କରାଯାଉଛି।

## ଯୋଗାଣ ବିଭାଗର ଚଢ଼ାଉ, ୩୦ କୁଇଣ୍ଟାଲ ଗହମ ଜବତ

କଟକ ଅଫିସ, ୬।୫

ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ରୋକିବା ପାଇଁ ଗୁରୁବାର କଟକ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ମାଲ୍‌ଗୋଦାମ, ଛତ୍ରବଜାର, ଖାନ୍‌ନଗର, ପୁରୀଘାଟ ଅଞ୍ଚଳରେ ଚଢାଉ କରିଥିଲା। ତେବେ ଚଢାଉବେଳେ ବାଖରାବାଦଠାରେ ବିନା କାଗଜପତ୍ରରେ ରଖାଯାଇଥିବା ୩୦ କୁଇଣ୍ଟାଲ ଗହମ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଦୁଇଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ଯୋଗାଣ ନିରୀକ୍ଷକ ପୁନମ୍ ଜେନା, ସୁଜାତା କମଳିନୀ ମାଳି, ମଧୁସ୍ମିତା ମାଝି, ନସିମା ବେଗମ୍ ଓ କେଦାର ପ୍ରଧାନ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଛତ୍ରବଜାର ବ୍ୟବସାୟୀ ସଂଘ ସମ୍ପାଦକ ଦେବେନ୍ଦ୍ର ନାଥ ସାହୁ କହିଛନ୍ତି, ଆବଶ୍ୟକ ଅନୁଯାୟୀ ଛତ୍ରବଜାରରେ ଆଳୁ ଓ ପିଆଜ ଗଚ୍ଛିତ ରହିଛି। ସାଧାରଣ ଦିନରେ ଆଳୁ ୫ରୁ ୭ ଟ୍ରକ୍ ଓ ପିଆଜ ୪ରୁ ୬ ଟ୍ରକ୍ ଆସିଥାଏ। ଏବେ କରୋନା ସମୟରେ ୪ରୁ ୫ ଟ୍ରକ୍ ଆଳୁ ଓ ୩ରୁ ୫ ଟ୍ରକ୍ ପିଆଜ ପ୍ରତିଦିନ ଆସୁଛି।

## ମହିଳାଙ୍କୁ ପୋଡ଼ି ମାରିବା ଅଭିଯୋଗ: ସ୍ୱାମୀ ଗିରଫ

କଟକ ଅଫିସ,୬।୫

ମହିଳାଙ୍କୁ ନିଆଁରେ ପୋଡି ମାରିବା ଅଭିଯୋଗରେ ମାଲଗୋଦାମ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଯୋବ୍ରା ମଠସାହିର ବଳିଆ ପ୍ରଧାନ। ବଳିଆ ଦୁଇବର୍ଷ ତଳେ ଖଲ୍ଲିକୋଟ ଅଞ୍ଚଳର ରୀନା ପ୍ରଧାନଙ୍କୁ ବିବାହ କରିଥିଲେ। ମଠସାହିରେ ବୁଧବାର ନିଆଁରେ ପୋଡି ହୋଇ ରୀନାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ରୀନାଙ୍କୁ ଶାଶୁଘର ଲୋକେ ଏକ ଘରେ ଭର୍ତ୍ତି କରି ନିଆଁ ଲଗାଇ ପୋଡି ମାରିଦେଇଥିବା ତାଙ୍କ ମାଆ ସବିତା ବେହେରା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୯୮/୨୧) ରୁଜୁ କରିଥିଲା। ଏଥିସହ ରୀନାଙ୍କ ସ୍ୱାମୀ ଓ ନଣନ୍ଦଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଗୁରୁବାର ବଳିଆଙ୍କୁ ଗିରଫ କରିଥିଲା। ଥାନା ଅଧିକାରୀ ରବିନାରାୟଣ ଭଞ୍ଜ କହିଛନ୍ତି, ବଳିଆଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ହସ୍ତଗତ ହୋଇଥିବାରୁ ତାଙ୍କୁ ଗିରଫ କରିଛୁ।

## ସାଲେପୁର ସାପ୍ତାହିକ ହାଟରେ ଭିଡ଼



ସାଲେପୁର,୬।୫(ଡି.ଏନ୍.ଏ.)

### କୋଭିଡ୍ ଗାଇଡ୍ ଲାଇନ ଉଲ୍ଲଂଘନ

ଲକ୍‌ଡାଉନ୍ ସମୟରେ ଶପିଂ ମଲ୍‌ଠାରୁ ଆରମ୍ଭ କରି ଦୈନିକ ହାଟ ଓ ସାପ୍ତାହିକ ହାଟ ବନ୍ଦ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ସାଲେପୁର ସାପ୍ତାହିକ ହାଟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରତି ସପ୍ତାହ ଭଳି ଗୁରୁବାର ମଧ୍ୟ ବ୍ୟବସାୟୀମାନେ ହାଟରେ ପନିପରିବା ଆଣି ଭିଡ଼ ଜମାଇ ବ୍ୟବସାୟ କରୁଥିଲେ। ଏନେଇ ପୋଲିସ ବଳପ୍ରୟୋଗ କରିବା ପରେ ଅମାନିଆମାନେ ଛତ୍ରଭଙ୍ଗ ଦେଇଛନ୍ତି।

## ବିବାହ, ଅନ୍ତିମ ସଂସ୍କାର ପାଇଁ ହ୍ୱାଟ୍ସଆପ୍‌ରେ ମିଳିବ ଅନୁମତି

କଟକ ଅଫିସ,୬।୫

### ହେଲ୍ପଲାଇନ ନମ୍ବର ଜାରି

ବିବାହ ଓ ଅନ୍ତିମ ସଂସ୍କାର ପାଇଁ ଅନୁମତି ନେବାକୁ କଟକ ୟୁପିଡି ପକ୍ଷରୁ ଗୁରୁବାର ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ସହରବାସୀ ଲକ୍‌ଡଉନ୍ ସମୟରେ ୬୩୭୦୭୦୧୫୫୦ ନମ୍ବରରେ ଯୋଗାଯୋଗ କରି ବିବାହ ଏବଂ ଅନ୍ତିମ ସଂସ୍କାର ପାଇଁ ଅନୁମତି ନେଇପାରିବେ। ଆବେଦନକାରୀ ଫୋନ୍‌କଲ କିମ୍ବା ହ୍ୱାଟ୍ସଆପ ମାଧ୍ୟମରେ ଆବେଦନ କରିପାରିବେ। ହ୍ୱାଟ୍ସଆପ୍‌ରେ ଆବେଦନ କରିବାକୁ ଚାହୁଁଥିବା ଆବେଦନକାରୀମାନେ ପୋଲିସ ପକ୍ଷରୁ ଜାରି କରାଯାଇଥିବା ଆବେଦନପତ୍ରକୁ ପୂରଣକରି ଉକ୍ତ ନମ୍ବରରେ ପଠାଇ ପାରିବେ। ଉକ୍ତ ଆବେଦନପତ୍ରକୁ ଯାଞ୍ଚ କାରାଯିବା ପରେ ଅନୁମତି ପ୍ରଦାନ କରାଯିବ ବୋଲି କଟକ ଡିସିପି ପ୍ରତୀକ୍ ସିଂ ଭିଡିଓ ମାଧ୍ୟମରେ ସୂଚନା ଦେଇଛନ୍ତି। ସେହିପରି ଜରୁରିକାଳୀନ ପରିସ୍ଥିତିରେ ୮୭୬୩୦୬୮୧୬୭ ନମ୍ବରରେ ଲୋକମାନେ ହ୍ୱାଟ୍ସଆପ୍ କିମ୍ବା ଫୋନ୍ କରି ପୋଲିସ ସହ ଯୋଗାଯୋଗ କରିପାରିବେ। ଏଥିସହ ପୂର୍ବପରି ୧୦୦ କିମ୍ବା ୧୧୨ ନମ୍ବରରେ ଜରୁରିକାଳୀନ ସେବା ଜାରି ରହିବ ବୋଲି ଡିସିପି ସୂଚନା ଦେଇଛନ୍ତି।

## ଜଙ୍ଗଲରୁ ମିଳିଲା ମଣିଷ ଖପୁରି, ହାଡ଼

ବ୍ରହ୍ମଗିରି,୬।୫(ଡି.ଏନ୍.ଏ)

ବ୍ରହ୍ମଗିରି ଥାନା ଭୀମେଶ୍ୱର ଜଙ୍ଗଲ ନିକଟ ବିଶ୍ୱାଳ ଗୋହିରି ହୁଡାରୁ ଗୁରୁବାର ଏକ ମଣିଷ ଖପୁରି ଓ କେତେଖଣ୍ଡ ହାଡ଼ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଗୁରୁବାର ସକାଳୁ ସ୍ଥାନୀୟ ଲୋକେ କାଜୁ ମଞ୍ଜି ଗୋଟାଇବାକୁ ଯାଇଥିବା ବେଳେ ଏହି ଜଙ୍ଗଲରେ ଏକ ମଣିଷ ଖପୁରି ପଡିଥିବା ଦେଖିବାକୁ ପାଇଥିଲେ। ଖପୁରି ପାଖରେ କେତେଖଣ୍ଡ ହାଡ଼, ଲୁଗା ଏବଂ କଏନ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ



ବିଶ୍ୱାଳ ଗୋହିରି ହୁଡାରେ ପଡ଼ିଥିବା ମଣିଷ ଖପୁରି ଓ ହାଡ଼।

ଘଟଣାସ୍ଥଳରେ କୌଣସି ପୋଲିସ ଅଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନାଧିକାରୀ ମନୋଜ ଶତପଥୀଙ୍କୁ ପଚାରିବାରେ, କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## କୋଭିଡ୍ ଆକ୍ରାନ୍ତଙ୍କୁ ଭେଟିଲା ରାପିଡ୍ ରେସ୍‌ପନ୍ସ ଟିମ୍

ଖୁଣ୍ଟୁଣୀ,୬।୫(ଡି.ଏନ.ଏ.)

ଗୃହ ସଙ୍ଗରୋଧରେ ଥିବା କରୋନା ଆକ୍ରାନ୍ତଙ୍କ ସ୍ଥିତି ସମ୍ପର୍କରେ ଜାଣି ଔଷଧ ଦେବା ପାଇଁ ଆଠଗଡ଼ ବ୍ଲକ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଗୁରୁବାର ଛଅଗାଁ, ବ୍ରହ୍ମପୁର, ଗୁରୁ, ପର୍ବତୀୟା, ସରକୁଆଁ, ମଞ୍ଚେଶ୍ୱର, ନାରଙ୍ଗବସ୍ତ ଓ ବ୍ରାହ୍ମଣବସ୍ତ ଗ୍ରାମ ଗସ୍ତ କରିଥିଲା। ଟିମ୍‌ର ସଦସ୍ୟମାନେ ଗୃହ ସଙ୍ଗରୋଧରେ ଥିବା ୨୩ ଜଣ କରୋନା ଆକ୍ରାନ୍ତଙ୍କୁ ଭେଟିବା ସହ ସେମାନଙ୍କ ଶରୀରରେ ଥିବା ଅମ୍ଳଜାନର ପରିମାଣ ମାପ କରି ମାଗଣା ଔଷଧ ବିତରଣ କରିଥିଲେ। ଏଥିସହ ସାନିଟାଇଜର ବ୍ୟବହାର ଓ ମାସ୍କ ପରିଧାନ କରିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଏହି ଟିମ୍ ବ୍ଲକ ଅଧୀନରେ ଥିବା ସମସ୍ତ ଗ୍ରାମକୁ ଯାଇ କରୋନା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିବ ବୋଲି ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଦିଲୀପ କୁମାର ଦାସ କହିଛନ୍ତି।



ଗୁରୁବାର ଲକ୍‌ଡାଉନ୍‌ର ଦ୍ୱିତୀୟ ଦିନରେ କଟକ ମଙ୍ଗଳାବାଗ୍ ଅଞ୍ଚଳରେ ଦୋକାନ ବନ୍ଦ ରହିଛି।



ଓଏମ୍‌ପି ଓଭର ବ୍ରିଜ୍ ରାସ୍ତା ଜନଶୂନ୍ୟ।



କଟକ ବାଲୁବଜାର ପରିବା ମାର୍କେଟରୁ ପରିବା କିଣି ଲୋକମାନେ ଚାଲି ଚାଲି ଯାଉଛନ୍ତି।

# କରୋନା ନେଲାଣି ୪୧ ଜୀବନ

ଖୋର୍ଦ୍ଧା ଅଫିସ, ୬।୫

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା କାୟା ବିସ୍ତାର କରିଚାଲିଛି। ଜିଲା ପ୍ରଶାସନ ରିପୋର୍ଟ ଅନୁସାରେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୩୧୭୮୦୨ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ୧୫୫୯୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୪୬୧୬ ସୁସ୍ଥ ହୋଇଛନ୍ତି। ୫୭ ଜଣଙ୍କ ମୃତ୍ୟୁ ଘଟିଛି। ୯୨୬ ସକ୍ରିୟ ସଂକ୍ରମିତ ରହିଛନ୍ତି। ଗତ ୨୪ ଘଣ୍ଟାରେ ୧୦୩ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୧୧୧ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକରୁ ୭, ବାଲିଅନ୍ତାରୁ ୮, ବାଲିପାଟଣାରୁ ୫, ଜଟଣୀରୁ ୮, ବୋଲଗଡ଼ରୁ ୭, ଟାଙ୍ଗୀରୁ ୧୦, ଚିଲିକାରୁ ୧୩, ବାଣପୁରରୁ ୪ ଏବଂ ଖୋର୍ଦ୍ଧାରୁ ୩୩ ଜଣ ରହିଛନ୍ତି। ୯ କେନ୍ଦ୍ରରେ ୯୮୮ଜଣଙ୍କୁ ଟିକା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଖୋର୍ଦ୍ଧା ଉପଖଣ୍ଡରେ ୨୦୮୬୪୦ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିବାବେଳେ ୯୭୫୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୯୧୪୭ ସୁସ୍ଥ ହୋଇଛନ୍ତି। ୪୧ଜଣଙ୍କ ମୃତ୍ୟୁ ଘଟିଛି। ୫୩୮ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୦୧ ଘରୋଇ ସଙ୍ଗରୋଧ ଏବଂ ୩୭ ଜଣ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଗତ ୨୪ ଘଣ୍ଟାରେ ୬୪୭ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ୬୧ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୩୮ଜଣ ସୁସ୍ଥ ହୋଇଥିବା ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ଅପରପକ୍ଷରେ କୋଭିଡ ସହାୟତା ପାଇଁ ଖୋର୍ଦ୍ଧା ଉପଖଣ୍ଡ ଅଧିନସ୍ତ ସମସ୍ତ ବ୍ଲକ ଓ ସହରାଞ୍ଚଳ ପାଇଁ ହେଲପଲାଇନ ନମ୍ବର ଜାରି କରାଯାଇଛି।

**କୋଭିଡ୍ ସହାୟତା ପାଇଁ ଖୋର୍ଦ୍ଧା ଉପଖଣ୍ଡର ବ୍ଲକ/ସହରାଞ୍ଚଳ ହେଲପ୍ଲାଇନ ନମ୍ବର**

| ବ୍ଲକ/ସହରାଞ୍ଚଳ | ହେଲପଲାଇନ ନମ୍ବର |
|---|---|
| ବେଗୁନିଆ | ୭୯୭୮୦୫୬୩୨୫ |
| ବୋଲଗଡ | ୮୩୨୮୯୦୯୩୨୧ |
| ଖୋର୍ଦ୍ଧା | ୮୯୧୭୨୨୩୩୦୨ |
| ଟାଙ୍ଗି | ୯୪୩୭୧୦୬୯୬୨ |
| ବାଣପୁର | ୮୯୧୭୨୨୭୬୩୧ |
| ଚିଲିକା | ୯୦୭୮୯୬୦୧୬୮ |
| ଖୋର୍ଦ୍ଧା ପୌରାଞ୍ଚଳ | ୬୩୭୧୬୪୧୪୪୪ |
| ବାଣପୁର ଏନ୍ଏସି | ୮୮୯୫୦୮୪୮୪୭ |
| ବାଲୁଗାଁ ଏନ୍ଏସି | ୮୯୧୭୪୦୭୮୫୫ |
| ଖୋର୍ଦ୍ଧା ଉପଜିଲାପାଳ କାର୍ଯ୍ୟାଳୟ | ୮୮୯୫୫୫୫୭୧୫ |
| ଜିଲା କୋଭିଡ୍ ପ୍ରକୋଷ୍ଠ: | ୦୬୭୫୫-୨୨୩୧୭୮ |

## ଘର ସାନିଟାଇଜ କଲେ ମହିଳା

ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା ପୌରାଞ୍ଚଳ ଏବଂ ବାଣପୁର ଓ ବାଲୁଗାଁ ଏନ୍ଏସିରେ ବସ୍ତି ବାସିନ୍ଦାଙ୍କୁ ନେଇ ଘର ଧୁଆ ଅଭିଯାନ ଚାଲିଛି। ଲୋକେ ନିଜ ଘର ଧୋଇବା ସହ ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳର ବିଭିନ୍ନ ବସ୍ତିରେ ମହିଳାମାନେ ନିଜ ଘରକୁ ଧୋଇ ପରିଷ୍କାର ପରିଚ୍ଛନ୍ନ କରୁଥିବା ଦେଖିବାକୁ ମିଳିଛି।

## ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ ଜୋରଦାର



ଲକଡାଉନ୍ ଦ୍ୱିତୀୟ ଦିନରେ ଗୁରୁବାର ଖୋର୍ଦ୍ଧା ସହରରେ ଅତ୍ୟାବଶ୍ୟକ ସେବ ବ୍ୟତୀତ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ଲକିଂ, ଚେକିଂ ଜୋରଦାର ଚାଲିଛି। ଅମାନିଆଙ୍କଠାରୁ ଜରିମାନା ଆଦାୟ ହେଉଛି। ପୌର ପ୍ରଶାସନର ଏନ୍ଫୋର୍ସମେଣ୍ଟ ଟିମ୍ ପରିବା ବଜାର, ଔଷଧ ଦୋକାନ ଏବଂ ଗ୍ରୋସେରି ଦୋକାନରେ ଚଢ଼ାଉ କରିଥିଲେ। ସାମାଜିକ ଦୂରତା ରଖି ବେପାର କରିବାକୁ ବ୍ୟବସାୟୀଙ୍କୁ ତାଗିଦ୍ କରିଥିଲେ।

## ସଂକ୍ଷେପରେ

### ଛତାବର ୭ଦିନ ମାଇକ୍ରୋ କଣ୍ଟେନ୍ମେଣ୍ଟ ଜୋନ

**ଯାଁଳା,୬।୫(ଡି.ଏନ୍.ଏ):** ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତରେ ୮ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଛତାବର ଗାଁକୁ ୭ଦିନ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନ୍ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବୁଧବାରଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ତେବେ ୮ ପଜିଟିଭଙ୍କ ମଧ୍ୟରେ ୩ ଜଣ ପ୍ରବାସୀ ହୋଇଥିବା ବେଳେ ୫ଜଣ ସ୍ଥାନୀୟ ଅଞ୍ଚଳର ରହିଛନ୍ତି। କୌଣସି ବ୍ୟକ୍ତି ବାହାରକୁ ନ ଯିବା ପାଇଁ ଅନୁରୋଧ କରାଯାଇଛି। ସେମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବା ପାଇଁ ଏକ ଦୂରଭାଷ ନମ୍ବର ଜାରି କରାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି।

### ଜଳିଗଲା ଘର, ଶାଶୁ-ବୋହୂ ଗୁରୁତର

ପିପିଲି, ୬।୫(ସ୍ୱ.ପ୍ର.): ପିପିଲି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଆରୁହା ଝିଙ୍କିରିମାଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦେବରାଜ ପ୍ରଧାନଙ୍କ ଘର ଜଳିଯାଇଛି। ଏଥିସହ ତାଙ୍କ ବୋହୂ ସ୍ୱପ୍ନାରାଣୀ ପ୍ରଧାନଙ୍କ ଶରୀର ୯୦ ପ୍ରତିଶତ ପୋଡ଼ିଯାଇ ଅବସ୍ଥା ସଙ୍କଟାପନ୍ନ ହୋଇଛି। ସେହିପରି ଶାଶୁ ପାଶୋରୀ ପ୍ରଧାନଙ୍କ ଅବସ୍ଥା ମଧ୍ୟ ଗୁରୁତର ହୋଇପଡ଼ିଛି। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ଏସ୍ସିବି ମେଡିକାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ କୌଣସି କାରଣରୁ ଦେବରାଜଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ସମୟରେ ଘରେ ଥିବା ବୋହୂ ସ୍ୱପ୍ନାରାଣୀଙ୍କ ଦେହରେ ନିଆଁ ଲାଗିଯାଇଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇଥିବା ଶାଶୁ ପାଶୋରିଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ପିପିଲି ଦମକଳ ବାହିନୀ ପହଞ୍ଚିବାବେଳକୁ ଟଙ୍କା, ଆସବାବପତ୍ର, ଚାଉଳ, ଲୁଗାପଟା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସବୁ ଜଳିସାରିଥିଲା। ଗୁରୁତର ଅବସ୍ଥାରେ ସ୍ୱପ୍ନାରାଣୀ ଓ ପାଶୋରୀଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲକୁ ପଠାଯାଇଥିଲା। ପରେ ଭୁବନେଶ୍ୱର ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ବିପନ୍ନ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୪ ଗିରଫ

**ବଳଙ୍ଗା,୬।୫(ଡି.ଏନ୍.ଏ):** ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବଳଙ୍ଗା ପୋଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଖଣ୍ଡାୟତପାଟଣା ଗ୍ରାମର ଜୟନ୍ତ ପଣ୍ଡା, ରଞ୍ଜନ ଦାସ, ସାତହଳ ଗ୍ରାମର ରାଜେଶ ସାହୁ ଓ ନାହାମଙ୍ଗ ପଣ୍ଡା ସାହିର ସର୍ବେଶ୍ୱର ମଲିକ। ଏମାନଙ୍କ ନିକଟରୁ ୪,୦୭୦ଟଙ୍କା, ମୋବାଇଲ ଓ ଲୁହାରଡ୍ ଜବତ ହୋଇଛି। ସୂଚନା ମୁତାବକ, କଟକ ଜିଲା କାନପୁର ଥାନା ରଷିପଡ଼ା ଗ୍ରାମର ଗଙ୍ଗାଧର ନାୟକ ବଳଙ୍ଗା କଲେଜ ନିକଟସ୍ଥ ବନ୍ଧୁ ଘରକୁ ଆସିଥିଲେ। ପୂର୍ବ ବିବାଦକୁ କେନ୍ଦ୍ରକରି ଅଭିଯୁକ୍ତମାନେ ବୁଧବାର ରାତିରେ ଗଙ୍ଗାଧରଙ୍କୁ ଡକାଇ ଲୁହାରଡ୍ରେ ଆକ୍ରମଣ କରିଥିଲେ। ଖବରପାଇ ଥାନାଧିକାରୀ ସମରେନ୍ଦ୍ର ପାଇକରାୟ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗଙ୍ଗାଧରଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ପଠାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୦୬/୨୧) ରୁଜୁ ହୋଇଛି।





୧୪ ଦିନିଆ ଲକ୍ଡାଉନର ଦ୍ୱିତୀୟ ଦିନରେ ଗୁରୁବାର ଖୋର୍ଦ୍ଧା ଟ୍ରାଫିକ୍ ଛକ ଖାଁ ଖାଁ ରହିଛି।

## ଭୁବନେଶ୍ୱର ଉପଖଣ୍ଡ: ୩୨୧ ସକ୍ରିୟ ସଂକ୍ରମିତ

ଖୋର୍ଦ୍ଧା ଅଫିସ, ୬।୫

ଭୁବନେଶ୍ୱର ଉପଖଣ୍ଡରେ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ତଥ୍ୟ ଅନୁସାରେ ଏହି ଉପଖଣ୍ଡରେ ୭୨୭ ପଜିଟିଭ୍ ଚିହ୍ନଟ ଓ ୪୦୬ ଜଣ ସୁସ୍ଥ ହୋଇଛନ୍ତି। ୩୨୧ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩୦୯ ଘରୋଇ ସଙ୍ଗରୋଧ ଏବଂ ୧୨ଜଣ କୋଭିଡ ମେଡିକାଲରେ ଚିକିତ୍ସାଧୀନ ଥିବା ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି। ଉପଖଣ୍ଡରେ ସୁସ୍ଥ ହାର ୫୫. ୮୫ ପ୍ରତିଶତ ରହିଛି। ଭୁବନେଶ୍ୱର ବ୍ଲକରେ ୧୫୨ ଆକ୍ରାନ୍ତ, ୬୯ ସୁସ୍ଥ ଓ ୮୩ ସକ୍ରିୟ ରହିଛନ୍ତି। ବାଲିପାଟଣାରେ ୮୫ ଆକ୍ରାନ୍ତ, ୫୨ ସୁସ୍ଥ ଓ ୩୩ ସକ୍ରିୟ, ବାଲିଅନ୍ତାରେ ୧୯୯ ଆକ୍ରାନ୍ତ, ୧୧୧ ସୁସ୍ଥ ଓ ୮୮ ସକ୍ରିୟ, ଜଟଣୀରେ ୧୪୫ ଆକ୍ରାନ୍ତ, ୭୩ ସୁସ୍ଥ ଓ ୭୨ ସକ୍ରିୟ ଏବଂ ଜଟଣୀ ପୌରାଞ୍ଚଳରେ ୧୪୬ ଆକ୍ରାନ୍ତ, ୧୦୧ ସୁସ୍ଥ ଓ ୪୫ଜଣ ସକ୍ରିୟ ରହିଛନ୍ତି।

## ଲକ୍ଡାଉନରେ ବଢ଼ୁଛି ନିଶା କାରବାର

ନିରାକାରପୁର, ୬।୫ (ଡି.ଏନ୍.ଏ)

**ପୋଲିସ ଓ ଅବକାରୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି**

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ି ଚାଲିଛି। ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ନାଇଟ୍ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍ଡାଉନ ଓ ପରେ ବୁଧବାର ଠାରୁ ଲକ୍ଡାଉନ୍ ଜାରି ରହିଛି। ଏଥିଲାଗି ପୋଲିସ ପ୍ରଶାସନ ବ୍ୟସ୍ତ ରହିଛନ୍ତି। ଏହାର ସୁଯୋଗରେ ଖୋର୍ଦ୍ଧା ଜିଲା ନିରାକାରପୁର ଓ ଜଙ୍କିଆ ଥାନା ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହି ଥାନା ଅଞ୍ଚଳର ଗଳିକନ୍ଦିରେ ବେପାରୀମାନେ ବେଆଇନଭାବେ ବିପୁଳ ବ୍ରାଉନ୍ସୁଗାର, ଗଞ୍ଜେଇ ଚାଲାଣ କରିବା ସହ ବିକ୍ରି କରୁଛନ୍ତି। ବେପାରୀମାନେ କେତେଜଣ ବିଭାଗୀୟ କର୍ମଚାରୀଙ୍କୁ ହାତ କରି ନିଶା କାରବାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଲକ୍ଡାଉନ ଯୋଗୁ ଗ୍ରାମାଞ୍ଚଳରେ ଚୋରି ସଂଖ୍ୟା ବୃଦ୍ଧି ପାଉଛି। ବିଭିନ୍ନ ଦୋକାନରେ ବେଧଡ଼କ ଭାବେ ସିଗାରେଟ୍ରେ ଗଞ୍ଜେଇ ଭର୍ତ୍ତି କରାଯାଇ ବିକ୍ରି କରାଯାଉଛି। ଏହାକୁ ରୋକିବା ପାଇଁ ସ୍ୱତନ୍ତ୍ର ଅବକାରୀ ଥାନା ପ୍ରତିଷ୍ଠିତ ହେବା ସହ ମୋବାଇଲ ଟିମ ମଧ୍ୟ ଗଠନ ହୋଇଛି। ଏହା ସତ୍ତ୍ୱେ ଚୋରାରେ ବେପାର ବଢ଼ି ଚାଲିଛି । ଏହି ନିଶା କାରବାର ଉପରେ ରୋକ ନ ଲାଗିଲେ ଆଗାମୀ ଦିନରେ ବହୁ ଯୁବପିଢ଼ି ନିଶାସେବନ କରିବା ସହ ହଇରାଣ ହେବେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ତୁରନ୍ତ ଏହାକୁ ରୋକିବା ଲାଗି ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଟାଙ୍ଗୀ ବ୍ଲକ୍ ଅବକାରୀ ଅଧିକାରୀ ଆଲୋକ ପ୍ରଧାନଙ୍କୁ ପଚାରିବାରେ କହିଛନ୍ତି, ଏଠାକୁ ମୁଁ ନୂଆ ଅସିଛି। ନିଶା କାରବାର ନେଇ ଖବର ନାହିଁ। କେଉଁଠି ବେଆଇନ ଭାବେ ବିକ୍ରି ହେଉଛି କହିଲେ, ରେଡ୍ କରିବି।

## ଖବରଦାତାଙ୍କ ପାଇଁ ହେଲାନି ସ୍ୱତନ୍ତ୍ର କ୍ୟାମ୍ପ

ଖୋର୍ଦ୍ଧା ଅଫିସ,୬।୫

**ପ୍ରଶାସନର ଅଣଦେଖାକୁ ନେଇ ଅସନ୍ତୋଷ**

ରାଜ୍ୟ ସରକାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ ଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଟିକାକରଣ ଉପରେ ପ୍ରାଥମିକତା ଦେଇଛନ୍ତି। ଏନେଇ ବିଭିନ୍ନ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ରର ଆୟୋଜନ କରାଯାଇ ଟିକାକରଣ ଚାଲିଛି। ତେବେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବୀମା ଯୋଜନାରେ ଅନ୍ତର୍ଭୁକ୍ତ ଏବଂ ଏଥିରୁ ବାଦ୍ ପଡ଼ିଥିବା ଖବରଦାତାଙ୍କ ତାଲିକା ପ୍ରସ୍ତୁତ କରି ସମସ୍ତଙ୍କୁ ଟିକାକରଣରେ ସାମିଲ ସହ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରି ଟିକା ଦେବାକୁ ବିଭିନ୍ନ ଗଣମାମଧମ ପ୍ରତିନିଧି ଏବଂ ଗଣମାଧ୍ୟମ ସଙ୍ଗଠନ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

ଖବରଦାତାମାନଙ୍କୁ ରାଜ୍ୟ ସରକାର ଆଗଧାଡ଼ିର ଯୋଦ୍ଧା ମାନ୍ୟତା ଦେଇଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଇ ଟିକା ଦେବା ବ୍ୟବସ୍ଥା କରାଯିବ ବୋଲି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ସ୍ୱତନ୍ତ୍ର କ୍ୟାମ୍ପ ପରିବର୍ତ୍ତେ ଗୁରୁବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ଟିକାକରଣ କେନ୍ଦ୍ରରେ ଖବରଦାତାଙ୍କ ଟିକାକରଣ ବ୍ୟବସ୍ଥା କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି। ଏ ନେଇ ଖବରଦାତାଙ୍କ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ସ୍ୱତନ୍ତ୍ର କ୍ୟାମ୍ପ ଲାଗି ପ୍ରତିଶ୍ରୁତି ସତ୍ତ୍ୱେ କାହିଁକି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବସ୍ଥା କରାଯାଇଛି ବୋଲି ବହୁ ଖବରଦାତା ପ୍ରଶ୍ନ କରିଛନ୍ତି। ବରିଷ୍ଠ ଖବରଦାତା ପ୍ରଭାତ ମିଶ୍ର କହିଛନ୍ତି, ସରକାର ଓ ଜନତାଙ୍କ ମଧ୍ୟରେ ମାଧ୍ୟମ ହେଉଛନ୍ତି ଖବରଦାତା। କରୋନାର ବାସ୍ତବତା, ସରକାରଙ୍କ ବିଭିନ୍ନ ଯୋଜନାକୁ ଟିକିନିଖି ଭାବେ ଜନତାଙ୍କ ନିକଟରେ ପହଞ୍ଚାଉଛନ୍ତି। ତେବେ କରୋନା ଯୋଦ୍ଧାର ମାନ୍ୟତା ପରେ ଓ ଗଣମାଧ୍ୟମଙ୍କ ପ୍ରତିନିଧିଙ୍କ ଅନୁରୋଧ ସତ୍ତ୍ୱେ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରା ନ ଯିବା ଜିଲା ପ୍ରଶାସନର ଖବରଦାତାଙ୍କ ପ୍ରତି ମନୋଭାବ ସ୍ପଷ୍ଟ ଅନୁମେୟ। ସେହିପରି ପ୍ରଶାସନର ଏଭଳି ଦୋମୁହାଁ ନୀତିକୁ ଖବରଦାତାମାନେ ସମାଲୋଚନା କରିଛନ୍ତି। ଏ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଶ୍ୱାଳ କହିଛନ୍ତି, ଖବରଦାତାଙ୍କ ପକ୍ଷରୁ ଆସିଥିବା ଅନୁରୋଧ ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇ ଦିଆଯାଇଥିଲା। ପ୍ରଶାସନ ନିଷ୍ପତ୍ତି ପ୍ରକାରେ ଟିକାକରଣ ଆୟୋଜନ କରାଯାଇଛି।

## ତଣ୍ଡ ଗଣିଲେ ୨୨ ଅମାନିଆ

ଯାଁଳା,୬।୫(ଡି.ଏନ୍.ଏ)

କୋଭିଡ୍ ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍ଡାଉନ ଜାରି ରହିଛି। ଜଟଣୀ ଥାନା ଓ ଯାଁଳା ଫାଣ୍ଡି ପୋଲିସ ପକ୍ଷରୁ ଚେକିଂ କଡ଼ାକଡ଼ି କରାଯାଇଛି। ଗୁରୁବାର ଯାଁଳା ବଜାରରେ ୧୦ ଅମାନିଆଙ୍କ ଠାରୁ ୧୨ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଜଟଣୀ ଫାଟକ ନିକଟରେ ପ୍ରାୟ ୧୨ ଜଣ ଅମାନିଆଙ୍କ ଠାରୁ ୨୨ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରବାସୀଙ୍କ ଉପରେ କଡ଼ା ନଜର ରଖାଯାଇଛି।

## କୃଷ୍ଣପ୍ରସାଦରେ ଯୋଗାଣ ବିଭାଗର ଚଢ଼ାଉ



ଏକ ଦୋକାନରେ ଯୋଗାଣ ବିଭାଗ ଅଧିକାରୀ ଯାଞ୍ଚ କରୁଛନ୍ତି।

କୃଷ୍ଣପ୍ରସାଦ, ୬।୫ (ଡି.ଏନ୍.ଏ)

କୋଭିଡ୍ ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର ୧୪ଦିନିଆ ଲକ୍ଡାଉନ୍ ଘୋଷଣା କରିଛନ୍ତି। ବୁଧବାରଠାରୁ ଏହା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ଏହାର ସୁଯୋଗ ନେଇ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର କେତେଜଣ ଅସାଧୁ ବ୍ୟବସାୟୀ ରାଶନ ସାମଗ୍ରୀ ଏବଂ ପରିବା ଦର ବୃଦ୍ଧି କରଛନ୍ତି। ଏଥିସହ କେତେକ ଦୋକାନରୁ ଆଳୁ, ପିଆଜ ଉଭାନ୍ ହୋଇ ଯାଇଥିଲା। ଉକ୍ତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଗୁରୁବାର ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ପନିପରିବା ଓ ସାମଗ୍ରୀ ଦର ଦୋକାନୀଙ୍କଠାରୁ ବୁଝିବା ସହ ଅଧିକ ଦାମରେ ବିକ୍ରି କରୁଥିବା ଦୋକାନୀଙ୍କୁ ତାଗିଦା କରିଥିଲେ। ଏହା ସହ ସମସ୍ତ ସାମଗ୍ରୀର ନିର୍ଦ୍ଧାରିତ ଦର ତାଲିକା ଦୋକାନ ଆଗରେ ଝୁଲାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅବମାନନା କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଚଢ଼ାଉରେ ରିଟେଲର ପ୍ରମୋଦ କୁମାର ପଲେଇ ସହଯୋଗ କରିଥିଲେ।

## ଜଙ୍ଗଲରୁ ମିଳିଲା ମଣିଷ ଖପୁରି, ହାଡ଼

**ବ୍ରହ୍ମଗିରି,୬।୫(ଡି.ଏନ୍.ଏ):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ଭୀମେଶ୍ୱର ଜଙ୍ଗଲ ନିକଟ ବିଶ୍ୱାଳ ଗୋହିରି ହୁଡାରୁ ଗୁରୁବାର ଏକ ମଣିଷ ଖପୁରି ଓ କେତେଖଣ୍ଡ ହାଡ଼ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଗୁରୁବାର ସକାଳୁ ସ୍ଥାନୀୟ ଲୋକେ କାଜୁ ମଞ୍ଜି ଗୋଟାଇବାକୁ ଯାଇଥିବା ବେଳେ ଏହି ଜଙ୍ଗଲରେ ଏକ ମଣିଷ ଖପୁରି ପଡିଥିବା ଦେଖିବାକୁ ପାଇଥିଲେ। ଖପୁରି ପାଖରେ କେତେଖଣ୍ଡ ହାଡ଼, ଲୁଗା ଏବଂ କଏନ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ କୌଣସି ପୋଲିସ ଅଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନାଧିକାରୀ ମନୋଜ ଶତପଥୀଙ୍କୁ ପଚାରିବାରେ, କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ଆହାର କେନ୍ଦ୍ରରେ ଖାଇବା ମନା

ଖୋର୍ଦ୍ଧା ଅଫିସ, ୬।୫

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଆହାର କେନ୍ଦ୍ରରେ ବସି ଖାଇବା ଉପରେ କଟକଣା ଜାରି କରିଛନ୍ତି। ତେବେ ଲୋକେ ପାର୍ଶଲ ନେଇପାରିବେ। ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜଟଣୀ, ବାଣପୁର ଏବଂ ବାଲୁଗାଁ ପ୍ରଭୃତି ସ୍ଥାନରେ ଥିବା ଆହାର କେନ୍ଦ୍ରରେ ଏହି କଟକଣା ଜାରି କରାଯାଇଛି। ଲକ୍ଡାଉନର ପ୍ରଥମ ଦିନରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି। ସାଧାରଣତଃ ଚିକିତ୍ସାଳୟକୁ ବିଭିନ୍ନ ଅଞ୍ଚଳରୁ ରୋଗୀ ଆସୁଛନ୍ତି। ରୋଗୀ ଓ ସମ୍ପର୍କୀୟଙ୍କ ସୁବିଧା ଦୃଷ୍ଟିରୁ ସରକାର ମେଡିକାଲ ପରିସର ଏବଂ ବସଷ୍ଟାଣ୍ଡରେ ଆହାର କେନ୍ଦ୍ର ଖୋଲିଛନ୍ତି। ତେବେ କୌଣସି ବ୍ୟକ୍ତି ଆହାର କେନ୍ଦ୍ରରେ ବସି ଖାଇପାରିବେ ନାହିଁ। ସାମାଜିକ ଦୂରତା ରଖି ଧାଡ଼ିରେ ଆସି ପାର୍ଶଲ ନେଇ ଯାଇପାରିବେ ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ଗୁରୁବାର ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ଆହାର କେନ୍ଦ୍ରର ବ୍ୟବସ୍ଥା ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ବୁଲି ଅନୁଧ୍ୟାନ କରିଛନ୍ତି। ବିନା ମାସ୍କରେ ଆସୁଥିବା ଲୋକଙ୍କୁ ପାର୍ଶଲ ନ ଦେବାକୁ ସେ ଆହାର କେନ୍ଦ୍ର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଆହାର କେନ୍ଦ୍ର କର୍ମଚାରୀ ପାର୍ସଲ ପ୍ୟାକିଂ କରୁଛନ୍ତି।

## ପାଇପ୍ ପାଣି ପାଇବାରୁ ୧୫୦ ପରିବାର ବଞ୍ଚିତ

ବୋଲଗଡ଼,୬।୫(ଡି.ଏନ୍.ଏ)

- ପ୍ରଶାସନ,ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି
- ସ୍ୱଚ୍ଛ ଜଳ ପାଇଁ ଡହଳବିକଳ ସ୍ଥାନୀୟ ବାସିନ୍ଦା

ପ୍ରଚଣ୍ଡ ତାତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଅନେକ ସ୍ଥାନରେ ପାନୀଜଳର ସଙ୍କଟ ଦେଖାଦେଉଛି। ପାନୀୟ ଜଳଯୋଗାଣ ପାଇପ୍ ଫାଟିଯିବା କିମ୍ବା ବିଚ୍ଛିନ୍ନ ଯୋଗୁ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ନିକଟ ଗଡ଼ ଭିତର ସାହିକୁ ଦୁଇ ମାସ ହେବ ଜଳଯୋଗାଣ ବନ୍ଦ ରହିଛି। ଫଳରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପରିବାର ପାଇପ୍ ଜଳ ଯୋଗଣରୁ ବଞ୍ଚିତ ହୋଇଛନ୍ତି। ଏଥିପ୍ରତି ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



ଶୁଖିଲା ରହିଥିବା ଷ୍ଟାଣ୍ଡପୋଷ୍ଟ।

ସୂଚନା ମୁତାବକ, ପାନୀୟ ଜଳ ଯୋଗାଣ ପାଇଁ ମାଟିତଳେ ବିଛା ଯାଇଥିବା ପାଇପ୍ କୌଣସି ସ୍ଥାନରେ ବଛିନ୍ନ କିମ୍ବା ଫାଟି ଯାଇଥିବାରୁ ପ୍ରଧାନ ସାହିଠାରୁ ଦଳବେହେରା ସାହି ପର୍ଯ୍ୟନ୍ତ ଜଳ ଯୋଗାଣ ବ୍ୟାହତ ହୋଇଛି। ମହାନଦୀରୁ ପାଇପ୍ ଯୋଗେ ମେଗା ଜଳଯୋଗାଣ ପାଇଁ ଏହି ଅଞ୍ଚଳରେ ମାଟିତଳେ ପାଇପ୍ ବିଛା ଯାଉଥିବା କାର୍ଯ୍ୟ ସମୟରେ ଏଠାରେ ପୂର୍ବରୁ ଥିବା ଜଳଯୋଗାଣ ପାଇପ୍ କୌଣସି ସ୍ଥାନରେ ବିଚ୍ଛିନ୍ନ ହୋଇଯାଇଛି। ୨ମାସ ହେବ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟାହତ ରହିଛି। ଉକ୍ତ ସାହିରେ ଥିବା ଦୁଇଟି ନଳକୂପ ପାଣି ପିଇବା ପାଇଁ ଉପଯୋଗୀ ନ ହେବାରୁ ଲୋକେ ଅନ୍ୟ ସ୍ଥାନରୁ ଶୁଦ୍ଧ ପାଣି ଆଣୁଛନ୍ତି। ୧୫୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ପାଇଁ ପାଇପ୍ ଯୋଗେ ପୁନଃ ଜଳଯୋଗାଣକୁ କାର୍ଯ୍ୟକ୍ଷମ କରାଯିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଧୋବେଇ ନାଏକ କହିଛନ୍ତି, ଉକ୍ତ ସାହିକୁ ଟ୍ୟାଙ୍କର ଦ୍ୱାରା ଜଳ ଯୋଗାଇଦେବାକୁ ବ୍ୟବସ୍ଥା କରାଯାଉଛି। ପାଇପ୍ ଜଳଯୋଗାଣ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

**କଣାସରେ ୨୨୭ ପଜିଟିଭ, ୨୭ ସୁସ୍ଥ**

କଣାସ,(ସ୍ୱ.ପ୍ର.): କଣାସ ବ୍ଲକରେ ଗତ ୨୪ଘଣ୍ଟା ମଧ୍ୟରେ ୨୪ଜଣ କୋରନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ଦଳେଇପୁଟରୁ ୧, ଗଡସାହି ୧, ବଡ଼ାଓରା ୧, ଭାଟପଡ଼ା ୨, ଖୁଣ୍ଟିଆବାଣପୁର ୨, ଅଶ୍ୱସ୍ତପାରୀ ୧, କଣାସ ୩, ବେଣାଗାଁ ୫, ପାଇକମରା ୧, ବାଙ୍କତଳ ୧, ଗାଣ୍ଡପଡ଼ା ୧, ଚଞ୍ଚେଇପଡ଼ା ୧, ବାରମାଣ ୧, ନୂଆଗାଁ ୧, କଳାପଦର ୧, ନନ୍ଦିଗୋଦାରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ବ୍ଲକର ଚୁପୁରିଙ୍ଗି ଠାରେ ହୋଇଥିବା ଅସ୍ଥାୟୀ କେନ୍ଦ୍ରରେ ଫେରୁଥିବା ପ୍ରବାସୀ ଏଠାରେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବେ। ଦ୍ୱିତୀୟ ଲହରରେ ଏହି ବ୍ଲକରେ ୨୨୯ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୨୭ଜଣ ସୁସ୍ଥ ହୋଇଛନ୍ତି। ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୦୬.୦୫.୨୦୨୧
୧୬୫୩ ଟଙ୍କା

## ସଂକ୍ଷେପରେ

### କୋଭିଡ୍ ନିୟମ ଉଲ୍ଲଂଘନ: ୨୨ ଦୋକାନ ସିଲ୍

ପୁରୀ ଅଫିସ, ୬।୫: କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପୁରୀ ଜିଲା ପ୍ରଶାସନ ଗୁରୁବାର ୨୨ଟି ଦୋକାନକୁ ସିଲ୍ କରିଛି। ପୁରୀ ସମୁଦ୍ରକୂଳ ଥାନା ଅଞ୍ଚଳରୁ ୯, କୁମ୍ଭାରପଡ଼ା ଥାନା ଅଞ୍ଚଳରୁ ୪, ଟାଉନ ଥାନା ଏବଂ ବାସେଳୀ ସାହି ଥାନା ଅଞ୍ଚଳରୁ ଦୁଇଟି ଲେଖାଏ ଦୋକାନକୁ ସିଲ କରାଯାଇଛି। ସେହିପରି ଗୋପ, କାକଟପୁର ଏବଂ ବଳିଆପଣ୍ଡା ଥାନା ଅଞ୍ଚଳରେ ଗୋଟିଏ ଲେଖାଏଁ ଦୋକାନକୁ ପ୍ରଶାସନ ସିଲ କରିଛି। ଏସବୁ ଦୋକାନୀମାନଙ୍କଠାରୁ ୪ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ହୋଇଛି। ସେହିପରି ୩୫୧ଜଣ ବିନା ମାସ୍କଧାରୀଙ୍କଠାରୁ ୩୫ ହଜାର ୨ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଗୋଦାମ, ଦୋକାନରେ ଲାଗିଲା ରେଟ୍ ଚାର୍ଟ

ପିପିଲି,୬।୫(ସ୍ୱ.ପ୍ର.): ଆଳୁ ଓ ପିଆଜ ଦର ବୃଦ୍ଧି ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପିପିଲି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ସକାଳେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରିୟମ୍ବଦା ବେହେରା ବିଭିନ୍ନ ଗୋଦାମ ଉପରେ ଚଢ଼ାଉ କରିବା ସହ ନିର୍ଦ୍ଧାରିତ ଦର ସ୍ଥିର କରିଛନ୍ତି। ପ୍ରତ୍ୟେକ ଗୋଦାମ ଓ ଖୁଚୁରା ଦୋକାନୀଙ୍କ ଫାଟକରେ ଆଳୁ, ପିଆଜ ଏବଂ ଗ୍ରସେରି ସାମଗ୍ରୀର ରେଟ ଚାର୍ଟ ଲଗାଯାଇଛି। ବୁଧବାର ଆଳୁ କିଲୋ ପିଛା ୨୦ରୁ ୨୫ଟଙ୍କା ବିକ୍ରି କରାଯାଉଥିବା ନେଇ ଖାଉଟିମାନେ ଅଭିଯୋଗ କରିଥିଲେ। ଗୁରୁବାର ନିର୍ଦ୍ଧାରିତ ଆଳୁ ଦର କିଲୋ ପିଛା ୧୫ଟଙ୍କା ରହିଥିବା ବେଳେ ଅଧିକ ଦରରେ ବିକ୍ରି କଲେ ଅଭିଯୋଗ ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ନିରୀକ୍ଷକ ବେହେରା କହିଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପୁରୀ ଅଫିସ,୬।୫: ପୁରୀ ସଦର ଥାନା ଅନ୍ତର୍ଗତ ଗିରଳ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମନୋଜ ପ୍ରଧାନ(୩୫)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୧) ରୁଜୁ ହୋଇଛି। ସୂଚନା ମୁତାବକ, ବୁଧବାର ରାତିରେ ମନୋଜ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ଅବକାରୀ ଚଢ଼ାଉ, ଜଣେ ଗିରଫ

ପୁରୀ ଅଫିସ,୬।୫: ପୁରୀ ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ନିମାପଡା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ଦେଶୀ ମଦ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରମେଶ ଚନ୍ଦ୍ର ପ୍ରଧାନ (୪୭)। ସୂଚନା ମୁତାବକ, ନିମାପଡା ଥାନା ଅନ୍ତର୍ଗତ ଶାଇଲୋ ବଜାରରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ବିଭାଗକୁ ସୂଚନା ମିଳିଥିଲା। ଅବକାରୀ ପୋଲିସ ଶାଇଲା ବଜାରରେ ଚଢ଼ାଉ କରି ରମେଶଙ୍କୁ ଗିରଫ କରିବା ସହ ଲିଟର ଦେଶୀ ମଦ ଜବତ କରିଥିଲା।

### ଗରିବଙ୍କୁ ଖାଦ୍ୟ ବଣ୍ଟନ

ପୁରୀ ଅଫିସ/କାକଟପୁର, ୬।୫ (ଡି.ଏନ୍.ଏ.): କେଶରାୟା ହିନ୍ଦୁ ବାହିନୀ ପୁରୀ ଜିଲା ଶାଖା ପକ୍ଷରୁ ଗରିବ ଓ ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସାମାଜିକ କର୍ମୀ ସ୍ମରଣିକା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କେଶରାୟା ହିନ୍ଦୁ ବାହିନୀର ଜିଲା ଅଧ୍ୟକ୍ଷ ରାଜେଶ କୁମାର ନନ୍ଦ, ସାଧାରଣ ସମ୍ପାଦକ ଦାଶରଥି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାକଟପୁରସ୍ଥିତ ମା' କଲରାଇ ଚାରିଟେବଲ ଟ୍ରଷ୍ଟ ଓ ଗ୍ରାମୀଣ ସେବାର ସଦସ୍ୟମାନେ ମିଳିତ ଭାବେ ବୁଧବାର ଅସହାୟ ବୃଦ୍ଧାବୃଦ୍ଧ, ରୋଗୀ, ଦିବ୍ୟାଙ୍ଗଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି।

# ଟିକା ନ ନେଇ ଆସୁଛି ମେସେଜ

**ପୁରୀ ଅଫିସ, ୬।୫:**

**କର୍ତ୍ତୃପକ୍ଷ କହିଲେ ଆମର କିଛି ଭୁଲ୍ ନାହିଁ**

ପୁରୀ ଜିଲାରେ କୋଭିଡ୍ ଟିକାକରଣରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଗୋଟିଏ ପଟେ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ବିଳମ୍ବ ଘଟୁଛି। ଅନ୍ୟପଟେ ଜନସାଧାରଣ ଟିକା ପାଉ ନ ଥିବା ଅଭିଯୋଗ ହେଉଛି। ଗୁରୁବାର ପ୍ରଶାସନର ଅବହେଳା ପଦାରେ ପଡ଼ିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରୀର ସଂଯୁକ୍ତା ଦାଶ (୫୭) କୋଭିଡ୍ ଟିକା ନେଇ ନ ଥିବାବେଳେ ତାଙ୍କ ପାଖକୁ ଟିକା ନେଇଥିବାର ମେସେଜ ଆସିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ଏହି ମେସେଜ୍ ସମ୍ପର୍କରେ ସେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଜଣାଇଛନ୍ତି। ତେବେ ଚିକିତ୍ସାଳୟ କର୍ତ୍ତୃପକ୍ଷ କିଛି କରିପାରିବେ ନାହିଁ ବୋଲି କହିଛନ୍ତି। ସଂଯୁକ୍ତା ଅନ୍‌ଲାଇନରେ ଫର୍ମ ପୂରଣ କରିଥିବାରୁ ଆପ୍‌ରେ ଏପରି ତ୍ରୁଟି ଘଟିଥାଇପାରେ ବୋଲି ଚିକିତ୍ସାଳୟ କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି। ତେବେ ଏହାକୁ ନେଇ ସଂଯୁକ୍ତା ଚିନ୍ତାରେ ରହିଛନ୍ତି। ସଂଯୁକ୍ତା କହିଛନ୍ତି, କୋଭିଡ୍ ଟିକା ନେବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଅନ୍‌ଲାଇନ ଆପ୍‌ରେ ସେ ନିଜ ନାମ ପଞ୍ଜୀକରଣ କରିଥିଲେ। ତେବେ ଟିକା ନେଇ ନ ଥିଲେ ମଧ୍ୟ ଗୁରୁବାର ସେ ଟିକା ନେଇଥିବା ତାଙ୍କ ମୋବାଇଲ ଫୋନକୁ ମେସେଜ ଆସିଥିଲା। ଏହା ତାଙ୍କୁ ଯେତିକି ଆଶ୍ଚର୍ଯ୍ୟ କରିଛି ସେତିକି ଚିନ୍ତାରେ ପକାଇଛି। ସେହିପରି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ କହିଛନ୍ତି, ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ଆସିଛି, ମାତ୍ର ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଏହା ଦୁର୍ଭାଗ୍ୟର ବିଷୟ। ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ଟିକାକରଣରେ ଅବ୍ୟବସ୍ଥା ଘଟୁଥିବା ସେ ଅଭିଯୋଗ କରିଛନ୍ତି।

## କରୋନା ନେଲା ଆଉ ୩ ଜୀବନ

**ପୁରୀ ଅଫିସ, ୬।୫:**

ମହାମାରୀ କରୋନାରେ ଗତ ୨୪ଘଣ୍ଟା ମଧ୍ୟରେ ପୁରୀ ଜିଲାର ୩ଜଣଙ୍କ ଜୀବନ ଯାଇଛି। ସତ୍ୟବାଦୀ ଥାନା ଅଧୀନ ସତ୍ୟବାଦୀ ନୂଆସମଶାସନପୁରର ୫୯ ବର୍ଷୀୟ, ପିପିଲି ଅଞ୍ଚଳର ୫୨ବର୍ଷୀୟ ଏବଂ ପୁରୀ ବଳିଆପଣ୍ଡା ସିପସରୁବାଲି ଅଞ୍ଚଳର ୮୧ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତଦେହକୁ ଜିଲା ପ୍ରଶାସନ ପକ୍ଷରୁ ସିପସରୁବାଲିସ୍ଥିତ ଶ୍ମଶାନରେ ସତ୍କାର କରାଯାଇଛି। ସେହିପରି ଗତ ୨୪ଘଣ୍ଟା ମଧ୍ୟରେ ପୁରୀ ଜିଲାରୁ ୩୧୯ ଜଣ କୋଭିଡ୍‌ରେ ଆକ୍ରାନ୍ତ ହୋଇଛନ୍ତି।



ପୁରୀ ସଦ୍‌ଭାବନା ସଭାଗୃହରେ ଗୁରୁବାର ଖବରଦାତାଙ୍କୁ ଟିକା ଦିଆଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶିବିରରେ ଜିଲାପାଳ ସମର୍ଥ ବର୍ମା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଅଛନ୍ତି।

## ଜଙ୍ଗଲରୁ ମିଳିଲା ମଣିଷ ଖପୁରି, ହାଡ଼

**ବ୍ରହ୍ମଗିରି,୬।୫(ଡି.ଏନ୍.ଏ):**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଭୀମେଶ୍ୱର ଜଙ୍ଗଲ ନିକଟ ବିଶ୍ୱାଳ ଗୋହିରି ହୁଡାରୁ ଗୁରୁବାର ଏକ ମଣିଷ ଖପୁରି ଓ କେତେଖଣ୍ଡ ହାଡ଼ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଗୁରୁବାର ସକାଳୁ ସ୍ଥାନୀୟ ଲୋକେ କାଜୁ ମଞ୍ଜି ଗୋଟାଇବାକୁ ଯାଇଥିବା ବେଳେ ଏହି ଜଙ୍ଗଲରେ ଏକ ମଣିଷ ଖପୁରି ପଡିଥିବା ଦେଖିବାକୁ ପାଇଥିଲେ। ଖପୁରି ପାଖରେ କେତେଖଣ୍ଡ ହାଡ଼, ଲୁଗା ଏବଂ କଏନ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ କୌଣସି ପୋଲିସ ଅଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନାଧିକାରୀ ମନୋଜ ଶତପଥୀଙ୍କୁ ପଚାରିବାରେ, କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।



ଡେଲାଙ୍ଗ ବିଡିଓ ଏବଂ ତହସିଲଦାର ରାସ୍ତାରେ ପ୍ରବାସୀ ଶ୍ରମିକଙ୍କ ଆଗମନ ନେଇ ଗାଡ଼ି ମୋଟର ଯାଞ୍ଚ କରୁଛନ୍ତି ।

## କୋଣାର୍କ ହୋଟେଲ ଆସୋସିଏଶନର ନୂତନ କର୍ମକର୍ତ୍ତା

**କୋଣାର୍କ,୬।୫(ଡି.ଏନ୍.ଏ):**

କୋଣାର୍କ ହୋଟେଲ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ସୁବାସ ଚନ୍ଦ୍ର ନାୟକ, ଉପସଭାପତି ଲଲାଟେନ୍ଦୁ ବେଉରା, ସାଧାରଣ ସମ୍ପାଦକ ରବି ନାରାୟଣ ପତି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ପ୍ରମୋଦ କୁମାର ସ୍ୱାଇଁ, ଜମ୍ମେଶର ସାହୁ ଓ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ସୁଶାନ୍ତ କୁମାର ମହାନ୍ତି, ବିଭୁପ୍ରସାଦ ବେଉରା, ଅର୍ଣ୍ଣବ କର, ସୁଧିର କୁମାର ସେନାପତି, ଉମାକାନ୍ତ ସାହୁ, ସଞ୍ଜୟ କୁମାର ବେହେରାଙ୍କୁ ମନୋନୀତ କରାଯାଇଥିବା ବେଳେ ସାମାଜିକ ଗଣମାଧ୍ୟମର ସଂଯୋଜକ ଭାବେ ବାପିନ କୁମାର ବେଉରା ଓ ମିଥୁନ କୁମାର ବେଉରାଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଉନ୍ନୟନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବ।

## ଜଳିଗଲା ଘର, ଶାଶୁ-ବୋହୂ ଗୁରୁତର

**ପିପିଲି, ୬।୫(ସ୍ୱ.ପ୍ର.):**

**ଝିଙ୍କିରିମାଳରେ ଅଗ୍ନିକାଣ୍ଡ**

ପିପିଲି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଆରୁହା ଝିଙ୍କିରିମାଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦେବରାଜ ପ୍ରଧାନଙ୍କ ଘର ଜଳିଯାଇଛି। ଏଥିସହ ତାଙ୍କ ବୋହୂ ସ୍ୱପ୍ନାରାଣୀ ପ୍ରଧାନଙ୍କ ଶରୀର ୯୦ ପ୍ରତିଶତ ପୋଡ଼ିଯାଇ ଅବସ୍ଥା ସଙ୍କଟାପନ୍ନ ହୋଇଛି। ସେହିପରି ଶାଶୁ ପାଶୋରୀ ପ୍ରଧାନଙ୍କ ଅବସ୍ଥା ମଧ୍ୟ ଗୁରୁତର ହୋଇପଡ଼ିଛି। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ଏସ୍‌ସିବି ମେଡିକାଲକୁ ପଠାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ କୌଣସି କାରଣରୁ ଦେବରାଜଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ସମୟରେ ଘରେ ଥିବା ବୋହୂ ସ୍ୱପ୍ନାରାଣୀଙ୍କ ଦେହରେ ନିଆଁ ଲାଗିଯାଇଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇଥିବା ଶାଶୁ ପାଶୋରିଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ପିପିଲି ଦମକଳ ବାହିନୀ ପହଞ୍ଚିବାବେଳକୁ ଟଙ୍କା, ଆସବାବପତ୍ର, ଚାଉଳ, ଲୁଗାପଟା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସବୁ ଜଳିସାରିଥିଲା। ଗୁରୁତର ଅବସ୍ଥାରେ ସ୍ୱପ୍ନାରାଣୀ ଓ ପାଶୋରୀଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲକୁ ପଠାଯାଇଥିଲା। ପରେ ଭୁବନେଶ୍ୱର ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ବିପନ୍ନ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରବାସୀ ଶ୍ରମିକଙ୍କ ଉପରେ ନଜର ରଖ

**ଡେଲାଙ୍ଗ,୬।୫(ଡି.ଏନ୍.ଏ):**

କୋଭିଡ୍ ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ୍ କରାଯାଉଛି। ଫଳରେ ପ୍ରବାସୀମାନେ ଗାଁମୁହାଁ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଞ୍ଚଳର କେତେଜଣ ପ୍ରବାସୀ ଘରକୁ ଫେରିଛନ୍ତି। ପ୍ରବାସୀମାନେ କୋଭିଡ୍ କେନ୍ଦ୍ରରେ ନ ରହି ସିଧାସଳଖ ଘରେ ରହିଛନ୍ତି। ଖବରପାଇ ତହସିଲଦାର ମହେନ୍ଦ୍ର ବଡ଼େଇ, ବିଡିଓ ଦିଲୀପ ଷଡ଼ଙ୍ଗୀ ଓ ଏଏସ୍‌ଆଇ ଅଶୋକ ମହାପାତ୍ର ପ୍ରମୁଖ ଧାନକେରା ପଞ୍ଚାୟତର ପ୍ରବାସୀଙ୍କୁ ଆଣି କ୍ୱାରାଣ୍ଟାଇନ କେନ୍ଦ୍ରରେ ଛାଡ଼ିଥିଲେ। ପ୍ରବାସୀମାନେ ତେଲଙ୍ଗାନା, ଆନ୍ଧ୍ରପ୍ରଦେଶରୁ ଫେରିଥିବା ଜଣାପଡିଛି। ଏଥିସହ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପ୍ରବାସୀମାନେ ଘରକୁ ସିଧାସଳଖ ନ ଆସି ଅସ୍ଥାୟୀ କୋଭିଡ୍ କେନ୍ଦ୍ରରେ ରହିବାକୁ ବିଡିଓ ଷଡ଼ଙ୍ଗୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସ୍ୱାସ୍ଥ୍ୟକର୍ମୀ ମୁର ମହମ୍ମଦ, ସରପଞ୍ଚ ପ୍ରସନ୍ନ ପରିଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ଜେନା, ଆଶାକର୍ମୀ ନିଶାମଣି ବେହେରା, ଅଙ୍ଗନୱାଡି କର୍ମୀ ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ସିଲ୍ ହେଲା ବଡଶଙ୍ଖ ପରିବା ମାର୍କେଟ



**ପୁରୀ ଅଫିସ, ୬।୫**

**ଦୋକାନରେ ଦର ତାଲିକା ଟାଙ୍ଗିବାକୁ ନିର୍ଦ୍ଦେଶ**

ମହାମାରୀ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ତଥା କୋଭିଡ୍ ଚେନ୍‌କୁ ଭାଙ୍ଗିବା ଲକ୍ଷ୍ୟନେଇ ରାଜ୍ୟ ସରକାର ଗତ ୫ ତାରିଖରୁ ୧୪ ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି। ପୁରୀ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଲକ୍‌ଡାଉନ ନିୟମକୁ କଡ଼ାକଡ଼ି ପାଳନ କରାଯାଉଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମୁଖ୍ୟତଃ ପରିବା ବଜାରଗୁଡ଼ିକ ଉପରେ ପ୍ରଶାସନ ଦୃଷ୍ଟି ରଖିଛି। ୩୦ ଫୁଟ ଦୂରତା ରକ୍ଷା ସହ ସାମାଜିକ ଦୂରତା ରକ୍ଷା କରି ବ୍ୟବସାୟ କରିବା ପାଇଁ ପ୍ରଶାସନ ଗାଇଡ୍‌ଲାଇନ ଜାରି କରିଛି। ତେବେ ଗୁରୁବାର କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପ୍ରଶାସନ ବଡଶଙ୍ଖ ପରିବା ମାର୍କେଟକୁ ସିଲ କରିଛି। ସେହିପରି ବୁଧବାର ମାର୍କେଟ ଛକସ୍ଥିତ ମାଛ ମାର୍କେଟକୁ ସିଲ୍ କରାଯାଇଥିଲା। ଅନ୍ୟପଟେ ବଜାରରେ ଆଳୁର ଅଭାବ ସାଙ୍ଗକୁ ଦରବୃଦ୍ଧି ଘଟୁଥିବାରୁ ଯୋଗାଣ ବିଭାଗ ପକ୍ଷରୁ ପୁରୀର ବିଭିନ୍ନ ବଜାରରେ ଚଢାଉ କରାଯାଉଛି। କଳାବଜାରୀ ରୋକିବା ପାଇଁ ସମସ୍ତ ଦୋକାନରେ ଦର ତାଲିକା ଲଗାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ପରିବା ବ୍ୟବସାୟୀମାନେ ସହରରେ ବୁଲି ପରିବା ବିକିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଲକଡାଉନ ପର୍ଯ୍ୟନ୍ତ ପୁରୀବାସୀ ଜିଲା ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲାପାଳ ସହରବାସୀଙ୍କୁ ଅନୁରୋଧ କରିଛନ୍ତି ।

## ବିବାହ, ଶୁଦ୍ଧିକ୍ରିୟା ଅନୁମତି ପାଇଁ ଅନ୍‌ଲାଇନରେ ଆବେଦନ କର

**ଡେଲାଙ୍ଗ,୬।୫(ଡି.ଏନ୍.ଏ):**

କୋଭିଡ୍ ପାଇଁ ବିବାହ ଓ ଶୁଦ୍ଧିକ୍ରିୟା ଲାଗି ଆଉ ଯିବାକୁ ପଡିବ ନାହିଁ ତହସିଲ କାର୍ଯ୍ୟାଳୟ। ଜନସ୍ୱାର୍ଥ ଦୃଷ୍ଟିରୁ ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇ ଏନେଇ ବିଜ୍ଞପ୍ତି ଜାରି କରିଛନ୍ତି। ବିବାହ ଓ ଶୁଦ୍ଧିକ୍ରିୟା ଅନୁମତି ପାଇଁ ଲୋକେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିପାରିବେ। ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣି କାର୍ତ୍ତିକ ସେଠୀଙ୍କ ମୋବାଇଲ ନମ୍ବର ୯୪୩୮୫୪୨୫୦୮କୁ ହ୍ୱାଟ୍ସଆପ୍ ମାଧ୍ୟମରେ ଦରଖାସ୍ତ ପଠାଇପାରିବେ। ଦରଖାସ୍ତ ଗ୍ରହଣ କରାଯିବା ସହ କୋଭିଡ୍ ନିୟମ ଅନୁଯାୟୀ ଅନୁମତି ଦିଆଯିବ ବୋଲି ତହସିଲଦାର କହିଛନ୍ତି।

## ଜୁନ୍ ୨୪ରେ ସୁଇମିଂ, ଭଲିବଲ ପ୍ରତିଯୋଗିତା

**ପୁରୀ ଅଫିସ, ୬।୫:**

ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଛାତ୍ର ସଂସଦ ଆନୁକୂଲ୍ୟରେ ଆସନ୍ତା ଜୁନ ୨୪ ତାରିଖ ଦେବସ୍ନାନ ପୂର୍ଣ୍ଣିମାରେ ପୁରୀ ଜିଲାସ୍ତରୀୟ ସୁଇମିଂ ଓ ଭଲିବଲ ପ୍ରତିଯୋଗିତା ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ନିକଟରେ ଆୟୋଜନ ହେବ। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଭାଗନେବେ ବୋଲି ଛାତ୍ର ସଂସଦ ଆବାହକ ବିମଳ କୁମାର ପାତ୍ର କହିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍: ରାଜ୍ୟରେ ଗୋପ ବ୍ଲକ ପ୍ରଥମ

**ଗୋପ, ୬।୫(ଡି.ଏନ୍.ଏ.):**

**ବିଡିଓଙ୍କ ସମେତ ୫ ସମ୍ମାନିତ**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ରାଜ୍ୟରେ ପୁରୀ ଜିଲାର ଗୋପ ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିଯୋଗୁ ଗୁରୁବାର ବିଡିଓ ଦୀପ୍ତିରାଣୀ ଦାସ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ବେଶ୍ରା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମୋନାଲିସା ଶତପଥୀ, ଅଚ୍ୟୁତପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଶୁଭସ୍ମିତା ବିଶ୍ୱାଳ ଏବଂ ବଡତରା ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଚିନ୍ମୟୀ ପଣ୍ଡାଙ୍କୁ ଶିଲ୍ଡ ସହ ମାନପତ୍ର ଦେଇ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା ସମ୍ମାନିତ କରିଛନ୍ତି। କୋଭିଡ୍ କଟକଣା ମାନି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ସୂଚନାଯୋଗ୍ୟ, କରୋନାର ପ୍ରଥମ ଲହର ସମୟରେ ବିଭିନ୍ନ ରାଜ୍ୟରେ ଥିବା ଗୋପ ବ୍ଲକର ଅନେକ ଲୋକ ନିଜ ଗାଁ ମାଟିକୁ ଫେରି ଆସିଥିଲେ। ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଏମ୍‌ଜିଏନ୍‌ଇଜିଏସ୍‌ରେ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। ବିଡିଓ ଦୀପ୍ତିରାଣୀ ଦାସ, ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମୋନାଲିସା ଶତପଥୀଙ୍କ ଉଦ୍ୟମ ଯୋଗୁ ଶ୍ରମିକମାନଙ୍କ ବ୍ୟାଙ୍କ ଜମାଖାତାକୁ ଅର୍ଥ ପଠାଯାଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ରାଜ୍ୟ ସରକାର ଅବଗତ ହୋଇଥିଲେ। ଗୋପ ବ୍ଲକରେ ୨୦୦୮ରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆରମ୍ଭ ହୋଇଥିଲା। ଅଦ୍ୟାବଧି ୩୧ ପଞ୍ଚାୟତରେ ପୋଖରୀ ଖୋଳା, ଶ୍ମଶାନ ରାସ୍ତା, ଗାଁ ରାସ୍ତା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ୨୫ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ ହୋଇଛି। ଅଚ୍ୟୁତପୁର, ନାଗପୁର, ଗଣେଶ୍ୱରପୁର, ବଣିଆସାହି, ଏରବଙ୍ଗ, ବୀରତୁଙ୍ଗ ଆଦି ପଞ୍ଚାୟତରେ ଏହି ଯୋଜନାରେ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୨ଲକ୍ଷ ୯୩ହଜାର ୪୫୭ ଶ୍ରମିକଙ୍କୁ କାମ ଦିଆଯାଇଛି।



ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା ଶିଲ୍‌ଡ ଓ ମାନପତ୍ର ପ୍ରଦାନ କରୁଛନ୍ତି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୪ ଗିରଫ

**ବଳଙ୍ଗା,୬।୫(ଡି.ଏନ୍.ଏ):**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବଳଙ୍ଗା ପୋଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଖଣ୍ଡାୟତପାଟଣା ଗ୍ରାମର ଜୟନ୍ତ ପଣ୍ଡା, ରଞ୍ଜନ ଦାସ, ସାତହଳ ଗ୍ରାମର ରାଜେଶ ସାହୁ ଓ ନାହାମଙ୍ଗ ପଣ୍ଡା ସାହିର ସର୍ବେଶ୍ୱର ମଲିକ। ଏମାନଙ୍କ ନିକଟରୁ ୪,୦୭୦ଟଙ୍କା, ମୋବାଇଲ ଓ ଲୁହାରଡ୍ ଜବତ ହୋଇଛି। ସୂଚନା ମୁତାବକ, କଟକ ଜିଲା କାନପୁର ଥାନା ରଷିପଡ଼ା ଗ୍ରାମର ଗଙ୍ଗାଧର ନାୟକ ବଳଙ୍ଗା କଲେଜ ନିକଟସ୍ଥ ବନ୍ଧୁ ଘରକୁ ଆସିଥିଲେ। ପୂର୍ବ ବିବାଦକୁ କେନ୍ଦ୍ରକରି ଅଭିଯୁକ୍ତମାନେ ବୁଧବାର ରାତିରେ ଗଙ୍ଗାଧରଙ୍କୁ ଡକାଇ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଖବରପାଇ ଥାନାଧିକାରୀ ସମରେନ୍ଦ୍ର ପାଇକରାୟ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗଙ୍ଗାଧରଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ପଠାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୦୬/୨୧) ରୁଜୁ ହୋଇଛି।



ଗିରଫ ଅଭିଯୁକ୍ତମାନେ ।

# ପାଣି ପାଇଁ ହଇରାଣ ୪୦୦ ପରିବାର

**କାକଟପୁର, ୬।୫(ଡି.ଏନ୍.ଏ.)**

**କୁରୁଜଙ୍ଗ ପଞ୍ଚାୟତରେ ସୁଧୁରୁନି ସମସ୍ୟା**
- ନଳକୂପରୁ ବାହାରୁଛି ଲୌହ ଓ ଫ୍ଲୋରାଇଡ୍‌ଯୁକ୍ତ ଜଳ
- ଟ୍ୟାଙ୍କରରେ ଜଳ ଯୋଗାଣ, ବୃହତ୍ ଟାଙ୍କି ନିର୍ମାଣ ଦାବି

କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତ ଚାରିଗାଁରେ ପାନୀୟଜଳ ସଙ୍କଟ ସୃଷ୍ଟି ହୋଇଛି। କୁରୁଜଙ୍ଗ ପଞ୍ଚାୟତର ବାମରା, କୁରୁମ, ପାଟଶାଣୀପୁର ଓ ଆଡୁଆଳ ଗ୍ରାମକୁ ନେଇ ନାମିତ ଚାରିଗାଁରେ ଦୀର୍ଘବର୍ଷ ଧରି ପାନୀୟଜଳ ସମସ୍ୟା ଲାଗିରହିଛି। ଏହି ଗ୍ରାମଗୁଡ଼ିକରେ ଥିବା ସମସ୍ତ ନଳକୂପର ଜଳ ଲୌହ ଓ ଫ୍ଲୋରାଇଡ୍‌ଯୁକ୍ତ ହୋଇଥିବାରୁ ଏଠାରେ ରହୁଥିବା ପ୍ରାୟ ୪୦୦ ପରିବାର ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମଗୁଡ଼ିକୁ ପିଇବା ପାଣି ଯୋଗାଇ ଦେବାକୁ ନିକଟସ୍ଥ ଓରେଇ ଗ୍ରାମରେ ପମ୍ପ ହାଉସ ନିର୍ମାଣ କରାଯାଇ ଓରେଇ ସମେତ ଚାରିଗାଁର ପ୍ରତ୍ୟେକ ଘରକୁ ପିଇବା ପାଣି ଯୋଗାଇ ଦେବାକୁ ପାଇପ ଲାଇନ୍ ବିଛାଯିବା ସହ ଷ୍ଟାଣ୍ଡପୋଷ୍ଟ ବସାଯାଇଥିଲା। ଫଳରେ ଲୋକେ ସକାଳେ ୩ଘଣ୍ଟା ଏବଂ ଅପରାହ୍ନରେ ୨ଘଣ୍ଟା ପାଣି ପାଉଥିଲେ। କିନ୍ତୁ ପ୍ରାୟ ଶତାଧିକ ପରିବାର ନିଜ ଘର ଟାଙ୍କି ପାଇଁ ବେଆଇନ ଭାବେ ପାଇପଲାଇନରେ ମୋଟର ସଂଯୋଗ କରି ଅସାଧୁ ଉପାୟରେ ପାଣି ଚୋରି କରୁଛନ୍ତି। ଏଥିଯୋଗୁ ଶେଷ ମୁଣ୍ଡପର୍ଯ୍ୟନ୍ତ ପାଣି ପହଞ୍ଚି ପାରୁନାହିଁ। ଏ ନେଇ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଜଣାଇଥିଲେ। ସରପଞ୍ଚ ନିଗମାନନ୍ଦ ପରିଡ଼ାଙ୍କ ସମେତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତଦନ୍ତ କରିଥିଲେ। କେତେକ ପରିବାର ଅସାଧୁ ଉପାୟରେ ମୋଟର ଲଗାଇ ପାଣି ନେଉଥିବା ଜଣାପଡ଼ିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତେଣୁ ପାନୀୟଜଳ ସମସ୍ୟା ଦୂର ହୋଇନାହିଁ। ତୁରନ୍ତ ଟ୍ୟାଙ୍କରରେ ପାଣି ଯୋଗାଇବା ସହ ବୃହତ ପାଣି ଟାଙ୍କି ନିର୍ମାଣ କରିବାକୁ ଚାରିଗାଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।